ବର୍ଷ-୫୨ : ସଂଖ୍ୟା-୯ ସେପ୍ଟେମ୍ବର, ୨୦୨୧ ♦ ପନ୍ଦର ଟଙ୍କା

# ନବପ୍ରକାଶ

ଶ୍ରୀଅରବିନ୍ଦଙ୍କ ଅତିମାନସ ସତ୍ୟ-ଆଧାରିତ ଛାତ୍ର ଓ ଯୁବ-ଜୀବନର
ସର୍ବାଙ୍ଗୀଣ ବିକାଶର ବାର୍ତ୍ତାବହ ମାସିକ ପତ୍ରିକା

ନବଜ୍ୟୋତି କାର୍ଯ୍ୟାଳୟ, ପବ୍ଲିକେସନ୍ ଡିପାର୍ଟ୍ମେଣ୍ଟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ–୨

# ଏ ସଂଖ୍ୟାର ଲେଖା ଓ ଲେଖକ

ନବପ୍ରକାଶ • ସେପ୍‌ଟେମ୍ବର, ୨୦୨୧


| | | | | |
|---|---|---|---|---|
| ପ୍ରାର୍ଥନା | ··· | ଶ୍ରୀମା | ··· | ୩ |
| ୧୫ ଅଗଷ୍ଟ, ୨୦୨୧ରେ ଆଶ୍ରମରେ ବିତରିତ ବାଣୀ | ··· | ଶ୍ରୀଅରବିନ୍ଦ | ··· | ୪ |
| ମନ୍ତ୍ରମୟୀ ସାବିତ୍ରୀ | ··· | ଶ୍ରୀଅରବିନ୍ଦ | ··· | ୫ |
| ଯଥାର୍ଥ ମନୋଭାବ | ··· | ଶ୍ରୀମା | ··· | ୬ |
| ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ<br>ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ (ନବମ ଅଧ୍ୟାୟ)<br>ବିଭୂତି-ତତ୍ତ୍ୱ | ··· | ଶେଖ ଅବଦୁଲ କାଶମ | ··· | ୭ |
| ପଣ୍ଡିଚେରୀରେ ଶ୍ରୀଅରବିନ୍ଦ (୯୮) | ··· | ··· | ··· | ୧୨ |
| ପ୍ରାଚ୍ୟ ପାଶ୍ଚାତ୍ୟ (କବିତା) | ··· | ସନ୍ତୋଷ ରଥ | ··· | ୧୬ |
| ନୈତିକତା ଓ ଆଧ୍ୟାତ୍ମିକତା (୨) | ··· | ରାମକୃଷ୍ଣ ଦାସ | ··· | ୧୭ |
| ଭବିଷ୍ୟତର ଆହ୍ୱାନ | ··· | ପ୍ରପତ୍ତି | ··· | ୨୧ |
| ଭୟ | ··· | ମନୋଜ ଦାସ | ··· | ୨୪ |
| ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା (୫୩) | ··· | ମହେନ୍ଦ୍ରନାଥ ସ୍ୱାଇଁ | ··· | ୨୬ |
| ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ (୮୧) | ··· | ସାହାନା ଦେବୀ | ··· | ୨୯ |
| ପ୍ରଗତି ସମ୍ପର୍କରେ | ··· | କୁମାର ଚନ୍ଦ୍ର ମିଶ୍ର | ··· | ୩୧ |
| କବି ନିଶିକାନ୍ତ (୧୨) | ··· | ··· | ··· | ୩୬ |
| ତୁମେ ଜୀବନର ବ୍ୟାପ୍ତ ରାହା (କବିତା) | ··· | ଶରତ କୁମାରୀ ସ୍ୱାଇଁ | ··· | ୩୮ |
| ବୃକ୍ଷ ବନ୍ଧୁ | ··· | ମୀରା ଗୁଥୀ | ··· | ୩୯ |
| ଅନ୍ୱେଷଣ (କବିତା) | ··· | ଜ୍ୟୋତ୍ସ୍ନାରାଣୀ ଦାଶ | ··· | ୪୩ |
| ସୁସ୍ଥତାର ପରମ ଗୋପନୀୟତା (୧୩) | ··· | ସୂର୍ଯ୍ୟକାନ୍ତି ମହାନ୍ତି | ··· | ୪୪ |
| ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ (୧୪) | ··· | ଗୟାଧର ଦାଶ | ··· | ୪୬ |
| ସରଳ, ସହନଶୀଳ ସାଧକ ଶ୍ରୀପତି ଦାସ | ··· | ··· | ··· | ୪୯ |
| ଦିବାସ୍ୱପ୍ନ (୭) | ··· | ଗିଜୁଭାଇ ବଧେକା | ··· | ୫୦ |
| ସଫଳତା ଓ ସାର୍ଥକତାର ସମନ୍ୱୟ ସମ୍ଭବପର କି ? | ··· | ମନୋଜ ଦାସ | ··· | ୫୭ |


❖

# ପ୍ରାର୍ଥନା

ଭୂପୃଷ୍ଠରେ ଅବତରଣ କରିଛି ଅନ୍ଧକାର – ବହଳ, ଭୟାବହ, ଉଗ୍ର ଏବଂ ବିଜୟୀ ... । ସ୍ଥୂଳ ଜଗତରେ ସବୁକିଛି ଦୁଃଖମୟ, ସନ୍ତ୍ରାସମୟ, ଧ୍ୱଂସମୁଖୀ ଏବଂ ଶୋକର ଏକ ଆବରଣ ଦ୍ୱାରା ତୁମ ପ୍ରେମାଲୋକର ଔଜ୍ଜ୍ୱଲ୍ୟ ତମସାବୃତ ମନେହୁଏ ।...

ମଧୁମୟି ମା, ମୁଁ ତୁମ ଭିତରେ ଲୀନ ହେଉଛି ସବୁର ପ୍ରଭୁଙ୍କ ଉଦ୍ଦେଶ୍ୟରେ ଏକ ବିପୁଳ ପ୍ରେମ ଏବଂ ନିବିଡ଼ ମିନତି ଭରେ, ଯେମିତିକି ସେ ଆମକୁ ପଥ ପ୍ରଦର୍ଶନ କରିବେ, ଆମ ପାଇଁ ତାଙ୍କ କର୍ମର ମାର୍ଗ ନିରୂପଣ କରିଦେବେ, ଯାହାଦ୍ୱାରା ଆମେ ନିର୍ଭୟରେ ତାହା ଉପର ଦେଇ ଅଗ୍ରସର ହେବୁ ।

କାଳର ଦାବି : ହେ ପ୍ରଭୁ, ଏ ବେଦନାର୍ତ୍ତ ପୃଥିବୀର ସହାୟତା ନିମନ୍ତେ ଦିବ୍ୟଶକ୍ତି ସମୂହର ନିଶ୍ଚିତ ଆଗମନ ଘଟିବା ଚାହି ।

ହେ ଜନନି, ମଧୁମୟି ଜନନି, ତୁମେ ତୁମ ପ୍ରଶସ୍ତ ବକ୍ଷରେ ତୁମର ସମସ୍ତ ସନ୍ତାନଙ୍କୁ ନିବିଡ଼ ଭାବେ ଧାରଣ କରିଥାଅ ଏବଂ ତୁମ ପ୍ରେମ ସେ ସମସ୍ତଙ୍କୁ ତୁମ ବାହୁବନ୍ଧନଭୁକ୍ତ କରିଥାଏ ।

ମୁଁ ହୋଇ ଉଠିଛି ତୁମ ପ୍ରେମର ପାବକାଗ୍ନି । ହେ ପ୍ରଭୁ, ନିରବ, ଅଚିନ୍ତନୀୟ ଏକମେବାଦ୍ୱିତୀୟମ୍, ଏହି ପ୍ରେମଧୂପର ଅର୍ଘ୍ୟ ଗ୍ରହଣ କର, ଯେମିତିକି ତୁମ ରାଜତ୍ୱ ହେବ ସମାଗତ, ଅନ୍ଧକାର ଏବଂ ମୃତ୍ୟୁ ଉପରେ ତୁମ ଆଲୋକର ହେବ ବିଜୟ ।

ପ୍ରତିଭାତ କର ତୁମ ଶକ୍ତି । ଦିନ ପରେ ଦିନ, ମୁହୂର୍ତ୍ତ ପରେ ମୁହୂର୍ତ୍ତ ତୁମଠାରେ ଆମର ଏହି ମାଗୁଣି : ''ହେ ପ୍ରଭୁ ! ପ୍ରତିଭାତ କର ତୁମ ଶକ୍ତି !''

ସେପ୍‌ଟେମ୍ବର ୪, ୧୯୧୪ — ଶ୍ରୀମା



# ୧୫ ଅଗଷ୍ଟ, ୨୦୨୧ରେ ଆଶ୍ରମରେ ବିତରିତ ବାଣୀ

... if we learn to live within, we infallibly awaken to this presence within us which is our more real self, a presence profound, calm, joyous and puissant of which the world is not the master – a presence which, if it is not the Lord Himself, is the radiation of the Lord within....

The truth of ourselves lies within and not on the surface.

– Sri Aurobindo

... ଆମେ ଯଦି ଅନ୍ତରରେ ବାସ କରିବାକୁ ଶିଖୁ, ତେବେ ଆମ ଭିତରେ ଥିବା ଏହି ଉପସ୍ଥିତିଟି ପ୍ରତି ଆମେ ଅବ୍ୟର୍ଥ ରୂପେ ଜାଗ୍ରତ୍ ହୋଇଉଠୁ, ଯାହା ଅଧିକତର ଭାବରେ ଆତ୍ମମାନଙ୍କର ଯଥାର୍ଥ ଆତ୍ମସତ୍ତା; ଏହା ଏପରି ଏକ ସୁଗଭୀର, ପ୍ରଶାନ୍ତ, ଆନନ୍ଦମୟ ଏବଂ ଶକ୍ତିଶାଳୀ ଉପସ୍ଥିତି, ସଂସାର ଯାହା ଉପରେ ସ୍ୱାମୀ ବୋଲାଇ ପାରିବ ନାହିଁ – ସ୍ୱୟଂ ପରମ ପ୍ରଭୁ ନ ହେଲେ ବି ଏହି ଉପସ୍ଥିତି ଅନ୍ତରସ୍ଥ ପ୍ରଭୁଙ୍କର ଜ୍ୟୋତିଃ ବିକିରଣ ।...

ଆତ୍ମମାନଙ୍କର ସତ୍ୟ ଉପରିଭାଗରେ ନୁହେଁ, ଅନ୍ତର ମଧ୍ୟରେ ନିହିତ ହୋଇ ରହିଛି ।

– ଶ୍ରୀଅରବିନ୍ଦ



# ମନ୍ତ୍ରମୟୀ ସାବିତ୍ରୀ

## ଦ୍ୱିତୀୟ ପର୍ବ : ଦଶମ ସର୍ଗ, କ୍ଷୁଦ୍ର ମାନସର ରାଜ୍ୟ ଓ ଦେବଗଣ

## (The Kingdoms and Godheads of the Little Mind)

(୧୦୮)

## ଶ୍ରୀଅରବିନ୍ଦ

On earth by the will of this
Arch-Intelligence
A bodiless energy put on Matter's robe;
Proton and photon served the imager Eye
To change things subtle into
a physical world
And the invisible appeared as shape
And the impalpable was felt as mass :
Magic of percept joined with concept's art
And lent to each object an interpreting name :
Idea was disguised in a body's artistry,
And by a strange atomic law's mystique
A frame was made in which
the sense could put
Its symbol picture of the universe.

ଏହି ପରାବୁଦ୍ଧିର ଇଚ୍ଛାକ୍ରମେ ପୃଥିବୀପୃଷ୍ଠରେ ଏକ ନିରାକାର ଶକ୍ତି ଜଡ଼ର ଆଚ୍ଛାଦନ ପରିଧାନ କରିଥିଲା; ସୂକ୍ଷ୍ମ ବସ୍ତୁସକଳକୁ ସ୍ଥୂଳ ଜଡ଼ଜଗତରେ ପରିବର୍ତ୍ତନ କରିବାକୁ ପ୍ରୋଟନ୍ ଓ ଫୋଟନ୍ କଣିକା (ଅବପରମାଣୁଗତ ଜଡ଼ କଣିକା ଓ ବିଦ୍ୟୁତ୍ ଚୁମ୍ବକୀୟ ଆଲୋକ କଣିକା) ରୂପକାର ଦିବ୍ୟଚକ୍ଷୁର ପରିଚର୍ଯ୍ୟା କରୁଥିଲେ ଏବଂ ଆକାର ଧାରଣପୂର୍ବକ ଅଦୃଶ୍ୟ ପ୍ରତିଭାତ ହୋଇ ଉଠୁଥିଲେ ତଥା ଅସ୍ପୃଶ୍ୟ ପିଣ୍ଡରୂପେ ଅନୁଭୂତ ହେଉଥିଲେ : ଇନ୍ଦ୍ରିୟପ୍ରତ୍ୟୟର କୁହୁକ ମାନସ-ଧାରଣାର ଶିଳ୍ପକଳା ସଙ୍ଗେ ସମ୍ମିଳିତ ହୋଇଥିଲା ଏବଂ ପ୍ରତିଟି ବସ୍ତୁକୁ ଏକ ଅର୍ଥବହ ନାମ ପ୍ରଦାନ କରିଥିଲା : ଦେହର କଳାକୌଶଳ ଭିତରେ ଭାବନା ଲୁଚାଇ ରଖିଥିଲା ଆପଣାକୁ ଏବଂ ଏକ ଅଦ୍ଭୁତ ପାରମାଣବିକ ବିଧାନର ରହସ୍ୟ ବଳରେ ନିର୍ମିତ ହୋଇଥିଲା ଏକ ଆକୃତି ଯାହା ମଧ୍ୟରେ ଇନ୍ଦ୍ରିୟ ଭରିଦେବ ତାହାର ବିଶ୍ୱ-ଚିତ୍ରର ପ୍ରତୀକ ।

Even a greater miracle was done.

ଏପରିକି ଏହାଠୁ ଏକ ମହତ୍ତର ଅଲୌକିକତା ମଧ୍ୟ ସମ୍ପନ୍ନ ହୋଇଥିଲା ।

The mediating light linked body's power,
The sleep and dreaming of the tree and plant,
The animal's vibrant sense, the thought in man,
To the effulgence of a Ray above.

ଯୋଗସୂତ୍ର ରକ୍ଷାକାରିଣୀ ଜ୍ୟୋତିଃ ଶରୀରର ଶକ୍ତିକୁ, ତରୁଲତାର ନିଦ୍ରା ଓ ସ୍ୱପ୍ନକୁ, ପ୍ରାଣୀର ସ୍ପନ୍ଦନଶୀଳ ଇନ୍ଦ୍ରିୟ ତଥା ମନୁଷ୍ୟ ଅନ୍ତରରେ ଚିନ୍ତାକୁ ଊର୍ଦ୍ଧ୍ୱସ୍ଥ ଏକ ମହାରଶ୍ମିର ଦୀପ୍ତି ସହିତ ସଂଯୁକ୍ତ କରିଥିଲା ।

Its skill endorsing Matter's right to think
Cut sentient passages for the mind of flesh
And found a means for Nescience to know.

ଏହାରି କୌଶଳ ହିଁ ଜଡ଼ର ଚିନ୍ତନାଧିକାରକୁ ସମର୍ଥନ ଜଣାଇ ସ୍ଥୂଳ ଦେହଗତ ମନ ସକାଶେ ବୋଧକ୍ଷମ ମାର୍ଗଚୟକୁ କାଟି କାଟି ପ୍ରସ୍ତୁତ କରିଥିଲା ଓ ଅଜ୍ଞାନତା ଯେପରି ଜ୍ଞାନ ଲାଭ କରିବ ତାହାର ଉପାୟ ଆବିଷ୍କାର କରିଥିଲା ।

(*କ୍ରମଶଃ...*)

ଗଦ୍ୟାନୁବାଦ : ରବୀନ୍ଦ୍ର ନାଥ ପାଢ଼ୀ

❑❑❑

# ଯଥାର୍ଥ ମନୋଭାବ

## ଶ୍ରୀମା

### ସବୁକିଛି ଦେଇଦିଅ

ତୁମେ ଯେତେ ଅଧିକ ନିଜକୁ ଭଗବାନଙ୍କୁ ଦେଇ ଚାଲିଥିବ, ସେତେ ଅଧିକ ସେ ତୁମ ପାଖେ ପାଖେ ରହିଥିବେ । ତୁମେ ନିଜକୁ ସଂପୂର୍ଣ୍ଣ ଓ ସମଗ୍ରଭାବେ ଈଶ୍ୱରଙ୍କୁ ଦେଇଦେଲେ ଈଶ୍ୱର ମଧ ତୁମ ନିକଟରେ ସଂପୂର୍ଣ୍ଣଭାବେ, ସର୍ବଦା ପ୍ରତିଟି ମୁହୂର୍ତ୍ତରେ ରହିଥିବେ । ରହିଥିବେ ତୁମର ପାଖାପାଖି ତୁମର ପ୍ରତିଟି ଭାବନା, ଚିନ୍ତା ଭିତରେ – ତୁମର ସମସ୍ତ ଆବଶ୍ୟକତା ଭିତରେ, ଏବଂ ତୁମର ଏପରି କିଛି ଆସ୍ପୃହା ନଥିବ ଯାହାର ପ୍ରତ୍ୟୁତ୍ତର ସେ ସଙ୍ଗେ ସଙ୍ଗେ ଦେଉ ନଥିବେ; ତୁମେ ମଧ ଈଶ୍ୱରଙ୍କ ସହିତ ଏକ ସଂପୂର୍ଣ୍ଣ, ଅବିରତ ଏକାତ୍ମତା ଅନୁଭବ କରିବ ଓ ତାଙ୍କର ଖୁବ୍ ନୈକଟ୍ୟ ଅନୁଭବ କରିବ । ସତେକି ତୁମେ ତାଙ୍କୁ ସର୍ବଦା ବହନ କରିଚାଲିଛ... ସତେ କି ଈଶ୍ୱର ସବୁ ସମୟରେ ତୁମ ପାଖରେ ହିଁ ରହିଛନ୍ତି; ତୁମେ ଚାଲିଲେ ସେ ତୁମ ସଙ୍ଗେ ଚାଲୁଛନ୍ତି, ତୁମେ ଶୋଇଲେ ସେ ତୁମ ସହିତ ଶୋଉଛନ୍ତି, ତୁମେ ଖାଇଲେ ସେ ତୁମ ସହ ଖାଉଛନ୍ତି, ତୁମେ ଚିନ୍ତା କଲେ ସେ ତୁମ ସହ ଚିନ୍ତା କରୁଛନ୍ତି, ତୁମେ ଭଲ ପାଇଲେ ସେ ତୁମର ପ୍ରେମ ରୂପେ ତୁମ ସହ ରହିଛନ୍ତି । କିନ୍ତୁ ଏଥିପାଇଁ ତୁମେ ନିଜକୁ ସମ୍ପୂର୍ଣ୍ଣଭାବେ ତାଙ୍କୁ ଅର୍ପଣ କରିଦେବ, ସମଗ୍ରଭାବେ, ଐକାନ୍ତିକଭାବେ, କୌଣସି କୁଣ୍ଠା ନ ରଖି, କିଛି ନିଜ ପାଇଁ ନ ରଖି, କିଛି ଜାବୁଡ଼ି ନ ଧରି, ସବୁ କିଛି ତାଙ୍କୁ ଦେଇ ଦେବାକୁ ହେବ ।... ଯଦି ତୁମେ ତାଙ୍କୁ ସବୁକିଛି ଦେଇଦିଅ, ଯଦି ତୁମେ ତୁମର ବୋଲି ଆଉ କିଛି ନ ରଖ, ସେ ନିଶ୍ଚୟ ସର୍ବଦା ସଂପୂର୍ଣ୍ଣଭାବେ ତୁମ ସହିତ ରହିଥିବେ ତୁମର ସମସ୍ତ କର୍ମରେ, ତୁମର ସମସ୍ତ ଭାବନାରେ, ତୁମର ସମସ୍ତ ଅନୁଭବରେ, ସବୁବେଳେ, ସବୁ ମୁହୂର୍ତ୍ତରେ ରହିଥିବେ । କିନ୍ତୁ ଏଥିପାଇଁ ତୁମେ ନିଜକୁ ଓ ତୁମର ସବୁକିଛିକୁ ତାଙ୍କ ପାଖରେ ନିଃଶେଷରେ ସମର୍ପି ଦେବାକୁ ହେବ, କିଛି ବୋଲି କିଛି ରଖିବାକୁ ହେବ ନାହିଁ; ଯଦି କିଛି ରଖ ତେବେ ତାହା ପଥରଟିଏ ପରି ତୁମର ଓ ଈଶ୍ୱରଙ୍କ ଭିତରେ କାନ୍ଥଟିଏ ହୋଇ ବ୍ୟବଧାନ ସୃଷ୍ଟି କରିବ ।

### ନିଜ ସଂକଳ୍ପକୁ ବି ଉପହାର ଦିଅ

ପ୍ରତି ମୁହୂର୍ତ୍ତରେ ତୁମେ ଯାହା ଇଚ୍ଛା କରୁଛ ବା ସଂକଳ୍ପ କରୁଛ ତାକୁ ଏକ ଆସ୍ପୃହାରେ ପରିଣତ କରି ଈଶ୍ୱରଙ୍କୁ ଉପହାର ସ୍ୱରୂପ ଅର୍ପଣ କରିଦିଅ – ତୁମର ଆସ୍ପୃହାଟି କେବଳ ''ହେ ପ୍ରଭୁ, ତୁମର ଇଚ୍ଛା ହିଁ ପୂର୍ଣ୍ଣ ହେଉ'', ଏତିକି ହେବ ନାହିଁ କିନ୍ତୁ ଖୁବ୍ ସରଳ ଭାବେ ଏହିପରି ହେବା ଉଚିତ, ''ହେ ଈଶ୍ୱର ! ମୋର ଯେଉଁ କାର୍ଯ୍ୟ ଯେପରି ଭାବେ କରିବା କଥା, ମୁଁ ଯେପରି ତାହା ମୋର ସମସ୍ତ ସାମର୍ଥ୍ୟ ଦେଇ ଉତ୍ତମ ରୂପେ ସଂପାଦନ କରେ, ସେଥିପାଇଁ ମୋତେ କୃପା କର ।''

ପ୍ରତି ମୁହୂର୍ତ୍ତରେ ତୁମେ ହୁଏତ ଜାଣି ନ ଥାଇପାର ଯେ ସର୍ବୋତ୍ତମ କାର୍ଯ୍ୟଟି କ'ଣ ଓ ତାହାକୁ କିପରି କରାଯାଏ, କିନ୍ତୁ ଯେଉଁ ସର୍ବୋତ୍ତମ କର୍ତ୍ତବ୍ୟଟି କରାଯାଇପାରେ ତାହା ହେଲା, ତୁମର ଇଚ୍ଛାକୁ ଭଗବାନଙ୍କ ବିଚାର ପାଖରେ ଛାଡ଼ିଦେବା । ତୁମେ ଦେଖିବ ଯେ ଏହା ଦ୍ୱାରା ଚମତ୍କାର ଫଳ ମିଳୁଛି । ସଚେତନ ଭାବେ, ନିଷ୍ପାପର ଭାବେ ଓ ଧୈର୍ଯ୍ୟର ସହିତ ଏଥିପାଇଁ ପ୍ରୟାସ କର ଏବଂ ତୁମେ ଦେଖିବ, ଏହା ଦ୍ୱାରା କି ବିରାଟ ଉପଲବ୍ଧି ହେଉଛି । କଥାଟି ଏତିକି ଓ ଏଇଆ, ନୁହେଁ କି ? ତୁମେ ତୁମର ସମସ୍ତ ଆତ୍ମଶକ୍ତି ଓ ତୁମର ସମସ୍ତ ସଂକଳ୍ପଶକ୍ତି ନେଇ କାର୍ଯ୍ୟ କର; ପ୍ରତିଟି ମୁହୂର୍ତ୍ତରେ ଯାହା ସର୍ବାଧିକ ସମ୍ଭବ ତାହା କର, ଯାହା ସର୍ବୋତ୍କୃଷ୍ଟ ତାହା କର । ଅନ୍ୟମାନେ କ'ଣ କରୁଛନ୍ତି, ସେଥିରେ ତୁମର କିଛି ଯାଏ ଆସେ ନାହିଁ – ଏହା ଏପରି କଥା ଯେ, ମୁଁ ତୁମକୁ ବାରଂବାର ଏଇ ଗୋଟିକ କଥା କହିବା ସମ୍ଭବ ହେବ ନାହିଁ ।

(The Great Adventure
*A Diary for All Times* ପୁସ୍ତିକାରୁ)

ଅନୁବାଦ : ମହାପାତ୍ର ନୀଳମଣି ସାହୁ

❑❑❑

# ଗୀତା-ନିବନ୍ଧମାଳା : ଏକ ଅଧ୍ୟୟନ

## ଦ୍ୱିତୀୟ ଅନୁକ୍ରମ - ପ୍ରଥମ ଭାଗ

## (ନବମ ଅଧ୍ୟାୟ)

## ବିଭୂତି-ତତ୍ତ୍ୱ

**ଶେଖ ଅବଦୁଲ କାଶମ**

ମାନବ ଦେହଧାରୀ ଶ୍ରୀକୃଷ୍ଣ ନିଜେ ହେଉଛନ୍ତି ପରମ ସତ୍ତା ଏବଂ ତାଙ୍କ ଭିତର ଦେଇ ଭଗବାନଙ୍କ ଦିବ୍ୟ ସଂକଳ୍ପ କାର୍ଯ୍ୟ କରୁଛି – ଏଇ କଥାକୁ ସ୍ପଷ୍ଟ କରିଦେବା ହେଉଛି ଗୀତାର ଦଶମ ଅଧ୍ୟାୟର ଅସଲ ଉଦ୍ଦେଶ୍ୟ । କ୍ଷୁଦ୍ର ଅହଂରୁ ମୁକ୍ତ ହେବା ଏବଂ ସଂସାର ପ୍ରତି ବିତୃଷ୍ଣ ନ ହୋଇ ଦିବ୍ୟ ପ୍ରେରଣାରେ ପୃଥିବୀରେ ଭଗବାନଙ୍କ ନିମନ୍ତେ ହିଁ କର୍ମ କରିବା, ଏଥିପ୍ରତି ଗୀତା ଆମକୁ ବାରଂବାର ସଚେତନ କରି ଦେଉଛି । ତେବେ କ୍ଷୁଦ୍ର ଅହଂରୁ ଆମେ ମୁକ୍ତ ହେବା କିପରି ? ଏଥିପାଇଁ ଶ୍ରୀଅରବିନ୍ଦ ଗୀତା-ବାଣୀର ତର୍ଜମା ଦ୍ୱାରା ତା'ର ଅସଲ ତାତ୍ପର୍ଯ୍ୟକୁ ଆମ ଆଗରେ ଉପସ୍ଥାପିତ କରି କହୁଛନ୍ତି –

"The message of the Gita is the gospel of the Divinity in man who by force of an increasing union unfolds himself out of the veil of the lower Nature, reveals to the human soul his cosmic spirit, reveals his absolute transcendences, reveals himself in man and in all beings. The potential outcome here of this union, this divine Yoga, man growing towards the Godhead, the Godhead manifest in the human soul and to the inner human vision, is our liberation from limited ego and our elevation to the higher nature of a divine humanity."

(Essays on the Gita, P. 366)

ଅର୍ଥାତ୍, ''ଗୀତାର ବାଣୀ ହେଉଛି ଭଗବାନ୍ ମନୁଷ୍ୟ ମଧ୍ୟରେ ନିବାସ କରୁଛନ୍ତି ଏବଂ ସେ ଏକ କ୍ରମବର୍ଦ୍ଧମାନ ମିଳନର ଶକ୍ତି ଦ୍ୱାରା ନିମ୍ନ ପ୍ରକୃତିର ଆବରଣ ଭିତରୁ ନିଜକୁ ଉନ୍ମୋଚିତ ଓ ପ୍ରକଟ କରନ୍ତି, ମାନବାତ୍ମାର ସମ୍ମୁଖରେ ନିଜର ବିଶ୍ୱସତ୍ତାକୁ ପ୍ରକାଶ କରନ୍ତି, ନିଜର ବିଶ୍ୱାତୀତ ପରମସତ୍ୟସବୁକୁ ପ୍ରକାଶ କରନ୍ତି ଓ ମନୁଷ୍ୟ ମଧ୍ୟରେ ଓ ସର୍ବଭୂତରେ ସେ ଯେ ବିରାଜମାନ କରୁଛନ୍ତି ତାହା ପ୍ରକାଶ କରନ୍ତି । ଏହି ଯେଉଁ ମିଳନ, ଏହି ଯେଉଁ ଦିବ୍ୟଯୋଗ – ମନୁଷ୍ୟ ଭାଗବତ ସତ୍ତାରେ ଗଢ଼ି ଉଠିବା ଓ ଭଗବାନ୍ ମନୁଷ୍ୟର ଆତ୍ମା ଭିତରେ ଓ ମନୁଷ୍ୟର ଅନ୍ତର୍ଦୃଷ୍ଟି ସମ୍ମୁଖରେ ପ୍ରକଟିତ ହେବା – ଏହାର ସ୍ୱାଭାବିକ ଫଳସ୍ୱରୂପ ହିଁ ଆମେ ଆମର କ୍ଷୁଦ୍ର ଅହଂରୁ ମୁକ୍ତ ହେଉ ଓ ଏକ ଦିବ୍ୟ-ମାନବତାର ଉଚ୍ଚତର ପ୍ରକୃତି ଦିଗରେ ଉଠିଯିବାକୁ ସମର୍ଥ ହେଉ ।''

(ଗୀତା-ନିବନ୍ଧମାଳା, ପୃ. ୪୫୦)

ଗୀତା ଆମକୁ ସରଳ ଭାବରେ ବୁଝାଇ ଦେଇଛି ଭଗବାନଙ୍କଠାରୁ ଜଗତ୍ କିପରି ଉତ୍ପନ୍ନ ହୋଇଛି, ଭଗବାନ୍ ଏହା ମଧ୍ୟରେ କିପରି ରହିଛନ୍ତି ଓ ଏହା ମଧ୍ୟ କିପରି ଭଗବାନଙ୍କ ମଧ୍ୟରେ ରହିଛି, ସମସ୍ତ ଅସ୍ତିତ୍ୱ କିପରି ମୂଳତଃ ଏକ । ବିଶ୍ୱ-ଅସ୍ତିତ୍ୱର ସମଗ୍ର ରହସ୍ୟକୁ ପ୍ରକାଶ କରିବା ତ ସମ୍ଭବ ନୁହେଁ, ମାତ୍ର ଗୀତା କଳେବର ଦୃଷ୍ଟିରୁ ଏକ କ୍ଷୁଦ୍ର ଗ୍ରନ୍ଥ ହେଲେ ମଧ୍ୟ ବିଶ୍ୱଲୀଳାର ତାତ୍ପର୍ଯ୍ୟକୁ ଯଥା ପ୍ରୟୋଜନ ଖୁବ୍ ସୁନ୍ଦର ଭାବରେ ଉପସ୍ଥାପିତ କରିଛି । ଅସ୍ତିତ୍ୱର ଐକ୍ୟ ଜ୍ଞାନ ଏହାର ଏକ ବିଶେଷ ଅବଦାନ । ଆନ୍ତରିକ ସାଧନା ଦ୍ୱାରା ମନୁଷ୍ୟ ଯେତେବେଳେ ଏକ ଉଚ୍ଚତର ଚେତନାକୁ ଉତ୍ତରିତ ହୋଇଯିବ ସେତେବେଳେ ତାକୁ ଏପରି ଏକ ଆତ୍ମଦୃଷ୍ଟି ପ୍ରାପ୍ତ ହେବ ଯଦ୍ୱାରା ସେ ଦେଖିବ ଯେ ତା'ର ଚତୁଃପାର୍ଶ୍ୱରେ ଅବସ୍ଥିତ ସମସ୍ତ ବସ୍ତୁ ଓ ପ୍ରାଣୀ ଏକ ହିଁ ଭାଗବତ ସତ୍ତାର ଆତ୍ମା, ରୂପ ଓ ଶକ୍ତି । ଏହି ସତ୍ୟ ଦୃଷ୍ଟି ହିଁ ମନୁଷ୍ୟର ସମସ୍ତ କାର୍ଯ୍ୟର ଭିତ୍ତି ହୋଇଯିବ । ଅନ୍ୟମାନଙ୍କ ସହିତ ତା'ର ସମ୍ବନ୍ଧ ଓ ବ୍ୟବହାର ଏହା ଦ୍ୱାରା ନିୟନ୍ତ୍ରିତ ହେବ, ତାହା ଶୁଦ୍ଧ ଓ ଯଥାର୍ଥ ହେବ । ମନୁଷ୍ୟ ଉପଲବ୍ଧି କରିବ ଯେ

ଯେଉଁ ଏକମେବ ଶାଶ୍ୱତ ସତ୍ତା ମଧ୍ୟରେ ସମସ୍ତେ ବାସ କରୁଛନ୍ତି ଏବଂ ଯିଏ ସମସ୍ତଙ୍କ ମଧ୍ୟରେ ଅନ୍ତର୍ବାସୀ, ତାଙ୍କ ବିନା ଜୀବନଧାରଣ କରିବା ସମ୍ଭବ ନୁହେଁ କାରଣ ତାଙ୍କଠାରୁ ହିଁ ସମସ୍ତ ଶକ୍ତି, ସଂକଳ୍ପ ଓ ସାମର୍ଥ୍ୟ ସମସ୍ତେ ପ୍ରାପ୍ତ ହେଉଛନ୍ତି ।

ଭଗବାନ୍ ହେଉଛନ୍ତି ଅସୀମ ଓ ଅନନ୍ତ । ତାଙ୍କର ଅଖଣ୍ଡ ସ୍ୱାଧୀନତା ରହିଛି । ଏହି ବିଶାଳ ଜଗତ୍ ଓ ବିଶ୍ୱ ପ୍ରକୃତିର କୌଣସି ବିସ୍ତାର ତାଙ୍କୁ ସମ୍ପୂର୍ଣ୍ଣ ରୂପେ ପ୍ରକାଶ କରି ପାରିବ ନାହିଁ । ସେ ସମସ୍ତ ଆକାରର ଅତୀତ, ସମସ୍ତ ସମ୍ଭୂତିର ଅତୀତ । ପ୍ରତ୍ୟେକ ସସୀମ ବସ୍ତୁ, ପ୍ରତ୍ୟେକ ଜୀବ, ପ୍ରତ୍ୟେକ କ୍ରିୟା ଓ ଗୁଣ ଭିତର ଦେଇ ଆମକୁ ଭଗବାନଙ୍କ ପାଖରେ ପହଞ୍ଚିବାକୁ ହେବ । କିନ୍ତୁ ଏସବୁର ଊର୍ଦ୍ଧ୍ୱରେ ଭଗବାନ୍ ଯେ ଶାଶ୍ୱତ, ଅବ୍ୟୟ, ଅନନ୍ତ ପରମ ସତ୍ତା ରୂପେ ପୂର୍ଣ୍ଣ ଐଶ୍ୱର୍ଯ୍ୟରେ ରହିଛନ୍ତି ଏକଥାକୁ ଆମେ କେବେହେଲେ ଭୁଲିଯିବା ନାହିଁ ।

ଭଗବାନ୍ ଓ ଆତ୍ମା ସମ୍ବନ୍ଧରେ ଯେଉଁ ଜ୍ଞାନ ପ୍ରାପ୍ତ ହେବ ତାହା କେବଳ ଏକ ମାନସିକ ଧାରଣା ବା ଦାର୍ଶନିକ ମତବାଦ ନୁହେଁ ତାହା ଆଧ୍ୟାତ୍ମିକ ଚେତନା ସ୍ତରର ଏକ ପ୍ରତ୍ୟକ୍ଷ ଅନୁଭୂତି ରୂପେ ଆସିବ । ସ୍ଥୂଳ ଚେତନାରେ ଜଡ଼ ବସ୍ତୁକୁ ଯେପରି ଦେଖି ହୁଏ, ଭଗବାନଙ୍କୁ ସେମିତି ଅତି ବାସ୍ତବ, ସୁସ୍ପଷ୍ଟ ଓ ଘନିଷ୍ଠ ଭାବରେ ଦେଖି ହେବ । ଆଧ୍ୟାତ୍ମିକ ଚେତନାରେ ସମସ୍ତ ବ୍ୟକ୍ତ ଜଗତକୁ ଆତ୍ମାର ଜଗତ୍ ବୋଲି ଉପଲବ୍ଧି କରି ହୁଏ, ସବୁକିଛି ଭଗବାନଙ୍କ ଶକ୍ତି ଓ ରୂପ ବୋଲି ଅନୁଭବ କରି ହୁଏ । ଯିଏ ଭଗବାନଙ୍କ ଭଜନ ଓ ସ୍ମରଣ ନିତ୍ୟ ନିରନ୍ତର କରୁଥାଏ ସେ ତାଙ୍କ ଭିତରେ ସର୍ବଦା ବାସ କରେ ବୋଲି ପୂର୍ବରୁ ଷଷ୍ଠ ଅଧ୍ୟାୟରେ କୁହାଯାଇଛି –

''ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।''
(୬/୩୧)

ଅର୍ଥାତ୍, ''ମୋ'ଠାରେ ଅଭିନ୍ନ ଭାବେ ସ୍ଥିତ ଯେଉଁ ଯୋଗୀ ସମସ୍ତ ପ୍ରାଣୀଙ୍କଠାରେ ସ୍ଥିତ ମୋତେ ଭଜନ କରେ ବା ଭଲ ପାଏ, ସେ ଯେଉଁଠି ରହିଥାଉ ନା କାହିଁକି, ଯେଉଁ କର୍ମ କରୁନା କାହିଁକି ମୋ'ଠାରେ ହିଁ ସର୍ବଦା ବାସ କରେ ଓ କର୍ମ କରେ ।''

ଏଠାରେ ''ମୟି ବର୍ତ୍ତତେ'' ଏକ ଘନିଷ୍ଠ ତାଦାତ୍ମ୍ୟ ଜ୍ଞାନକୁ ସୂଚାଉଛି । ଏହା ଏକତ୍ୱର ସ୍ଥିତି । ଏହାର ଅର୍ଥ ଭଗବାନଙ୍କ ଭିତରେ ବାସ କରିବା ଏବଂ କର୍ମ କରିବା ଯାହାକି ଇନ୍ଦ୍ରିୟାନୁଭୂତି ଅପେକ୍ଷା ଅଧିକ ବାସ୍ତବ ଏକ ଅନୁଭୂତି । ଏଇଭଳି ତାଦାତ୍ମ୍ୟ ଜ୍ଞାନ ଦ୍ୱାରା ଭଗବାନଙ୍କୁ ଅକ୍ଷର ସତ୍ତା ରୂପେ, ପରମ ଦିବ୍ୟପୁରୁଷ ରୂପେ, ଅନ୍ତରାତ୍ମା ରୂପେ ଓ ପ୍ରକୃତି ରୂପେ ବାସ୍ତବ ଭାବେ ଉପଲବ୍ଧି କରାଯାଇ ପାରିବ ।

ଅଜ୍ଞାନମୟ ଚେତନାରେ ଥାଇ ବିଶ୍ୱ ପ୍ରକୃତିକୁ ନିରୀକ୍ଷଣ କଲେ ଆମେ ଅନେକ ଅପୂର୍ଣ୍ଣ, ଦୁଃଖମୟ, ବିକୃତ ଓ ବିରକ୍ତିକର ଜିନିଷ ଦେଖୁ । ଆମେ ଜାଣିପାରୁ ନାହିଁ ଯେ ଏସବୁର ପଶ୍ଚାତରେ ଏକ ଅଧ୍ୟାତ୍ମ ସତ୍ତାର ଶକ୍ତି ରହିଛି ଯେଉଁଥିରେ ସବୁକିଛି ସେମାନଙ୍କ ମୂଳ ସତ୍ ସ୍ୱରୂପକୁ ଲାଭ କରନ୍ତି । ଶ୍ରୀଅରବିନ୍ଦ କହନ୍ତି ଯେ ଏକ ଆଦ୍ୟା ଓ ସୃଜନଶୀଳା ପରମା ପ୍ରକୃତି ରହିଛି ଯାହା ଅନନ୍ତ ଗୁଣ ଓ ଅଗଣନ ଶକ୍ତିର ଅଧିକାରିଣୀ । ସେଠାରେ ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ସଂକଳ୍ପ, ପୂର୍ଣ୍ଣ ଆନନ୍ଦ ଓ ପୂର୍ଣ୍ଣ ପ୍ରେମର ସାମଞ୍ଜସ୍ୟ ପୂର୍ଣ୍ଣ ସ୍ୱଚ୍ଛନ୍ଦ ଆତ୍ମ ରୂପାୟନ ଦେଖିବାକୁ ମିଳେ । ତାହା ହେଉଛି ପରମ ଚିତ୍ ଶକ୍ତି ଯାହା ଅପରିସୀମ ସ୍ୱାଧୀନତା ସହ କର୍ମ କରେ । ସେହି ପରମ ଭାଗବତ ପ୍ରକୃତି ସହିତ ତାଦାତ୍ମ୍ୟ ଅର୍ଜନ କଲେ ଆମେ ସକଳ ବୈପରୀତ୍ୟ ଓ ବିକୃତିର ପଶ୍ଚାତରେ ଏକ ପୂର୍ଣ୍ଣତାକୁ ଦେଖି ପାରିବା ଏବଂ ଆନନ୍ତ୍ୟର ଏକ ବହୁମୁଖୀ ଐକ୍ୟକୁ ଉପଲବ୍ଧି କରି ପାରିବା । ଫଳରେ ଆମ ଭିତରେ କୌଣସି ଭୟ, ଘୃଣା ବା ଦ୍ୱେଷଭାବ ଜାତ ହେବ ନାହିଁ ।

ବିଶ୍ୱରେ ଆମେ ଯେଉଁ ନିମ୍ନତର ଗତିବୃତ୍ତିସବୁ ଦେଖିବାକୁ ପାଉ ତାହା ଊର୍ଦ୍ଧ୍ୱର ଦିବ୍ୟ ପ୍ରକୃତି ଭିତରୁ ହିଁ ଆସିଛନ୍ତି । ମନୁଷ୍ୟ, ପଶୁ, ଉଦ୍ଭିଦ ଓ ଜଡ଼ ଶକ୍ତି ଭିତରେ ଯେଉଁସବୁ ଗୁଣ ଓ ଶକ୍ତି କ୍ରିୟା କରୁଛି ସେସବୁ ନିମ୍ନ ପ୍ରକୃତିର ପ୍ରଭାବରେ ବା ଅବସ୍ଥା ଚକ୍ରରେ ବିକୃତ ରୂପ ଗ୍ରହଣ କଲେ ମଧ୍ୟ ସେ ସମସ୍ତ ହିଁ ସର୍ବଦା ଦିବ୍ୟ ଗୁଣ ଓ ଦିବ୍ୟ ଶକ୍ତି । ସେସବୁ ଦିନେ ନିଜର ମୂଳ ଆଦର୍ଶ ଓ ଦିବ୍ୟ ସ୍ୱରୂପ ମଧ୍ୟକୁ ଉତ୍ତୋଳିତ ହୋଇଯିବେ । ସେତେଦିନ ପର୍ଯ୍ୟନ୍ତ ବିଶ୍ୱରେ ନିର୍ବାଚନ ଓ ଏକ ଭେଦ ମୂଳକ ନୀତି କାର୍ଯ୍ୟ କରିବାରେ ଲାଗିଥିବ ।

କିନ୍ତୁ ବ୍ୟକ୍ତି-ଜୀବନରେ ଏପରି ଏକ ମୁହୂର୍ତ୍ତ ଆସିପାରେ ଯେତେବେଳେ ତା' ଭିତରେ ଜ୍ଞାନର ଶକ୍ତି, ସଂକଳ୍ପର ଶକ୍ତି, ଅଭୀପ୍ସାର ଶକ୍ତି, ପ୍ରେମ ଓ ଆନନ୍ଦର ଶକ୍ତି ତୀବ୍ରତାର ସହିତ କାର୍ଯ୍ୟ କରି ଏକ ବିରାଟ ପରିବର୍ତ୍ତନ ଆଣିଦିଏ । ସେତେବେଳେ ନିମ୍ନ ପ୍ରକୃତିର ଖୋଳଟି ଚୂର୍ଣ୍ଣୀଭୂତ ହୁଏ ଏବଂ ଭେଦାତ୍ମକ କ୍ରିୟାର

ଅବସାନ ଘଟେ । ବ୍ୟକ୍ତିସତ୍ତା ପରମ ଭାଗବତ ସତ୍ତାଙ୍କ ସହିତ ମିଳିତ ହୁଏ । ପ୍ରକୃତରେ ଭଗବାନଙ୍କ ସ୍ପର୍ଶ ଦ୍ୱାରା ହିଁ ଏହି ପରିବର୍ତ୍ତନ ସଂଘଟିତ ହୁଏ । ଶ୍ରୀଅରବିନ୍ଦ କହନ୍ତି –

"This truth of the dynamic omnipresence of the divine Power of being is the foundation of the theory of the Vibhuti."

(Essays on the Gita, P. 371)

ଅର୍ଥାତ୍, ''ସତ୍ତାର ଦିବ୍ୟ ଭାଗବତ ଶକ୍ତି ସକ୍ରିୟ ଓ ସର୍ବବ୍ୟାପକ ଭାବରେ ଏହି ଯେଉଁ କାର୍ଯ୍ୟ କରିଥାଏ, ଏହି ସତ୍ୟ ହିଁ ହେଉଛି ବିଭୂତି-ତତ୍ତ୍ୱର ମୂଳ ଭିତ୍ତି ।''

(ଗୀତା ନିବନ୍ଧମାଳା, ପୃ. ୪୫୭)

ଆମକୁ କୁହାଯାଇଛି, ''ପରାପ୍ରକୃତିର୍ଜୀବଭୂତା'', ଅର୍ଥାତ୍ ଈଶ୍ୱରଙ୍କର ପରାପ୍ରକୃତି ହିଁ ଜୀବରେ ପରିଣତ ହୋଇଛି । ସୁତରାଂ ପ୍ରତ୍ୟେକ ଜୀବ ଭିତରେ ସମସ୍ତ ଦିବ୍ୟ ଶକ୍ତି ଓ ଗୁଣ ନିହିତ ହୋଇ ରହିଛି । ଏହି ପରାପ୍ରକୃତି ନିମ୍ନ ଜଗତକୁ ବା ଅପରାର୍ଦ୍ଧ ଜଗତକୁ ଗୁପ୍ତ ଭାବରେ ଧାରଣ କରିଛି । ଶ୍ରୀକୃଷ୍ଣ ଅର୍ଜୁନଙ୍କୁ କହିଛନ୍ତି –

''ଅପରେୟମିତସ୍ତ୍ୱନ୍ୟାଂ ପ୍ରକୃତିଂ ବିଦ୍ଧି ମେ ପରାମ୍ ।
ଜୀବଭୂତାଂ ମହାବାହୋ ଯୟେଦଂ ଧାର୍ଯ୍ୟତେ ଜଗତ୍ ।।''

(୭/୫)

ଅର୍ଥାତ୍, ''ହେ ମହାବାହୁ ! ଏହି ଅପରା ପ୍ରକୃତିରୁ ଭିନ୍ନ ମୋର ଜୀବରୂପା ପରାପ୍ରକୃତିକୁ ଜାଣ, ଯାହା ଦ୍ୱାରା ଏ ଜଗତ୍ ଧାରଣ କରାଯାଏ ।''

କିନ୍ତୁ ପରାପ୍ରକୃତି ଯୋଗମାୟାର ଆବରଣ ଦ୍ୱାରା ବସ୍ତୁ ଓ ଘଟଣାସକଳର ପଶ୍ଚାତରେ ନିଜକୁ ଲୁଚାଇ ରଖିଥାଏ । ନିମ୍ନ ଜଗତରେ ତା'ର କ୍ରିୟା ହୋଇଥାଏ ପରୋକ୍ଷଭାବେ । ପରାପ୍ରକୃତି ନିଜର ଗୁପ୍ତ ଅଭିପ୍ରାୟକୁ କାର୍ଯ୍ୟକାରୀ କରିବାକୁ ନିମ୍ନ ପ୍ରକୃତିକୁ ନିଯୁକ୍ତ କରି ରଖିଥାଏ । ନିମ୍ନ ପ୍ରକୃତି ଅଜ୍ଞାନ, ଅହଂ ଓ ବାସନା ମଧ୍ୟ ଦେଇ ଦିବ୍ୟ ଉଦ୍ଦେଶ୍ୟ ପରିପୂରଣ ଦିଗରେ ଅଚେତନ ଭାବେ କାର୍ଯ୍ୟ କରୁଥାଏ । ବ୍ୟକ୍ତିସତ୍ତାର ହୃଦୟରେ ଜ୍ଞାନର ଜ୍ୟୋତିଃ ଉଦ୍ଭାସିତ ହେଲେ ସେହି ଯୋଗମାୟାର ଆବରଣଟି ଅପସାରିତ ହୋଇଯାଏ ଏବଂ ତା' ମଧ୍ୟରେ ଦିବ୍ୟ ଶକ୍ତି ପ୍ରତ୍ୟକ୍ଷ ଭାବେ କାର୍ଯ୍ୟ କରିବାକୁ ଆରମ୍ଭ କରେ ।

କିନ୍ତୁ ଏହି ଜଗତରେ ଅଜ୍ଞାନ, ଅହଂକାର ଓ ତ୍ରିଗୁଣମୟୀ ପ୍ରକୃତି କ୍ରିୟା କରୁଥିବାରୁ ଜୀବନରେ ସଂଘର୍ଷ, ବିଭ୍ରାନ୍ତି, ବିକୃତି, ସ୍ଖଳନ ଏବଂ ନାନା ପ୍ରକାର ଅକ୍ଷମତା ତଥା ଦାସତ୍ୱ ଦେଖାଯାଉଛି । ପୁଣି ଆମର ଦୃଷ୍ଟି ସୀମିତ ହୋଇଥିବାରୁ ଆମେ କେବଳ ଆପାତ ଓ ବାହ୍ୟ ରୂପକୁ ହିଁ ଦେଖୁ, ତା' ଭିତରେ କ୍ରିୟାଶୀଳ ଦିବ୍ୟ ପ୍ରକୃତିକୁ ଦେଖିପାରୁ ନାହିଁ ।

ଜୀବ ନିଜକୁ ଭେଦାତ୍ମକ ଅହଂ (Separative ego) ରୂପେ ବିଚାର କରୁଛି । ତା'ର ଆତ୍ମ-ଅଭିବ୍ୟକ୍ତିର ପ୍ରଚେଷ୍ଟା ଅହଂମୂଳକ ହୋଇଥିବା ଯୋଗୁଁ ତାହା ଅପୂର୍ଣ୍ଣତା, ସଂଘର୍ଷ ଓ ପଥଚ୍ୟୁତିରେ ପର୍ଯ୍ୟବସିତ ହେଉଛି । ବ୍ୟକ୍ତିକୁ ଅଜ୍ଞାନର ଏହି ଜଟିଳ ଜାଲ ଭିତରୁ ମୁକ୍ତ ହେବାକୁ ପଡ଼ିବ । ଅହଂ ଓ ଗୁଣତ୍ରୟକୁ ଅତିକ୍ରମ କରି ଊର୍ଦ୍ଧ୍ୱକୁ ଉଠିଲେ ଯାଇ ତା' ପକ୍ଷରେ ଏକ ସତ୍ୟମୟ ଓ ସୌଷମ୍ୟମୟ ଜୀବନ ସମ୍ଭବ ହୋଇପାରିବ ।

ଯିଏ ଆଧ୍ୟାତ୍ମିକ ଚେତନା ଓ ଦିବ୍ୟଜ୍ଞାନ ଲାଭ କରିଛି ସେ ଦ୍ୱନ୍ଦ୍ୱମୟୀ ପ୍ରକୃତିର ପଶ୍ଚାତରେ ଦିବ୍ୟ ପ୍ରକୃତି ଉପସ୍ଥିତ ଥିବାର ଦେଖେ । ସେ ବୁଝିପାରେ ଯେ ଯେଉଁମାନଙ୍କୁ ସମାଜରେ ଅସାଧୁ, ମୂର୍ଖ, ପାପୀ ଓ ରାକ୍ଷସ ପ୍ରକୃତିର ବୋଲି ଗଣନା କରାଯାଏ ସେମାନଙ୍କ ଭିତରେ ମଧ୍ୟ ଦିବ୍ୟ ଗୁଣ ଗୁପ୍ତ ଭାବରେ ରହିଛି । ସେମାନେ ଏକ ଉଚ୍ଚତର ସ୍ଥିତିକୁ ବିବର୍ତ୍ତିତ ହୋଇଯିବା ପାଇଁ ଅପେକ୍ଷା କରି ରହିଛନ୍ତି । ଅର୍ଥାତ୍ ଜଣେ ମୁକ୍ତ ପୁରୁଷ କୌଣସି ବାହ୍ୟ ରୂପ ବା ଛଦ୍ମବେଶ ଦ୍ୱାରା ପ୍ରତାରିତ ହୁଏ ନାହିଁ । ସେ ସବୁକିଛିର ଅନ୍ତରାଳରେ ଭଗବାନଙ୍କୁ ହିଁ ଦର୍ଶନ କରେ । ଶ୍ରୀଅରବିନ୍ଦ କହନ୍ତି, ''ମୁକ୍ତ ପୁରୁଷର ଦୃଷ୍ଟି ବିକୃତି ଓ ଅପୂର୍ଣ୍ଣତା ଉପରେ ଅଯଥା ଜୋର୍ ଦିଏ ନାହିଁ, ଏହା ସମସ୍ତଙ୍କୁ ଦେଖିପାରେ ହୃଦୟରେ ପୂର୍ଣ୍ଣ ପ୍ରେମ ଓ ଉଦାରତା ନେଇ, ବୁଦ୍ଧିରେ ପୂର୍ଣ୍ଣ ବୋଧ ଓ ଆତ୍ମାରେ ପୂର୍ଣ୍ଣ ସମତା ନେଇ ।''

ଏକ ଗଭୀର ଓ ପ୍ରସାରିତ ଦୃଷ୍ଟି ନେଇ ଏହି ଜଗତକୁ ନିରୀକ୍ଷଣ କଲେ ଆମେ ଦେଖିବା ଯେ ଏଠାରେ ନାନା ଶକ୍ତି ଆତ୍ମ ପ୍ରକାଶ ପାଇଁ ପ୍ରୟାସରତ ଅଛନ୍ତି । ସେଗୁଡ଼ିକ ଭଗବାନଙ୍କ ଅଭିମୁଖରେ ଊର୍ଦ୍ଧ୍ୱକୁ ଉଠିବାକୁ ଚେଷ୍ଟା କରୁଛନ୍ତି । କେତେକ ସ୍ଥାନରେ ଆମେ ଦେଖୁ ଭାଗବତ ଶକ୍ତି ଓ ଗୁଣ ବିଶେଷ ଜ୍ୟୋତିଃ ଓ ପରାକାଷ୍ଠା ସହିତ ପ୍ରକାଶିତ । ଯେଉଁଠାରେ ସମୁଜ୍ଜ୍ୱଳ ଜ୍ଞାନ, ମହାନ୍ ଶକ୍ତି, ସାମର୍ଥ୍ୟ, ସାହସ, ବୀରତ୍ୱ, ପ୍ରେମ, ଆତ୍ମଦାନ, ଉଦାରତା, କରୁଣାମୟ ମଧୁରତା, ଉତ୍କୃଷ୍ଟ ସଦ୍‌ଗୁଣ, ମହତ୍ କର୍ମ, ଚିତ୍ତ ବିମୋହକ ସୌନ୍ଦର୍ଯ୍ୟ ଓ ସୌଷମ୍ୟ ଏବଂ ଦେବତୁଲ୍ୟ ସୃଷ୍ଟିର ଦୃଷ୍ଟାନ୍ତ ଦୃଷ୍ଟିଗୋଚର ହୁଏ, ସେଠାରେ ଭଗବାନଙ୍କ ଗୁଣ

ଓ ଶକ୍ତି ବିଭୂତି ରୂପେ ବିଶେଷ ଭାବରେ ପ୍ରକାଶିତ ବୋଲି କୁହାଯିବ । ସେହି ବିଭୂତିମାନେ ନିଶ୍ଚିତ ଭାବରେ ପୂଜ୍ୟ ଓ ସମ୍ମାନଯୋଗ୍ୟ । ଜଣେ ମୁକ୍ତ ପୁରୁଷ ଏହି ବିଶେଷ ଓ ସମୁଚ୍ଚ ପ୍ରକାଶଗୁଡ଼ିକୁ ଉତ୍ସାହିତ କରେ, ସେମାନଙ୍କ ଗୁଣଗାନ କରେ । ଶ୍ରୀଅରବିନ୍ଦ କହନ୍ତି –

"The eye of the spirit sees and marks out the rising godhead of man in the great Vibhuti." (Essays on the Gita, P. 374)

ଅର୍ଥାତ୍, ''ଆତ୍ମାର ମୁକ୍ତ ଦୃଷ୍ଟି ମହାନ୍ ବିଭୂତି ମଧ୍ୟରେ ମନୁଷ୍ୟର ଉଦୀୟମାନ ଦେବତ୍ୱକୁ ଦେଖି ପାରେ ଓ ଚିହ୍ନି ପାରେ ।''

ବିଭୂତିଙ୍କ ଭିତରେ ଆମେ ଭଗବାନଙ୍କ ଶକ୍ତିକୁ ଚିହ୍ନୁ । ଏହି ଶକ୍ତି କେବଳ ବଳ ବା ସାମର୍ଥ୍ୟ ନୁହେଁ, ଏହା ହେଉଛି ଜ୍ଞାନ, ସଂକଳ୍ପ, ପ୍ରେମ, କର୍ମ, ପବିତ୍ରତା, ମାଧୁର୍ଯ୍ୟ ଓ ସୌନ୍ଦର୍ଯ୍ୟର ଶକ୍ତି । ସତ୍, ଚିତ୍ ଓ ଆନନ୍ଦ – ଏହି ତିନୋଟି ହେଉଛି ଭଗବାନଙ୍କ ମୁଖ୍ୟ ବିଭାବ ଯାହା ବିଭିନ୍ନ ରୂପରେ ଅସଂଖ୍ୟ ସତ୍ତା ମଧ୍ୟରେ ପ୍ରକାଶ ଲାଭ କରିଥାଏ । ଗୋଟିଏ ହିଁ ଦିବ୍ୟ ଶକ୍ତି ସିଂହ ଭିତରେ, ହରିଣ ଭିତରେ, ସୂର୍ଯ୍ୟ ଭିତରେ, ପ୍ରଦୀପ ଭିତରେ, ଆକାଶ ଭିତରେ, ଦେବତା ଓ ଦାନବ ଭିତରେ ଅର୍ଥାତ୍ ସକଳ ବସ୍ତୁ ଓ ପ୍ରାଣୀଙ୍କ ଭିତରେ ବିଭିନ୍ନ ଭାବରେ ରୂପାୟିତ ଓ ଅଭିବ୍ୟକ୍ତ ହେଉଛି । ମହାନ୍ ମନୀଷୀ, ବୀର, ଜନନାୟକ, ଦେଶପ୍ରେମୀ, ମହାନ୍ ଗୁରୁ, ଋଷି, ଧର୍ମପ୍ରବର୍ତ୍ତକ, ସନ୍ଥ, ଭକ୍ତ, ମାନବ ପ୍ରେମିକ, ମହାନ୍ କବି, ମହାନ୍ ଶିଳ୍ପୀ, ମହାନ୍ ବୈଜ୍ଞାନିକ, ମହାନ୍ ତପସ୍ୱୀ – ଏ ସମସ୍ତଙ୍କ ଭିତରେ ତଥା ସେମାନଙ୍କ କର୍ମ ଭିତରେ ସ୍ୱୟଂ ଭଗବାନ୍ ହିଁ ନିଜକୁ ପ୍ରକଟ କରନ୍ତି । ଏମାନେ ସମସ୍ତେ ଜଣେ ଜଣେ ବିଭୂତି ।

ବିଭୂତି-ତତ୍ତ୍ୱ ଆମକୁ ଶିକ୍ଷା ଦିଏ ଯେ ସମସ୍ତ ମନୁଷ୍ୟ ଓ ସମସ୍ତ ପ୍ରାଣୀଙ୍କ ମଧ୍ୟରେ ଭଗବତ୍ ଆତ୍ମା ବିଦ୍ୟମାନ । ତେଣୁ ଜ୍ଞାନୀ ହେଉ କି ମୂର୍ଖ ହେଉ, ସବଳ ହେଉ କି ଦୁର୍ବଳ ହେଉ, ଉତ୍ତମ ହେଉ କି ଅଧମ ହେଉ, ସମସ୍ତଙ୍କ ଭିତରେ ଭଗବାନଙ୍କୁ ଦର୍ଶନ କରିବାକୁ ହେବ ଓ ସମ୍ମାନ କରିବାକୁ ହେବ । ମନୁଷ୍ୟ ଓ ପ୍ରାଣୀମାନେ ଆତ୍ମବିକାଶର ଧାରାରେ କ୍ରମଶଃ ଊର୍ଦ୍ଧ୍ୱ ଦିଗକୁ ଆରୋହଣ କରି ଚାଲିଛନ୍ତି । ସମସ୍ତେ ଚେତନାର ଭିନ୍ନ ଭିନ୍ନ ସୋପାନରେ ଅବସ୍ଥାନ କରୁଛନ୍ତି । ବିବର୍ତ୍ତନ ପ୍ରକ୍ରିୟାରେ ଜଡ଼ବସ୍ତୁ, ଉଦ୍ଭିଦ, ପଶୁ ଓ ମନୁଷ୍ୟ ଭିନ୍ନ ଭିନ୍ନ ସ୍ତରରେ ଥାଇ ନିଜ ନିଜ ସ୍ୱଭାବ ଓ ସ୍ୱଧର୍ମ ଅନୁସାରେ ବିକାଶ ଲାଭ କରୁଛନ୍ତି । ସମସ୍ତଙ୍କ ପାଇଁ ଆତ୍ମ ଅତିକ୍ରମଣର ସୁଯୋଗ ଓ ସମ୍ଭାବନା ରହିଛି । ସୁତରାଂ ମନୁଷ୍ୟ ହେଉ କି ପଶୁପକ୍ଷୀ ହୁଅନ୍ତୁ, ସମସ୍ତଙ୍କ ଭିତରେ ସେହି ସମଂ ବ୍ରହ୍ମଙ୍କୁ ଦର୍ଶନ କରି ପାରିଲେ ଜୀବନ ସୌନ୍ଦର୍ଯ୍ୟମୟ ଓ ସଙ୍ଗତିମୟ ହୋଇ ଉଠିବ । ଯେଉଁ ମହାପୁରୁଷମାନେ ଏହି ସତ୍ୟ ପ୍ରତି ଆମକୁ ଜାଗ୍ରତ କରାନ୍ତି ଏବଂ ଉଚ୍ଚତର ସିଦ୍ଧି ଆଡ଼କୁ ମାର୍ଗ ଦର୍ଶନ କରାନ୍ତି ସେମାନେ ଯଥାର୍ଥରେ ପୂଜ୍ୟ ଓ ପ୍ରାତଃସ୍ମରଣୀୟ ।

ସମ୍ଭୂତି(Becoming)ର ପ୍ରକୃତ ଅର୍ଥ ନୂତନ ସୃଷ୍ଟି ନୁହେଁ । କାରଣ ଯେଉଁ ଦିବ୍ୟ ଶକ୍ତି ଆଗରୁ ସଂବୃତ ହୋଇ ରହିଛି ତାହା ହିଁ କାଳକ୍ରମେ ପ୍ରକାଶିତ ହୋଇଥାଏ । ଯେତେବେଳେ ଜୀବ ମଧ୍ୟରେ ଥିବା ବିକାଶଶୀଳ ଆତ୍ମସତ୍ତା ପ୍ରସ୍ତୁତ ହୋଇଯାଏ ସେତେବେଳେ ସେ ତା'ର ସ୍ତରକୁ ଅତିକ୍ରମ କରିଯାଏ । ଏହି ଦୃଷ୍ଟିରୁ ବିଚାର କଲେ ପ୍ରତ୍ୟେକ ବ୍ୟକ୍ତି ହେଉଛନ୍ତି ଜଣେ ବିଭୂତି । ବିଭୂତି ଅର୍ଥ ଭଗବାନଙ୍କର ଏକ ଆତ୍ମ ରୂପାୟନ (a self-becoming) । କିନ୍ତୁ କେତେକ କ୍ଷେତ୍ରରେ ଦିବ୍ୟ ଶକ୍ତି ପରମେଶ୍ୱରଙ୍କ ଏକ ନିର୍ଦ୍ଦିଷ୍ଟ ଉଦ୍ଦେଶ୍ୟ ପୂରଣ ନିମିତ୍ତ କେତେକ ବ୍ୟକ୍ତିଙ୍କ ଭିତରେ ଅତ୍ୟନ୍ତ ସମୁଜ୍ଜ୍ୱଳ ଶକ୍ତି ସାମର୍ଥ୍ୟ (Pre-eminent powers or exceedingly glowing powers) ପ୍ରକାଶିତ କରିଥା'ନ୍ତି, ସେମାନେ ହେଉଛନ୍ତି ବାସ୍ତବରେ ବିଭୂତି, ଯାହାର ଅନେକ ଉତ୍କୃଷ୍ଟ ଉଦାହରଣ ଗୀତାରେ ଉଲ୍ଲେଖ ଅଛି । ଇତିହାସରୁ ଉଦାହରଣ ନେଇ ଆମେ କାଳିଦାସ, ସେକ୍ସପିଅର୍, ନେପୋଲିୟନ୍, ସମୁଦ୍ରଗୁପ୍ତ ଓ ଲିଓନାର୍ଡୋ ଦା ଭିଞ୍ଚିଙ୍କୁ ମଧ୍ୟ ବିଭୂତି ବୋଲି କହି ପାରିବା । ସମସ୍ତ ବିଭୂତି ଭଗବାନଙ୍କ ଦିବ୍ୟ ତେଜରୁ ହିଁ ସମ୍ଭୂତ ହୋଇଛନ୍ତି । ଶ୍ରୀକୃଷ୍ଣ କହୁଛନ୍ତି –

''ଯଦ୍ ଯଦ୍ ବିଭୂତିମସତ୍ତ୍ୱଂ ଶ୍ରୀମଦୂର୍ଜିତମେବ ବା ।
ତତ୍ତଦେବାବଗଚ୍ଛ ତ୍ୱଂ ମମ ତେଜୋଂଽଶସମ୍ଭବମ୍ ॥''
(୧୦/୪୧)

ଅର୍ଥାତ୍, ''ଯେଉଁ ଯେଉଁ ଐଶ୍ୱର୍ଯ୍ୟଯୁକ୍ତ, ଶୋଭାଯୁକ୍ତ ଓ ବଳଯୁକ୍ତ ପ୍ରାଣୀ ଓ ପଦାର୍ଥ ଅଛନ୍ତି, ସେ ସମସ୍ତଙ୍କୁ ତୁମେ ମୋର ହିଁ ତେଜ ବା ଯୋଗ ସାମର୍ଥ୍ୟର ଅଂଶରୁ ଉତ୍ପନ୍ନ ହୋଇଛନ୍ତି ବୋଲି ବୁଝ ।''

କୁରୁକ୍ଷେତ୍ରର ରଣାଙ୍ଗନରେ ଶହ ଶହ ମହାନ୍ ବୀର ଓ

ଶକ୍ତିମାନ୍ ପୁରୁଷ ଭଗବାନଙ୍କ ଇଚ୍ଛାର ଯନ୍ତ୍ର ହୋଇଛନ୍ତି । ପ୍ରତ୍ୟେକଙ୍କ ସ୍ୱଭାବ ଅନୁସାରେ ଭଗବାନ୍ ସେମାନଙ୍କ ଭିତର ଦେଇ କାର୍ଯ୍ୟ କରିଛନ୍ତି । କିନ୍ତୁ ପ୍ରତ୍ୟେକଙ୍କ ଅହଂର ଆବରଣର ଅନ୍ତରାଳରୁ ସେ ଆବଶ୍ୟକୀୟ କାର୍ଯ୍ୟ କରିଛନ୍ତି । ତେବେ ଅର୍ଜୁନଙ୍କ ବିଷୟ ସ୍ୱତନ୍ତ୍ର । ଅର୍ଜୁନ ଏପରି ଅବସ୍ଥାରେ ପହଞ୍ଚିଛନ୍ତି ଯେ ତାଙ୍କ ଅହଂର ଆବରଣକୁ ଭେଦ କରାଯାଇ ପାରିବ । ଭଗବାନ୍ ଯେଉଁ କର୍ମର ରହସ୍ୟକୁ ଉଦ୍‌ଘାଟନ କରିଛନ୍ତି ତାକୁ ବୁଝିବାକୁ ସେ (ଅର୍ଜୁନ) ସମର୍ଥ । ସେ ଯୁଗର ଯୋଦ୍ଧାମାନଙ୍କ ମଧ୍ୟରେ ଅର୍ଜୁନ ସର୍ବଶ୍ରେଷ୍ଠ, ଭଗବାନଙ୍କ ଇଚ୍ଛା ଓ ଆଦେଶକୁ କାର୍ଯ୍ୟକାରୀ କରିବାକୁ ସେ ସଦା ଉଦ୍ୟତ । ଯଦିଓ ଶ୍ରୀକୃଷ୍ଣ ସମସ୍ତଙ୍କୁ ସମ ଆତ୍ମା ରୂପେ ଦେଖନ୍ତି ଏବଂ ତାଙ୍କର ପ୍ରିୟ ବା ଅପ୍ରିୟ କେହି ନାହିଁ ତଥାପି ସେ ଅର୍ଜୁନଙ୍କୁ ନିଜର ପ୍ରିୟତମ ଭକ୍ତ ରୂପେ ସମ୍ବୋଧନ କରିଛନ୍ତି । ଦିବ୍ୟ ଜ୍ଞାନ ଲାଭ କରିବାକୁ ଅଧିକ ଗ୍ରହଣଶୀଳତା ଅର୍ଜୁନଙ୍କର ରହିଥିଲା । ଦିବ୍ୟ କର୍ମ ସମ୍ପାଦନ କରିବା ପାଇଁ ସେ ଥିଲେ ଅଧିକ ସମର୍ଥ । ଭଗବାନଙ୍କ ଇଚ୍ଛାର ସର୍ବୋତ୍କୃଷ୍ଟ ଯନ୍ତ୍ର ହେବା ପାଇଁ ଆବଶ୍ୟକୀୟ ଚେତନାଗତ ପ୍ରସ୍ତୁତି ଅର୍ଜୁନଙ୍କ ଭିତରେ ହୋଇ ସାରିଥିଲା । ଏହା ମଧ୍ୟ ସତ୍ୟ ଯେ ଯିଏ ଭଗବାନଙ୍କ ଶରଣାପନ୍ନ ହୁଏ, ତାଙ୍କୁ ଆନ୍ତରିକ ପ୍ରେମ ଓ ଭକ୍ତି କରେ; ତା' ସହିତ ଭଗବାନ୍ ବ୍ୟକ୍ତିଗତ ଘନିଷ୍ଠ ସମ୍ବନ୍ଧ ରଖିଥା'ନ୍ତି । ଶ୍ରୀକୃଷ୍ଣଙ୍କ ପ୍ରତି ଅର୍ଜୁନଙ୍କ ରହିଥିଲା ଅଗାଧ ଶ୍ରଦ୍ଧା, ଗଭୀର ଅନୁରକ୍ତି ଓ ଆନୁଗତ୍ୟ । ସେ ଥିଲେ ଯଥାର୍ଥରେ ବିନୟୀ ଓ ସରଳଭାବାପନ୍ନ । ଶ୍ରୀକୃଷ୍ଣ ସ୍ୱୟଂ ତାଙ୍କୁ ଦୈବୀ ସମ୍ପତ୍ତିପ୍ରାପ୍ତ ବ୍ୟକ୍ତି ଓ ପୁରୁଷଶ୍ରେଷ୍ଠ ବୋଲି ଅଭିହିତ କରିଛନ୍ତି, ''ମୁଁ ପାଣ୍ଡବମାନଙ୍କ ମଧ୍ୟରେ ଧନଞ୍ଜୟ'' ବୋଲି ଘୋଷଣା କରିଛନ୍ତି ।

ଅର୍ଜୁନ ମାନବଜାତିର ଏକ ଯୁଗ ପରିବର୍ତ୍ତନର ଘଡ଼ିସନ୍ଧି ମୁହୂର୍ତ୍ତରେ ଭଗବାନଙ୍କ ଇଚ୍ଛାର ଯନ୍ତ୍ର ରୂପେ ନିର୍ବାଚିତ ହୋଇଥିଲେ । ଏପରି ଜଣେ ମହାନ୍ ବିଭୂତିଙ୍କୁ ପାଇ ଭାରତ ବର୍ଷ ଗର୍ବିତ । ଭଗବାନ୍ ଚାହୁଁଥିଲେ ଅର୍ଜୁନ ଜଣେ ଯଥାର୍ଥ ଜ୍ଞାନୀ, କର୍ମୀ ଓ ଭକ୍ତ ହେବା ସହିତ ପରିଶେଷରେ ଦିବ୍ୟ ମାନବରେ ପରିଣତ ହୁଅନ୍ତୁ । ଏଥିପାଇଁ ଯେଉଁ ଅସଲ ଦିବ୍ୟ ଜ୍ଞାନ ତାଙ୍କ ପାଇଁ ଆବଶ୍ୟକ ଥିଲା ତାହା ହେଉଛି ଭଗବାନ୍ ସମଗ୍ର ବିଶ୍ୱର ଅଧୀଶ୍ୱର ଏବଂ ସମସ୍ତଙ୍କ ଭିତରେ ଭଗବାନଙ୍କର ଆତ୍ମ ପ୍ରକାଶ ଘଟୁଥିବାରୁ ସର୍ବତ୍ର ତାଙ୍କୁ ହିଁ ଦର୍ଶନ କରିବାକୁ ହେବ ।

(କ୍ରମଶଃ) ❑

ତୁମେ ଅନ୍ୟମାନଙ୍କ ସହିତ କଥାବାର୍ତ୍ତା କରିବା ବେଳେ ନିଜର ଚତୁଃପାର୍ଶ୍ୱର ଜୀବନ୍ତ ଦିବ୍ୟ ଉପସ୍ଥିତି ଓ ଦିବ୍ୟ ରକ୍ଷାକାରୀ ଶକ୍ତିକୁ ଧରି ରଖିବାକୁ ସର୍ବଦା ଯଥେଷ୍ଟ ସଜାଗ ହୁଅ; ଯେତେଦୂର ସମ୍ଭବ କମ୍ କଥାବାର୍ତ୍ତା କର ।

*

ପ୍ରଥମେ ଆବଶ୍ୟକ ନିଜ ଉପରେ ସଂଯମ ଏବଂ ବିଶେଷ ଭାବରେ ଜିହ୍ୱା ଉପରେ ସଂଯମ । ଯଦି ମଣିଷ ନୀରବ ରହିବାକୁ ଶିଖିପାରେ, ତେବେ ଅନେକ କ୍ଲେଶ ଓ ବିପର୍ଯ୍ୟୟକୁ ଦୂରେଇ ଦିଆଯାଇ ପାରନ୍ତା ।

*

ବାକ୍-ନିବୃତ୍ତି ଅପେକ୍ଷା ବାକ୍-ସଂଯମ ଅଧିକ ମହାନ୍ ଓ ଫଳପ୍ରଦ ତପସ୍ୟା । ସମଗ୍ର ପୃଥିବୀ ଅତ୍ୟଧିକ କଥନ ଦ୍ୱାରା ଭାରାକ୍ରାନ୍ତ ଓ ଶ୍ରବଣଶକ୍ତି-ରହିତ ହୋଇ ପଡ଼ିଛି । ଏବଂ ସେଥିପାଇଁ ସମୟ ସମୟରେ ମନେ ହୁଏ, ଏହି ସୁନ୍ଦର ପ୍ରକୃତିର ଏକ ସଂଗତିପୂର୍ଣ୍ଣ ନୀରବତାକୁ ଅନୁଭବ କରିହୁଏ ନାହିଁ । ଏହା ଏକ ଜଣାଶୁଣା ସତ୍ୟ ଯେ ମାନସିକ ଶକ୍ତି ଯେତେ କମ୍ ହେବ, ସେତେ ବେଶୀ କଥା କହିବା ପ୍ରବୃତ୍ତିର ଆବଶ୍ୟକତା ହେବ ।

— ଶ୍ରୀମା

ପୃଥିବୀ-ଚେତନା ପାଇଁ ସାଧନା :

# ପଣ୍ଡିଚେରୀରେ ଶ୍ରୀଅରବିନ୍ଦ

## (୯୮)

**ପିଣ୍ଟୋ ଦମ୍ପତିଙ୍କର ଆଗମନ :**

ଲରେନ୍ସ ମାର୍ଶାଲ ପିଣ୍ଟୋ (ଶ୍ରୀଅରବିନ୍ଦଙ୍କର ପ୍ରଦତ୍ତ ନାମ 'ଉଦାର') ଏବଂ ତାଙ୍କ ସହଧର୍ମିଣୀ ଇଥେଲ୍ ଲଭଗ୍ରୋଭ୍ ('ମୋନା')ଙ୍କ ସମ୍ବନ୍ଧେ ଘଟଣାକ୍ରମେ ବର୍ଣ୍ଣିତ ହୋଇଥିଲେ ମଧ ଦୁହିଁଙ୍କର ଆଶ୍ରମକୁ ପ୍ରଥମ ଆସିବା ଏବଂ ସ୍ଥାୟୀ ଭାବରେ ଆଶ୍ରମରେ ରହିଯିବା କଥା ଏଠାରେ ପ୍ରଥମ କରି ବର୍ଣ୍ଣନା କରୁଛୁ ।

ଲରେନ୍ସ ଗୋଆରେ ବାସ କରୁଥିବା ଏକ ରୋମାନ୍ କ୍ୟାଥଲିକ୍ ପରିବାରରେ ୨୬ ଏପ୍ରିଲ ୧୯୦୭ରେ ଜନ୍ମଗ୍ରହଣ କରିଥିଲେ । ତାଙ୍କର ପୂର୍ବପୁରୁଷଗଣ ଥିଲେ ଭାରତୀୟ ସାରସ୍ୱତ ବ୍ରାହ୍ମଣ ସମ୍ପ୍ରଦାୟର । ପରବର୍ତ୍ତୀ କାଳରେ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିଲେ ଏବଂ ଖୁବ୍ ଆଶ୍ଚର୍ଯ୍ୟର କଥା ଯେ ଗୋଆରେ ଅବସ୍ଥିତ କତିପୟ ସାରସ୍ୱତ ବ୍ରାହ୍ମଣ ଖ୍ରୀଷ୍ଟଧର୍ମରେ ଦୀକ୍ଷିତ ହୋଇଥିଲେ ମଧ ନିଜର ସ୍ୱ-ଜାତିରେ ହିଁ ପୂର୍ବବତ୍ ବସବାସ କରୁଥିଲେ, – ଆଚାର-ବ୍ୟବହାର, ଚାଲିଚଳନରେ କୌଣସି ଅମେଳ ନ ଥିଲା ।

ଲରେନ୍ସ ବମ୍ବେ ବିଶ୍ୱବିଦ୍ୟାଳୟରୁ ସ୍ନାତକ ଉପାଧି ଲାଭ କରିବା ପରେ ଏରୋନଟିକାଲ୍ ଇଞ୍ଜିନିୟରିଂ ପଢ଼ିବା ସକାଶେ ୧୯୩୦ରେ ଲଣ୍ଡନ ଯାତ୍ରା କଲେ । ଲରେନ୍ସ ଥିଲେ ଜଣେ ସୁଶ୍ରୀ ଯୁବକ, ଅତ୍ୟନ୍ତ ମେଳାପୀ ସ୍ୱଭାବର ଏବଂ ମେଧାବୀ ଛାତ୍ର । ଅଧ୍ୟୟନରତ ଥିବାବସ୍ଥାରେ ସେ ଘଟଣାକ୍ରମେ ଲଣ୍ଡନର ଅଧିବାସୀ ଜଣେ ଅନନ୍ୟା ସୁନ୍ଦରୀ ତରୁଣୀଙ୍କର ସଂସ୍ପର୍ଶରେ ଆସିଲେ । କହିବା ବାହୁଲ୍ୟ ଦୁହେଁ ପରସ୍ପରକୁ ପ୍ରଥମ ସାକ୍ଷାତରେ ହିଁ ଭଲ ପାଇ ବସିଥିଲେ ।

ଏହି ତରୁଣୀଟି ଥିଲେ ଇଥେଲ୍ ଲଭଗ୍ରୋଭ୍ । ୧୧ ନଭେମ୍ବର ୧୯୧୧ (୧୧.୧୧.୧୧)ରେ ତାଙ୍କର ଜନ୍ମ । ମାତାପିତାଙ୍କର ଛ'ଟି ସନ୍ତାନ ମଧ୍ୟରେ ଜ୍ୟେଷ୍ଠା ସନ୍ତାନ । ଏହାଙ୍କର ଚରିତ୍ର ସମ୍ବନ୍ଧେ ମାତ୍ର ଗୋଟିଏ ଶବ୍ଦରେ ବ୍ୟକ୍ତ କରାଯାଇ ପାରେ – ଅସାଧାରଣ । ସୁନିପୁଣା କର୍ମୀ, ବୀରାଙ୍ଗନା, ସ୍ୱଜାତୀୟ ରକ୍ଷଣଶୀଳତାର ଏକେବାରେ ବିରୋଧୀ, ଅପୂର୍ବ ସୁନ୍ଦରୀ ଥିବାରୁ ତାଙ୍କର ସାଙ୍ଗସାଥୀମାନେ ତାଙ୍କୁ ଅତ୍ୟନ୍ତ ସ୍ନେହରେ ଡାକୁଥିଲେ 'ମୋନା' । (ପରବର୍ତ୍ତୀକାଳରେ ଶ୍ରୀମା ମୋନାଙ୍କର ଜନ୍ମ ତାରିଖ ଦେଖି ମନ୍ତବ୍ୟ ଦେଇଥିଲେ – 'ଚିରପ୍ରଗତିଶୀଳା' ।)

ଲରେନ୍ସ ଜଣେ ଚରିତ୍ରବାନ୍ ଓ ମେଧାବୀ ଛାତ୍ର ଥିବା ସତ୍ତ୍ୱେ ସେ ଥିଲେ ଜଣେ ଭାରତୀୟ । ତେଣୁ ମୋନା ତାଙ୍କୁ ବିବାହ କରିବା କଥା ମାତାପିତାଙ୍କୁ ଜଣାଇବା ମାତ୍ରେ ବ୍ରିଟିଶ ଖାନ୍ଦାନି ପରିବାର ଏହାର ତୀବ୍ର ବିରୋଧ କଲେ । ଜଣେ ବ୍ରିଟିଶ ତରୁଣୀଙ୍କ ସହିତ ବିବାହ କରିବା କଥା ଜଣାଇବାରୁ ଲରେନ୍ସ ମଧ ନିଜ ପରିବାରବର୍ଗ ଦ୍ୱାରା ତୀବ୍ର ବିରୋଧର ସମ୍ମୁଖୀନ ହେଲେ । ତେଣୁ ଉଭୟେ ସିଦ୍ଧାନ୍ତ ନେଲେ ପରିବାରବର୍ଗଙ୍କ ସହିତ କୌଣସି ସମ୍ପର୍କ ନ ରଖି ବିବାହ କରି ସ୍ୱତନ୍ତ୍ର ରହିବେ । ଇଞ୍ଜିନିୟରିଂ ପଢ଼ା ଶେଷ କରି ଲରେନ୍ସ ଭାରତକୁ ଫେରିବା ସମୟରେ ମୋନାଙ୍କୁ ପ୍ରତିଶ୍ରୁତି ଦେଇ ଆସିଲେ ଯେ ଭାରତକୁ ଯାଇ ପରିଶ୍ରମ କରି ଅର୍ଥୋପାର୍ଜନ କରିବେ ଏବଂ ଯଥାଶୀଘ୍ର ତାଙ୍କ ପାଖକୁ ଟଙ୍କା ପଠାଇବେ ଏବଂ ସେହି ଅର୍ଥରେ ମୋନା ଭାରତ ଅଭିମୁଖେ ଜାହାଜରେ ଯାତ୍ରା କରିବେ । ଭାରତରେ ହିଁ ଆନୁଷ୍ଠାନିକ ରୂପେ ବିବାହ କାର୍ଯ୍ୟ ସମ୍ପନ୍ନ ହେବ । ସେ ସମୟରେ ମୋନାଙ୍କ ପକ୍ଷରେ ଏପରି ଦୃଢ଼ ପଦକ୍ଷେପ ନେବା ଥିଲା ଅକଳ୍ପନୀୟ । କିନ୍ତୁ ଦୃଢ଼ମନା ମୋନା ଲରେନ୍ସଙ୍କର ପ୍ରସ୍ତାବକୁ ସାଦରେ ଗ୍ରହଣ କଲେ । ଅଧିକନ୍ତୁ ମୋନା ମଧ ସେତେବେଳେ ଏକ ଦାତବ୍ୟ ସଂସ୍ଥାରେ ଜଣେ ସୁନିପୁଣା ସେକ୍ରେଟାରୀ ରୂପେ କର୍ମରତ ଥିଲେ ।

ଭାରତରେ ପଦାର୍ପଣ କରି ଲରେନ୍ସ ହୃଦୟଙ୍ଗମ କଲେ ଯେ ବ୍ରିଟିଶ-ଭାରତରେ ତାଙ୍କୁ କାମ ମିଳିବା ଅସମ୍ଭବ । ପ୍ରଥମତଃ, ସେହି ତିରିଶ ଦଶକରେ ଭାରତ ସରକାରଙ୍କର ମାତ୍ର ଦୁଇଟି ନିମ୍ନମାନର ଉଡ଼ାଜାହାଜ ଥିଲା ଏବଂ ସେ ଦୁଇଟିର ରକ୍ଷଣାବେକ୍ଷଣ ନିମନ୍ତେ ଏତେ ଉଚ୍ଚମାନର ଶିକ୍ଷିତ ଭାରତୀୟକୁ କାମ ଦେବା ଅସମ୍ଭବ ଏବଂ ଦ୍ୱିତୀୟତଃ, ଇଂଲଣ୍ଡରେ ଅଧ୍ୟୟନରତ ଥିବାବସ୍ଥାରେ ଲରେନ୍ସ 'ଭାରତୀୟ ମଜଲିସ'ର ଜଣେ ସକ୍ରିୟ

ସଭ୍ୟ ଥିଲେ, ଯେଉଁଥିରେ ଭାରତକୁ ବ୍ରିଟିଶ ହାତରୁ ମୁକ୍ତ କରିବା ସମ୍ବନ୍ଧେ ଆଳାପ-ଆଲୋଚନା ହେଉଥିଲା । ତେଣୁ ସେ ଇଂଲଣ୍ଡରେ 'ବ୍ଲାକ୍ ଲିଷ୍ଟ୍' ତାଲିକାର ଅନ୍ତର୍ଭୁକ୍ତ ଥିଲେ ।

ଏମିତି ପରିସ୍ଥିତିରେ ସେ ଅସହାୟ ଭାବରେ ଭାରତର ବିଭିନ୍ନ ସ୍ଥାନରେ ବିଚରଣ କରୁ କରୁ ୧୯୩୪ରେ ଫରାସୀ ଅଧିକୃତ ପଣ୍ଡିଚେରୀରେ ଆସି ପହଞ୍ଚିଲେ ଏବଂ ଠିକ୍ ପରେ ପରେ ପଣ୍ଡିଚେରୀରେ ମାଲପତ୍ର ରପ୍ତାନୀ ବ୍ୟବସାୟର ଜଣେ ଉଚ୍ଚପଦସ୍ଥ କର୍ମଚାରୀ ମସିଓ ଗ୍ୟାବେଲ୍‌ଙ୍କର ତତ୍ତ୍ୱାବଧାନରେ ଜାହାଜରେ ମାଲପତ୍ର ରପ୍ତାନୀ କରିବାର ଚାକିରି ପାଇଲେ । ଲରେନ୍‌ସ ଅର୍ଥ ଉପାର୍ଜନରେ ମନ-ପ୍ରାଣ ଢାଳି ଦେଲେ । ତିନି ବର୍ଷ ପରେ ମୋନାଙ୍କର ଭାରତ ଆଗମନ ସକାଶେ ଆବଶ୍ୟକୀୟ ଅର୍ଥ ସଂଗ୍ରହ କରି ତାଙ୍କ ନିକଟକୁ ପଠାଇ ଦେଲେ । ଇଂଲଣ୍ଡରେ ମୋନା ମଧ୍ୟ ଚାତକ ପରି ଭାବୀ ସ୍ୱାମୀଙ୍କଠାରୁ ଆସିବା ଅର୍ଥକୁ ଅପେକ୍ଷା କରିଥିଲେ । ତିନି ବର୍ଷ, ତିନି ମାସ, ତିନି ଦିନ (ଅସାଧାରଣ ରୂପେ ତାତ୍ପର୍ଯ୍ୟପୂର୍ଣ୍ଣ ଦିବସ)ପରେ ପଚିଶ ବର୍ଷିଆ ମୋନା ଏକ ଦୁଃସାହସିକ ଅଭିଯାନ କରି ଭାରତରେ ପଦାର୍ପଣ କଲେ ଏବଂ ୬ ଫେବ୍ରୁଆରୀ ୧୯୩୭ରେ ପଣ୍ଡିଚେରୀରେ ଡୁମା ଷ୍ଟ୍ରୀଟ୍ ଚର୍ଚ୍ଚରେ ଦୁହିଁଙ୍କର ବିବାହ-କାର୍ଯ୍ୟ ସମ୍ପନ୍ନ ହେଲା । ଏହି ଡୁମା ଷ୍ଟ୍ରୀଟ୍‌ର ଦକ୍ଷିଣ ଦିଗରେ ଏକ ବାସଭବନକୁ ଭଡ଼ାରେ ନେଇ ପିଣ୍ଟୋ-ଦମ୍ପତି ବସବାସ କଲେ ।

ଲରେନ୍‌ସ ପଣ୍ଡିଚେରୀରେ ବ୍ୟବସାୟ ଆରମ୍ଭ କରିବାର ଅବ୍ୟବହିତ ପରେ ଆଶ୍ରମର ଜନୈକ ଅନ୍ତେବାସୀ 'ଅମଲକିରଣ' ଯିଏକି ବମ୍ବେରେ ସେଣ୍ଟ୍ ଜାଭିୟର୍ସ କଲେଜରେ ଅଧ୍ୟୟନ କରୁଥିବା ବେଳେ ସେହି କଲେଜରେ ଅଧ୍ୟୟନରତ ଲରେନ୍‌ସଙ୍କର ପରିଚିତ ଥିଲେ ଏବଂ ତାଙ୍କ ସହ ବେଶ୍ ଘନିଷ୍ଠତା ଥିଲା । ସେ ଜାଣିବାକୁ ପାଇଲେ ଯେ ଲରେନ୍‌ସ ପଣ୍ଡିଚେରୀରେ ଆସି ରହିଛନ୍ତି । ସମୟ କ୍ରମେ ସେ ଦୁହେଁ ପରସ୍ପରକୁ ଭେଟିଲେ ଏବଂ କ୍ରମଶଃ ଅନ୍ୟ କେତେ ଜଣ ଆଶ୍ରମର ଅନ୍ତେବାସୀ ମଧ୍ୟ ଅମଲଙ୍କ ସହିତ ଆସି ତାଙ୍କ ବାସଭବନରେ ମଝିରେ ମଝିରେ ଏକତ୍ର ହେଉଥିଲେ । 'ମୋନା' ଆସିବା ପରେ ଏହି ବନ୍ଧୁ-ମିଳନ ଆହୁରି ଘନିଷ୍ଠ ହେଲା । ଶ୍ରୀମା ଏ ବିଷୟରେ ଅମଲଙ୍କଠାରୁ ଜାଣିଥିଲେ ଏବଂ ଏହି ମର୍ମରେ ଭାବୁଥିଲେ ଯେ କିଏ ଏହି ପିଣ୍ଟୋ ! ଯିଏକି ମୋ ପିଲାମାନଙ୍କୁ ନେଇ ଆସର ଜମେଇଛି, ମୁଁ ଦିନେ ତାଙ୍କୁ ମୋ ଆୟତ୍ତକୁ ଆଣିବି ।

୧୯୩୭, ଅଗଷ୍ଟ ମାସର ଆରମ୍ଭ । ପିଣ୍ଟୋଙ୍କର ଉପରୋକ୍ତ ବନ୍ଧୁଗଣ କଥାଛଳରେ ତାଙ୍କୁ କହିଲେ ଯେ ତୁମେ ତୁମର ବିଦେଶୀ ପତ୍ନୀଙ୍କୁ ଥରଟିଏ ଆଶ୍ରମ ଦେଖାଇ ଆଣ । ଇତିପୂର୍ବରୁ ପିଣ୍ଟୋ କେବେ ବି ଆଶ୍ରମ ଆଡ଼କୁ ଆସି ନ ଥିଲେ । ସିଏ ତ 'ମୋନା'ଙ୍କୁ ଭାରତକୁ ଆଣିବେ ବୋଲି ରୀତିମତ ବ୍ୟବସାୟ କରି ଅର୍ଥ ଉପାର୍ଜନରେ ଲାଗି ପଡ଼ିଥିଲେ । ଏବେ ବନ୍ଧୁଗଣଙ୍କର ପରାମର୍ଶରେ ଦୁହେଁ ଆଶ୍ରମକୁ ଆସି ବୁଲିଯିବା ପାଇଁ ରାଜି ହେଲେ । ଅମଲ ଅଗଷ୍ଟ ଦର୍ଶନ ନିମିତ୍ତ ଦୁଇ ଜଣଙ୍କର ଦର୍ଶନ-ଅନୁମତି ଲାଭ କଲେ । ଦୁହେଁ କିନ୍ତୁ 'ଦର୍ଶନ' କ'ଣ ?, କାହାକୁ ଦର୍ଶନ କରିବେ ? – ଏ ସମ୍ବନ୍ଧେ କିଛି ବି ଜାଣି ନ ଥିଲେ ।

ଏବେ ଲରେନ୍‌ସଙ୍କର ବର୍ଣ୍ଣନାରୁ : ''...ବନ୍ଧୁମାନଙ୍କର ପ୍ରସ୍ତାବରେ ଆମେ ନବ ଦମ୍ପତି ଆଶ୍ରମକୁ ଦର୍ଶନ କରିବା ସକାଶେ ସିଦ୍ଧାନ୍ତ ନେଲୁ । ଦିନ ନିର୍ଧାର୍ଯ୍ୟ ହେଲା ୧୫ ଅଗଷ୍ଟ ୧୯୩୭ । ସେହି ସମୟରେ ପ୍ରତ୍ୟେକ ଦର୍ଶନାର୍ଥୀଙ୍କର ନାମ ଓ ଦର୍ଶନର ନିର୍ଧାର୍ଯ୍ୟ ସମୟସବୁ ତାଲିକାଭୁକ୍ତ ହେଉଥିଲା । ଆମର ସମୟ ଥିଲା ଦ୍ୱିପ୍ରହରର ଠିକ୍ ପୂର୍ବରୁ ।

''ଆମେ ଦୁହେଁ ଆମର ସର୍ବୋତ୍କୃଷ୍ଟ ପୋଷାକରେ ଉପର ମହଲାକୁ ଉଠିଲୁ ଏବଂ ଆମକୁ ଦର୍ଶନ-କକ୍ଷ ପର୍ଯ୍ୟନ୍ତ ମାର୍ଗ ଦର୍ଶାଇ ଦେବାକୁ ଜଣେ ଅନ୍ତେବାସୀ ସହାୟତା କରୁଥିଲେ । ମୁଁ ଯେମିତି ଦର୍ଶନ-କକ୍ଷର ନିକଟବର୍ତ୍ତୀ ହେଲି, କେବେ ହେଲେ ପ୍ରତ୍ୟାଶା କରି ନ ଥିବା ଘଟଣା ଘଟିଲା ଯାହାକି ମୋ ଶରୀରରେ ବୈଦ୍ୟୁତିକ ସ୍ପନ୍ଦନ ସୃଷ୍ଟି କଲା । ଶ୍ରୀଅରବିନ୍ଦଙ୍କୁ ଅନାଇ ଦେବା ମାତ୍ରେ ମୋ ଭିତରେ ଯେଉଁ ଶବ୍ଦଟି ସ୍ୱତଃ ଉଚ୍ଚାରିତ ହୋଇଉଠିଲା, ତା' ଥିଲା 'Majesty' । ଏକ ସମ୍ଭ୍ରାନ୍ତ ଓ ଗରିମାମୟ ଉପସ୍ଥିତି, ଏକ ସାର୍ବଭୌମ ଦିବ୍ୟ ଉପସ୍ଥିତି । ମୁଁ କହି ଉଠିଲି, 'ଏତେ ଦିନ ପରେ ମୁଁ ପ୍ରଥମ କରି ଜଣେ ଗରିମାମୟ ବ୍ୟକ୍ତିଙ୍କୁ ଦର୍ଶନ କଲି ।'...

''ମୁଁ ଇତିପୂର୍ବରୁ ବେଶ୍ କତିପୟ ଗରିମାମୟ ରାଜକୀୟ ଅତ୍ୟୁତ୍କୃଷ୍ଟ ପୋଷାକ ଦେଖିଛି; ମଣିମୁକ୍ତାଖଚିତ ରାଜମୁକୁଟ ଦେଖିଛି, କିନ୍ତୁ ଗରିମାମୟ ଭାସ୍ୱର ବ୍ୟକ୍ତିଙ୍କୁ ଦେଖି ନ ଥିଲି ! ମୋ ସମ୍ମୁଖସ୍ଥ ଏହି ଦର୍ଶନ କକ୍ଷରେ ମୁଁ କ'ଣ ଦେଖିଲି ! କୌଣସି ଚମକପ୍ରଦ ପୋଷାକ ନୁହେଁ କିଂବା କୌଣସି ରାଜମୁକୁଟ ଦେଖିଲି ନାହିଁ – କେବଳ ଏକ ନିରାଡ଼ମ୍ବର ଶୁଭ୍ର ପୋଷାକ – ଧୋତି ଓ ଚାଦର; ଅଥଚ ଏମିତି ଏକ ଅତ୍ୟନ୍ତ

ଦୀପ୍ତିମନ୍ତ ହୃଦୟଜିଣା ଗରିମାମୟ ଅପୂର୍ବ ଚେହେରା ! ଭକ୍ତିଭରେ ବିସ୍ମୟାଭିଭୂତ ହୋଇ ଉଠିଲି । ଠିକ୍ ପରମୁହୂର୍ତ୍ତରେ ମୁଁ ଶ୍ରୀମା'ଙ୍କୁ ଅନାଇଲି । ଏବଂ ତାଙ୍କ ଉପସ୍ଥିତିରେ ଏମିତି ମଧୁରତା ଓ ପ୍ରେମ ଅନୁଭବ କଲି ଯେ ମୁଁ ତତ୍‌କ୍ଷଣାତ୍ ତାଙ୍କ ନିକଟକୁ ଯାଇ ତାଙ୍କ କୋଳରେ ମଥା ରଖିଦେଲି । ମୋନା ମଧ ମୋ ସହିତ ତାଙ୍କ କୋଳରେ ମଥା ରଖିଲେ ।

''ମୁଁ କଥା ପ୍ରସଙ୍ଗରେ ଏଠାରେ ଉଲ୍ଲେଖ କରିପାରେ ଯେ ଶିଡ଼ି ଚଢ଼ି ଉପର ମହଲାର ବାରଣ୍ଡାରେ ଆମର ପ୍ରବେଶ ମାତ୍ରେ ଶ୍ରୀଅରବିନ୍ଦ ଆମକୁ ଦେଖି ତାଙ୍କ ହାତରେ ଥିବା 'ଦର୍ଶନ-ତାଲିକା'କୁ ଅନାଇଲେ ଏବଂ ଆମ ସମ୍ବନ୍ଧେ ଶ୍ରୀମା'ଙ୍କୁ କିଛି ପଚାରିଲେ । ଆମେ ଥିଲୁ ଏକ ଚିତ୍ତାକର୍ଷକ ଦମ୍ପତି । ଏପରିକି ପରେ ମୋନାଙ୍କୁ ଲକ୍ଷ୍ୟ କରି ଦତ୍ତାଙ୍କୁ ଶ୍ରୀମା ଏହି ମର୍ମରେ ମନ୍ତବ୍ୟ ଦେଇଥିଲେ ଯେ ଇତିପୂର୍ବରୁ ମୁଁ ଜାଣି ନ ଥିଲି ଯେ ଜଣେ ଇଂଲଣ୍ଡର ଝିଅ ଏମିତି ସୁନ୍ଦରୀ ହୋଇପାରେ !...

''ଶ୍ରୀମାଙ୍କ କୋଳରୁ ମଥା ଉଠାଇ ସାହସ ବାନ୍ଧି ଆମେ ଶ୍ରୀଅରବିନ୍ଦଙ୍କ କୋଳରେ ମଥା ରଖିଲୁ ଏବଂ ତାଙ୍କର ପ୍ରେମ ଓ ସ୍ନେହର କୋମଳ ହସ୍ତର ସ୍ପର୍ଶ ଅନୁଭବ କଲୁ । ତା'ପରେ ମୁଁ ଉଭୟଙ୍କ ମଧରେ ମୋ ମଥା ରଖିଲି, ଉଭୟେ ମୋତେ ଆଶୀର୍ବାଦ କଲେ । କି ଅପୂର୍ବ ଅଭିଜ୍ଞତା !...''

ଏହି ଦର୍ଶନ ଦିବସଟି ଥିଲା ଲରେନ୍‌ସଙ୍କ ଜୀବନର ଏକ ନୂତନ ପର୍ଯ୍ୟାୟର ସୂତ୍ରପାତ । ସେ ସେହି ମୁହୂର୍ତ୍ତରେ ସିଦ୍ଧାନ୍ତ ନେଲେ ଯେ ସମ୍ଭବ ହେବା ମାତ୍ରେ ସେ ତାଙ୍କର ବ୍ୟବସାୟର ପରିସମାପ୍ତି ଘଟାଇ ବାକୀତକ ଜୀବନ ଶ୍ରୀମାଶ୍ରୀଅରବିନ୍ଦଙ୍କ ସେବାରେ ନିଜକୁ ସର୍ବାନ୍ତଃକରଣରେ ଉତ୍ସର୍ଗ କରିବେ । ତାଙ୍କର ଅଜ୍ଞାତସାରରେ ସେ ବିଶେଷ କରି ଶ୍ରୀମା'ଙ୍କ ପାଖରେ ବନ୍ଧା ପଡ଼ି ଯାଇଥିଲେ; ତାଙ୍କର ଦିବ୍ୟ ପ୍ରେମର ଅବୋଧ ପ୍ରଭାବରେ ସେ ଅପରିବର୍ତ୍ତନୀୟ ଭାବେ ଓ ସମ୍ପୂର୍ଣ୍ଣତଃ ତାଙ୍କରି ହୋଇ ଉଠିଥିଲେ । ଜଣେ ଆଦର୍ଶ ସ୍ଥାନୀୟା ଭାରତୀୟ ସହଧର୍ମିଣୀ ସଦୃଶ ମୋନା ତାଙ୍କ ସ୍ୱାମୀଙ୍କ ସିଦ୍ଧାନ୍ତରେ ସାଦର ସମର୍ଥନ ଜଣାଇଲେ ।

ଅଗଷ୍ଟ ଦର୍ଶନ ବେଳକୁ ମୋନା ଅନ୍ତଃସତ୍ତ୍ୱା ଥିଲେ । ପରେ ମୋନାଙ୍କୁ ଶ୍ରୀମା ପରାମର୍ଶ ଦେଲେ ଯେ ପଣ୍ଡିଚେରୀରେ ସନ୍ତାନ ପ୍ରସବ କରିବାରେ ଡାକ୍ତରୀ ସୁବିଧା-ସୁଯୋଗ ପ୍ରାୟ ନାହିଁ । ତେଣୁ ସେ ଲରେନ୍‌ସଙ୍କ ସମ୍ପର୍କୀୟା ମାଉସୀ କି ପିଉସୀ ଡାଃ. ମେରୀ ଆଦ୍ ବର୍‌କ୍ୟୁ* ଯିଏକି ବାଙ୍ଗାଲୋରରେ ଥିବା ବାଣୀ ବିଳାସ ହସ୍‌ପିଟାଲ୍‌ରେ ଡାକ୍ତର ଅଛନ୍ତି, ତାଙ୍କ ପାଖକୁ ଚାଲିଯାଅ ।... ୧୬ ନଭେମ୍ବର ୧୯୩୭ରେ ମୋନାଙ୍କର କନ୍ୟା ସନ୍ତାନଟିଏ ଜାତ ହେଲା । ଜନ୍ମ ସାର୍ଟିଫିକେଟରେ ସନ୍ତାନଟିର ନାମ ଥିଲା ଜୁଡ଼ିଆନ୍ ପିଣ୍ଟୋ । ଜନ୍ମର ଛ' ସପ୍ତାହ ପରେ ସମସ୍ତେ ପଣ୍ଡିଚେରୀକୁ ଫେରି ଆସିଲେ । ସେତେବେଳକୁ ଲରେନ୍‌ସ ଆଶ୍ରମ ସହିତ ବେଶ୍ ଜଡ଼ିତ ହୋଇ ଉଠିଥିଲେ । ତେଣୁ ଏବେ ଲରେନ୍‌ସ ସପରିବାରେ ଆଶ୍ରମର ବଡ଼ ପରିବାରରେ ଅନ୍ତର୍ଭୁକ୍ତ ହେଲେ । 'ଜୁଡ଼ି' (ପରେ 'ଗୋରୀ'-'Gauri') ଥିଲେ ଆଶ୍ରମର ପ୍ରଥମ ଶିଶୁ । ତା' ପରବର୍ଷ ଆଶ୍ରମ ସହିତ ପିଣ୍ଟୋ ପରିବାର ଆହୁରି ଘନିଷ୍ଠ ଭାବରେ ଜଡ଼ିତ ହୋଇ ଉଠିଲେ ଯେତେବେଳେ ଲରେନ୍‌ସଙ୍କର ଜନ୍ମଦିନ କାର୍ଡରେ ଶ୍ରୀଅରବିନ୍ଦ ତାଙ୍କର ନୂତନ ନାମକରଣ କରି ଆଶୀର୍ବାଦ ପ୍ରଦାନ କଲେ –

Udar

Sanskrit, उदार – Noble, generous, upright and sincere.

26 April 1938 Sri Aurobindo

To

Udar with blessings –

Sri Aurobindo

(ଏହା ତଳେ ମା'ଙ୍କର ମଧ ନାମାଙ୍କନ ଥିଲା)

ଜୁଡ଼ିକୁ ଏକ ବର୍ଷ ହେବା ପରେ ଶ୍ରୀମା'ଙ୍କ ଅନୁମତି କ୍ରମେ ସପରିବାର ଆସି ଆଶ୍ରମର 'The Red House'ରେ ବସବାସ କଲେ । ସେହି ୧୯୩୮ରେ ମୋନାଙ୍କର ଜନ୍ମଦିନ (୧୧ ନଭେମ୍ବର)ରେ ଶ୍ରୀଅରବିନ୍ଦଙ୍କୁ ଉଦାର ଅନୁରୋଧ କଲେ

* ପରେ ଡାଃ. ମେରୀ ଆଶ୍ରମକୁ ଆସି ଶ୍ରୀମାଶ୍ରୀଅରବିନ୍ଦଙ୍କ ଦର୍ଶନ ଲାଭ କରିଥିଲେ । ଶ୍ରୀଅରବିନ୍ଦ ତାଙ୍କର ନୂତନ ନାମକରଣ କରିଥିଲେ 'ଧୀମତି' । ମହୀଶୂର ମହାରାଜାଙ୍କର ପୁତ୍ର ସନ୍ତାନ ଜନ୍ମ ସମୟରେ ଡାଃ. ମେରୀ ବିଶେଷ ସହାୟତା କରିଥିବାରୁ ମହାରାଜା ତାଙ୍କୁ ଏକ ଅତ୍ୟୁତ୍କୃଷ୍ଟ କାର୍‌ପେଟ୍ ଅର୍ପଣ କରିଥିଲେ । ଡାଃ. ମେରୀ ସେଇଟିକୁ ଶ୍ରୀମା'ଙ୍କୁ ଅର୍ପଣ କରିଥିଲେ ଯାହାକୁ ପରେ ଉଦାର ଶ୍ରୀମା'ଙ୍କର ଉପର ମହଲା 'ମ୍ୟୁଜିକ୍ ରୁମ୍'ରେ ବ୍ୟବହାର କରିଥିଲେ ।

ମୋନାଙ୍କର ନୂତନ ନାମକରଣ କରିବାକୁ । ଶ୍ରୀଅରବିନ୍ଦ କହିଲେ ଯେ ସେ 'ମୋନା' ନାମଟିକୁ ବେଶ୍ ପସନ୍ଦ କରନ୍ତି, କାରଣ ତାଙ୍କୁ ଦେଖିବା ମାତ୍ରେ ଶ୍ରୀଅରବିନ୍ଦଙ୍କର 'ମୋନାଲିସା' ଚେହେରା ସ୍ମରଣରେ ଆସିଥିଲା ।

ଇତିମଧ୍ୟରେ ଦ୍ୱିତୀୟ ବିଶ୍ୱଯୁଦ୍ଧ ଆରମ୍ଭ ହେଲା । ଭାରତ ସରକାର ଉଦାରଙ୍କୁ ଚାହିଁଲେ ନୂତନ କରି ଗଢ଼ିଥିବା 'ଇଣ୍ଡିଆନ୍ ଏୟାର ଫୋର୍ସ'ରେ ନିଯୁକ୍ତି ପାଇଥିବା କର୍ମୀବୃନ୍ଦଙ୍କୁ ତାଲିମ ଦେବାକୁ । ଉଦାରଙ୍କ ଅନିଚ୍ଛା ସତ୍ତ୍ୱେ ଶ୍ରୀଅରବିନ୍ଦ ତାଙ୍କୁ ଦିଲ୍ଲୀ ଯିବାକୁ ଉତ୍ସାହିତ କଲେ, ଯଦ୍ଦ୍ୱାରା ବିଶ୍ୱ ଯୁଦ୍ଧରେ ସେ ସମସ୍ତ ପ୍ରକାର ସାହାଯ୍ୟ କରି ପାରିବେ । ତେଣୁ ଉଦାର ସପରିବାର ଦିଲ୍ଲୀକୁ ଗଲେ ଏବଂ ୧୯୪୧ର ମାର୍ଚ୍ଚ ମାସରୁ ଅକ୍ଟୋବର ପର୍ଯ୍ୟନ୍ତ ବିଶ୍ୱଯୁଦ୍ଧର ପ୍ରସ୍ତୁତିରେ ସମସ୍ତ ସାହାଯ୍ୟ କରିଥିଲେ । ସେଠାରେ ଶ୍ରୀମାଙ୍କ ଅନୁମତିକ୍ରମେ ସେ ତାଙ୍କର କନ୍ୟାକୁ ଏକ ମଡ଼ର୍ଣ୍ଣ ସ୍କୁଲରେ ଭର୍ତ୍ତି କରାଇଥିଲେ । କନ୍ୟାକୁ ଚାରି ବର୍ଷ ହେବାକୁ ଯାଉଥିବା ବେଳେ ସପରିବାର ଆଶ୍ରମକୁ ଆସି ଚିରଦିନ ସକାଶେ ଏଠାରେ ରହିଗଲେ । ପ୍ରଥମେ ସେହି 'The Red House'ରେ ରହିଲେ; ତା'ପରେ ଶ୍ରୀମା'ଙ୍କ ଅନୁମତି କ୍ରମେ ଆଶ୍ରମର 'ସଁନ୍ତୋର୍' ଡିପାର୍ଟମେଣ୍ଟ୍ ସଂଲଗ୍ନ ନୂତନ ବାସଭବନ 'ଫନେତ୍ର'କୁ ଚାଲି ଆସିଲେ ।

ଇତିମଧ୍ୟରେ 'ଗୋଲକୁଣ୍ଡ' ନିର୍ମାଣର କାର୍ଯ୍ୟ ବେଶ୍ ତୀବ୍ରତାର ସହିତ ଆରମ୍ଭ ହୋଇ ଯାଇଥାଏ । 'ଗୋଲକୁଣ୍ଡ'ର ବିଭିନ୍ନ ଉଲ୍ଲେଖଯୋଗ୍ୟ କାରିଗରି ସ୍ଥାପତ୍ୟ ମଧ୍ୟରେ ଅନ୍ୟତମ ସ୍ଥାପତ୍ୟ ହେଉଛି ଏହାର ପ୍ରତ୍ୟେକଟି କକ୍ଷରେ ସୁଚାରୁ ରୂପେ ବାୟୁ ଚଳାଚଳ ସକାଶେ ତଥା ସୂର୍ଯ୍ୟତାପ ଓ ବର୍ଷାରୁ ରକ୍ଷା ପାଇବା ସକାଶେ ସମଗ୍ର ଉତ୍ତର-ଦକ୍ଷିଣ କାନ୍ଥରେ ସିମେଣ୍ଟ-ଆଜ୍‌ବେଷ୍ଟସ୍ ନିର୍ମିତ ପାତକୁ (louvers) ଗୋଟିଏ ଉପରେ ଆଉ ଗୋଟିଏ ଖଞ୍ଜି କରି ରଖିବା । ଆଶ୍ରମରେ ଉଦାରଙ୍କର ପ୍ରଥମ କାମ ଥିଲା ସେହିସବୁ ପାତକୁ ଖଞ୍ଜି କରି ରଖିବାର ସାଜ ସରଞ୍ଜାମ (fittings) ସବୁ ପ୍ରସ୍ତୁତ କରିବା । ସାଧାରଣତଃ ସ୍ଥପତିଗଣ ଏଥିନିମିତ୍ତ 'ନଟ୍‌ସ ଓ ବୋଲ୍ଟ୍‌ସ୍'ର ସାଇଜ୍ ଲେଖି ଦିଅନ୍ତି, ସେସବୁକୁ ବଜାରରୁ ଆଣି କେବଳ ଖଞ୍ଜିବା କଥା । କିନ୍ତୁ ଗୋଲକୁଣ୍ଡର ସ୍ଥପତିମାନେ ଥିଲେ ଏକାଧାରରେ ଶିଳ୍ପୀ ଓ ସ୍ଥପତି; ସେମାନେ ଗୋଲକୁଣ୍ଡରେ ବ୍ୟବହୃତ ହେବାକୁ ଯାଉଥିବା ନଟ୍‌ସ୍ ଓ ବୋଲ୍ଟ୍‌ସ୍‌ର ନକ୍ସା ଆଙ୍କି ଦିଅନ୍ତି ଏବଂ ସେଇ ଅନୁସାରେ ସଂଗ୍ରହ କରାଯାଏ । କିନ୍ତୁ ଏହି ସ୍ଥପତିମାନେ ନକ୍ସାରେ ଯେଉଁ ସାଇଜ୍ ଦର୍ଶାଇଥା'ନ୍ତି ସେସବୁ ଥିଲା ଉଲ୍ଲେଖ୍ୟଯୋଗ୍ୟ ଭାବରେ ଅସାଧାରଣ ସାଇଜ୍ ଯାହାକି ବଜାରରେ ପ୍ରାୟ ଉପଲବ୍ଧ ନଥିଲା । ତେଣୁ ତୀବ୍ର ଅସୁବିଧାର ସମ୍ମୁଖୀନ ହୋଇ ଉଦାର ଶ୍ରୀମା'ଙ୍କୁ ସେ ସମ୍ବନ୍ଧେ ଜଣାଇବାରୁ ଶ୍ରୀମା ତାଙ୍କୁ କହିଲେ ଯେ କିଛି ବି ପରିବର୍ତ୍ତନ କରାଯାଇ ପାରିବ ନାହିଁ । ସ୍ଥପତିଗଣ ଯାହାସବୁ ନିର୍ଦ୍ଦେଶ ଦେଇଛନ୍ତି ସେସବୁକୁ ଅକ୍ଷରେ ଅକ୍ଷରେ ପାଳନ କରିବାକୁ ହେବ । ତେଣୁ ଏଥିରୁ ସୁସ୍ପଷ୍ଟ ହୋଇ ଉଠିଲା ଯେ ଉଦାର ନିଜ ହାତରେ ପ୍ରତ୍ୟେକଟି ନଟ୍ ଓ ବୋଲ୍ଟକୁ ନିର୍ମାଣ କରିବେ । ଶ୍ରୀମା ଏଥିନିମିତ୍ତ ତାଙ୍କୁ ନିଜ ସଂରକ୍ଷଣରେ ଥିବା ବେଶ୍ କେତୋଟି ବିଭିନ୍ନ ସାଇଜ୍‌ର ବ୍ୟବହାର୍ଯ୍ୟ ପୁରୁଣା ପିତ୍ତଳ ବାସନକୁସନ ଦେଇ କହିଲେ ଯେ ଏସବୁକୁ ତରଳାଇ ସେଥିରେ ଫିଟିଙ୍ଗସ୍ ପ୍ରସ୍ତୁତ କର । ଏତଦ୍ ବ୍ୟତୀତ ତାଙ୍କୁ ଗୋଲକୁଣ୍ଡର ଚଟାଣରେ ବ୍ୟବହୃତ ହେବାକୁ ଯାଉଥିବା ପଥର ଖଣ୍ଡସବୁକୁ ମସୃଣ କରି ଗଢ଼ିବାର କାମ ବି ମିଳିଥାଏ ।... ଏଇଥିରୁ ଆରମ୍ଭ ହେଲା ତାଙ୍କର 'ହରପାଗନ୍' ୱାର୍କସପ୍ । ଅର୍ଥ କୁଆଡୁ ଆସିବ ? ଶ୍ରୀମା'ଙ୍କୁ କହିବାରୁ ସେ ତାଙ୍କ ହାତରେ ଟଙ୍କାଟିଏ ଦେଲେ । ତତ୍‌କ୍ଷଣାତ୍ ଉଦାର ବୁଝିଗଲେ ସ୍ୱଳ୍ପ ଖର୍ଚ୍ଚରେ କର୍ମ କରିବାକୁ ହେବ । ସେଥିପାଇଁ ଦିନରାତି ଲାଗି ପଡ଼ିଲେ ।...

(କ୍ରମଶଃ)

ସଂକଳନ ଓ ଭାଷାନ୍ତର : ଗୋପାଳଚନ୍ଦ୍ର ମାହାନା

❑❑❑

**ତଥ୍ୟ ନିର୍ଦ୍ଦେଶିକା :**

(1) 'Udar : One of Mother's Children'; (2) 'Mother India' : July 2004, pp. 610-614; (3) 'The Golden Chain' : Aug. 2003, pp. 18-21; (4) Ibid : Nov. 2005, pp. 21; (5) 'The Golden Path' : Anie Nunnally; Ed. 2008.

# ପ୍ରାଚ୍ୟ ପାଶ୍ଚାତ୍ୟ

## ସନ୍ତୋଷ ରଥ

ବିବର୍ତ୍ତନ ପଥେ ସଭିଏଁ ଆତୁର
ଉତ୍ତରଣ ସହଜାତ
ଜଡ଼ରୁ ଜୀବନ ସଞ୍ଚରଣ ସୂତ୍ରେ
ମନ ହୁଏ ଉଦ୍ଭାସିତ । (୧)

ଆଦିମ ଅଭ୍ୟାସ ବର୍ବର ନିଷ୍ଠୁର
ପ୍ରକୃତିର କ୍ରୀତଦାସ
କାହିଁ କେତେ ପଥ ଅତିକ୍ରମି ଶେଷେ
ସଭ୍ୟତାର ଶିଳାନ୍ୟାସ । (୨)

ପ୍ରାଚ୍ୟ ପାଶ୍ଚାତ୍ୟ ସମୃଦ୍ଧି ତଟରେ
ସଭ୍ୟତାର ଦୁଇ ପ୍ରାନ୍ତ
ଦୁହେଁ ଆଗୁସାର ଲକ୍ଷ୍ୟ ପଥରେ
ପ୍ରଗତିର ନାହିଁ ଅନ୍ତ । (୩)

ପ୍ରାଚ୍ୟ ସଂସ୍କୃତି ମୂଳାଧାର ଭିତ୍ତି
ଅନ୍ତଃସଲିଳ ଫଲ୍‌ଗୁ
ଅକ୍ଷୟ ଅଜେୟ ଚିର ଅପ୍ରମେୟ
ସିଦ୍ଧ ହେତୁବାଦ ଯୋଗୁଁ । (୪)

ପାଶ୍ଚାତ୍ୟ ସଂସ୍କୃତି ସଂସ୍କାର ରହିତ
ସମୃଦ୍ଧି ହିଁ ଉପଚାର
ପ୍ରମତ୍ତ ଉନ୍ମତ୍ତ ବାହ୍ୟ ବିଲୋଭନେ
ବୁଝେ ନାହିଁ ଅନ୍ତଃ ସ୍ୱର । (୫)

ଅହଂକାରେ ଭରା ଆଶାର ଫୁଆରା
ଆବିଷ୍କାରେ ମଗ୍ନ ମତି
ଯନ୍ତ୍ର ବହୁଳ ବିଜ୍ଞାନ ବିଚାର
ବିରଳ ଯା' ଆତ୍ମତୃପ୍ତି । (୬)

ପୂର୍ଣ୍ଣାଙ୍ଗ ପୂର୍ଣ୍ଣତା ନୁହେଁ ଉପାସନା
ବିଳାସେ ବିତଇ ଦିନ
ଶିଶୁ ହାତ ଗଢ଼ା ବାଲିଘର ଭଳି
ନିମିଷେ ହୋଇବ ଚୂର୍ଣ୍ଣ । (୭) ❑



Europe prides herself on her practical and scientific organisation and efficiency. I am waiting till her organisation is perfect; then a child shall destroy her.

(Thoughts and Aphorisms)

(CWM-10, p. 139) – Sri Aurobindo

"ୟୁରୋପ ତା'ର ବ୍ୟାବହାରିକ ଏବଂ ବୈଜ୍ଞାନିକ ସଙ୍ଗଠନ ଓ ଦକ୍ଷତାକୁ ନେଇ ଗର୍ବିତ । ସେ ସଂଗଠନ ପୂର୍ଣ୍ଣାଙ୍ଗ ହେବା ଯାଏ ଯାହା ଅପେକ୍ଷା; ତା'ପରେ ଶିଶୁଟିଏ ତାକୁ ଧ୍ୱଂସ କରିଦେବ ।"

– ଶ୍ରୀଅରବିନ୍ଦ

# ନୈତିକତା ଓ ଆଧ୍ୟାତ୍ମିକତା

## (୨)

## ରାମକୃଷ୍ଣ ଦାସ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

ଶ୍ରୀମଦ୍‌ଭାଗବତରେ ବର୍ଣ୍ଣିତ ବ୍ରଜର ଯାଜ୍ଞିକ ବ୍ରାହ୍ମଣମାନେ ଥିଲେ ସଦାଚାରୀ, କର୍ମନିଷ୍ଠ ଓ ବେଦପାଠୀ; ଯଜ୍ଞ ଓ ହୋମ କାର୍ଯ୍ୟରେ ନିପୁଣ । କିନ୍ତୁ ସେମାନଙ୍କର ସମସ୍ତ କର୍ମ ଆଡ଼ମ୍ବରଶୂନ୍ୟ କଠୋର ନୈତିକ ବିଧାନାନୁସାରେ ପାଳିତ ହେଉଥିଲା ।

ଶ୍ରୀକୃଷ୍ଣ ଭଗବାନ୍ ମନୁଷ୍ୟ ରୂପେ ଅବତାର ନେଇ କଂସ ଭୟରେ ମଥୁରାରୁ ଆସି ନନ୍ଦ ଓ ଯଶୋଦାଙ୍କୁ ମାତାପିତା ରୂପେ ସ୍ୱୀକାର କରି ତାଙ୍କ ଦ୍ୱାରା ଲାଳିତ-ପାଳିତ ହୋଇଥିଲେ । ନନ୍ଦ ଥିଲେ ଗୋପାଳ । ତାଙ୍କ କୁଳ-ଧର୍ମ ଅନୁସାରେ ପରଂବ୍ରହ୍ମ ପରମାତ୍ମା ଭକ୍ତ ଭାବରେ ବଶୀଭୂତ ହୋଇ ଭକ୍ତମାନଙ୍କୁ ଉଦ୍ଧାର ଓ ପ୍ରେମ ପ୍ରଦାନ କରିବା ସକାଶେ ଗୋ-ଚାରଣ ଲୀଳା ଆରମ୍ଭ କଲେ । ଦିନେ ନିଜ ସଖା ଗୋପ ବାଳକମାନଙ୍କ ସଙ୍ଗେ ଗୋରୁ ଚରାଇ ବହୁ ଦୂରକୁ ଚାଲିଗଲେ । ସଖାମାନଙ୍କ ସହ ନିଜେ କ୍ଷୁଧାରେ ପ୍ରପୀଡ଼ିତ ହୋଇ ସଖାମାନଙ୍କୁ କହିଲେ, ‘‘ଆମ୍ଭେମାନେ ବହୁତ ଦୂର ଚାଲି ଆସିଛୁ; ଘରୁ ଭୋଜନ ଆଣିବା ସମ୍ଭବ ନୁହେଁ । ତୁମ୍ଭେମାନେ ଏହି ଯଜ୍ଞ-ଧୂମକୁ ଲକ୍ଷ୍ୟ କରି ସେଠାକୁ ଯାଅ । ସେଠାରେ ବେଦଜ୍ଞ ବ୍ରାହ୍ମଣମାନେ ଯଜ୍ଞ କରୁଛନ୍ତି; ସେମାନଙ୍କଠାରୁ ଆମ୍ଭମାନଙ୍କ ସକାଶେ ଅନ୍ନଭିକ୍ଷା କରି ଆଣ ।’’

ଶ୍ରୀକୃଷ୍ଣଙ୍କ ଆଜ୍ଞାନୁସାରେ ଗୋପବାଳକମାନେ ଯାଇ ବ୍ରାହ୍ମଣମାନଙ୍କୁ ଅଭିବାଦନ କରି ଶ୍ରୀକୃଷ୍ଣଙ୍କ କ୍ଷୁଧା-ପ୍ରପୀଡ଼ିତ ଅବସ୍ଥା ବର୍ଣ୍ଣନା କରି ତାଙ୍କ ସକାଶେ ଭୋଜନ ପ୍ରାର୍ଥନା କଲେ । ବ୍ରାହ୍ମଣମାନେ କର୍ମରେ ତତ୍ପର । କର୍ମର କଠୋର ବିଧି-ବିଧାନରେ ସେମାନଙ୍କ ମନ ଆବଦ୍ଧ ଏବଂ ଅନ୍ତର୍ଦୃଷ୍ଟି ଓ ଅନ୍ତର-ପ୍ରେରଣାର ଅଭାବ । ପୁଣି କର୍ମର ଆରାଧ୍ୟ, ପରମ ଫଳ, ଆତ୍ମାର ଆତ୍ମା ଭଗବାନଙ୍କୁ ଚିହ୍ନିବ କିଏ ! କର୍ମନିଷ୍ଠ ବ୍ୟକ୍ତିଙ୍କର ବାହ୍ୟ-କର୍ମ ଓ ବାହ୍ୟ-ଦୃଷ୍ଟି ଛଡ଼ା ଅନ୍ୟ କ’ଣ ଅଛି ? ଯଦ୍ୟପି ଭଗବାନଙ୍କ ଶ୍ରୀମୁଖର ପରାବାଣୀ ତାଙ୍କ ସଖା ପରମ ଭାଗବତ ଗୋପବାଳକମାନଙ୍କ ଦ୍ୱାରା ସେମାନେ ଶୁଣିଲେ ଏବଂ ସେହି ନିତ୍ୟ ମୁକ୍ତ ଗୋଲୋକବାସୀଙ୍କ ଦର୍ଶନ ପାଇଲେ, ତଥାପି ତାହା ସେମାନଙ୍କ ନୈତିକ କର୍ମକାଣ୍ଡ ରୂପକ କଠୋର ପ୍ରାଚୀରକୁ ଭେଦ କରି ତତ୍‌କ୍ଷଣାତ୍ କାର୍ଯ୍ୟ କରି ପାରିଲା ନାହିଁ । ସେମାନଙ୍କ ହୃଦୟର ଆବରଣ ତତ୍‌କ୍ଷଣାତ୍ ଦୂରୀଭୂତ ହେଲା ନାହିଁ । ଆବରଣ ଯୋଗୁଁ ଆନ୍ତର ଦୃଷ୍ଟିର ଉନ୍ମୋଚନ ସକାଶେ ଭଗବାନଙ୍କ ବିଶେଷ କୃପାର ପ୍ରୟୋଜନ ହେଲା । ସେମାନଙ୍କର ଯଜ୍ଞ କାର୍ଯ୍ୟ ସମାପ୍ତ ହୋଇ ନ ଥିଲା । ବ୍ରାହ୍ମଣମାନେ ଭୋଜନ କରି ନ ଥିଲେ, ଫେରେ ଗୋପ ବାଳକଙ୍କୁ ଅନ୍ନ ଦେବେ କିପରି ? ଯଦି ଦିଅନ୍ତି ତେବେ ଶାସ୍ତ୍ର-ନିୟମ ଅନୁସାରେ ଯଜ୍ଞକର୍ମ ଅଶୁଦ୍ଧ ହେବ । ସେମାନେ ଗୋପବାଳକଙ୍କ ପ୍ରାର୍ଥନା ଶୁଣି ନ ଶୁଣିଲା ପରି ନିଜ କର୍ମରେ ତତ୍ପର ରହିଲେ । ଗୋପବାଳକମାନେ ନିରାଶ ହୋଇ କିଛି ସମୟ ପରେ ଦୁଃଖରେ ଫେରି ଆସିଲେ । ସେମାନଙ୍କର ନିଜ ସକାଶେ ଚିନ୍ତା ନ ଥିଲା କିନ୍ତୁ ହୃଦୟ-ବିଦାରକ ଚିନ୍ତା ଥିଲା କ୍ଷୁଧା-ପୀଡ଼ିତ ଶ୍ରୀକୃଷ୍ଣ ଓ ବଳରାମଙ୍କ ସକାଶେ; ସେମାନଙ୍କ ପ୍ରାଣର ଆରାଧ୍ୟ ଦେବତା, ପରମ ପ୍ରିୟ, ଯେ କି ବ୍ରାହ୍ମଣଙ୍କ ଅନ୍ନକୁ ପ୍ରତୀକ୍ଷା କରି ବସି ଅଛନ୍ତି ।

ଶ୍ରୀକୃଷ୍ଣଙ୍କ ଚରଣରେ ସମସ୍ତ ଘଟନା ନିବେଦନ କଲେ । ଶ୍ରୀକୃଷ୍ଣ ଭକ୍ତ-ବଶ ହୋଇ ଜୀବକୁ ଉଦ୍ଧାର କରିବା ସକାଶେ ମନୁଷ୍ୟ ଶରୀର ଧାରଣ କରି ପୃଥିବୀକୁ ଆସିଛନ୍ତି । ଜୀବ ନାନା ପ୍ରକାର ମୋହଗ୍ରସ୍ତ ହୋଇ ଭଗବାନଙ୍କୁ ଭୁଲି ଯାଏ କିନ୍ତୁ ଭଗବାନ୍ ଜୀବର ଦୁର୍ବଳତା ପ୍ରତି ଦୃଷ୍ଟି ନ ଦେଇ ନିଜ କରୁଣାରେ ବଶୀଭୂତ ହୋଇ ତାକୁ ବାରଂବାର ଜାଗ୍ରତ୍ କରାନ୍ତି । ନାନା ରୂପେ ତା’ ଦ୍ୱାରରେ ପହଞ୍ଚି ତା’ ଘର ମଧ୍ୟରେ ପ୍ରବେଶ କରିବାକୁ ଚାହାନ୍ତି । କିନ୍ତୁ ଜୀବ ତ ସାଧାରଣ ନୁହେଁ, ସେ ବି ନିଜ ମଧ୍ୟରେ ପ୍ରବେଶ କରାଇ ନ ଦେବା ଉଦ୍ଦେଶ୍ୟରେ କାମ, କ୍ରୋଧ, ଲୋଭ, ମୋହ, ପରିବାର-ଆସକ୍ତି ଓ କର୍ମ-କଠୋରତା ରୂପକ କବାଟକୁ ଦୃଢ଼ପୂର୍ବକ କିଳି ରଖିଥାଏ । ଭଗବାନଙ୍କ କୃପା ପ୍ରବେଶ କରିବା ପାଇଁ ତିଳେ ହେଲେ ମାର୍ଗ ନ ଥାଏ । ଭଗବାନ୍ ଚାହାନ୍ତି କୌଣସିମତେ ନିଜ କୃପାବାରି ଦ୍ୱାରା ଜାଗତିକ ତ୍ରିତାପ-ପୀଡ଼ିତ ଜୀବ-ହୃଦୟକୁ ଶୀତଳ କରିବେ । ସୁତରାଂ ସେ ନିଜେ ମନୁଷ୍ୟ ରୂପେ ଅବତାର ନେଇ ପିତା, ମାତା, ବନ୍ଧୁ, ସଖା, ଗୁରୁ ଏବଂ

କେବେ କେବେ ଚାକର ରୂପେ ପ୍ରାପ୍ତ ହୁଅନ୍ତି । ଜୀବ ଯେଉଁ ଅଜ୍ଞାନ ସ୍ତରରେ ଅଛି, ତାକୁ ତହିଁରୁ ଉଦ୍ଧାର କରିବା ସକାଶେ ଭଗବାନ୍ ସ୍ୱୟଂ ସେହି ସ୍ତରକୁ ନିଜ ଦୟା ପରବଶରେ ଓହ୍ଲାଇ ଆସନ୍ତି । ମନୁଷ୍ୟର ଦୁର୍ବଳତା, ଅଜ୍ଞାନ ଆବରଣକୁ ସ୍ୱୀକାର କରନ୍ତି । ଅଜ୍ଞାନ ମନୁଷ୍ୟ ଅପ୍ରକାଶିତ ମନରେ ଚାଳିତ ହୋଇ ମୋହରେ ଯେପରି କର୍ମ କରେ ପରମ ଜ୍ଞାନ-ସ୍ୱରୂପ ଭଗବାନ୍ ସେହି ପରମ ଜ୍ଞାନରେ ବାସ କରି ଅଜ୍ଞାନ-ପରଦାର ପଶ୍ଚାତରେ ବାହ୍ୟତଃ ଅଜ୍ଞାନ ମନୁଷ୍ୟ ପରି ମଧ୍ୟ କର୍ମ କରନ୍ତି । ତାକୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ ମନୁଷ୍ୟର ସ୍ୱଧର୍ମ ସ୍ୱୀକାର କରନ୍ତି । ଅଜ୍ଞାନୀ ମନୁଷ୍ୟ ଯେଉଁ ଭାଷା ବୁଝିପାରେ ପରାବାଣୀର ସ୍ୱାମୀ ଭଗବାନ୍ ମଧ୍ୟ ସେହି ଭାଷା ପ୍ରୟୋଗ କରନ୍ତି । ମୋହଗ୍ରସ୍ତ ଜୀବ ଭଗବାନଙ୍କୁ ନିନ୍ଦା କରେ, ଶାସ୍ତ୍ରକୁ ଅବିଶ୍ୱାସ କରେ । ଭଗବାନଙ୍କ ବିରୋଧରେ ଯୁଦ୍ଧ ଘୋଷଣା କରେ ଓ ପାଖଣ୍ଡମାର୍ଗ ପ୍ରସାର କରେ । କିନ୍ତୁ ଭଗବାନ୍ ନିଜ କରୁଣା ଗୁଣରେ ଦ୍ରବିତ ହୋଇ ଜୀବର ଦୋଷ ନ ଦେଖି ନିଜେ ଏବଂ ନିଜ ଭକ୍ତଙ୍କ ଦ୍ୱାରା ମୋହଗ୍ରସ୍ତ ଜୀବକୁ ଉଦ୍ଧାର କରିବାର ପ୍ରୟାସ କେବେ ବି ଛାଡ଼ନ୍ତି ନାହିଁ । ଫେରେ କର୍ମକାଣ୍ଡୀ ବ୍ରାହ୍ମଣଙ୍କୁ ଉଦ୍ଧାର ନ କରି ଛାଡ଼ନ୍ତେ କିପରି ? ସେଥିପାଇଁ ଅନ୍ୟ ଉପାୟ ରଚନା କଲେ ।

ଭଗବାନ୍ ଜୀବକୁ ବାରଂବାର କୃପା କରନ୍ତି । ତାହା ଫଳରେ ଜୀବର ମୋହ ଆବରଣ କ୍ରମଶଃ ପତଳା ହୁଏ । ଶେଷରେ ଏକେବାରେ ପତଳା ହେବା ପରେ ଅଥବା ପୂର୍ଣ୍ଣରୂପେ ଦୂର ହେବା ପରେ ସେ ଭଗବାନଙ୍କୁ ଉପଲବ୍ଧି କରିପାରେ । ତାଙ୍କ କୃପା କେବେ ବି ବ୍ୟର୍ଥ ହୁଏ ନାହିଁ । ବ୍ରାହ୍ମଣଙ୍କ ପ୍ରତି ଗୋପବାଳକମାନଙ୍କ ଦ୍ୱାରା ଭଗବାନଙ୍କ ପ୍ରଥମ କୃପା ପ୍ରେରିତ ହୋଇଥିଲା ଏବଂ ତାହା ସେମାନଙ୍କ ଅଜ୍ଞାତରେ ମୋହ-ଆବରଣକୁ କେତେକ ପରିମାଣରେ ପତଳା କରି ଦେଇଥିଲା । ବାକି ଥିବା ଆବରଣ ସକାଶେ ଗୋପବାଳକମାନଙ୍କ ଦ୍ୱାରା ସେମାନଙ୍କ ପତ୍ନୀମାନଙ୍କ ପାଖକୁ ନିଜ କୃପାଶକ୍ତି ପୁନର୍ବାର ପ୍ରେରଣ କଲେ ।

ଶ୍ରୀକୃଷ୍ଣ ତାଙ୍କ ସଖାମାନଙ୍କୁ କହିଲେ,''ଏଥର ତୁମ୍ଭମାନଙ୍କୁ ନିରାଶ ହେବାକୁ ପଡ଼ିବ ନାହିଁ । ତୁମ୍ଭେମାନେ ସେହି ଯାଜ୍ଞିକ ବିପ୍ରପତ୍ନୀମାନଙ୍କଠାରୁ ମୋ ସକାଶେ ଭୋଜନ ନେଇ ଆସ ।'' ଗୋପବାଳକମାନେ ଯାଇ ବିପ୍ରପତ୍ନୀମାନଙ୍କୁ ଭଗବାନ୍ ଶ୍ରୀକୃଷ୍ଣଙ୍କ ସନ୍ଦେଶ କହିବା ମାତ୍ରେ ସେମାନେ ଶ୍ରୀକୃଷ୍ଣଙ୍କ ପ୍ରେମରେ ଉନ୍ମତ୍ତ ପ୍ରାୟ ହୋଇଗଲେ । ହୃଦୟର ପ୍ରେମ-ସ୍ରୋତରେ ପୁରାତନ ସଂସ୍କାର-ନୀତିର କଠୋରତା ଅନାୟାସରେ ଦୂର ହୋଇଗଲା ଏବଂ ସାମାଜିକ ଶୃଙ୍ଖଳା ମଧ୍ୟ ଛିନ୍ନ ଭିନ୍ନ ହୋଇଗଲା । ସେମାନେ ଏହି ଜନ୍ମର ଓ ଜନ୍ମଜନ୍ମାନ୍ତରର ପୁଣ୍ୟକର୍ମର ପରମ ଫଳ ପାଇଗଲେ । ନାନା ପ୍ରକାର ବ୍ୟଞ୍ଜନ ସହ ଭୋଜନ ସାମଗ୍ରୀ ନେଇ ଗୋପବାଳକମାନଙ୍କ ସଙ୍ଗେ ଶ୍ରୀକୃଷ୍ଣଙ୍କ ଦର୍ଶନକୁ ବାହାରିଲେ । ନୀତିର ଖିଲାପ ହେବା ଦେଖି ବ୍ରାହ୍ମଣମାନେ ସେମାନଙ୍କୁ ଯିବାକୁ ନିଷେଧ କଲେ । ସେମାନଙ୍କ ଆଜ୍ଞା ଲଂଘନ କରି ପରମ ଆନନ୍ଦ ସହ ପରମ ପ୍ରେମରେ ଆକର୍ଷିତ ହୋଇ ଜୀବନର ଶ୍ରେଷ୍ଠନିଧି ଶ୍ରୀକୃଷ୍ଣ ଦର୍ଶନ ଉଦ୍ଦେଶ୍ୟରେ ସେମାନେ ଅଗ୍ରସର ହେଲେ । ପତିବ୍ରତା କୁଳାଙ୍ଗନାମାନଙ୍କର ଏକମାତ୍ର କର୍ତ୍ତବ୍ୟ ହେଉଛି ପତି-ଆଜ୍ଞା ପାଳନ କରିବା । ପତି-ଆଜ୍ଞା ଭଙ୍ଗର ପରିଣାମ ପାପ ଏବଂ ତାହାର ଫଳ ନରକ । ପତିବ୍ରତା ଧର୍ମ ପାଳନ, ପତି-ଆଜ୍ଞା ପାଳନ କରିବା ଅର୍ଥ ଏପରି ନୁହେଁ ଯେ ପତ୍ନୀ ଜଡ଼ ମେସିନ୍ ପରି ତାହାର ଜୀବନର ପରମ ଫଳ ଭଗବତ୍ ପ୍ରାପ୍ତିର ବିରୋଧୀ ଆଜ୍ଞା ଶିରୋଧାର୍ଯ୍ୟ କରୁଥିବ । ପତିବ୍ରତା ଧର୍ମର ଅର୍ଥ ଭଗବତ୍ ପ୍ରାପ୍ତ କରିବା ସକାଶେ ସେ ପତିବ୍ରତା ଧର୍ମ ପାଳନ କରେ । ପରମ ପତି ଭଗବାନଙ୍କୁ ପ୍ରାପ୍ତ କରିବାରେ ପୂର୍ବ ଆଚରିତ କର୍ମ ଯଦି ବିରୋଧୀ ନ ହୁଏ ତେବେ ତାକୁ ସେ ତ୍ୟାଗ ନ କରି ପରମ ସହାୟକ ରୂପେ ରଖେ । ଉଦାହରଣ ସ୍ୱରୂପ ପତି ବିଦେଶରେ ଥିବା ସମୟରେ ତାଙ୍କ ପ୍ରତିନିଧି ରୂପେ ତାଙ୍କ ଫଟୋକୁ ପତ୍ନୀ ପୂଜା କରେ । ଅସଲ ପତି ଆସିବା ପରେ ତାଙ୍କ ପୂଜାରେ ଫଟୋ ଯଦି କିଛି ବାଧା ନ ଦିଏ ତେବେ ପତିଙ୍କ ଫଟୋ ବୋଲି ତାହାକୁ ସମ୍ମାନପୂର୍ବକ ରଖେ । କିନ୍ତୁ ଅସଲ ପତିଙ୍କ ପୂଜା ଫଟୋରେ ସୀମିତ ହେଲେ ପତିବ୍ରତା ସ୍ତ୍ରୀର କର୍ତ୍ତବ୍ୟ କ'ଣ ହେବ ? କ'ଣ ସେ ଫଟୋର ଆଜ୍ଞା ପାଳନ କରି ଯଥାର୍ଥ ପତିସେବାରୁ ବଞ୍ଚିତ ହୋଇ ତାଙ୍କୁ ଅପମାନିତ କରିବ ନା ଫଟୋର ଆଜ୍ଞା ଅବମାନନା କରିବ ? ଯଥାର୍ଥରେ ପତିର ପତି ପରମପତି ଭଗବାନ୍ । ସେ ଅବିନାଶୀ, ଜନ୍ମଜନ୍ମାନ୍ତରର ସାଥୀ । ତାଙ୍କୁ ପ୍ରାପ୍ତ କରିବା ସକାଶେ ତାଙ୍କ ପ୍ରତିନିଧି ସ୍ୱରୂପ ଅସ୍ଥାୟୀ ଫଟୋକୁ ମନୁଷ୍ୟ ପୂଜା କରେ ଏବଂ ତାଙ୍କୁ ପ୍ରାପ୍ତ କରିବା ସକାଶେ ମନୁଷ୍ୟ ନାନା ପ୍ରକାର କର୍ମ କରେ । ପ୍ରତ୍ୟେକ ପ୍ରାଣୀ ତାହାର ମୂଳ ସ୍ୱରୂପରେ ଭଗବାନଙ୍କ ସଙ୍ଗେ ଏକ । ଏହି ସଂସାରକୁ ଆସି ମନ, ପ୍ରାଣ, ଶରୀର ସଙ୍ଗେ ଏକାତ୍ମ ହୋଇଯିବାରୁ ସେ ନିଜ ନିତ୍ୟ ସ୍ୱରୂପ ଭଗବାନଙ୍କୁ ଭୁଲି ଯାଇ

ମୋହ-ବଶରେ ନାନା ପ୍ରକାର ଶୁଭ-ଅଶୁଭ କର୍ମ କରୁଅଛି । ସୁତରାଂ ତାହାର ଯଥାର୍ଥ ଲକ୍ଷ୍ୟ ନୈତିକାଦି ଧର୍ମକୁ ଅବଲମ୍ବନ କରି ଭାଗବତ ଧର୍ମରେ ପହୁଞ୍ଚିବା ଅର୍ଥାତ୍ ଭଗବାନଙ୍କୁ ପ୍ରାପ୍ତ ହେବା । ଯେତେବେଳେ ସେ ଆଧାତ୍ମିକତାରେ ପହୁଞ୍ଚେ, ଭଗବାନଙ୍କୁ ପ୍ରାପ୍ତ ହୁଏ, ସେତେବେଳେ ଏହି ନୈତିକ କର୍ମ ଯଦି ବାଧକ ନ ହୁଏ ତେବେ ଆଧାତ୍ମିକ ସାଧକ ତାକୁ ସ୍ୱୀକାର କରେ, ବାଧକ ହେଲେ ଅବିଳମ୍ବେ ତ୍ୟାଗ କରେ ।

ଭଗବତ୍ ବିରୋଧୀ ଜାଣି ରାଜା ବଳି ନିଜ ଗୁରୁ ଶୁକ୍ରାଚାର୍ଯ୍ୟଙ୍କ ଆଜ୍ଞା ଲଂଘନ କଲେ । ପ୍ରହ୍ଲାଦ ପିତାଙ୍କ ଆଜ୍ଞାର ବିରୋଧାଚରଣ କଲେ । ଗୋପୀମାନେ ନିଜ ପତି ଆଜ୍ଞାକୁ ଅବଜ୍ଞା କରି ଭଗବାନଙ୍କୁ ପ୍ରାପ୍ତ କଲେ । ଭଗବାନଙ୍କୁ ପ୍ରାପ୍ତ ହେବାର ବାଧା ସ୍ୱରୂପ ନୈତିକାଦି ଧର୍ମକୁ ସେମାନେ ତ୍ୟାଗ କରିଥିବା ସତ୍ତ୍ୱେ ସେମାନେ ଆଜି ଜଗତରେ ପୂଜ୍ୟ । ଯଦି ଭଗବତ୍ ପ୍ରାପ୍ତି ସକାଶେ ନୈତିକତାକୁ ତ୍ୟାଗ କଲେ ପାପ ହୁଅନ୍ତା ତେବେ ଆଜି ଏମାନଙ୍କ ନାମ ପର୍ଯ୍ୟନ୍ତ କେହି ସ୍ମରଣ କରନ୍ତା ନାହିଁ ।

ଭକ୍ତ ଦୁଇ ପ୍ରକାରର । ଜଣେ ପ୍ରବୃତ୍ତି ମାର୍ଗର, ଅନ୍ୟ ଜଣକ ନିବୃତ୍ତି ମାର୍ଗର । ପ୍ରବୃତ୍ତି ମାର୍ଗର ସାଧକ ଭଗବତ୍ ଉଦ୍ଦେଶ୍ୟରେ ନୀତି ଧର୍ମ ଅନୁସାରେ ମାତାପିତା, ଗୋ-ବ୍ରାହ୍ମଣ, ଦେବତା, ପିତର ସେବା କର୍ମ ଦ୍ୱାରା ଭଗବାନଙ୍କୁ ଆରାଧନା କରେ ଏବଂ ଭଗବତ୍ ପ୍ରାପ୍ତି କରିବା ପରେ ମଧ୍ୟ ଏହିସବୁ କର୍ମ ବାଧକ ନ ହେଲେ ଏହାକୁ ତ୍ୟାଗ କରେ ନାହିଁ । ଏହିସବୁ କର୍ମ ଭଗବତ୍ ଭକ୍ତିରେ ଯେତେବେଳେ ବାଧକ ହୁଏ ତତ୍କ୍ଷଣାତ୍ ସେ ସବୁକୁ ତ୍ୟାଗ କରିଦିଏ । ପ୍ରବୃତ୍ତି ମାର୍ଗର ଭକ୍ତ — ବିଭୀଷଣ, ରାଜା ବଳି, ପ୍ରହ୍ଲାଦ, ମୀରାବାଈ, ରାଣୀ ରତ୍ନାବତୀ ଇତ୍ୟାଦି । ନିବୃତ୍ତି ମାର୍ଗର ସାଧକର ଭଗବତ୍ ପ୍ରାପ୍ତି ସକାଶେ ତୀବ୍ର ବୈରାଗ୍ୟ ହେବା ମାତ୍ରେ ସେ ଗୃହ, ସଂସାର, ସମାଜ, ପିତା, ମାତା, ଦେବତା, ପିତର ସେବାଦି ତ୍ୟାଗକରି ଭଗବତ୍ ଆରାଧନା ଉଦ୍ଦେଶ୍ୟରେ ସନ୍ନ୍ୟାସ ଗ୍ରହଣ କରେ । ସମାଜର ଧର୍ମାନୁସାରେ ପିତାମାତାଙ୍କର ଶ୍ରାଦ୍ଧାଦି, ଯେଉଁ କର୍ମ ନ କଲେ ବ୍ୟକ୍ତି ପତିତ ହୁଏ, ନିବୃତ୍ତି ମାର୍ଗର ସାଧକ ସନ୍ନ୍ୟାସ ଗ୍ରହଣ କରିବା ପରେ ସେହି କର୍ମ କଲେ ପତିତ ହୁଏ । ଅଧ୍ୟାତ୍ମ-ସାଧକ ସକାଶେ ନୈତିକ ନିୟମ ପାଳନ କରିବା ଅନିବାର୍ଯ୍ୟ ନୁହେଁ ।

ଜଣେ ବ୍ରାହ୍ମଣ ବଳପୂର୍ବକ ତା' ସ୍ତ୍ରୀକୁ ଘରେ ରଖି ଦ୍ୱାର ବନ୍ଦ କରିଦେଲା । ସେ ବନ୍ଦୀ ହୋଇ ଦୁଃଖରେ ଭଗବାନଙ୍କୁ ଆର୍ତ୍ତ ହୃଦୟରେ ପ୍ରାର୍ଥନା କଲା । ତାହାର ସମସ୍ତ ଇନ୍ଦ୍ରିୟ ଶିଥିଳ ହୋଇଗଲା । ତାହାର ଚେତନା ଭଗବାନଙ୍କ ରୂପ-ମାଧୁରୀରେ ରମଣ କରିବାକୁ ଲାଗିଲା । ସେ ତାହାର ଭୌତିକ ଶରୀର ତ୍ୟାଗ କରି ଅନ୍ୟ ବିପ୍ରପତ୍ନୀମାନେ ପହୁଞ୍ଚିବା ପୂର୍ବରୁ ଭଗବାନଙ୍କ ସାନ୍ନିଧ୍ୟକୁ ପ୍ରାପ୍ତ ହୋଇ ଚିର ଅଭିଳଷିତ ଆଶା ପୂର୍ଣ୍ଣ କଲା ।

ସମସ୍ତ ବିପ୍ରପତ୍ନୀ ଭଗବାନଙ୍କ ରୂପ-ମାଧୁରୀ ସୁଧା-ସମୁଦ୍ରରୁ ସେମାନଙ୍କ ଜନ୍ମଜନ୍ମାନ୍ତରର ତୃଷିତ ନେତ୍ର ପାନକରି ତୃପ୍ତ ହେଲେ ନାହିଁ । ସେମାନେ ଚାହୁଁଥିଲେ ସେମାନଙ୍କ ନେତ୍ର ଏହି ରୂପ-ସୁଧା ନିରନ୍ତର ପାନ କରୁଥାଉ । କିନ୍ତୁ ଭଗବାନଙ୍କ ବିଧାନ ଥିଲା ଭିନ୍ନ । ଭକ୍ତବତ୍ସଳ ଭଗବାନ୍ ସେମାନଙ୍କ ପ୍ରେମକୁ ସମ୍ମାନ କରି ଗୃହକୁ ଫେରି ଯିବାକୁ ଆଜ୍ଞା ଦେଲେ । ସେମାନେ ଗୃହ, ପରିବାର, ପତି ଓ ପୁତ୍ର ତ୍ୟାଗ କରି ପ୍ରେମରେ ବିଭୋର ହୋଇ ଭଗବାନଙ୍କ ସେବାରେ ନିଜକୁ ଉତ୍ସର୍ଗ କରି ଦେଇଥିଲେ । ତଥାପି ଭଗବାନ୍ ସେମାନଙ୍କ ପତିମାନଙ୍କୁ ଉଦ୍ଧାର କରିବା ଉଦ୍ଦେଶ୍ୟରେ, ସେମାନଙ୍କ ଇଚ୍ଛା ନ ଥିବା ସତ୍ତ୍ୱେ ସେମାନଙ୍କୁ ଘରକୁ ଫେରି ଯିବାକୁ ଆଜ୍ଞା ଦେଲେ । ପ୍ରଥମେ କୃପା କରିଥିଲେ ନିତ୍ୟମୁକ୍ତ ଗୋଲୋକବାସୀ ଚିରସଖା ଗୋପବାଳକମାନଙ୍କ ଦ୍ୱାରା । ସେ ସମୟରେ ଏମାନଙ୍କ ଚେତନା ଓ ବ୍ରାହ୍ମଣମାନଙ୍କ ଚେତନା ମଧ୍ୟରେ ବିଶେଷ ଅନ୍ତର ଥିଲା, ସେନେଇ ଏମାନଙ୍କ ଦ୍ୱାରା ବ୍ରାହ୍ମଣମାନେ ଭଗବତ୍ କୃପା ପୂର୍ଣ୍ଣ ରୂପେ ଗ୍ରହଣ କରିବାରେ ଅସମର୍ଥ ହେଲେ । ବ୍ରାହ୍ମଣୀମାନେ ବିପ୍ରଙ୍କ ଚେତନା ସ୍ତରର ନିକଟସ୍ଥ ଲୋକ । ସେନେଇ ଏମାନଙ୍କ ଦ୍ୱାରା ବ୍ରାହ୍ମଣମାନଙ୍କୁ ନିଜ କୃପା ପ୍ରଦାନ କରି ସେମାନଙ୍କ ମୋହ-ନିଦ୍ରାକୁ ଭଙ୍ଗ କଲେ ଏବଂ ସେମାନଙ୍କ କଠୋର କର୍ମ-ଶୃଙ୍ଖଳାକୁ ଛିନ୍ନ ଭିନ୍ନ କରି ସେମାନଙ୍କ ହୃଦୟରେ ଭଗବତ୍ ପ୍ରେମର ସ୍ରୋତ ପ୍ରବାହିତ କଲେ । ଏହି କାରଣରୁ ବହୁତ ସମୟରେ ଉଚ୍ଚକୋଟୀର ମହାପୁରୁଷମାନେ ନିଜ କୃପାପାତ୍ରଙ୍କୁ ଅନ୍ୟ ପାଖରେ ଦୀକ୍ଷା ନେବାକୁ ଆଜ୍ଞା ଦିଅନ୍ତି ।

ବ୍ରାହ୍ମଣମାନେ ନିଜ ନିଜ ସ୍ତ୍ରୀଙ୍କୁ ଦର୍ଶନ କରିବା ମାତ୍ରେ ଭଗବାନଙ୍କ କୃପାରୁ ସେମାନଙ୍କ ହୃଦୟରୁ ଅନ୍ଧକାର ଦୂର ହୋଇଗଲା । ସେମାନେ ନିଜ ସ୍ତ୍ରୀମାନଙ୍କର ନୈତିକ-ନିୟମ-ଭଙ୍ଗ ବିରୋଧରେ କୌଣସି ଅଭିଯୋଗ ନ କରି ସେମାନଙ୍କୁ ବିଶେଷ କୃତଜ୍ଞତାସୂଚକ ବାକ୍ୟରେ ସମ୍ବୋଧନ କରି ସମ୍ମାନ କଲେ ଏବଂ ନିଜକୁ ଭଗବତ୍ ବିମୁଖ ଜାଣି ବହୁତ ଧିକ୍କାର କରି କହିଲେ :

''ଧିଗ୍ ଜନ୍ମ ନସ୍ତ୍ରିବୃଦ୍‌ବିଦ୍ୟାଂ ଧିକ୍ ବ୍ରତଂ ଧିଗ୍ ବହୁଜ୍ଞତାମ୍ ।
ଧିକ୍ କୁଳଂ ଧିକ୍ କ୍ରିୟାଦାକ୍ଷ୍ୟଂ ବିମୁଖା
ୟେ ତ୍ୱଧୋକ୍ଷଜେ । ୩୯ ।
ନୂନଂ ଭଗବତୋ ମାୟା ଯୋଗିନାମପି ମୋହିନୀ ।
ଯଦ୍‌ବୟଂ ଗୁରବୋ ନୃଣାଂ ସ୍ୱାର୍ଥେ
ମୁହ୍ୟାମହେ ଦ୍ୱିଜାଃ । ୪୦ ।
ଅହୋ ପଶ୍ୟତ ନାରୀଣାମପି କୃଷ୍ଣେ ଜଗଦ୍‌ଗୁରୌ ।
ଦୁରନ୍ତଭାବଂ ଯୋଽବିଧନ୍‌ମୃତ୍ୟୁପାଶାନ୍
ଗୃହାଭିଧାନ୍ ।'' ୪୧ ।
(ଶ୍ରୀମଦ୍ଭାଗବତ – ଦଶମ ସ୍କନ୍ଧ, ୨୩ଶ ଅଧ୍ୟାୟ)

ଅର୍ଥାତ୍, ''ଆମ୍ଭମାନଙ୍କ ଜନ୍ମ ବଡ଼ ଉଚ୍ଚ କୁଳରେ ହେବା, ଗାୟତ୍ରୀ ଗ୍ରହଣ କରି ଦ୍ୱିଜାତି ହେବା, ବେଦାଧ୍ୟୟନ କରିବା, ବଡ଼ ବଡ଼ ଯଜ୍ଞ କରିବା, ଏସବୁକୁ ଧିକ୍କାର । ଆମ୍ଭେମାନେ ଭଗବାନ୍ ଶ୍ରୀକୃଷ୍ଣଙ୍କୁ ଚିହ୍ନି ନ ପାରି, ତାଙ୍କୁ ଭକ୍ତି ନ କରି, ତାଙ୍କ ବିମୁଖ ହେଲୁ; ତେବେ ଏସବୁ କେଉଁ କାର୍ଯ୍ୟରେ ଲାଗିଲା ? ଆମ୍ଭମାନଙ୍କ ବିଦ୍ୟା ବ୍ୟର୍ଥ ହେଲା, ଆମ୍ଭମାନଙ୍କ ବ୍ରତ ନିରର୍ଥକ ହେଲା, ଆମ୍ଭମାନଙ୍କ ବହୁ ଜ୍ଞାନ ଅଜ୍ଞାନରେ ପରିଣତ ହେଲା । ଉଚ୍ଚ ବଂଶରେ ଜନ୍ମହେବା, କର୍ମକାଣ୍ଡରେ ନିପୁଣ ହେବାରେ କୌଣସି ଲାଭ ହେଲା ନାହିଁ ।

''ନିଶ୍ଚୟହିଁ ଭଗବାନଙ୍କ ମାୟା ବଡ଼ ବଡ଼ ଯୋଗୀମାନଙ୍କୁ ମୋହିତ କରିଦିଏ । ଆମ୍ଭେମାନେ ମନୁଷ୍ୟମାନଙ୍କ ଗୁରୁ-ବ୍ରାହ୍ମଣ ହୋଇ ମଧ୍ୟ ଯଥାର୍ଥ ସ୍ୱାର୍ଥ ଏବଂ ପରମାର୍ଥ ସମ୍ବନ୍ଧେ ଏକେବାରେ ଭ୍ରମରେ ପଡ଼ିଗଲୁ । କେତେ ଆଶ୍ଚର୍ଯ୍ୟର ବିଷୟ ! ଏହି ସ୍ତ୍ରୀମାନଙ୍କର ଜଗଦ୍‌ଗୁରୁ ଶ୍ରୀକୃଷ୍ଣଙ୍କ ପ୍ରତି ଅଖଣ୍ଡ ପ୍ରେମ ଓ ଅନୁରାଗ ! ତାହାଦ୍ୱାରା ଏମାନେ ଗୃହ ସଂସାରର ବହୁତ ବଡ଼ ଫାଶ କାଟି ପକାଇଲେ, ଯାହା ମୃତ୍ୟୁ ସଙ୍ଗେ ସଙ୍ଗେ ବି ଦୂର ହୁଏ ନାହିଁ ।''

ଏହାର ପର ଶ୍ଲୋକରେ କହିଛନ୍ତି, ''ଏମାନଙ୍କୁ ପତ୍ନୀରୂପେ ପାଇ ଆମ୍ଭେମାନେ ମଧ୍ୟ ଆଜି ଧନ୍ୟ ହୋଇଗଲୁ ।''

ବ୍ରାହ୍ମଣମାନେ ପଣ୍ଡିତ, ଶାସ୍ତ୍ରଜ୍ଞ ଓ କର୍ମନିଷ୍ଠ ଥିଲେ । ସେମାନେ ସ୍ୱୟଂ ସ୍ୱୀକାର କରନ୍ତି ଯେ, ''ଏହାଦ୍ୱାରା ଆମ୍ଭେମାନେ ଶାସ୍ତ୍ରର ଯଥାର୍ଥ ରହସ୍ୟ ବୁଝି ନାହୁଁ ।'' ଏଥିରୁ ସ୍ପଷ୍ଟ ବୁଝାଯାଉଛି ଯେ ସମର୍ପଣ ଛଡ଼ା କେବଳ ନୈତିକତା, କର୍ମନିଷ୍ଠା, ଶାସ୍ତ୍ର ଜ୍ଞାନ ଦ୍ୱାରା ପରମଜ୍ଞାନ, ଭକ୍ତି ଏବଂ ଅନ୍ତର ସତ୍ୟ-ଦୃଷ୍ଟି ପ୍ରାପ୍ତ ହୁଏ ନାହିଁ । ମନୁଷ୍ୟ ନିଜର ଯଥାର୍ଥ କଲ୍ୟାଣ-ମାର୍ଗ ମଧ୍ୟ ନିର୍ବାଚନ କରିପାରେ ନାହିଁ, କିନ୍ତୁ ନୈତିକତା ଏହାର ସହାୟକ ହୋଇପାରେ ।

ବ୍ରାହ୍ମଣମାନଙ୍କୁ ଭଗବତ୍ କୃପା ପ୍ରାପ୍ତ ହେବାର ଦୁଇଟି କାରଣ ଥିଲା । ସେମାନଙ୍କ କର୍ମରେ କୃତ୍ରିମତା ନ ଥିଲା । ଆଉ ସେମାନଙ୍କ ସ୍ତ୍ରୀମାନେ ଭଗବତ୍ ଭକ୍ତା ଥିଲେ । ଭଗବତ୍ ପ୍ରାପ୍ତି ସକାଶେ ସେମାନେ ସଚ୍ଚା ପତିବ୍ରତା ଧର୍ମ ପାଳନ କରୁଥିଲେ । ସେମାନଙ୍କ ସଙ୍ଗ ପ୍ରଭାବରେ ବ୍ରାହ୍ମଣମାନେ ଭଗବତ୍ ଭକ୍ତି ଲାଭକରି ପାରିଥିଲେ ।

ପ୍ରଶ୍ନ ହେବ, ଯେକୌଣସି ବ୍ୟକ୍ତି ଭକ୍ତର ସମ୍ପର୍କରେ ଭଗବାନଙ୍କ କୃପା ପ୍ରାପ୍ତି କରିପାରେ ଏପରି ତ ଦେଖାଯାଇ ନାହିଁ ?

ପେଟ ଭିତରେ ବହୁତ ମଳ ଜମା ଥିଲେ ଔଷଧ ବିଶେଷ କାମ କରିପାରେ ନାହିଁ । ଘରର ଦ୍ୱାରକୁ କଳା ମୋଟା ପରଦାରେ ବନ୍ଦ ରଖିଲେ ଆଲୋକ ବିଶେଷ ପ୍ରବେଶ କରିପାରେ ନାହିଁ । ସେହପରି ଚୋରି, ହିଂସାଦି ଅସତ୍ ଆଚରଣ କରି ଭକ୍ତ-ସଙ୍ଗ ପ୍ରାପ୍ତ କଲେ ହଠାତ୍ ବିଶେଷ ଲାଭ ହୁଏ ନାହିଁ । କିନ୍ତୁ ବ୍ରାହ୍ମଣମାନେ ସେପରି ନ ଥିଲେ । ସେମାନେ ନୈତିକ ନିୟମ ଅନୁସାରେ ସଚ୍ଚାଭାବରେ କର୍ମ ସମ୍ପାଦନ କରୁଥିଲେ । କେବଳ ଥିଲା କର୍ମର ଆବରଣ । ପତ୍ନୀମାନଙ୍କ ଦ୍ୱାରା ଭଗବତ୍ କୃପା ପାଇ ତାହା ଦୂରୀଭୂତ ହେଲା । ଯେଉଁମାନେ ନୈତିକତା ନାମରେ ମିଛ କହି ଦଗାବାଜିରେ ଅନ୍ୟକୁ ଠକୁଛନ୍ତି, ସେମାନଙ୍କୁ ନୀତିବାଦୀ କୁହାଯାଏ ନାହିଁ ।

ମନର ବିଚାରରେ ପ୍ରେରିତ ହୋଇ ବିହିତ କର୍ମ କରିବା ନୈତିକତା । ଆନ୍ତର ପ୍ରେରଣାରେ, ସତ୍ୟ-ଦୃଷ୍ଟିରେ ଭଗବତ୍ ଯନ୍ତ୍ର ହୋଇ କର୍ମ କରିବା ହେଲା ଆଧ୍ୟାତ୍ମିକତା । ଏହାହିଁ ନୈତିକତା ଏବଂ ଆଧ୍ୟାତ୍ମିକତା ମଧ୍ୟରେ ପ୍ରଭେଦ ।

(ସମାପ୍ତ)

*(ଶ୍ରୀ ରାମକୃଷ୍ଣ ଦାସଙ୍କ ରଚନା ସଂଗ୍ରହ,*
ପ୍ରଥମ ଖଣ୍ଡ, ପୃଷ୍ଠା : ୯୧-୯୫)

❑❑❑

# ଭବିଷ୍ୟତର ଆହ୍ୱାନ

## ପ୍ରପତ୍ତି

ଶ୍ରୀଅରବିନ୍ଦ ମାନବଜାତିର କଲ୍ୟାଣାର୍ଥେ ଯାହା କରି ଯାଇଛନ୍ତି, ତାହା କେହି କେବେ କଳ୍ପନା କରି ପାରିବେ ନାହିଁ । ସେ ଚାହିଁଛନ୍ତି ପୃଥିବୀପୃଷ୍ଠରେ ଏକ ନୂତନ ମାନବଜାତି, ନୂତନ ସମାଜ, ଏକ ନୂତନ ସୃଷ୍ଟି । ଏହି ନୂତନ ସୃଷ୍ଟି ଏକ ନୂତନ ଚେତନାର ପ୍ରତିଷ୍ଠା ଦ୍ୱାରା ହିଁ ସମ୍ଭବ ହେବ । ଏହି ନୂତନ ଚେତନାର ସକ୍ରିୟତା, ଅର୍ଥାତ୍ ପରିଚାଳନା ଓ ନିୟନ୍ତ୍ରଣ ଏବଂ କାର୍ଯ୍ୟକାରିତା ଉପରେ ସବୁକିଛି ନିର୍ଭର କରେ । ଏହି ଚେତନାର ଆବିର୍ଭାବ ବିଶ୍ୱ ସୃଷ୍ଟିର ବିବର୍ତ୍ତନଧାରାରେ ଅବଶ୍ୟମ୍ଭାବୀ । ଏହା ଯେକୌଣସି ବ୍ୟକ୍ତି ଯୁକ୍ତି ଓ ଚିନ୍ତା ସାହାଯ୍ୟରେ ଉପଲବ୍ଧି ଓ ନିର୍ଦ୍ଧାରଣ କରି ପାରିବ । ଯଥାର୍ଥରେ ଏହି ଚେତନାର ସ୍ୱରୂପ କ'ଣ, କାହିଁକି ଏହାର ପ୍ରକାଶ ପୃଥିବୀର କ୍ରମୋତ୍ତରଣ ପଥରେ ଅବଶ୍ୟମ୍ଭାବୀ ଏବଂ ଏହା ପ୍ରତିଷ୍ଠିତ ହେଲେ କି କି ବିଶେଷ ପରିବର୍ତ୍ତନ ହେବ, – ଏ ସମ୍ବନ୍ଧରେ ଶ୍ରୀଅରବିନ୍ଦ ତଦୀୟ 'ଦିବ୍ୟଜୀବନ' ଗ୍ରନ୍ଥ ଓ ଅନ୍ୟାନ୍ୟ ବହୁ ପୁସ୍ତକରେ ବିସ୍ତୃତଭାବେ ଆଲୋଚନା କରିଛନ୍ତି । ଆମ୍ଭେମାନେ ଯେଉଁ ନୂତନ ଭବିଷ୍ୟତ୍ ଦିଗରେ ଅଗ୍ରସର ହେଉଛୁ, ଯେଉଁ ଭବିଷ୍ୟତର ବିଷୟ ଶ୍ରୀଅରବିନ୍ଦ ବାରଂବାର ଘୋଷଣା କରିଛନ୍ତି ତାହା ହେଲା ଏହି ଅତିମାନସ ସୃଷ୍ଟି ।

ଚେତନା ହିଁ ଶକ୍ତି, ସାମର୍ଥ୍ୟ, ତେଜ ଏବଂ ଏହା ସୂକ୍ଷ୍ମ ଓ ସ୍ଥୂଳର ମୂଳ ତତ୍ତ୍ୱ ଓ ସୃଷ୍ଟିର ଆଦିମ ରହସ୍ୟ । ସକଳ ସୃଷ୍ଟିର ମୂଳରେ ଏହି ଚେତନା ହିଁ ବିଦ୍ୟମାନ । ଜଡ଼, ପ୍ରାଣ ଓ ମନ ଏହି ସାର୍ବଭୌମ ଚେତନାର ବିଭିନ୍ନ ପାହାଚ । ବର୍ତ୍ତମାନ ଜଗତରେ ମନ ହିଁ ହେଲା ପ୍ରକାଶିତ ଚେତନାର ସର୍ବୋଚ୍ଚ ଭୂମି । ଅନ୍ୟ କଥାରେ ବର୍ତ୍ତମାନ ମନ ବିବର୍ତ୍ତମାନ ଚେତନାର ହିଁ ସର୍ବୋଚ୍ଚ ଭୂମି । କିନ୍ତୁ ଏହି ଅବସ୍ଥାରେ ଚେତନା ଖଣ୍ଡିତ, ଅର୍ଦ୍ଧସ୍ଫୁଟ, ଅପରିଣତ ଓ ଅବିକଶିତ । ମନ ପୂର୍ଣ୍ଣ ଚେତନାର ଭୂମି ନୁହେଁ । ମନରେ ପୂର୍ଣ୍ଣ ଜ୍ୟୋତିର୍ମୟତା ନାହିଁ । ସ୍ୱଚ୍ଛତା, ଦୀପ୍ତତା ବା ସ୍ପଷ୍ଟତା ମଧ୍ୟ ନାହିଁ । ସେଥିପାଇଁ ମନର ଯୁକ୍ତିବୁଦ୍ଧି, ବିଚାର ଓ ମନୀଷା ପ୍ରାଣଶକ୍ତି ଉପରେ ପ୍ରଭାବ ବିସ୍ତାର କରିପାରେ ନାହିଁ । ପ୍ରାଣ ଆହୁରି ଅପରିଣତ, ଦୁର୍ଦ୍ଦାନ୍ତ ଓ ଅସଂସ୍କୃତ ହୋଇ ପଡ଼ି ରହେ । ମନର ଉର୍ଦ୍ଧ୍ୱରେ ରହିଛି ବହୁ ବିଭିନ୍ନ ଭୂମି – ପୂର୍ଣ୍ଣ ଚେତନାର ଦିଗରେ ବିଭିନ୍ନ ପାବଚ୍ଛ । ଏହିସବୁ ସୋପାନଗୁଡ଼ିକ ନିର୍ଣ୍ଣୟ କରି ଶ୍ରୀଅରବିନ୍ଦ ଉଲ୍ଲେଖ କରିଛନ୍ତି ଯେ ପୂର୍ଣ୍ଣ ଚେତନା, ପୂର୍ଣ୍ଣ ଜ୍ଞାନ, ପୂର୍ଣ୍ଣ ଆନନ୍ଦ ଓ ପୂର୍ଣ୍ଣ ଶକ୍ତିରେ ପ୍ରବେଶ କରିବା ପୂର୍ବରୁ ଏହିସବୁ ଭୂମିଗୁଡ଼ିକୁ ଅତିକ୍ରମ କରିବା ଅନିବାର୍ଯ୍ୟ । କିନ୍ତୁ ବିବର୍ତ୍ତନରେ ଏହି ବିଭିନ୍ନ ସ୍ତର ସମୂହର କ୍ରିୟାବଳୀ କିଛି ଦେଖିବାକୁ ମିଳେ । ଏହି ସ୍ତରଗୁଡ଼ିକ ହେଲା ଉଚ୍ଚତର ମାନସ, ପ୍ରଦୀପ୍ତ ମାନସ, ବୋଧି ମାନସ, ଅଧିମାନସ ଓ ଅତିମାନସ । ଅର୍ଥାତ୍ ମନୋଭୂମି ପରେ ପରେ ଏବଂ ଅତିମାନସ (Supermind)ରେ ପହଞ୍ଚିବା ପୂର୍ବରୁ ଚାରୋଟି ପର୍ଯ୍ୟାୟ ଦେଖିବାକୁ ମିଳେ, – ତାହା ହିଁ ହେଲା ଉଚ୍ଚତର ମାନସ, ପ୍ରଦୀପ୍ତ ମାନସ, ବୋଧି ମାନସ ଏବଂ ଅଧିମାନସ । ବର୍ତ୍ତମାନ ପୃଥିବୀରେ ସର୍ବୋଚ୍ଚ ଅଧ୍ୟାତ୍ମଚେତନା ରୂପେ ଅଧିମାନସ ଚେତନା ହିଁ ରହିଛି । ଅଧିମାନସ ଭୂମି ହେଲା ଦେବ-ଦେବୀମାନଙ୍କର ଭୂମି; ବ୍ରହ୍ମା, ବିଷ୍ଣୁ, ମହେଶ୍ୱର, କାଳୀ ଏବଂ ଦୁର୍ଗା ଏହି ଭୂମିର ଦେବତା । କିନ୍ତୁ ଅତିମାନସ ଏହାଠାରୁ ଉଚ୍ଚତର ଭୂମି, ଏଠାରେ ପୂର୍ଣ୍ଣ ଚେତନା, ପୂର୍ଣ୍ଣ ଶକ୍ତି, ପୂର୍ଣ୍ଣ ଜ୍ଞାନ ଓ ପୂର୍ଣ୍ଣ ଆନନ୍ଦ ଅବସ୍ଥିତ । ଏହି ଭୂମିର ଅବତରଣ ଫଳରେ ଅର୍ଥାତ୍ ପୃଥିବୀରେ ଏହି ଚେତନାକୁ ଯଦି ପ୍ରତିଷ୍ଠା କରାଯାଇପାରେ ତେବେ ବର୍ତ୍ତମାନ ସୃଷ୍ଟିର ଏକ ଆମୂଳଚୂଳ ପରିବର୍ତ୍ତନ ହେବ । ବର୍ତ୍ତମାନ ମନୁଷ୍ୟ ଯାହା, – ଅର୍ଥାତ୍ ତାହାର ସ୍ୱଭାବ, କର୍ମ ଓ ଅଭ୍ୟାସ ତାହାର ଖଣ୍ଡିତ ଚେତନାର ଅନୁପାତରେ ଯେପରି ତିଆରି ହୋଇଛି ତା'ର ପରିବର୍ତ୍ତନ ହେବ ।

ମନୁଷ୍ୟର ବ୍ୟକ୍ତିତ୍ୱର ମୂଳରେ ତାହାର ଚେତନା ହିଁ ବିଦ୍ୟମାନ । ତାହା ମଧ୍ୟରେ ଚେତନାର ବହୁ ବିଭିନ୍ନ ସ୍ତର ରହିଛି । ଏହି ଚେତନାକୁ ଯଦି ଉଜ୍ଜ୍ୱଳ, ସ୍ୱଚ୍ଛ, ସାର୍ବଭୌମ ଓ ଈଶ୍ୱରାଭିମୁଖୀ କରାଯାଇପାରେ, ଜୀବନର ପଟ୍ଟଭୂମିର ପରିବର୍ତ୍ତନ ସଙ୍ଗେ ସଙ୍ଗେ ଅଭ୍ୟାସ ଓ କର୍ମରାଜିର ପରିବର୍ତ୍ତନ ହେବ ଏବଂ ଧୀରେ ଧୀରେ ସମଗ୍ର ଆନ୍ତର ଚେତନାର ପ୍ରବାହ ପରିବର୍ତ୍ତିତ ହୋଇ ପ୍ରାଣ ଓ ମନ ପରିଶୁଦ୍ଧ, ସଂଯତ ହୋଇ ରୂପାନ୍ତରିତ ମଧ୍ୟ ହୋଇଯାଇ ପାରିବ । ପୂର୍ଣ୍ଣ ଚେତନାର ପ୍ରକ୍ରିୟା ଦିବ୍ୟ, ଆଧ୍ୟାତ୍ମିକ, ଶୁଦ୍ଧ ଓ ଜ୍ୟୋତିର୍ମୟ । ଯଦି ବର୍ତ୍ତମାନ ଜୀବନ ଓ କର୍ମ ମଧ୍ୟରେ

ଏହି ଚେତନାର ସମ୍ପର୍କ ସ୍ଥାପିତ ହୋଇପାରେ ଏବଂ ଏହି ଚେତନାର ପ୍ରଭାବକୁ ଅଣାଯାଇ ବର୍ତ୍ତମାନ ଅପୂର୍ଣ୍ଣ, ଖଣ୍ଡିତ ଓ ଦ୍ୱିଧାଯୁକ୍ତ ଚେତନାର ସ୍ଥାନରେ ସ୍ଥାପନା କରାଯାଇ ପାରେ, ତେବେ ମନୁଷ୍ୟର ଜୀବନଧାରା ଏବଂ ତତ୍ ସଙ୍ଗେ ସଙ୍ଗେ ସମଗ୍ର ସୃଷ୍ଟିର ମଧ୍ୟ ପରିବର୍ତ୍ତନ ହେବ । ଶ୍ରୀଅରବିନ୍ଦ କହୁଛନ୍ତି ଯେ ଏହି ନୂତନ ଚେତନାର ଆବିର୍ଭାବ ଫଳରେ ମାନବଜୀବନ ଜରା, ରୋଗ ଓ ମୃତ୍ୟୁର ଅଧୀନରୁ ମୁକ୍ତ ହୋଇ ଅମରତ୍ୱ ଲାଭ କରିବ ଏବଂ ତାହା ହିଁ ହେବ ଦିବ୍ୟଜୀବନ । ଏହି ନୂତନ ଦିବ୍ୟ-ଜୀବନ ପ୍ରତିଷ୍ଠିତ ହେବ ଅତିମାନସର ପ୍ରକ୍ରିୟା ଫଳରେ । ବର୍ତ୍ତମାନର ମନୁଷ୍ୟ ବି ପରିବର୍ତ୍ତିତ ହୋଇ ପାରିବ ଏବଂ ନୂତନଭାବେ ଦେବ-ମାନବର ମଧ୍ୟ ଆବିର୍ଭାବ ହୋଇ ପାରିବ । ଶ୍ରୀଅରବିନ୍ଦ ଏହିସବୁ ବିଷୟ ‘‘ପୃଥିବୀପୃଷ୍ଠରେ ଅତିମାନସର ଅବତରଣ’’ (The Supramental Manifestation upon Earth) ନାମକ ପୁସ୍ତକରେ ଆଲୋଚନା କରିଛନ୍ତି ।

ସୁତରାଂ ଶ୍ରୀଅରବିନ୍ଦ ଯେଉଁ ନୂତନ ମାନବଜାତିର କଥା କହୁଛନ୍ତି ତାହା ଏକ ସମ୍ପୂର୍ଣ୍ଣ ନୂତନ ସୃଷ୍ଟି; ତାହା କୌଣସି ନୈତିକ ବା ଧର୍ମପ୍ରାଣ, ଅଳ୍ପ-ବେଶୀ ଅଧ୍ୟାତ୍ମଭାବସମ୍ପନ୍ନ ବ୍ୟକ୍ତି ନୁହେଁ, ତାହା ପୂର୍ଣ୍ଣ ରୂପାନ୍ତରିତ ଦିବ୍ୟପୁରୁଷ । ଅବଶ୍ୟ ଏପରି ଏକ ମନୁଷ୍ୟର ଆବିର୍ଭାବ ପୂର୍ବରୁ ଏକ ମଧ୍ୟବର୍ତ୍ତୀ ସ୍ତର ଦେଖା ଦେବ । ଏହି ଅବସ୍ଥାରେ ମନୁଷ୍ୟର ଚେତନାରେ ପରିବର୍ତ୍ତନ ହୋଇଥିଲେ ମଧ୍ୟ ବାହାରେ ବିଶେଷ କିଛି ପରିବର୍ତ୍ତନ ଦେଖା ଦେବ ନାହିଁ । ଅବଶ୍ୟ ସେ ଦୀର୍ଘାୟୁ, ସ୍ୱାସ୍ଥ୍ୟବାନ୍, ନୀରୋଗ ଓ ଶୁଦ୍ଧ ପ୍ରାଣ ଓ ଜ୍ୟୋତିର୍ମୟ ମନର ଅଧିକାରୀ ହେବ । ତା'ର ଶାରୀରିକ, ପ୍ରାଣିକ ଓ ମାନସିକ ସତ୍ତା ଓ ତତ୍ତ୍ୱ ବହୁ ଭାବରେ ପରିବର୍ତ୍ତିତ ହେବା ଫଳରେ ଆଗାମୀ କାଳର ଏକ ନୂତନ ମାନବଜାତି ଆବିର୍ଭୂତ ହେବାର ପଥ ପରିଷ୍କାର ହେବ ।

କିନ୍ତୁ ଏହି କାର୍ଯ୍ୟ ସମ୍ଭବ ହେବ କେଉଁ ଉପାୟରେ ? କିପରି ଭାବରେ ମନୁଷ୍ୟ ଏହି ନୂତନ ପରିବର୍ତ୍ତନ ଦିଗରେ ଅଗ୍ରସର ହେବ । ନୂତନ ସମାଜ ପ୍ରତିଷ୍ଠାର ଅର୍ଥ ହିଁ ନୂତନ ତତ୍ତ୍ୱରେ ଗଠିତ ନୂତନ ମନୁଷ୍ୟର ଆବିର୍ଭାବ ।

ଏହି ମହାନ୍ କାର୍ଯ୍ୟର ଦୁଇଟି ଦିଗ ଅଛି । ସାର୍ବଜନୀନ ବିଶ୍ୱ ପ୍ରକୃତିର ଏକ ପ୍ରକ୍ରିୟା ଚାଲିଛି ଯାହା କ୍ରମୋନ୍ନତି ପଥରେ ମନୁଷ୍ୟକୁ ଧୀରେ ଧୀରେ ନେଇ ଯାଉଛି । କିନ୍ତୁ ଏହି ଗତିଧାରା ଅତ୍ୟନ୍ତ ଶିଥିଳ, ବକ୍ର ଓ କୁଟିଳ । ଏହା ହିଁ ପ୍ରାକୃତିକ ବିବର୍ତ୍ତନ । ଏହି ବିବର୍ତ୍ତନର ଧାରାକୁ ତ୍ୱରାନ୍ୱିତ, ସରଳ ଓ ସୁସ୍ପଷ୍ଟ କରାଇବା ନିମିତ୍ତ ଦିବ୍ୟ-ଅତିମାନସ ଶକ୍ତିର ଅବତରଣ ଘଟିଲା । ଏହି ଅବତରଣ ଫଳରେ ବିଶ୍ୱପ୍ରକୃତି ମଧ୍ୟରେ, ଅଜ୍ଞାନ, ଅନ୍ଧକାର ଓ ତାମସ ମଧ୍ୟରେ ଏକ ସର୍ବସାମର୍ଥ୍ୟଯୁକ୍ତ, ସ୍ୱୟମ୍ଭୁ ପରମା ଜ୍ୟୋତିର୍ମୟୀ ଶକ୍ତିର ଆବିର୍ଭାବ ଫଳରେ ଅକଳ୍ପନୀୟ ପରିଣାମ ଦେଖା ଦେବ । ପ୍ରଥମତଃ, ପାର୍ଥିବ ପ୍ରକୃତି ଏହି ପୂର୍ଣ୍ଣ ଜ୍ଞାନମୟୀ ଦିବ୍ୟଶକ୍ତିର ଭାର ବହନ ନ କରିପାରି ଏହାକୁ ପ୍ରତ୍ୟାଖ୍ୟାନ କରିବ । ଏହା ହିଁ ଅନେକ ପରିମାଣରେ ବ୍ୟକ୍ତିଗତ ଓ ବିଶ୍ୱଗତ ଜୀବନରେ ଘଟିଛି । ସାଧାରଣତଃ ଆମ୍ଭେମାନେ ଦିବ୍ୟ ପ୍ରକୃତିର ଭାର ବହନ କରିବାକୁ ଅସ୍ୱୀକାର କରୁ । ଏହା ଦ୍ୱାରା ଆମର ଚିରାଚରିତ ଅଭ୍ୟାସ ଓ ଜୀବନଯାତ୍ରାରେ ବହୁ ବସ୍ତୁକୁ ବର୍ଜନ କରିବାକୁ ପଡ଼େ ।

ସେଥିପାଇଁ ଆବଶ୍ୟକ ସର୍ବାଦୌ ଏକ ସ୍ଥିର, ଅଟଳ ଓ ଦୃଢ଼ ସଂକଳ୍ପ । ଏହି ସଂକଳ୍ପ ହିଁ ହେଲା ସତ୍ତାର – ସମଗ୍ର ସତ୍ତାର କେନ୍ଦ୍ରୀୟ ଊର୍ଦ୍ଧ୍ୱଗାମୀ ଅଭୀପ୍ସା । ଏହି ଅଭୀପ୍ସା ଯଦି ବଳବତ୍ତର ହୁଏ ଏବଂ ମନୁଷ୍ୟ ଚତୁଃପାର୍ଶ୍ୱସ୍ଥ ଦିବ୍ୟଶକ୍ତିକୁ ଯଥାର୍ଥରେ ବରଣ କରିବାକୁ ପ୍ରସ୍ତୁତ ହୁଏ ତେବେ ଭାଗବତୀ ଶକ୍ତିର କ୍ରିୟା ଆରମ୍ଭ ହୁଏ ଏବଂ ସେହି ଚିରାଚରିତ ବ୍ୟକ୍ତିତ୍ୱ ନୂତନ ଭାବରେ ଗଢ଼ିଉଠେ । ଏହା ହିଁ ନବଜନ୍ମ, ନୂତନ କେନ୍ଦ୍ର ଓ ନୂତନ ଚେତନାର ଭିତ୍ତି ସ୍ଥାପନ ।

ବର୍ତ୍ତମାନ ଜଗତ୍ ଏହିପରି ଏକ ବିପୁଳ ପରିବର୍ତ୍ତନର ସମ୍ମୁଖୀନ ହୋଇଛି । ଦିବ୍ୟ-ଅତିମାନସ ଶକ୍ତିର କ୍ରିୟା ଫଳରେ ଏକ ନୂତନ ସୃଷ୍ଟିର ସମ୍ଭାବନା ଦେଖା ଦେଇଛି । ସେଥିପାଇଁ ଏପରି ଏକ ଅବ୍ୟବସ୍ଥା, ବିଶୃଙ୍ଖଳା ଓ ବିକ୍ଷୋଭ ଦେଖା ଦେଇଛି । କୌଣସି ନୂତନ ପରିସ୍ଥିତି ଦେଖା ଦେବା ପୂର୍ବରୁ ଏହିପରି ବାରଂବାର ଘଟେ । ଯେଉଁ ସାମୂହିକ, ଗୋଷ୍ଠୀଗତ ଓ ବ୍ୟଷ୍ଟିଗତ ପରିବର୍ତ୍ତନ ହେବ ତାହା ବିରାଟ ସାହସିକତା ଓ ବୀରତ୍ୱ ଉପରେ ନିର୍ଭର କରିବ ।

"Blessed are those who take a leap towards the future."

(CWM, Vol. 12, P. 313) – The Mother

‘‘ସେହିମାନେ ହିଁ ଆଶୀର୍ବାଦର ପାତ୍ର ଯେଉଁମାନେ ଭବିଷ୍ୟତ୍ ଦିଗରେ ଲମ୍ଫ ପ୍ରଦାନ କରନ୍ତି ।’’

– ଶ୍ରୀମା

ଭବିଷ୍ୟତର ଆହ୍ୱାନ ହିଁ (The challenge of the Future) ବର୍ତ୍ତମାନର ସମସ୍ୟା ।

ଯଦି ବର୍ତ୍ତମାନ ମନୁଷ୍ୟ ଏହି ଭବିଷ୍ୟତ୍-ସମସ୍ୟାର ସମ୍ମୁଖୀନ ହୋଇପାରିବ ଏବଂ ଆଗାମୀ କାଳର ଦାବିକୁ ପୂରଣ କରିପାରିବ ତେବେ ସେ ବଞ୍ଚିବ, ନଚେତ୍ ଡୁବିଯିବ, ଲୀନ ହୋଇଯିବ । କି ବିଶାଳ, ମହାନ୍, ବିରାଟ ଓ ଅକଳ୍ପନୀୟ ଏହି ଦିବ୍ୟ ସୃଷ୍ଟି ! ଏହି ନୂତନ ପରିବର୍ତ୍ତନ ! ଯେଉଁମାନେ ଏହି ପରିବର୍ତ୍ତନର ସମ୍ମୁଖୀନ ହେବେ ସେମାନଙ୍କୁ ଐକାନ୍ତିକତା (Sincerity)ର ଅଗ୍ନିରେ ବାରଂବାର ଝାସ ଦେବାକୁ ହେବ । ଏ ସୁବର୍ଣ୍ଣର ସୃଷ୍ଟି ଏବଂ ମନୁଷ୍ୟ-ବ୍ୟକ୍ତିତ୍ୱ ଯେପର୍ଯ୍ୟନ୍ତ ଶୁଦ୍ଧ ସୁବର୍ଣ୍ଣରେ ପରିଣତ ନ ହୋଇଛି ସେପର୍ଯ୍ୟନ୍ତ ଅଗ୍ନିରେ ପୋଡ଼ିବା ଓ ଝାଳି ହେବା କେବଳ ଆବଶ୍ୟକ ନୁହେଁ ବରଂ ଅନିବାର୍ଯ୍ୟ ଓ ଅବଶ୍ୟମ୍ଭାବୀ । ସମଗ୍ର ପୃଥିବୀ ଏହି ଅଗ୍ନି ପରୀକ୍ଷାରୁ ଉତ୍ତୀର୍ଣ୍ଣ ହେବ ।

ଶ୍ରୀଅରବିନ୍ଦ ଜନ୍ମ ଶତବାର୍ଷିକୀ (୧୯୭୨, ଅଗଷ୍ଟ ୧୫)ରେ ଏହି ସୁବର୍ଣ୍ଣ ସୃଷ୍ଟିର ଏକ ବିରାଟ ପଦକ୍ଷେପ ଦେଖା ଦେବ । ଏଥିପାଇଁ ଆସିଛି ଏକ ସ୍ୱତନ୍ତ୍ର ଦିବ୍ୟ-ସହାୟକାରୀ ଶକ୍ତି । ଆଜି ସ୍ଥିର, ଧୀର ଏବଂ ଏକାନ୍ତ ନିଷ୍ଠା, ବିନମ୍ରତା ସହ ଯଦି ମନୁଷ୍ୟ ଚାହେଁ ସେହି ସୁବର୍ଣ୍ଣ ସୃଷ୍ଟିର ଅଧିକାରୀ ହେବାକୁ ତେବେ ସେ ନିଜକୁ ଏହି ଦେବ-ମୁହୂର୍ତ୍ତରେ ସମ୍ପୂର୍ଣ୍ଣ ରୂପେ ଉତ୍ସର୍ଗ କରୁ ।

(ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ,
ପ୍ରଥମ ଖଣ୍ଡ, ପୃ. ୧୨୨-୧୨୫) ❑


**At last a pimple / acne treatment that *REALLY* works !!**

People from more than 16 countries have said that Tarika Pimple Remover has worked for their stubborn pimples and acne.

**Now eliminate your stubborn pimples / acne completely and safely. Results visible in 10 days!!**

*Tarika Ayurvedic Pimple Remover has been tested by doctors in Gopabandhu Ayurved Mahavidyalaya, Puri who have found the product to be extremely effective and very safe. The clinical trial report can be seen on www.ayurlabsindia.com.*

tarika

**Ayurvedic Pimple / Acne Remover**

100% Herbal - Chemical Free
No side effects
*Exported to over 16 countries*

Contact
**63800 00534 / 94422 49355**
Online Store : www.ayurlabsindia.com

Mfr: **Ayurlabs India**, Pondicherry 605001.Ph: 0413-2224935,2339477 Email: ayurlabs@gmail.com

କାହାଣୀ :

# ଭୟ

## ମନୋଜ ଦାସ

କାହିଁ କେତେ ଯୁଗ ତଳର କଥା । ଜଣେ ରାଜା ଥିଲେ । ନାମ ତାଙ୍କର ମହାପିଙ୍ଗଳ । ସେମିତି ନିର୍ମମ ଓ କ୍ରୋଧୀ ରାଜା ସାରା ଭାରତ ଭୂଖଣ୍ଡରେ ଦ୍ୱିତୀୟ କେହି ନଥିଲେ । ସାମାନ୍ୟ ଅପରାଧରେ, ଏପରିକି ବିନା ଅପରାଧରେ ପ୍ରଜାମାନଙ୍କୁ ପିଟାପିଟି କରିବା, କାନ କାଟିଦେବା, ଦାନ୍ତ ଭାଙ୍ଗିଦେବା ଇତ୍ୟାଦି ଥିଲା ସେ ରାଜାଙ୍କର ଅଭ୍ୟାସ । ପ୍ରତିଦିନ ସେମିତି କିଛି ନ କରିପାରିଲେ ସେ ରାତିରେ ଶୋଇପାରୁ ନଥିଲେ ।

ତାଙ୍କରି ପୁଅ ରୂପେ ଜନ୍ମଗ୍ରହଣ କରିଥିଲେ ବୋଧିସତ୍ତ୍ୱ ଅର୍ଥାତ୍ ନିଜର ଅନେକ ପୂର୍ବଜନ୍ମ ଭିତରେ ଥରେ ବୁଦ୍ଧ ତାଙ୍କରି ଉତ୍ତରାଧିକାରୀ ହୋଇଥିଲେ । ଲୋକେ ରାଜା ମହାପିଙ୍ଗଳଙ୍କୁ ଯେତିକି ଘୃଣା କରୁଥିଲେ, ରାଜକୁମାର ରୂପେ ଜନ୍ମିଥିବା ସାଧୁ, ସଦୟ ଓ ବିଜ୍ଞ ବୋଧିସତ୍ତ୍ୱଙ୍କୁ ସେତିକି ଶ୍ରଦ୍ଧା ଓ ସମ୍ମାନ କରୁଥିଲେ ।

ଦିନେ ରାଜାଙ୍କର ମୃତ୍ୟୁ ହେଲା । ଲୋକେ ଉପରେ ଶୋକ ପ୍ରକାଶ କଲେ, କିନ୍ତୁ ଅନ୍ତରରେ ଆଶ୍ୱସ୍ତ ହେଲେ । ସେତିକି ନୁହେଁ, ଯେହେତୁ ଏଥର ବୋଧିସତ୍ତ୍ୱ ସିଂହାସନରେ ବସିବେ ସେପାଇଁ ସଭିଏଁ ଅତ୍ୟନ୍ତ ଆନନ୍ଦିତ ମଧ୍ୟ ହେଲେ ।

ରାଜାଙ୍କର ଶ୍ରାଦ୍ଧକ୍ରିୟା ପରେ ବୋଧିସତ୍ତ୍ୱଙ୍କ ଅଭିଷେକ ହେବାର ଦିନ ଓ ସମୟ ସ୍ଥିର ହେଲା । ଶୋଭାଯାତ୍ରା ଯୋଗେ ରାଜକୁମାରଙ୍କୁ ଦେବ ମନ୍ଦିରକୁ ନିଆଗଲା । ରାଜ୍ୟସାରା ଉତ୍ସବ ଲାଗିଥାଏ । ରାଜଧାନୀରେ ସୁସଜ୍ଜିତ ତୋରଣମାନ ନିର୍ମିତ ହୋଇଥାଏ । ରାଜକୁମାର ମନ୍ଦିରରୁ ଫେରିବା ବେଳେ ପଥ ମଧ୍ୟରେ ମନ୍ତ୍ରୀ, ପାତ୍ରମିତ୍ର, ଅମାତ୍ୟ ଓ ଜନସାଧାରଣ ତାଙ୍କୁ ନାନା ପ୍ରକାରେ ଅଭିନନ୍ଦନ ଜଣାଉଥା'ନ୍ତି । ସମସ୍ତଙ୍କ ମୁହଁରେ ହସ ।

କିନ୍ତୁ ରାଜକୁମାର ନିଜ ନଅର ପାଖକୁ ଆସିବାବେଳେ ଲକ୍ଷ୍ୟ କଲେ ଜଣେ ଲୋକ ମୁହଁରେ ଆନନ୍ଦର କୌଣସି ସାମାନ୍ୟ ଚିହ୍ନ ନାହିଁ, ସେ ହସିବା ତ ଦୂରର କଥା । ଆହୁରି ପାଖକୁ ଆସି ରାଜକୁମାର ଲକ୍ଷ୍ୟ କଲେ ଲୋକଟି ଥରୁଛି ।

ସେ ଲୋକ ପୁଣି ଆଉ କେହି ନୁହେଁ, ନଅରର ପ୍ରଧାନ ଦ୍ୱାର ରକ୍ଷକ ! ଭଲ ପୋଷାକ ପିନ୍ଧିଛି; ହାତରେ ଲାଠି; ଅଣ୍ଟାରେ ତରବାରି ।

ରାଜକୁମାର ତା' ପାଖକୁ ଲାଗି ଆସିବାର ଦେଖି ଦ୍ୱାର ରକ୍ଷକ ଆହୁରି ଜୋର୍‌ରେ ଥରିଲା । ରାଜକୁମାର ତା' କାନ୍ଧରେ ହାତ ପକାଇ ପଚାରିଲେ, ''କଥା କ'ଣ ? ତୁମେ ଏମିତି ଆତଙ୍କିତ କାହିଁକି ?''

ଲୋକଟି ପ୍ରଥମେ କୌଣସି ଉତ୍ତର ଦେଲା ନାହିଁ । କିନ୍ତୁ ରାଜକୁମାର ତାକୁ ଖୁବ୍ ସାହସ ଦେଇ ବାରଂବାର ପ୍ରଶ୍ନ କରନ୍ତେ ସେ କହିଲେ କି ରାଜା ମହାପିଙ୍ଗଳ କାଳେ ଫେରିଆସୁଛନ୍ତି ଭାବି ସେ ଆତଙ୍କିତ ହୋଇଥିଲା ।

''ରାଜା ଫେରି ଆସିଥିଲେ ତୁମେ ଆତଙ୍କିତ ହେବାର କାରଣ ?'' ରାଜକୁମାର ପଚାରିଲେ ।

''ଆଜ୍ଞା, ରାଜାଙ୍କର ଗୋଟାଏ ବିଶେଷ ଧରଣର ସଉକ ଥିଲା । ଯେତେବେଳେ ସେ ନଅରରୁ ବାହାରି ଯାଉଥିଲେ, ପ୍ରବଳ ଅଟ୍ଟହାସ୍ୟ ସହକାରେ ମୋତେ ଗୋଟାଏ ଧକ୍କା ଦେଉଥିଲେ । ନଅରକୁ ଫେରିବା ବେଳେ ବି ସେଇଆ କରୁଥିଲେ । ମୁଁ ତଳେ ପଡ଼ି ଯାଉଥିଲି । ଥରେ ଥରେ ଗଡ଼ି ଗଡ଼ି ଯାଇ ରାସ୍ତାରେ ପଡୁଥିଲି । ସେହି ଭୟରେ ମୁଁ ଥରୁଥିଲି ।'' ସେ କହିଲା ।

''ରାଜାଙ୍କ ମୃତଦେହ ନଅର ଭିତରୁ ବାହାରକୁ ନେବାବେଳେ ତୁମେ ଏଠାରେ ଥିଲଟି ? ରାଜା ଆଉ ନାହାନ୍ତି ବୋଲି କ'ଣ ତୁମକୁ ଜଣା ନାହିଁ ?'' ପଚାରିଲେ ରାଜକୁମାର ।

ଲୋକଟି ଡରି ଡରି କହିଲା, ''ଆଜ୍ଞା, ମୋର ଡର ହେଲା ରାଜା ଯେତେବେଳେ ଯାଇ ଯମଲୋକରେ ପହଞ୍ଚିବେ ସେତେବେଳେ ଫାଟକ ପାଖରେ ଯମରାଜାଙ୍କୁ ଦେଖିବା ମାତ୍ରେ ନିଜ ଅଭ୍ୟାସ ଯୋଗୁଁ ଗୋଟାଏ ବିଧା ଚଢ଼ାଇବେ । ଯମରାଜା ବି ତାଙ୍କୁ ବିଧାଦେଇ ପୁଣି ତଳକୁ ପଠାଇ ଦେବେ । ରାଜା ନଅରରେ ପଶିବା ବେଳେ ମୋତେ ଦୁଇ ତିନିଦିନ ବିଧା ଦେଇ ନ ଥିବାର ବାବଦରେ ପ୍ରଚଣ୍ଡ ବିଧାଟିଏ ଦେବେ । ଏହି ଆଶଙ୍କାରେ ମୁଁ ଗତ କେତେ ରାତି ଧରି ଶୋଇପାରି ନାହିଁ ।''

ରାଜକୁମାର ଦ୍ୱାର ରକ୍ଷକକୁ ବୁଝାଇଲେ – ପ୍ରସ୍ତ ପ୍ରସ୍ତ କାଠତଳେ ଥାଇ ଅଗ୍ନି ଯୋଗେ ରାଜା ମହାପିଙ୍ଗଳଙ୍କ ଦେହ ପାଉଁଶ ହୋଇ ଯାଇଛି । ତାଙ୍କଠାରୁ ଆଉ ବିଧା ମିଳିବାର ତିଳେ ମଧ୍ୟ ଆଶଙ୍କା ନାହିଁ ।

କ୍ରମେ ଦ୍ୱାର ରକ୍ଷକ ମୁହଁରୁ ଆତଙ୍କ ଭାବ ଲିଭିଯାଇ ତାହା ସ୍ୱାଭାବିକ ହେଲା । ସେ ରାଜକୁମାରଙ୍କୁ ପ୍ରଣାମ କଲା ଏବଂ ବହୁବର୍ଷ ପରେ ତା' ମୁହଁରେ ହସ ଫୁଟିଲା ।

(ଉତ୍ସ : ଜାତକ ଗଳ୍ପ) ❑

ଭୟ ହେଉଛି ଲୁକ୍କାୟିତ ହୋଇ ରହିଥିବା ଏକ ସମ୍ମତି । ତୁମେ ଯେତେବେଳେ କୌଣସି ଜିନିଷକୁ ଭୟ କର, ଏହାର ଅର୍ଥ ହେଉଛି ତୁମେ ଏହାର ସମ୍ଭାବନାକୁ ପ୍ରବେଶ କରିବା ସକାଶେ ଅନୁମତି ଦିଅ ଏବଂ ଏହିପରି ଭାବେ ଏହାକୁ ବଳବତ୍ତର କରାଅ । କୁହାଯାଇପାରେ ଯେ ଏହା ହେଉଛି ଅବଚେତନାର ଏକ ସମ୍ମତି । ଭୟକୁ ଜୟ କରିବାର ଅନେକ ଉପାୟ ରହିଛି । ସାହସ, ବିଶ୍ୱାସ, ଜ୍ଞାନ – ଏଗୁଡ଼ିକ ହେଉଛନ୍ତି ସେହି ଉପାୟଗୁଡ଼ିକ ମଧ୍ୟରୁ କେତୋଟି ।

(CWM : Vol. 14, p. 243) – ଶ୍ରୀମା

This wonderful world of delight waiting at our gates for our call,
to come down upon earth...

*(MCW, Vol. 15, p. 173)* - The Mother

**Collected Works of The Mother – 17 Vols.**
**Rs. 3500 only** *(Till stocks last)*

**The Great Adventure – (New Revised Edition) : Rs. 350 only**

**The Mother by Sri Aurobindo *with the Mother's comments***
**(***Sri Aurobindo's handwriting***) – Rs. 50.00**

**125 Drops of Nectar – Daily Quotations by the**
**Divine Mother and Lord Sri Aurobindo – Rs. 175.00**

**VAK** - ***The Spiritual Book Shop***, Pondicherry - 605 001

E-mail: vakbooks@gmail.com, Contact Number: (0413) 2334542, (0413) 2336672, website: www.vakbooks.in

# ଧ୍ୟାନ ଓ ପ୍ରାର୍ଥନା – ଏକ ଆତ୍ମଲିପିର ଗୀତିକଥା

## (୫୩)

## ମହେନ୍ଦ୍ରନାଥ ସ୍ୱାଇଁ

**ଦିବ୍ୟ ସ୍ପର୍ଶ :**

ଆମେ ଯେତେ ଚେଷ୍ଟା କରି ସିଧା ରାସ୍ତାରେ ଚାଲିବାକୁ ଚାହିଁଲେ ବି ଆମ ପାଦ କାମନା-ବାସନାର ପିଚ୍ଛିଳ ଗଡ଼ାଣିଆ ରାସ୍ତାରେ ଖସି ଯାଉଛି । ଗୋଟିଏ ପାହାଡ଼ ଚଢ଼ିଗଲା ପରେ ଆଉ ଏକ ଉଚ୍ଚ ତିଖ ପାହାଡ଼ଟିଏ ସମ୍ମୁଖରେ ଦଣ୍ଡାୟମାନ ହୋଇ ଯାଉଛି, ଆମକୁ ହାତଠାରି ଡାକୁଛି, କହୁଛି, ''ଆସ ମୋ ଶୀର୍ଷ ଦେଶକୁ ଚଢ଼ି ଆସ, ଏଠାରେ ପ୍ରଚୁର ସବୁଜିମା, ସୁନ୍ଦର ପୁଷ୍ପଭରା ବୃକ୍ଷ, ଅନେକ ରଙ୍ଗ ବେରଙ୍ଗ ପକ୍ଷଯୁକ୍ତ ପକ୍ଷୀ, ଅନେକ ଜୀବଜନ୍ତୁ ତୁମକୁ ସ୍ୱାଗତ କରିବାକୁ ଅପେକ୍ଷା କରି ରହିଛନ୍ତି ।'' ଏହା ହିଁ ଏକ ଅସରନ୍ତି ଜୀବନ ଯାତ୍ରାର ପଥ; ଏକ ମାରାଥନ୍ ଦୌଡ଼ । କାଳ ତା'ର ଇନ୍ଦ୍ରଜାଲ ଲମ୍ବାଇ ଲମ୍ବାଇ ଚାଲିଛି, ଆମ ସହନଶୀଳତାର ଊର୍ଦ୍ଧ୍ୱରେ ତା'ର ଗତି । ଅଧିକାଂଶ ସମୟରେ ଆମେ ଥକାମାରି ବସି ଯାଉଛେ ମୁଣ୍ଡ ତଳକୁ କରି । ତଥାପି ଆମେ ପଛକୁ ଫେରି ପାରୁ ନାହୁଁ ବା ଫେରିବା କଥା ଚିନ୍ତା ମଧ୍ୟ କରୁ ନାହୁଁ । ଜୀବନର ସବୁଜ ଉପତ୍ୟକା ଆମକୁ ପ୍ରଲୋଭିତ କରୁଛି, ହାତଠାରି ଡାକୁଛି । ତଥାପି ଆମର ଛୋଟ ଛୋଟ ଅଭ୍ୟାସ, ସୁରକ୍ଷାଜନିତ ଚିନ୍ତା, ସୁନ୍ଦର ଗୃହଟିଏ, ପସନ୍ଦଯୋଗ୍ୟ କର୍ମ – ଏହି ପ୍ରକାର ସମସ୍ତ ଚିନ୍ତା ତଥା ମାନସିକ ସମ-ଦୂରତ୍ୱରେ ସ୍ଥିତ ସମାନ କାମନାଯୁକ୍ତ କତିପୟ ଆତ୍ମୀୟ ସ୍ୱଜନମାନେ ମଧ୍ୟ ଆମ ଚେତନାର ପ୍ରଗତିରେ ପ୍ରତିବନ୍ଧକ ହୋଇ ଠିଆ ହୁଅନ୍ତି । କେତେକ ଲୋକ ସଂସାର ତ୍ୟାଗ କରନ୍ତି, ପରିବାର, ଧନ-ସମ୍ପତ୍ତି, କ୍ଷମତା, ମାନସମ୍ମାନ ତ୍ୟାଗ କରି ଭଗବତ୍ ଅନ୍ୱେଷଣ ପଥର ପଥିକ ହୁଅନ୍ତି । ଏକ ଶାନ୍ତିପ୍ରଦ ଆଶ୍ରମ, ଅଳ୍ପ କେତେଜଣ ଶିଷ୍ୟ ଏବଂ ସାତ୍ତ୍ୱିକ ସ୍ୱଭାବର କେତେଜଣ ସାଧୁ, ସନ୍ନ୍ୟାସୀଙ୍କ ମେଳରେ ରହି ସାଧନା କରନ୍ତି, କିନ୍ତୁ ସେମାନଙ୍କର ପ୍ରକୃତ ସର୍ବାଙ୍ଗୀନ ଅଗ୍ରଗତି ହୁଏ ନାହିଁ କାରଣ ସେମାନେ ଗଡ୍ଡଳିକା ପ୍ରବାହରେ ପ୍ରବହମାନ ସ୍ରୋତରେ ଭାସି ଯାଉଥା'ନ୍ତି; ଆଗକୁ ଯିବାର ସାହସ ମଧ୍ୟ ହରାଇଥା'ନ୍ତି ।

ଏହି ପରିପ୍ରେକ୍ଷୀରେ ଦେଖିଲେ ଦିବ୍ୟ ଜନନୀ ଶ୍ରୀମା ଏହି ଚିରାଚରିତ ଧାରାକୁ ଭାଙ୍ଗି ଦେଇଛନ୍ତି । ଆମେ ଅତି ନିଜର ବୋଲି ବିଶ୍ୱାସରେ ବାନ୍ଧି ରଖିଥିବା ବ୍ୟବସ୍ଥାସବୁକୁ ତାଙ୍କର କରୁଣା ଓ କୃପା ସ୍ରୋତରେ ଭସାଇ ଦେଇଛନ୍ତି । ଯଦି କୌଣସି ବ୍ୟକ୍ତି ବା ବସ୍ତୁ ନିକଟରୁ ଆନନ୍ଦ ପ୍ରାପ୍ତ ହେବ ବୋଲି ବିଶ୍ୱାସ କରୁଥାଉ ତାହାହେଲେ ଆମେ ମାତୃକୃପା ଠାରୁ ନିଜକୁ ଦୂରେଇ ନେଉଛୁ ବୋଲି ପ୍ରମାଣିତ କରି ଦେବା । ଯେତେବେଳେ ଆମେ ବିରୋଧୀ ଶକ୍ତିମାନଙ୍କ ଦ୍ୱାରା ଯନ୍ତ୍ରଣା ଜର୍ଜରିତ ହୋଇଥାଉ; ପରିବେଶ, ପରିସ୍ଥିତି ଯେତେ ବିପରୀତ ମନେ ହେଉଥିଲେ ମଧ୍ୟ ଆମେ ଯଦି ମାତୃଶକ୍ତିକୁ ଆଶ୍ରା କରି ରହିଥାଉ ତାହାହେଲେ ଆମେ ଚେତନାର ପାହାଚ ଚଢ଼ିବାରେ ସାଫଲ୍ୟ ଅର୍ଜନ କରୁ ।

ଆବଶ୍ୟକୀୟ ସାହସ, ଅଧ୍ୟବସାୟ କେବଳ ପ୍ରଭୁଙ୍କ କୃପାରୁ ପ୍ରାପ୍ତ ହୋଇଥାଏ । ଡିସେମ୍ବର ୧୩, ୧୯୧୩ ପ୍ରାର୍ଥନାଟିରେ ଦିବ୍ୟ ଜନନୀ ଲେଖନ୍ତି : –

"GIVE me Thy light, O Lord, grant that I do not fall into any error. Grant that the infinite reverence, the utter devotion, that intense and profound love I bring to Thee may be radiant, convincing, contagious, and be awakened in every heart.

O Lord, Eternal Master, Thou art my Light and my Peace; guide my steps, open my eyes, illumine my heart, and lead me on the paths that go straight to Thee.

O Lord, Lord, grant that I may have no other will than Thine and that all my acts may be an expression of Thy divine law.

A great Light floods my whole being, and I am no longer conscious of anything but Thee. . . .

Peace, peace, peace upon all the earth."

(Prayers and Meditations, P. 39)

''ହେ ପ୍ରଭୁ ! ମୋତେ ଆପଣଙ୍କର ଦିବ୍ୟାଲୋକ ପ୍ରଦାନ କରନ୍ତୁ, ମୁଁ ଯେପରି କୌଣସି ପ୍ରକାର ଭୁଲ୍-ଭ୍ରାନ୍ତି ଭିତରେ ପଡ଼ି ନ ଯାଏ, ଏହି ଆଶୀର୍ବାଦ କରନ୍ତୁ । ହେ ପ୍ରଭୁ ! ଏହି ଶାଶ୍ୱତ ବର ପ୍ରଦାନ କରନ୍ତୁ ଯେ ଯେଉଁ ମହାନ୍ ସମ୍ମାନବୋଧ, ଶ୍ରଦ୍ଧା, ପରିପୂର୍ଣ୍ଣ ଭକ୍ତି, ସେହି ସଘନ ଏବଂ ବିଶାଳ ପ୍ରେମ ମୁଁ ଆପଣଙ୍କ ସମ୍ମୁଖରେ ନିବେଦନ କରୁଛି, ତାହା ଯେପରି ଚତୁର୍ଦିଗରେ ବିଚ୍ଛୁରିତ ହୋଇଯାଏ, ସମସ୍ତଙ୍କର ବୋଧଗମ୍ୟ ହୁଏ, ସଂକ୍ରମିତ କରେ ଏବଂ ପ୍ରତ୍ୟେକଙ୍କ ହୃଦୟରେ ଜାଗ୍ରତ୍ ହୋଇଉଠେ ।

''ହେ ପ୍ରଭୁ ! ଚିରନ୍ତନ ଗୁରୁ, ଆପଣ ହେଉଛନ୍ତି ମୋର ଦିବ୍ୟାଲୋକ ଏବଂ ମୋର ଦିବ୍ୟ-ପ୍ରଶାନ୍ତି । ମୋର ପ୍ରତି ପଦକ୍ଷେପକୁ ଠିକ୍ ବାଟରେ ଚାଲିବାକୁ ନିର୍ଦ୍ଦେଶ କରନ୍ତୁ, ମୋର ଚକ୍ଷୁଦ୍ୱୟ ଉନ୍ମୋଚିତ କରି ଦିଅନ୍ତୁ, ମୋର ହୃଦୟକୁ ଆଲୋକିତ କରି ଦିଅନ୍ତୁ ଏବଂ ମୋତେ ସେହି ପଥରେ ଚଳାଇ ନିଅନ୍ତୁ ଯେଉଁ ପଥ ସିଧାସଳଖ ଆପଣଙ୍କ ନିକଟକୁ ଯାଇଛି ।

''ହେ ପ୍ରଭୁ ! ପ୍ରଭୁ, ମୋର ଏହି ପ୍ରାର୍ଥନା ପୂରଣ କରନ୍ତୁ ଯେପରି ଆପଣଙ୍କ ଇଚ୍ଛା ବ୍ୟତୀତ ମୋର ଅନ୍ୟ କୌଣସି ପୃଥକ୍ ଇଚ୍ଛା ନ ରହୁ ଏବଂ ମୋର ସକଳ କର୍ମ ଆପଣଙ୍କ ଦିବ୍ୟ ବିଧାନର ଏକ ପରିପ୍ରକାଶ ହୋଇଉଠୁ ।

''ଏକ ମହିମାନ୍ୱିତ ଆଲୋକ ମୋର ସକଳ ସତ୍ତାକୁ ପ୍ଲାବିତ କରୁଥାଉ, ଆପଣଙ୍କ ବ୍ୟତୀତ ଅନ୍ୟ କୌଣସି ବିଷୟରେ ମୁଁ ଯେପରି ସଚେତନ ନ ହୁଏ ।...

''ଶାନ୍ତି, ଶାନ୍ତି, ଶାନ୍ତି ସମଗ୍ର ବିଶ୍ୱରେ ଶାନ୍ତି ବିରାଜିତ ହେଉ ।''

ପରମ ପ୍ରଭୁଙ୍କର ଆଲୋକ ପ୍ରାପ୍ତ ହେଲେ ଭୁଲ୍ କରିବାର ସମ୍ଭାବନା ନ ଥାଏ, କାରଣ ଜ୍ୟୋତିର୍ମୟ ପଥରେ ଅଗ୍ରସର ହେଲେ ଝୁଣ୍ଟି ପଡ଼ିବାର ସମ୍ଭାବନା ନ ଥାଏ । ସେଥିପାଇଁ ଶ୍ରୀମା ପରମ ପ୍ରଭୁଙ୍କୁ ପ୍ରାର୍ଥନା କରୁଛନ୍ତି ସେହି ଦିବ୍ୟ ଆଲୋକ ନିମନ୍ତେ ଯାହା ସଦାସର୍ବଦା ଆଲୋକ ବର୍ତ୍ତିକାଟିଏ ହୋଇ ସତ୍ୟ-ପଥରେ ଅଗ୍ରସର ହେବାରେ ସାହାଯ୍ୟ କରୁଥାଏ । ଦିବ୍ୟ ଜନନୀ ଶ୍ରୀମା ପରମ ପ୍ରଭୁଙ୍କ ସାନ୍ନିଧ୍ୟକୁ ଏହି ତିନୋଟି ସ୍ୱର୍ଗୀୟ ଜିନିଷ ନେଇ ଆସି ନୈବେଦ୍ୟ ରୂପରେ ବାଢ଼ି ଦେବା ନିମନ୍ତେ ପ୍ରାର୍ଥନା କରୁଛନ୍ତି । ସେହି ତିନୋଟି ହେଲେ "infinite reverence", ''ଅସୀମ ସମ୍ମାନ ଓ ଶ୍ରଦ୍ଧା'', "utter devotion", ''ପରିପୂର୍ଣ୍ଣ ଭକ୍ତି'' ଏବଂ "intense and profound love", ''ଘନୀଭୂତ ଅଗାଧ ପ୍ରେମ'' । ଏହି ତିନୋଟି ଜିନିଷର ଶକ୍ତି ରହିଛି ଅନ୍ୟର ହୃଦୟ ଭିତରକୁ ବିଚ୍ଛୁରିତ ହୋଇଯାଇ ପାରିବେ, ସେହି ହୃଦୟମାନେ ବୋଧଗମ୍ୟ ହୋଇ ପାରିବେ ବା ସେମାନେ ଅନାୟାସରେ ବୁଝିଯିବେ, ଅନୁଭବ କରି ପାରିବେ ଏବଂ ସଂକ୍ରମିତ କରି ପାରିବେ । ଜ୍ୱଳନ୍ତ ଅଗ୍ନିପିଣ୍ଡ ନିଜର ଉଷ୍ମତା, ଉର୍ଜା ଚତୁର୍ଦିଗକୁ ବିଚ୍ଛୁରିତ କରୁଥାଏ । ସେହି ଅସୀମ ଶ୍ରଦ୍ଧାଭାବ ଅନ୍ୟ ହୃଦୟ ଭିତରକୁ ବିଚ୍ଛୁରିତ ହୋଇ ଯାଇ ଘୃଣାକୁ ପ୍ରେମରେ ରୂପାନ୍ତରିତ କରିଥାଏ । ତା'ପରେ ପରିପୂର୍ଣ୍ଣ ଭକ୍ତିର କଥା; ଭକ୍ତି ଏପରି ଏକ ରସାୟନ ଯାହା ପାଷାଣ ହୃଦୟକୁ ମଧ୍ୟ ତରଳାଇ ଦେଇପାରେ ଏବଂ ସେଠାରେ ସମସ୍ତଙ୍କୁ ବୁଝାଇ ପାରିଲା ଭଳି ଅବସ୍ଥାଟିଏ ସୃଷ୍ଟି କରିଥାଏ, ଫଳରେ ଏତାଦୃଶ ବୁଝାମଣାର ସାମର୍ଥ୍ୟ ରଖିଥିବା ବ୍ୟକ୍ତିର ହୃଦୟ ସମସ୍ତଙ୍କ କଥା ଧୈର୍ଯ୍ୟର ସହ ଶୁଣିଥାଏ ଏବଂ ସମସ୍ତଙ୍କୁ ନିଜର ଭାବ ଆଦାନପ୍ରଦାନ କରି ପାରିଥାଏ । ଶେଷୋକ୍ତ ଅମୂଲ୍ୟ ଦ୍ରବ୍ୟଟି ହେଲା ''ପ୍ରେମ'', ''ବିଶାଳ ପ୍ରେମ'' ଯାହାର ଅନ୍ୟକୁ ସଂକ୍ରମିତ କରିବାର ଶକ୍ତି ରହିଛି । ସଂକ୍ରମଣର ଅର୍ଥ ଆମ ଅଜାଣତରେ ଆମ ମନ, ପ୍ରାଣ, ଶରୀରକୁ କୌଣସି ବାହ୍ୟ ଭୂତାଣୁ ପ୍ରବେଶ କରି ସମୟାନୁକ୍ରମେ ପ୍ରତିକ୍ରିୟା ସୃଷ୍ଟି କରି ଆମକୁ କବଳିତ କରିବା ପରି 'ପ୍ରେମ' ଆମ ହୃଦୟ ମଧ୍ୟକୁ ଆମ ଅଜାଣତରେ ପ୍ରବେଶ କରି ଆମକୁ ସଂକ୍ରମିତ କରିଥାଏ । ଏହା ସାଧାରଣ ପ୍ରେମ ନୁହେଁ, ଏହା ବିଶାଳ ଭଗବତ୍ ପ୍ରେମ । ଏହା ଦ୍ୱାରା ସଂକ୍ରମିତ ସାଧକର ଚେତନା ଊର୍ଦ୍ଧ୍ୱମୁଖୀ ହୁଏ ଏବଂ ତା'ର କାର୍ଯ୍ୟଶୈଳୀ, ସମ୍ଭାଷଣ, ଚାଲିଚଳନରେ ପରିବର୍ତ୍ତନ ପରିଲକ୍ଷିତ ହୁଏ । ଦିବ୍ୟ ଜନନୀ ପ୍ରଭୁଙ୍କୁ ପ୍ରାର୍ଥନା ନିବେଦନ କରି କହୁଛନ୍ତି, ''ହେ ପ୍ରଭୁ ଏହି ତିନିଗୋଟି ଦିବ୍ୟଗୁଣ ପ୍ରତ୍ୟେକ ହୃଦୟ ଭିତରେ ପ୍ରବେଶ କରି ଜାଗ୍ରତ୍ ହୋଇ ଉଠନ୍ତୁ, "and be awakened in every heart."

ଏହି ପରିପ୍ରେକ୍ଷୀରେ ମା'ଙ୍କ ନିକଟରୁ ଆସୁଥିବା ପ୍ରେମ ଓ ଆଶୀର୍ବାଦ କିପରି ଭିତରକୁ ସଞ୍ଚରି ଯାଇ ସମସ୍ତ ରୋଗକୁ ଉପଶମ କରି ଦେଇପାରେ ସେ ବିଷୟରେ ନିମ୍ନୋକ୍ତ କଥାଟିକୁ ଆଲୋଚନା କଲେ ଅତ୍ୟୁକ୍ତି ହେବ ନାହିଁ ।

୧୯୭୨ ମସିହାର କଥା । ଦିବ୍ୟଜନନୀ ଶ୍ରୀମାଙ୍କୁ ସମ୍ପୂର୍ଣ୍ଣ ସମର୍ପିତା ହୋଇ ଆଶ୍ରମ ବାହାରେ ରହୁଥିବା ଜନୈକା

ସାଧିକାଙ୍କର ଦେହ ବହୁତ ଖରାପ ଥାଏ । ତାଙ୍କ ଜନ୍ମଦିନରେ ଆଶ୍ରମକୁ ଆସି ମା'ଙ୍କର ଦର୍ଶନ ଓ ଆର୍ଶୀବାଦ ପ୍ରାପ୍ତ ହେବା ପାଇଁ ତାଙ୍କର ପ୍ରବଳ ଆଗ୍ରହ; କିନ୍ତୁ ଡାକ୍ତରମାନେ ତାଙ୍କୁ ପଣ୍ଡିଚେରୀ ଯାତ୍ରାର ଅନୁମତି ଦେଲେ ନାହିଁ । ଅକ୍ଟୋବର ମାସରେ ତାଙ୍କର ଜନ୍ମଦିନ । ସେ ମା'ଙ୍କୁ ତାରବାର୍ତ୍ତାଟିଏ ପଠାଇ ସାଥିରେ ନିଜର ଜନ୍ମଦାତ୍ରୀ ମା'ଙ୍କୁ ନେଇ ପଣ୍ଡିଚେରୀ ଯାତ୍ରା କଲେ ।

ଠିକ୍ ତାଙ୍କ ଜନ୍ମଦିନର ରାତି ଚାରିଟାବେଳେ ତାଙ୍କ ମା ଗୋଟିଏ ସ୍ୱପ୍ନ ଦେଖିଲେ – ଦିବ୍ୟଜନନୀ ତାଙ୍କ ଝିଅକୁ ନିଜର ସିମ୍ବଲ ଥିବା ଗୋଟିଏ ସୁନାର ପିନ୍ – ହେୟାରପିନ୍‌ଟିଏ ପ୍ରଦାନ କରୁଛନ୍ତି । ଏହା ପୂର୍ବରୁ ଏପରି ଏକ ସୁନ୍ଦର ପିନ୍ କେଣ୍ଟା ସିଏ ଦେଖି ନ ଥିଲେ ।

ଭଦ୍ରମହିଳାଙ୍କର ଦେହ ସେଦିନ ସମ୍ପୂର୍ଣ୍ଣ ଆରୋଗ୍ୟ ହୋଇ ଯାଇଥାଏ । ମା'ଙ୍କ ପ୍ରକୋଷ୍ଠକୁ ଯିବା ପାଇଁ ସେ ସକ୍ଷମ ହୋଇ ଉଠିଥିଲେ । ପ୍ରକୋଷ୍ଠ ମଧ୍ୟକୁ ପ୍ରବେଶ କରି ସେ ମା'ଙ୍କ ସମ୍ମୁଖରେ ଆଣ୍ଠୁମାଡ଼ି ବସି ପ୍ରଣାମ କଲେ ଏବଂ ମା'ଙ୍କ ଦିବ୍ୟ ହସ୍ତରୁ ଜନ୍ମଦିନ କାର୍ଡ ଓ ଫୁଲ ଗ୍ରହଣ କଲେ । ସେହି ସମୟରେ କୁମୁଦବେନ୍ ମା'ଙ୍କ ଶ୍ରୀହସ୍ତକୁ ଗୋଟିଏ ସୁନ୍ଦର ଏବଂ ଚମତ୍କାର ଦିଶୁଥିବା ଡବାଟିଏ ବଢ଼ାଇ ଦେଲେ । ମା ଡବାଟିକୁ ଖୋଲିଲେ, ସେଥିରେ ଥିବା ପିନ୍‌ଟିକୁ କିଛି ସମୟ ଦେଖିଲେ ଏବଂ ହସି ହସି ଭଦ୍ର ମହିଳାଙ୍କ ହାତରେ ଧରାଇ ଦେଲେ । ତାଙ୍କର ଖୁସି ଦେଖିବ କିଏ ! ଭଦ୍ରମହିଳାଙ୍କ ଶରୀରରେ ପୁଲକ ଓ ରୋମାଞ୍ଚ ଜାତ ହେଲା । ମନରେ ଦିବ୍ୟାନନ୍ଦ ଭରିଗଲା । ଚକ୍ଷୁଦ୍ୱୟରୁ ଝରି ଆସୁଥିଲା ଭକ୍ତି ଓ ପ୍ରେମ ମିଶ୍ରିତ ଆନନ୍ଦାଶ୍ରୁ । ସେହି ଅଶ୍ରୁ ତାଙ୍କ ଶରୀରରେ ଥିବା ସମସ୍ତ ରୋଗ ବୈରାଗ୍ୟକୁ ଧୋଇ ଦେଲା । ସେ ସୁସ୍ଥ ହୋଇ ଘରକୁ ଫେରି ଆସିଲେ ।

ଘରେ ପହଞ୍ଚି ଦେଖିଲେ ଆଶ୍ରମରୁ ଗୋଟିଏ ଟେଲିଗ୍ରାମ ଆସିଛି – ଲେଖା ଅଛି "The Mother blesses 'L' !" ଭଦ୍ରମହିଳାଙ୍କ ନାମ – 'L' । ତାଙ୍କ ପରିବାରରେ ଖୁସିର ଲହରୀ । ସେହିଦିନଠାରୁ ତାଙ୍କ ଦେହ ଆଦୌ ଖରାପ ହୋଇ ନାହିଁ ଏବଂ ଯେଉଁ ପିନ୍‌ଟି ମାଧ୍ୟମରେ ମା'ଙ୍କ ଠାରୁ ସେ ଶକ୍ତି ପ୍ରାପ୍ତ ହୋଇଥିଲେ, ସେଇଟିକୁ କେବେ ହେଲେ ପାଖଛଡ଼ା କରି ନାହାନ୍ତି ।

(ଦିବ୍ୟ ସମାଚାର ପୁସ୍ତକର ପୃଷ୍ଠା. ୧୩୯ରୁ ସଂଗୃହୀତ)

(କ୍ରମଶଃ)

❑❑❑

**ତଥ୍ୟ ନିର୍ଦ୍ଦେଶିକା :**

(୧) Prayers and Meditations : The Mother

(୨) How they came to Sri Aurobindo and the Mother – Shyam Kumari

(୩) Musing with the Mother's Prayers and Meditations – Shyam Kumari

ସମତା ବ୍ୟତୀତ ସାଧନାର ଦୃଢ଼ ମୂଳଦୁଆ ଗଠିତ ହୋଇପାରେ ନାହିଁ । ପରିସ୍ଥିତି ଯେତେ ଅସନ୍ତୋଷଜନକ ହେଉ ନା କାହିଁକି, ଅନ୍ୟମାନଙ୍କ ଆଚରଣ ଯେତେ ଅପ୍ରୀତିକର ହେଉ ନା କାହିଁକି, ତୁମେ କିନ୍ତୁ ସଂପୂର୍ଣ୍ଣ ଶାନ୍ତ ଏବଂ ପ୍ରତିକ୍ରିୟାବିହୀନ ଭାବ ନେଇ ସେସବୁକୁ ଗ୍ରହଣ କରିବାକୁ ଶିଖିବ । ଏଗୁଡ଼ିକ ହେଉଛି ଯଥାର୍ଥ ସମତାର କଷଟି ପଥର । ଯେତେବେଳେ ସବୁକିଛି ଠିକ୍ ଚାଲିଥାଏ, ଅନ୍ୟମାନେ ଭଲ ବ୍ୟବହାର କରନ୍ତି ଓ ପରିସ୍ଥିତି ଅନୁକୂଳ ହୋଇଥାଏ ସେତେବେଳେ ଶାନ୍ତି ଓ ସମତା ରକ୍ଷା କରିବା ସହଜ । କିନ୍ତୁ ପ୍ରତିକୂଳ ପରିସ୍ଥିତି ହିଁ ଶାନ୍ତି, ନୀରବତା ଓ ସମତା କେତେ ଦୂର ପୂର୍ଣ୍ଣତା ଲାଭ କରିଛି ସେଥିପାଇଁ ଏକ ପରୀକ୍ଷା ଏବଂ ସେସବୁକୁ ଶକ୍ତିଶାଳୀ ଓ ସଂପୂର୍ଣ୍ଣ କରିବା ପାଇଁ ଏକ ସୁଯୋଗ ।

– ଶ୍ରୀଅରବିନ୍ଦ

# ଶ୍ରୀଅରବିନ୍ଦଙ୍କ ପତ୍ର ସମ୍ପଦ

## (୮୧)

## ସାହାନା ଦେବୀ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

**ସାହାନା :** ବାଲ୍ୟକାଳରୁ ଶୁଣି ଆସିଛି – ଭଗବାନ୍ କରୁଣାମୟ, କରୁଣାର ଅବତାର – ତା'ର ପ୍ରତ୍ୟକ୍ଷ ଅନୁଭୂତି ହେଲା ଏଇଠାରେ ଏହି ପଣ୍ଡିଚେରୀ ଶ୍ରୀଅରବିନ୍ଦ ଆଶ୍ରମ ଆସି ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କର କରୁଣାଘନ ସ୍ପର୍ଶରେ ।

୫୮ ବର୍ଷରୁ ଅଧିକ କାଳ ଏଇ ଆଶ୍ରମ ଜୀବନରେ କେତେ ଅଭିଜ୍ଞତା (Experience) ଦେଇ ସେମାନେ ଭରି ଦେଇଛନ୍ତି ଜୀବନକୁ । ସେସବୁ ତ ସମସ୍ତଙ୍କ ସହ ବିତରଣ କରାଯାଇ ପାରେନା, ତାହା ନେବାର ସୁଯୋଗ ନାହିଁ । କିନ୍ତୁ ସେସବୁ ମଧ୍ୟରୁ ଗୋଟିଏ ପ୍ରତ୍ୟକ୍ଷ ଉପଲବ୍ଧି (Experience)କୁ ଆଜି ପ୍ରକାଶ୍ୟକୁ ଆଣି ଏଇ ''ପତ୍ର ସମ୍ପଦ''ର ସମାପ୍ତି କରୁଛି ।

ଏଠାକୁ ଆସିବାର ଅନେକ ପୂର୍ବର କଥା । ମୁଁ ସେତେବେଳେ ଖୁବ୍ ଛୋଟ । ମୋର ମାମୁ ଦେଶବନ୍ଧୁଙ୍କ ଘରେ ମୁଁ ଥାଏ, ସେଠାରେ ଥିବାବେଳେ ପିଲାଦିନରୁ ନାନା ଲୋକଙ୍କର ବୈଷ୍ଣବ ପଦାବଳୀର ଲୀଳାକୀର୍ତ୍ତନର ଗୀତସବୁ ଅନେକ ଶୁଣିଛି । ମୋର ମାମୁ ଏଇ ପଦାବଳୀର ପାଲାକୀର୍ତ୍ତନ ଶୁଣିବାକୁ ଭଲ ପାଉଥିଲେ । ତେଣୁ ପ୍ରାୟ ହିଁ ପାଲା କୀର୍ତ୍ତନ ହେଉଥାଏ ଏବଂ ପାଲା କୀର୍ତ୍ତନକୁ ଆମେ ଏତେ ଶୁଣିଛୁ ଯେ ଶୁଣି ଶୁଣି ପ୍ରାୟ ଅଭ୍ୟସ୍ତ ହୋଇ ଯାଉଥିଲୁ । ପରେ ମୁଁ ଧୀରେ ଧୀରେ କୀର୍ତ୍ତନ ଗୀତର ଖୁବ୍ ଭକ୍ତ ହୋଇ ଉଠିଲି ଏବଂ ଦେଖିଲି କ୍ରମେ ମୁଁ କୃଷ୍ଣ ଭକ୍ତ ହୋଇ ଉଠିଛି । ନିଜେ ବି କୀର୍ତ୍ତନ ଗୀତ ଗାଉଥାଏ । ବଡ଼ ହେବା ସଙ୍ଗେ ସଙ୍ଗେ କୃଷ୍ଣଙ୍କ ପ୍ରତି ଭକ୍ତି, ଭଲ ପାଇବା ମୋର ସାରା ଅନ୍ତରରେ ବସା ବାନ୍ଧି ରହିଯାଏ । ସେତେବେଳେ ଯେତେବେଳେ ମୁଁ କୀର୍ତ୍ତନ ଗାଉଥାଏ ମୋର ମନେ ଅଛି – ଭିତରେ ଯେପରି କୌଣସି ଏକ ଉନ୍ମେଷ ହୁଏ, ମୁଁ ନିଜକୁ ହଜାଇ ଦେଉଥାଏ, ଯେପରି କୌଣସି ଏକ ଅଜଣା ଦେଶକୁ ଚାଲି ଯାଉଥାଏ – ଚକ୍ଷୁରୁ କେବଳ ଅବାରିତ ଲୋତକର ଧାରା ବୋହି ଯାଉଥାଏ, ସେ ଏକ ଅଦ୍ଭୁତ ଅନୁଭୂତି ! ସତ୍ତା ଯେପରି ଲୋଟି ପଡୁଥାଏ ତା'ର ଚରଣତଳେ, କିପରି ଏକ ଗଭୀର ଏବଂ ଭକ୍ତିଭାବ ରସରେ ବିଭୋର ହୋଇ ବିଲୀନ ହୋଇ ଯାଉଥାଏ ଯେପରି କୌଣସି ଥଳକୂଳ ହୀନ ଗଭୀରତାରେ !

ପଣ୍ଡିଚେରୀ ଆଶ୍ରମ ଆସିବାର କିଛିଦିନ ପରେ ମୋର ଅନୁଭବ ହେବାକୁ ଲାଗିଲା ଯେ କୃଷ୍ଣ ନାମ ଏବଂ ଗୀତାରେ ମୋର ଆଗ ପରି ସେମିତି ଭକ୍ତି, ଭଲ ପାଇବା ନାହିଁ; ନାହିଁ ସେଇ ସବୁ ମନମତାଣିଆ, ପ୍ରାଣମତାଣିଆ ଭାବାବେଗ, ଚକ୍ଷୁରୁ ଅବାରିତ ଲୋତକର ଧାରା – ସେଇ ସବୁ ଗଭୀର ଭାବଗୁଡ଼ିକ ଯେପରି କ୍ରମେ କ୍ରମେ କମି ଯାଉଛି, ଲିଭି ଆସୁଛି ଏବଂ ସେଇ ଜାଗାରେ କ୍ରମେ ଦାନା ବାନ୍ଧି ଜମି ଉଠୁଛି ଗଭୀରରୁ ଗଭୀରତର ହୋଇ ସେଇସବୁ ଭାବ ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ଉପରେ । ତାଙ୍କ ନିମନ୍ତେ ଗୀତ ଗାଉ ଗାଉ ମନେ ହେଉଥାଏ ଭିତରର ସବୁ ଦ୍ୱାର ଖୋଲି ଯାଇ ସମଗ୍ର ଭିତରଟା ମୋର ଯେପରି ଠେଲି ହୋଇ ବାହାରକୁ ଆସିବାକୁ ଚାହୁଁଛି, ଚକ୍ଷୁ ଜଳର ସ୍ରୋତ ସହ ଏକ ଅଭିନବ ଅପୂର୍ବ ଭାବ ନେଇ – ଯାହାର ବର୍ଣ୍ଣନା କରାଯାଇପାରେ ନା, ବର୍ଣ୍ଣନା ମଧ ନାହିଁ । କୃଷ୍ଣ ନାମର ପଦାବଳୀ ଯେତେବେଳେ ଗାଉଥିଲି, ସେତେବେଳେ ଏପରି ହେଉଥିଲା, ତେବେ ବର୍ତ୍ତମାନ କାହିଁକି ପୂର୍ବପରି ହେଉ ନାହିଁ ? କିଛିଦିନ ପର୍ଯ୍ୟନ୍ତ ଏଇ କଥାକୁ ନେଇ ମୋ ଭିତରେ ଏକ ଦ୍ୱନ୍ଦ୍ୱ ଯୁଦ୍ଧ ଚାଲିଥାଏ ଏଇ ଭାବ ନେଇ ଯେ – ଏମାନେ ତ ସମସ୍ତେ ଭଗବାନ୍, କେବଳ ରୂପ ହିଁ ଭିନ୍ନ ଏବଂ ନାମ ଭିନ୍ନ, ତେବେ ଏମାନଙ୍କର ମଧ୍ୟରୁ ଜଣକର ସମ୍ବନ୍ଧରେ ମୋର ଯେଉଁ ଭାବ ହୁଏ ଅନ୍ୟ ଜଣଙ୍କର ସମ୍ବନ୍ଧରେ ତାହା ହେବ ନାହିଁ କାହିଁକି ? ଏବଂ କ୍ରମେ କ୍ରମେ ଯାହା ହୋଇ ଆସୁଥିଲା, ତାହା କମିଯିବ ଅବା କାହିଁକି – ଏଇ ଚିନ୍ତା ମୋ ମନକୁ ଶାନ୍ତି ଦେଉ ନ ଥିଲା । ଏତିକି ବେଳେ ମୋର ଏକ ଅପୂର୍ବ ଦର୍ଶନ (Experience) ହୁଏ ସମସ୍ତ ସମସ୍ୟାର ସମାଧାନ କରି । ଅପୂର୍ବ ଅନିର୍ବଚନୀୟ ସେ ଅନୁଭୂତି ଓ ଦର୍ଶନ ! ସେଇ ଅଭିଜ୍ଞତାର ପୂର୍ଣ୍ଣ ବ୍ୟାଖ୍ୟା ବା ବିବରଣୀର ପ୍ରୟୋଜନ ନାହିଁ । ତେବେ କିଛିଟା କହିବି । ଧ୍ୟାନରେ ବସିଛି । କେତେବେଳେ ମୋର ଚେତନା ଚାଲି ଯାଇଛି ଊର୍ଦ୍ଧ୍ୱର ସେଇ ଅସୀମ, ଶୂନ୍ୟ, ନିଥର, ନିସ୍ପନ୍ଦ ଏକ ମହା

ବିଶାଳତା ମଧ୍ୟକୁ ଯାହାର ଶେଷ ନାହିଁ – ଅନ୍ତ ମିଳେ ନାହିଁ । ସେଇ ଅସମ୍ଭବ ନିଷ୍ପନ୍ଦ ଅକଳ୍ପନୀୟ ସ୍ଥିରତା – ତାହା ଯେପରି ଏକ ଅଦ୍ଭୁତ ଅନୁଭୂତିର ଚେତନା ମଧ୍ୟରେ ସ୍ଥିର ଭାବେ ରହିଛି । ହଠାତ୍ ସେଇ ସ୍ଥିରତାକୁ ଭାଙ୍ଗି ମନେ ହେଲା ମୋର ଦକ୍ଷିଣ ଦିଗରୁ ନୀଳ ଜ୍ୟୋତିର୍ମୟ ଆଲୋକର ଏକ ମୃଦୁ ସ୍ପନ୍ଦନ ଗତି କରୁଛି ବାମ ଆଡ଼କୁ; ଆସ୍ତେ ଆସ୍ତେ ଦେଖିଲି ଗୋଟିଏ ବିଶେଷ ଜାଗାରେ ଜମାଟ ବାନ୍ଧିବାକୁ ଲାଗିଲା ସେଇ ଆଲୋକର ସ୍ପନ୍ଦନ ଏବଂ ପରିଶେଷରେ କ୍ରମେ ବିକୀର୍ଣ୍ଣ ହେବାକୁ ଲାଗିଲା ଉଜ୍ଜ୍ୱଳରୁ ଉଜ୍ଜ୍ୱଳତର ହୋଇ, ହୋଇ ଉଠିଲା ଏକ ଅକଳ୍ପନୀୟ ଘନୀଭୂତ ନୀଳ ଜ୍ୟୋତିର୍ମୟ ଆଲୋକ ଯାହାର ଆକୃତି ଉଦ୍ଭାସିତ କରି ତୋଳି ଧରିଲା ଏକ ଅନୁପମ ଦିବ୍ୟ କାନ୍ତି, ଅପରୂପ ରୂପେଶ୍ୱରଙ୍କୁ – ଏପରି ରୂପ ଯେ ହୋଇପାରେ ତାହା ଦେଖିଲେ ବିଶ୍ୱାସ କରାଯାଇ ପାରେନା, ଚକ୍ଷୁ ସମ୍ମୁଖରେ ଯେପରି ଏକ ମହାର୍ବିଭାବ ! ତା' ମାନୁଷୀ ତନୁଧାରୀ ନୁହେଁ, ଆଲୋକରେ ଗଢ଼ା ସେ ଆଲୋକ ଉଦ୍ଭାସିତ ମୂର୍ତ୍ତି ! ଦେଖିଲେ ଆଉ ଚକ୍ଷୁ ଫେରାଇ ହୁଏନା, ଏଇପରି ସେ ରୂପ, ସେ ଦେବକାନ୍ତି ! ଅଚିନ୍ତନୀୟ ! ସ୍ୱପ୍ନାତୀତ ! ବର୍ଣ୍ଣନା ? ଭାଷା ପହଞ୍ଚି ପାରେ ନାହିଁ, ଭାଷାତୀତ, ଅବର୍ଣ୍ଣନୀୟ ସେ ସମସ୍ତ ଆବିର୍ଭାବର ପ୍ରକାଶ ! ମୋର ଚେତନା ତାଙ୍କୁ ଆପଣାଛାଏଁ ଶ୍ରୀକୃଷ୍ଣ ବୋଲି ମନେ କରି ଦୁଇ ଅଶ୍ରୁଭରା ନୟନରେ ଅଭିଭୂତ ସମସ୍ତ ସତ୍ତା ମୋର ଲୋଟିଗଲା ସାଷ୍ଟାଙ୍ଗରେ ସେଇ ପରମଙ୍କ ଚରଣତଳେ କ୍ରମାଗତ ଏହା କହି କହି : ''ମୋର ପ୍ରଭୁ, ମୋର ଭଗବାନ୍'', ଆଉ ସେ କହିବା ଭିତରେ ଏପରି ଏକ ''ଆପଣା ପଣର'' ଅନୁଭବ ହେବାକୁ ଲାଗିଲା ଯେ ସବୁ ଲୁଚି ଯାଇ ଏଇ ପରମ ''ଆପଣା''ର ଭାବ ହିଁ ପ୍ରଧାନ ହୋଇ ଉଠିଲା, ମୋତେ ଏମିତି କିଛି ରସରେ ତାହା ନିମଗ୍ନ କରି ଦେଲା ଯାହାର ପ୍ରକାଶ ଏଇ ଭାବେ ରୂପ ନେଲା : ''ଆହା ! କି ଆପଣାର ! କ'ଣ ଯେ ଆପଣାପଣ ! ଏପରି ''ଆପଣା''ର ଯେ – ଜଗତରେ ସେ ଆପଣାପଣ ପରି ଆଉ କୌଣସି ଆପଣାର ନାହିଁ, ତା'ର ତୁଳନା ନାହିଁ, ତୁଳନା କରି ହୁଏନା ଏଇ ଜାଗତିକ ଅନୁଭୂତିର କୌଣସି ଭଲ ପାଇବାରେ । ଏଇ ''ଆପଣା''ର ଅନୁଭୂତି ସମ୍ବନ୍ଧରେ ଏକ ଚରମ କଥା କୁହାଯାଇ ପାରିବ ଯେ ଏହାର ପର୍ଯ୍ୟାୟ ହିଁ ଭିନ୍ନ, ଅନ୍ୟ କୌଣସି ଦିବ୍ୟ ଉପାଦାନରେ ଗଠିତ ଯେପରି ! ସେଇ ପରମଙ୍କର ଚରଣତଳେ ଲୋଟି ପଡ଼ି ମୋର ସମସ୍ତ କିଛି ଯେପରି ଭାଙ୍ଗି ମିଳେଇ ଗଲା, ମନେ ହେଲା ମୋର ନିଜର ବୋଲି ଯେପରି ଆଉ କିଛି ବି ନାହିଁ, ସମସ୍ତ ହିଁ ତାଙ୍କର – ଭଗବାନଙ୍କର ! କେବଳ ଭଗବାନ୍ ହିଁ ଏତେ ଏବଂ ଏପରି ''ଆପଣା''ର ହୋଇ ପାରନ୍ତି । ସେ ଯେତେବେଳେ ନିକଟକୁ ଆସନ୍ତି ତାଙ୍କର ପଦକ୍ଷେପ ସହ ଆସେ ଏଇ ଅନୁଭୂତି ଏବଂ ତତ୍‌କ୍ଷଣାତ୍ ଜଣାଯାଏ ସେ କିଏ ! କେତେ ଆପଣାର ! ଆଉ ଜଣାଯାଏ ସେ ''ଆପଣା''ର ଜିନିଷଟି କ'ଣ, ''ଆପଣାର'' କାହାକୁ କହନ୍ତି ଏବଂ ସେ ''ଆପଣା''ର ଅନୁଭୂତି କି ଜିନିଷ ! ଏଇ ବୋଧରେ ସେ ଦିବ୍ୟ ରୂପ ଅଭିଭୂତ କରି ଉଭେଇ ଗଲେ ଏଇ ଆଶୀର୍ବାଦ ଦେଇ – ''ଭାବୁଛୁ କାହିଁକି ? ମୁଁ ଶ୍ରୀଅରବିନ୍ଦଙ୍କ ସହ ମିଶି ରହିଛି'' – ମୁଁ ଅଭିଭୂତ – ଶ୍ରୀଅରବିନ୍ଦଙ୍କୁ ସବୁ ଜଣାଇ ଜିଜ୍ଞାସା କଲି, ''ମୋ ପରି ଅଜ୍ଞ ଜନର ଏ ପ୍ରକାର ଅଭିଜ୍ଞତାକୁ ମୁଁ କେଉଁ ଚକ୍ଷୁରେ ଦେଖିବି ? କେଉଁ ଭାବରେ ଗ୍ରହଣ କରିବି ?'' ଉତ୍ତରରେ ଶ୍ରୀଅରବିନ୍ଦ କହିଲେ – ''କୃଷ୍ଣଙ୍କ ବ୍ୟତୀତ ମୋ ମଧ୍ୟରେ ଆଉ କିଏ ମିଶି ପାରିବ ?'' –

ଓଁ ନମୋ ଭଗବତେ ଶ୍ରୀଅରବିନ୍ଦାୟ ॥
ଓଁ ଶ୍ରୀଅରବିନ୍ଦଃ ଶରଣମ୍ ମମ ॥

ଅନୁବାଦ : ଶୁଭ୍ରା ଦାସ ❑

---

ବିଶ୍ୱାସ ହେଉଛି ଆତ୍ମାର ଅଟଳ ନିଶ୍ଚିତତା । ଯାହାକି କେବେହେଲେ ତର୍କବୁଦ୍ଧି, ଭିନ୍ନ ଭିନ୍ନ ମାନସିକ ଧାରଣା, ପରିସ୍ଥିତି, ମନ, ପ୍ରାଣ ଓ ଶରୀରର ନାନା ପ୍ରକାରର ନିତ୍ୟ ପରିବର୍ତ୍ତନଶୀଳ ଅବସ୍ଥା ପ୍ରଭୃତି ଉପରେ ନିର୍ଭର କରେ ନାହିଁ ।

– ଶ୍ରୀଅରବିନ୍ଦ

# ପ୍ରଗତି ସମ୍ପର୍କରେ


## କୁମାର ଚନ୍ଦ୍ର ମିଶ୍ର


[ଦିବ୍ୟଜନନୀ ଶ୍ରୀମା'ଙ୍କ ପ୍ରତୀକରେ ଦର୍ଶାଯାଇଥିବା ବାରଟି ପୁଷ୍ପ ପାଖୁଡ଼ା ବାରଟି ଶ୍ରେୟଗୁଣର ପ୍ରତିନିଧିତ୍ୱ କରନ୍ତି । ସେହି ଶ୍ରେୟଗୁଣମାନଙ୍କ ମଧ୍ୟରୁ ''ପ୍ରଗତି'' (Progress) ଅନ୍ୟତମ । ନିମ୍ନୋକ୍ତ ଆଲୋଚନାଟିରେ ପ୍ରଗତି ସମ୍ପର୍କିତ କିଛି ତଥ୍ୟ ଓ ତତ୍ତ୍ୱ ଉପସ୍ଥାପନ କରାଯାଇଛି । ସଦାବିହାରୀ ଫୁଲ : ଯାହାକୁ ଉଦ୍ଭିଦ ବିଜ୍ଞାନରେ Cantharanthus roseus ବୋଲି କୁହାଯାଏ – ସେହି ଫୁଲଟି ଏହି ଦିବ୍ୟ ଗୁଣ ''ପ୍ରଗତି''ର ଆଧ୍ୟାତ୍ମିକ ପ୍ରତୀକ । ଶ୍ରୀମା କହନ୍ତି : "Progress : the reason why we are on earth." ପ୍ରଗତି : ଯେଉଁଥି ଲାଗି ଆମେ ଧରାପୃଷ୍ଠରେ ରହିଛୁ ।]

### ପ୍ରଗତି ସମ୍ପର୍କରେ – (୧)

ପ୍ରଗତି ହିଁ ସୃଷ୍ଟିର ବିଧାନ । ସମଗ୍ର ସୃଷ୍ଟି ଅହରହ ଅଗ୍ରଗତି କରି ଚାଲିଛି । ସମଗ୍ର ଜୀବ ଜଗତ୍ ଆଗକୁ ମାଡ଼ି ଚାଲନ୍ତି । ଉଦ୍ଭିଦ ଊର୍ଦ୍ଧ୍ୱକୁ ମାଡ଼ି ଚାଲେ । ଅବଶ୍ୟ କେତେକ ଜୀବ ଆତ୍ମରକ୍ଷା କରିବା ନିମିତ୍ତ କିଂବା ଅନ୍ୟ କୌଣସି କାରଣରୁ ପଶ୍ଚାଦ୍-ଗମନ କରିପାରେ । ମଣିଷ ଆଗକୁ ଯାଇପାରେ, ପଛକୁ ମଧ୍ୟ ଯାଇପାରେ । କିନ୍ତୁ ଆମେ ଯେଉଁ ପ୍ରଗତି ବିଷୟରେ ଆଲୋଚନା କରିବାକୁ ଯାଉଛୁ ତାହା ଏହିପରି ଯାନ୍ତ୍ରିକ ଗତିଶୀଳତାକୁ ବୁଝାଏ ନାହିଁ । ଆମେ ସ୍ଥୂଳ ପାର୍ଥିବ ଜୀବନରେ ଅଗ୍ରଗତି କରିପାରୁ, ଆଧ୍ୟାତ୍ମିକ ଜୀବନରେ ଅଗ୍ରଗତି କରିପାରୁ, ଚେତନାର ଭୂମିରେ ଅଗ୍ରଗତି କରିପାରୁ । ଆମର ଭାବନା, ଅନୁଭବ, ମନୋଭାବ କିଂବା ଧାରଣା(Perception)ର କ୍ଷେତ୍ରରେ ଅଗ୍ରଗତି କରିପାରୁ । ଏ ସମସ୍ତ କ୍ଷେତ୍ରରେ ପ୍ରଗତିର ଯଥାର୍ଥ ଅର୍ଥ କ'ଣ, ତାତ୍ପର୍ଯ୍ୟ କ'ଣ, ଜୀବନରେ ତା'ର ଭୂମିକା କ'ଣ – ଏହିପରି କେତେକ ପ୍ରଶ୍ନର ଉତ୍ତର ଅନ୍ୱେଷଣ କରିବା ।

### ପ୍ରଗତିର ସଂଜ୍ଞା ନିରୂପଣ :

ଯେକୌଣସି ପରିବର୍ତ୍ତନକୁ ପ୍ରଗତି ବୋଲି କୁହାଯାଇ ନ ପାରେ । ଜଣେ ଯେଉଁ ସ୍ଥିତିରେ ରହିଛି ତାହାକୁ ପରିହାର କରି ଅନ୍ୟ ଏକ **ଉନ୍ନତତର** ସ୍ଥିତିକୁ ଆପଣାର କରି ନେବାକୁ ପ୍ରଗତି ବୋଲି କୁହାଯାଇପାରେ ।

ଦିବ୍ୟଜନନୀ ଶ୍ରୀମା କହନ୍ତି :

"Progress : to be ready, at every minute, to give up all one is and all one has in order to advance on the way."

(CWM, Vol.-15, P. 75)

ଏହାର ଭାବାନୁବାଦ ହେଲା – ପ୍ରଗତି : ପ୍ରତ୍ୟେକ ମୁହୂର୍ତ୍ତରେ ଜାଗ୍ରତ୍ ହୋଇ ରହିବା, ମାର୍ଗରେ ଆହୁରି ଆଗେଇ ଯିବା ଲାଗି ନିଜେ ଯାହା ଓ ନିଜର ଯାହାକିଛି ଅଛି ସବୁକିଛି ତ୍ୟାଗ କରିଦେବା ଲାଗି ପ୍ରସ୍ତୁତ ରହିବା ।

ମାନବ ଜୀବନର ତାତ୍ପର୍ଯ୍ୟ ହେଲା ପ୍ରଗତି, ମାନବ ଜୀବନର ମର୍ମସ୍ଥଳ ହେଲା ପ୍ରଗତି । ପ୍ରଗତି ହେଉଛି ସୃଷ୍ଟି ଉପରେ ପଡୁଥିବା ଦିବ୍ୟ ପ୍ରଭାବର ସଙ୍କେତ । ପ୍ରତ୍ୟେକ ଉଷା ନୂତନ ପ୍ରଗତିର ସମ୍ଭାବନା ଆଣି ଦିଏ । ପରମ ଦିବ୍ୟସତ୍ତାଙ୍କର ଅଧିକରୁ ଅଧିକ ନିକଟତର ହେବା ହେଲା ଯଥାର୍ଥ ପ୍ରଗତି । ଏହି ପାର୍ଥିବ ଜଗତ୍ ହେଲା ଯାବତୀୟ ପ୍ରଗତି ଲାଗି ଏକ ମୁକ୍ତ କ୍ଷେତ୍ର । ପ୍ରଗତି ହେଲା ଆଜିର କାର୍ଯ୍ୟକଳାପ ଓ ଆସନ୍ତା କାଲିର ପ୍ରତିଶ୍ରୁତି । ଫ୍ରାନ୍ସର ବିଖ୍ୟାତ କବି, ଔପନ୍ୟାସିକ ଓ ନାଟ୍ୟକାର ଭିକ୍ଟର ହ୍ୟୁଗୋ (Victor Hugo) କହନ୍ତି :

"Progress is the onward stride of God."

''ପ୍ରଗତି ହେଉଛି ଭଗବାନଙ୍କର ଅଗ୍ର ପଦକ୍ଷେପ ।''

### ପ୍ରଗତିର ଆବଶ୍ୟକତା :

ବ୍ରିଟିଶର ବିଖ୍ୟାତ ଦାର୍ଶନିକ, ପ୍ରାଣୀ ତତ୍ତ୍ୱବିତ୍, ନୃତତ୍ତ୍ୱବିତ୍ ହର୍ବର୍ଟ ସ୍ପେନ୍ସର (Herbert Spencer) କହିଛନ୍ତି :

"Progress is not an accident, but a necessity. It is a part of Nature."

''ପ୍ରଗତି ଏକ ଦୁର୍ଘଟଣା ନୁହେଁ, ବରଂ ଏକ ଆବଶ୍ୟକତା । ଏହା ବିଶ୍ୱ ପ୍ରକୃତିର ଏକ ଅବିଚ୍ଛେଦ୍ୟ ଅଙ୍ଗ ।''

ଯାହାକିଛି ଅଗ୍ରଗତି କରେ ନାହିଁ ସେସବୁ ବିଶ୍ୱ ପ୍ରକୃତିରୁ ଲୋପ ପାଇଯାଏ । ସ୍ପେନ୍ସର ଯୋଗ୍ୟତମର ଉଦ୍‌ବର୍ତ୍ତନ କଥା (Survival of the fittest) ମଧ୍ୟ ଉତ୍ଥାପନ କରିଛନ୍ତି । ଯେଉଁ ଜୀବମାନେ ବିଶ୍ୱ ପ୍ରକୃତି ସହ ସମତାଳ ଓ ସଙ୍ଗତି ରକ୍ଷା କରିପାରି ନାହାନ୍ତି ସେମାନେ କାଳର ଗର୍ଭରେ ବିଲୁପ୍ତ ହୋଇ ଯାଇଛନ୍ତି । ବୁଦ୍ଧି ବିବେକ ସମ୍ପନ୍ନ ମଣିଷ ପାଇଁ ମଧ୍ୟ ଏକଥା ପ୍ରଯୁଜ୍ୟ ।

ଅନଗ୍ରସରତା ଅବକ୍ଷୟକୁ ଜନ୍ମ ଦିଏ । ତେଣୁ ପ୍ରତିକ୍ଷଣ ଜଣେ ପ୍ରଗତି ପାଇଁ ପ୍ରୟାସ କରିବା ଆବଶ୍ୟକ ।

ଶ୍ରୀମା କହନ୍ତି : ''ପ୍ରଗତି ହେଉଛି ଏହି ପାର୍ଥିବ ଜୀବନର ଉଦ୍ଦେଶ୍ୟ । ତୁମର ପ୍ରଗତି ବନ୍ଦ ହୋଇଗଲେ, ତୁମର ମୃତ୍ୟୁ ଘଟିବ । ଅଗ୍ରଗତି ନ କରି ଅତିବାହିତ ହେଉଥିବା ପ୍ରତ୍ୟେକ ମୁହୂର୍ତ୍ତ ତୁମକୁ ତୁମ କବରର ନିକଟବର୍ତ୍ତୀ କରିଥାଏ ।''

*

''ଯେଉଁ ମୁହୂର୍ତ୍ତରେ ତୁମେ ସନ୍ତୁଷ୍ଟ ହୋଇଯାଅ ଏବଂ ଆଉ କୌଣସି ଅଭୀପ୍ସା ରଖ ନାହିଁ, ସେହି ମୁହୂର୍ତ୍ତରୁ ହିଁ ତୁମେ ମରିବାକୁ ଆରମ୍ଭ କର । ଜୀବନ ହେଉଛି ଗତି, ଜୀବନ ହେଉଛି ଉଦ୍ୟମ । ଜୀବନ କହିଲେ ଆଗକୁ ଆଗକୁ ଚାଲୁ ଥିବାର ବୁଝାଏ; ଭବିଷ୍ୟତର ଗର୍ଭରେ ରହିଥିବା ସତ୍ୟର ଉଦ୍‌ଘାଟନ ଏବଂ ସତ୍ୟର ଉପଲବ୍ଧିଗୁଡ଼ିକୁ ବୁଝାଏ । ବିଶ୍ରାମ କରିବା, ଅବସର ଗ୍ରହଣ କରିନେବା, କୌଣସି ଏକ ନିର୍ଦ୍ଦିଷ୍ଟ ସ୍ଥିତିରେ ଅଟକି ଯିବାକୁ ଇଚ୍ଛା କରିବା ଅପେକ୍ଷା ଅଧିକତର ବିପଜ୍ଜନକ ବିଷୟ ଆଉ କିଛି ନ ଥାଇପାରେ ।''

*

''ସର୍ବଦା କିଛି ନା କିଛି ଶିକ୍ଷା କରିବାକୁ ହୋଇଥାଏ । ଏକ ଅଗ୍ରଗତି ସମ୍ଭବ କରିବାର ରହିଥାଏ ଏବଂ ପ୍ରତ୍ୟେକ ପରିସ୍ଥିତିରେ ମଧ୍ୟ ଆମେ ସେହି ଶିକ୍ଷାଟିକୁ ଲାଭ କରିପାରିବା ଏବଂ ସେହି ଅଗ୍ରଗତିଟିକୁ ଅବଶ୍ୟ ଫଳପ୍ରଦ କରିପାରିବା ।''

(CWM, Vol. 15, p. 75)

ଏହି ବିଶ୍ୱର ସତତ ଅଗ୍ରଗତିର ଭୂମି ଉପରେ ଯାହାକିଛି ହାସଲ ହୋଇ ସାରିଛି, ତାହା ଏକ ବୃହତ୍ତର ଉପଲବ୍ଧି ଦିଗରେ କେତୋଟି ଅଗ୍ର ପଦକ୍ଷେପ ବ୍ୟତୀତ ଅନ୍ୟ କିଛି ନୁହେଁ । ଆହୁରି ଅନେକ ପଦକ୍ଷେପ ନେବାର ଅବକାଶ ଓ ଆବଶ୍ୟକତା ରହିଛି । ପ୍ରଗତିର କୌଣସି ସୀମା ନାହିଁ । ତେଣୁ ଉପନିଷଦ୍‌ର ଋଷି ନିର୍ଦ୍ଦେଶ ଦିଅନ୍ତି : ''ଚରୈବେତି ଚରୈବେତି...'' ।

ଏ ପ୍ରସଙ୍ଗରେ ୧୯୪୮ ମସିହାର ନୂଆ ବର୍ଷରେ ଶ୍ରୀମାଙ୍କ ବାଣୀ ଥିଲା –

''ଆଗେଇ ଚାଲ, ଆଗେଇ ଚାଲ ନିରନ୍ତର !
ସୁଡ଼ଙ୍ଗର ଶେଷରେ ରହିଛି ଆଲୋକ...
ଯୁଦ୍ଧର ଶେଷରେ ହିଁ ବିଜୟ ।''

ଅତିକ୍ରାନ୍ତ ହେଉଥିବା ପ୍ରତ୍ୟେକଟି ବର୍ଷ ଏକ ନୂତନ ବିଜୟର ଅବସର ହୋଇ ରହିବା ଆବଶ୍ୟକ ।

ଯଦି ମଣିଷ ବାର୍ଦ୍ଧକ୍ୟକୁ ସୁଦୂର ପରାହତ କରିବାକୁ ଚାହେଁ ତେବେ ''ପ୍ରଗତି''କୁ କେବଳ ଜୀବନ ବଞ୍ଚିବାର ମନ୍ତ୍ର ରୂପେ ଗ୍ରହଣ କରିବାକୁ ହେବ । କାରଣ ଯେଉଁ ବର୍ଷଗୁଡ଼ିକରେ କୌଣସି ଅଗ୍ରଗତି ନ କରି ବୃଥାରେ ଅତିବାହିତ କରାଯାଇଥାଏ ସେହି ବର୍ଷଗୁଡ଼ିକ ହିଁ ଆମକୁ ବୁଢ଼ା କରି ଦିଏ । ତେଣୁ ନିଜଠାରୁ ଉଚ୍ଚତର ଓ ପ୍ରଶସ୍ତତର କୌଣସି କିଛିର ଉପଲବ୍ଧି ଲାଗି ନିଜ ଜୀବନକୁ ନିବେଦିତ କରି ରଖିବା ପାଇଁ ଦିବ୍ୟ ଜନନୀ ପରାମର୍ଶ ଦେଇ ଯାଇଛନ୍ତି । ଯେତେବେଳେ ଆମେ ଉଚ୍ଚତର, ମହତ୍ତର କୌଣସି ଆଦର୍ଶକୁ ରୂପରେଖ ଦେବା ଲାଗି ଆପଣା ଜୀବନଟିକୁ ବିନିଯୋଗ କରୁ, ତେବେ ଅତିବାହିତ ହୋଇ ଯାଉଥିବା ବର୍ଷଗୁଡ଼ିକର ଓଜନକୁ ଆମେ ଅନୁଭବ କରିବା ନାହିଁ । ଜୀବନ କଦାପି ବିରକ୍ତିକର ମନେ ହେବ ନାହିଁ ।

ଜଣେ ଯେତେବେଳେ ଅଗ୍ରଗତି କରେ ନାହିଁ, ସେତେବେଳେ ତା' ଲାଗି ଜୀବନଟି ନୀରସ, ଶୁଷ୍କ ଓ ବିରକ୍ତିକର ମନେ ହୁଏ । ତେଣୁ ଯେଉଁ ମୁହୂର୍ତ୍ତରେ ଜଣେ ବିରକ୍ତି (Boredom) ଅନୁଭବ କରେ ସେତେବେଳେ ସେ ନିଜକୁ ପ୍ରଶ୍ନ ପଚାରିବା ଆବଶ୍ୟକ – ''ମୁଁ କିପରି ଅଗ୍ରଗତି କରିପାରିବି ? ମୁଁ କେଉଁ କ୍ଷେତ୍ରରେ ଅଗ୍ରଗତି କରିପାରିବି ? ମୋର କେଉଁ କେଉଁ ନୂତନ ବିଷୟସବୁ ଶିଖିବା ଲାଗି ବାକି ରହିଛି ? ମୋର କେଉଁ କେଉଁ ଅକ୍ଷମତା ଓ ଦୁର୍ବଳତାସବୁ ଅତିକ୍ରମ କରିବା ଆବଶ୍ୟକ ? କେଉଁ କେଉଁ ଦୋଷତ୍ରୁଟିଗୁଡ଼ିକୁ ସଂଶୋଧନ କରିବା ଆବଶ୍ୟକ ? ମୁଁ କରୁଥିବା କାର୍ଯ୍ୟଟିକୁ କିପରି ଆହୁରି ଉତ୍ତମ ରୂପେ କରିପାରିବି ? ମୁଁ ଆଳସ୍ୟ ଓ ପରିବର୍ତ୍ତନ ବିମୁଖତାର ବଶୀଭୂତ ହୋଇ ରହିଛି କି ?'' ଏହିପରି ପ୍ରଶ୍ନ କରିବା ଦ୍ୱାରା ଜଣେ ଲକ୍ଷ୍ୟ କରିବ ଯେ ଜୀବନରେ ଆହୁରି ଅନେକ କିଛି କରିବାର ବାକି ରହିଛି, ଅନେକ ବାଟ ଅତିକ୍ରମ

କରିବାକୁ ରହିଛି । ସେତେବେଳେ ଯାବତୀୟ ବିରକ୍ତି ଭାବ ଦୂରେଇ ଯାଏ । ଏ ସଂକ୍ରାନ୍ତରେ ଇଂରେଜ କବି ରବର୍ଟ ଫ୍ରସ୍ଟ୍ (Robert Frost)ଙ୍କ ପଙ୍କ୍ତି ଦୁଇଟି ମନେ ପଡ଼େ :

"The woods are lovely, dark and deep,
But I have promises to keep,
And miles to go before I sleep.
... Miles to go before I sleep."

ପ୍ରଗତି କରିବା ଲାଗି ଅକ୍ଷମତା ବା ଅନିଚ୍ଛା ହିଁ ବାର୍ଦ୍ଧକ୍ୟର ଯଥାର୍ଥ ପରିଭାଷା । ''ଆମେ ଯେମିତି ଜୀବନରେ ଉଶ୍ୱାସ ହୋଇ ବସିଯିବାକୁ ଇଚ୍ଛା କରୁ ଓ ଆପଣା ଅତୀତ ଉଦ୍ୟମର ଫଳଗୁଡ଼ିକ ଭୋଗ କରିବାକୁ ପ୍ରସ୍ତୁତ ହୋଇଯାଉ, ଆମର ଯାହାକିଛି କରିବାର ଥିଲା ତାହା କରି ସାରିଲୁଣି ଓ ଯାହାକିଛି ହାସଲ କରିବାର ଥିଲା ସେସବୁ ହାସଲ କରି ସାରିଲୁଣି ବୋଲି ଯେଉଁ ମୁହୂର୍ତ୍ତରୁ ଭାବିବାକୁ ଆରମ୍ଭ କରୁ, ଅର୍ଥାତ୍ ସଂକ୍ଷେପରେ କହିଲେ, ଯେମିତି ଆମର ଯାବତୀୟ ଅଗ୍ରଗତି ବନ୍ଦ ହୋଇଯାଏ, ସେତେବେଳେ ସୁନିଶ୍ଚିତ ଭାବରେ ପଛରେ ପଡ଼ି ରହିବାକୁ ଆରମ୍ଭ କରୁ ଓ ବୁଢ଼ା ହେବାକୁ ଲାଗୁ ।''

(ମାତୃରଚନାବଳି - ୧୨, ପୃ. ୩୫୫)

''ଯଦି ଅଗ୍ରଗତି କରିବାର ଏହି ବହ୍ନି ଶିଖାଟିକୁ ତୁମେ ପ୍ରକୃତରେ ଆପଣା ଭିତରେ ବହନ କରୁଥାଅ, ନିଜ ଜୀବନରେ ଆହୁରି ଅଧିକରୁ ଅଧିକ ପରିବର୍ତ୍ତନ ଘଟାଇବାକୁ ଶିଖାଟିକୁ ନିଜ ଭିତରେ ପ୍ରଜ୍ୱଳିତ କରି ରଖିଥାଅ, ଏକ ସୁନିଶ୍ଚିତ ଓ ସୁସାବଧାନ ପଦକ୍ଷେପ ସହିତ ଆଗକୁ ଯାଇ ପାରିବା ଲାଗି ତୁମେ ସବୁକିଛିକୁ ପଛରେ ପକାଇ ଚାଲିଯିବା ଲାଗି ପ୍ରସ୍ତୁତ ହୋଇ ଯଦି ବାହାରିଥାଅ, ଯଦି ଏକ ନୂତନ ଅଗ୍ରଗତି ନିମିତ୍ତ ତୁମେ ଆପଣାକୁ ସର୍ବଦା ଉନ୍ମୁକ୍ତ କରି ରଖିଥାଅ, ଏକ ନୂତନ ଅଭିବୃଦ୍ଧି ଏବଂ ନୂତନ ପରିବର୍ତ୍ତନ ଲାଗି ଉନ୍ମୁକ୍ତ କରି ରଖିଥାଅ, ତେବେ ତୁମେ ଏକ ଚିରନ୍ତନ ତାରୁଣ୍ୟର ଅଧିକାରୀ ହୋଇ ରହିଛ ବୋଲି ଅବଶ୍ୟ କୁହାଯିବ । କିନ୍ତୁ, ଅନ୍ୟ ପକ୍ଷରେ ଯେତିକି ହାସଲ ହୋଇପାରିଛି ସେତିକିରେ ସନ୍ତୁଷ୍ଟ ହୋଇ ତୁମେ ଯଦି ପଛକୁ ବସି ରହିବା ଲାଗି ମନ କରୁଥାଅ, ତୁମେ ତୁମର ଲକ୍ଷ୍ୟରେ ଯାଇ ପହଞ୍ଚି ସାରିଲଣି ଏବଂ ଏଥର ଆପଣା ପ୍ରୟାସଗୁଡ଼ିକର ଫଳଟିକୁ ଉପଭୋଗ କରିବା ବ୍ୟତୀତ ତୁମର ଆଉ କିଛି ହେଲେ କରିବାର ନାହିଁ ବୋଲି ଯଦି ତୁମ ଭିତରେ ଏପରି କୌଣସି ଅନୁଭୂତି ଆସୁଥାଏ, ତେବେ କହିବାକୁ ହେବ ଯେ ତୁମ ଶରୀରର ଅର୍ଦ୍ଧେକ ଅଂଶ ହିଁ ଇତିମଧ୍ୟରେ ସମାଧି ମନ୍ଦିରରେ ପୀଠସ୍ଥ ହୋଇ ରହି ସାରିଲାଣି । ତାହା ହିଁ ଜରା ଓ ବାର୍ଦ୍ଧକ୍ୟ, ପ୍ରକୃତରେ ତାହାକୁ ହିଁ ଅସଲ ମୃତ୍ୟୁ ବୋଲି କୁହାଯିବ ।

''ଯାହାକିଛି ସମ୍ପାଦିତ ହୋଇ ସାରିଛି, ସମ୍ପାଦିତ ହେବା ଲାଗି ବାକି ରହିଥିବା କାର୍ଯ୍ୟଗୁଡ଼ିକର ତୁଳନାରେ ତାହା ପ୍ରକୃତରେ କିଛି ନୁହେଁ । ତେଣୁ ଆଉ ପଛକୁ ଅନାଇ ରହ ନାହିଁ । ଆଗକୁ ହିଁ ଦୃଷ୍ଟିପାତ କର, ସର୍ବଦା ସେହି ଆଗକୁ ହିଁ ଦୃଷ୍ଟିପାତ କର ଓ ନିରନ୍ତର କେବଳ ଆଗକୁ ହିଁ ଯିବାରେ ଲାଗିଥାଅ !''

(ମାତୃରଚନାବଳି, ଭାଗ-୩, ପୃ. ୩୭୬)

ପୃଥିବୀ ଏପରି କ୍ଷିପ୍ରତାର ସହ ଆଗକୁ ଯିବାରେ ଲାଗିଛି ଯେ ଆମକୁ ଯେକୌଣସି ମୁହୂର୍ତ୍ତରେ, ଆହୁରି ଅଧିକ ଭଲ ଭାବରେ ଜାଣିବା ନିମନ୍ତେ ଆମ ମନ, ପ୍ରାଣ, ଶରୀର ଓ ଚୈତ୍ୟର ସୀମାଗୁଡ଼ିକୁ ଅତିକ୍ରମ କରି ନିରନ୍ତର ଆଗକୁ ଚାଲିବାକୁ ହେବ ।

ମନ ତା'ର ଏକାଗ୍ରତା, ସ୍ମରଣ ଶକ୍ତି, ଗଭୀରଭାବେ ମନନ ବା ଚିନ୍ତନ କରି ପାରିବାର ଶକ୍ତି ତତ୍ତ୍ୱ ଓ ତଥ୍ୟଗୁଡ଼ିକ ମଧ୍ୟରେ ସମନ୍ୱୟ ସ୍ଥାପନ କରିପାରିବା ଶକ୍ତି, ସମସ୍ୟାଗୁଡ଼ିକର ସମାଧାନ ନିର୍ଣ୍ଣୟ କରିବା ସାମର୍ଥ୍ୟ, ଯେକୌଣସି ବିଷୟରେ ବିଭିନ୍ନ ଦିଗରୁ ବିଚାର କରି ଓ ଅନୁକୂଳ ପ୍ରତିକୂଳ ଯୁକ୍ତି ଉପସ୍ଥାପନପୂର୍ବକ ଏକ ନିଷ୍କର୍ଷ ନିର୍ଣ୍ଣୟ କରିବା ସାମର୍ଥ୍ୟ ପ୍ରାପ୍ତ କରିବା ଆବଶ୍ୟକ । ଏସବୁ ହେଲା **ମାନସିକ ପ୍ରଗତି**ର କେତୋଟି ଦିଗ ।

ଠିକ୍ ସେହିପରି ପ୍ରାଣସତ୍ତା ତାହାର ବିଭିନ୍ନ କୁଅଭ୍ୟାସ, କାମନାବାସନା, ଉତ୍ତେଜନା, ଆବେଗ, ଲୋଭ, ଈର୍ଷା, ଅସୂୟା ଆଦି ମନ୍ଦଗୁଣଗୁଡ଼ିକୁ ଦୂର କରିବା ଲାଗି ପ୍ରୟାସ କରା ଯାଇପାରେ, ଏତଦ୍ ଦ୍ୱାରା **ପ୍ରାଣିକ ପ୍ରଗତି** ସମ୍ଭବପର ହୁଏ ।

ଶାରୀରିକ ସତ୍ତାର ଆଳସ୍ୟ, ତାମସିକତା, ପରିବର୍ତ୍ତନ ବିମୁଖତା, ଅନମନୀୟତା, ସଂକୀର୍ଣ୍ଣତା, ଦୁରାଗ୍ରହ, ରାଜସିକ ଅସହିଷ୍ଣୁତା ଆଦି ଦୂର କରି ପ୍ରଗତି ପଥରେ ଆଗେଇବା ଲାଗି ପ୍ରୟାସ କରାଯାଇପାରେ । ଉତ୍ତମ ଜୀବନଶୈଳୀ ଅନୁସରଣ କରି ଉତ୍ତମ ସ୍ୱାସ୍ଥ୍ୟ ରକ୍ଷା କରିବା ଓ ସହନଶୀଳତା ଆଦି ଶାରୀରିକ ସାମର୍ଥ୍ୟ ବୃଦ୍ଧି କରିବା ହେଲା **ଶାରୀରିକ ପ୍ରଗତି**ର ଲକ୍ଷଣ ।

ଚୈତ୍ୟସତ୍ତା : ପରମ ଦିବ୍ୟସତ୍ତାଙ୍କ ସହ ଐକ୍ୟ ବା ତାଦାତ୍ମ୍ୟତା ଲାଭ କରିବା ନିମିତ୍ତ, ତାଙ୍କରି ସାନ୍ନିଧ୍ୟ ଓ ମାର୍ଗ ଦର୍ଶନ ଓ ଦିବ୍ୟ ସଂକଳ୍ପ ପ୍ରତି ଆନୁଗତ୍ୟ ପ୍ରକାଶ କରି ଜୀବନର ଯାବତୀୟ ଗତିସ୍ପନ୍ଦନ ଯେପରି ଦିବ୍ୟ ଚେତନା ଅଭିମୁଖୀ

ହୋଇପାରେ, କେବଳ ତାହା ପ୍ରତି ଉନ୍ମୀଳିତ ହୋଇ ରହିବା ନିମିତ୍ତ ପ୍ରୟାସ କରାଯାଇପାରେ । ଏହାକୁ **ଚୈତ୍ୟସତ୍ତାର ପ୍ରଗତି** ବୋଲି କୁହାଯାଇପାରେ । ଏ ସମସ୍ତ ଦିଗ ପ୍ରତି ସମାନ ଭାବେ ଆଗ୍ରହର ସହ ପ୍ରୟାସ କରିବା ଦ୍ୱାରା **ସାମଗ୍ରିକ ପ୍ରଗତି** ସମ୍ଭବ ହୋଇପାରେ ।

ମଣିଷ ପାର୍ଥିବ ସ୍ତରରେ ଅନେକ ଅଗ୍ରଗତି କରିଥାଇ ପାରେ । ସେ ସୁଖ, ସ୍ୱାଚ୍ଛନ୍ଦ୍ୟ ଓ ଭୋଗବିଳାସ ଲାଗି ଅନେକ ଉପକରଣ ଆବିଷ୍କାର କରିଛି ଓ ସଂଗ୍ରହ କରି ରଖିଛି । ମାନସିକ ସ୍ତରରେ, ବୌଦ୍ଧିକ ସ୍ତରରେ, ମନସ୍ତାତ୍ତ୍ୱିକ ସ୍ତରରେ ମଧ୍ୟ ସେ ଅନେକ ପ୍ରଗତି ହାସଲ କରି ପାରିଛି । ବର୍ତ୍ତମାନ କିନ୍ତୁ ସବୁଠାରୁ ଅତ୍ୟାବଶ୍ୟକ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ଚେତନା ସ୍ତରରେ ଅଗ୍ରଗତି କରିବା । କଥିତ ଅଛି : “To rise in consciousness is the only art of life.” ଅର୍ଥାତ୍, ‘‘ଚେତନା ସ୍ତରରେ ପ୍ରଗତି କରିବା ହେଲା ଜୀବନ ବଞ୍ଚିବାର ଏକମାତ୍ର କଳା ।’’ ମଣିଷ ଯେତେବେଳେ ମନକୁ ଅନୁସରଣ ନ କରି ବୋଧି-ମନ (Intuition)କୁ ଅନୁସରଣ କରିବ; ମନ, ପ୍ରାଣ, ଶରୀରର ତାଡ଼ନା ଦ୍ୱାରା ପରିଚାଳିତ ନ ହୋଇ ନିଜ ଅନ୍ତରସ୍ଥ ଦିବ୍ୟସତ୍ତା ଦ୍ୱାରା ପରିଚାଳିତ ହୋଇପାରିବ – ସେତେବେଳେ ତାହା ହିଁ ଏକ ଯଥାର୍ଥ ଅଗ୍ରଗତି ବୋଲି ଧରି ନିଆ ଯାଇପାରେ । ମନ, ପ୍ରାଣ ଓ ଶରୀର ସ୍ତରରେ ଯେଉଁ ଅଗ୍ରଗତି ସମ୍ଭବ ହୋଇ ପାରିଛି ତାହାକୁ ଅନୁପ୍ରସ୍ଥ ବା ସମତଳୀୟ ଅଗ୍ରଗତି (Horizontal Progress) ବୋଲି କୁହାଯାଏ । ଅପରପକ୍ଷେ ଚେତନାର ଅଗ୍ରଗତିକୁ ଅନୁଲମ୍ବ ଅଗ୍ରଗତି (Vertical Progress) ବୋଲି କୁହାଯାଇପାରେ । ଉଭୟ ପ୍ରକାର ଅଗ୍ରଗତି ଲାଗି କୌଣସି ସୀମା ନିର୍ଦ୍ଧାରଣ କରା ଯାଇପାରେ ନାହିଁ ଓ ଉଭୟ ପ୍ରକାର ସମକାଳୀନ ପ୍ରଗତି ହିଁ ଜୀବନରେ ପୂର୍ଣ୍ଣତା ଓ ସଙ୍ଗତି ଆଣିପାରେ ।

### ପ୍ରଗତି ନିମିତ୍ତ ସର୍ତ୍ତାବଳୀ :

(୧) ଏହା ସ୍ୱାଭାବିକ କଥା ଯେ ପ୍ରଗତି ଲାଗି ଏକ ତୃଷ୍ଣା, ଜ୍ଞାନ ପାଇଁ ତୃଷ୍ଣା, ରୂପାନ୍ତର ଲାଗି ତୃଷ୍ଣା, ସର୍ବୋପରି ଦିବ୍ୟ ପ୍ରେମ ପାଇଁ ତୃଷ୍ଣା ଓ ସତ୍ୟ ପାଇଁ ତୃଷ୍ଣା – ଯଦି ଜଣେ ଏହା ରଖିପାରେ ତେବେ ଯାଇ ସେ ପ୍ରଗତି କରିପାରିବ । ପ୍ରକୃତରେ କିନ୍ତୁ ଏହି ତୃଷ୍ଣା ରହିଥିବା ଆବଶ୍ୟକ । ତୃଷ୍ଣା – ଅର୍ଥାତ୍, ଏକ ତୀବ୍ର ଆବଶ୍ୟକତା ବୋଧ – ଏକ ଅଦମ୍ୟ ଆବଶ୍ୟକତାର ତାଡ଼ନା – ଏକ ପ୍ରବଳ ଇଚ୍ଛା ଓ ଏକ ପ୍ରଯତ୍ନଶୀଳ ସଂକଳ୍ପ ।

(୨) ମଣିଷ ଅତୀତକୁ ବୋଝ କରି ବାଟ ଚାଲୁଥାଏ । ଏହା ପ୍ରଗତିକୁ ମନ୍ଥର କରି ଦିଏ । ମଣିଷ କିନ୍ତୁ ଅତୀତର ଛାଞ୍ଚ ମଧ୍ୟରେ ନିଜକୁ ବନ୍ଦୀ କରି ରଖିବା ଦ୍ୱାରା ଆପଣାକୁ ସୁରକ୍ଷିତ ମଣିଥାଏ । ଉଦାହରଣସ୍ୱରୂପ ଜଣେ ବ୍ୟକ୍ତି ଯେଉଁ ପରିବେଶରେ ବା ଦେଶରେ ଜନ୍ମଗ୍ରହଣ କରିଥାଏ, ସେହି ଦେଶର ଧର୍ମ, ସଂସ୍କୃତି, ପରମ୍ପରା, ଲୋକାଚାର, ପ୍ରଥା ତଥା ଅନ୍ଧବିଶ୍ୱାସଗୁଡ଼ିକୁ ଆପଣେଇ ନେଇଥାଏ । ସେଗୁଡ଼ିକୁ ବର୍ଜନ କରି ଅନ୍ୟ କିଛି ନୂତନ ଶ୍ରେୟ ବିଷୟଗୁଡ଼ିକ ଗ୍ରହଣ କରିବା ଲାଗି ଅନିଚ୍ଛା ପ୍ରକାଶ କରେ । ଏହା ତା’ର ପ୍ରଗତି ପଥରେ ଅନ୍ତରାୟ ସୃଷ୍ଟି କରିଥାଏ । ପ୍ରଗତି ମାନ୍ଦା ପଡ଼ିଯାଏ କିଂବା ବିଳମ୍ବିତ ହୁଏ । ଏଠାରେ ଅତୀତର ଯାହା କିଛି ଶ୍ରେୟ ଓ ଉତ୍କୃଷ୍ଟ ତାକୁ ବର୍ଜନ କରିବାକୁ କୁହାଯାଉ ନାହିଁ । କିନ୍ତୁ ଆବଶ୍ୟକ ସ୍ଥଳେ ସେଗୁଡ଼ିକୁ ଅତିକ୍ରମ କରିଯାଇ ଉଚ୍ଚତର ଓ ମହତ୍ତର ବିଷୟଗୁଡ଼ିକୁ ସ୍ୱତଃସ୍ଫୂର୍ତ୍ତଭାବେ ଗ୍ରହଣ କରି ନେବାକୁ କୁହାଯାଉଛି । ତେବେ ଯାଇ ଅଗ୍ରଗତି ତ୍ୱରାନ୍ୱିତ ହୋଇ ପାରିବ । ଏ ସଂକ୍ରାନ୍ତରେ ଦିବ୍ୟଜନନୀ ଶ୍ରୀମାଙ୍କ ଦ୍ୱାରା ପ୍ରଦତ୍ତ ୧୯୩୩ ମସିହାର ନବବର୍ଷର ବାଣୀ ପ୍ରଣିଧାନଯୋଗ୍ୟ ।

“Let the birth of the new year be the new birth of our consciousness.

Leaving the past far behind us, let us run towards a luminous future.”

‘‘ନୂତନବର୍ଷର ଜନ୍ମ ଯେପରି ଆମ୍ଭମାନଙ୍କର ଚେତନାର ମଧ୍ୟ ନବଜନ୍ମ ହୋଇଉଠୁ ।

‘‘ଅତୀତକୁ ପଛରେ ବହୁ ଦୂରରେ ପକାଇ ଆସ, ଆମେ ଉଜ୍ଜ୍ୱଳତମ ଭବିଷ୍ୟତ୍ ଦିଗରେ ଆଗେଇ ଚାଲିବା ।’’

ଗୋଟିଏ ସାଧାରଣ ବାସ୍ତବ ଉଦାହରଣ ଦ୍ୱାରା ବିଷୟଟିକୁ ଅଧିକ ସ୍ପଷ୍ଟ ଓ ପ୍ରାଞ୍ଜଳ ରୂପେ ବୁଝି ପାରିବା । ମନେକର ଜଣେ ବ୍ୟକ୍ତି ତରୁଣ ବୟସରେ ନଡ଼ିଆ, କଦଳୀ, ଫୁଲ, ଚନ୍ଦନ, କର୍ପୂର, ଧୂପ, ଦୀପ ନେଇ ପ୍ରତିଦିନ ମନ୍ଦିର ଯାଉଥିଲେ । ଯୁବାବସ୍ଥା ପ୍ରାପ୍ତ ହେଲା ପରେ ସ୍ନାନାନ୍ତେ ପୂଜା ଘରେ ନୀରବ ନିଶ୍ଚଳ ଭାବେ ବସି ପ୍ରାର୍ଥନା କଲେ, ନାମ ଜପ କଲେ, କିଛି ସଦ୍‌ଗ୍ରନ୍ଥ ପାଠ କଲେ ଆଉ ମନ୍ଦିର ଯିବାର ଆବଶ୍ୟକତା ଅନୁଭବ କଲେ ନାହିଁ । ପ୍ରୌଢ଼ାବସ୍ଥାରେ ସେ ଶୁଦ୍ଧପୂତ ହୋଇ

ପୂଜା ଘରେ ବସି ଧ୍ୟାନମଗ୍ନ ହୋଇଯା'ନ୍ତି । ଧ୍ୟାନାବସ୍ଥାରେ ଅନେକ ଅନୁଭୂତି ପ୍ରାପ୍ତ କରନ୍ତି । ଆଧାରରେ ଶାନ୍ତି, ଶକ୍ତି ଓ ଆଲୋକର ଅବତରଣ ଅନୁଭବ କରନ୍ତି । ସାଧନାର ଏପରି ସ୍ଥିତିରେ ନଡ଼ିଆ, କଦଳୀ, ଫୁଲ, ଚନ୍ଦନ, କର୍ପୂର, ଧୂପ, ଦୀପ ନେଇ ମନ୍ଦିର ଯିବାର ପୁରୁଣା ପ୍ରଥା ବା ଅଭ୍ୟାସଟିକୁ ପୁନରାବୃତ୍ତି କରିବା କ'ଣ ଆବଶ୍ୟକ ବା ବାଞ୍ଛନୀୟ ? ଶ୍ରୀମା କହନ୍ତି : ''ତୁମେ ଯେତେବେଳେ ଗୋଟିଏ ଅବସ୍ଥା ବା ସୋପାନ ଅତିକ୍ରମ କରି ଆସିଲ – ତାକୁ ଛାଡ଼ିଦିଅ । ସେ ଯାଉ । ତୁମେ ଆଗକୁ ଗତିକର ।'' (ଚିରନ୍ତନୀ, ପୃ. ୩୨୬) ଅତୀତ ଆରୋହଣର ଏକ ସୋପାନ ହୋଇ ରହୁ । ଆଉ ଏକ ଉଚ୍ଚତର ଓ ଅଧିକତର ଭଲ ଅବସ୍ଥାକୁ ଯିବାକୁ ହେଲେ ଯାହାକିଛି ଅଭିଜ୍ଞତା ଆମେ ଲାଭ କରି ସାରିଲୁଣି ସେଗୁଡ଼ିକୁ ଛାଡ଼ିଦେବା ଲାଗି ପ୍ରସ୍ତୁତ ହୋଇ ରହିବା ଉଚିତ । ତା'ହେଲେ ଆମେ ଦ୍ରୁତଗତିରେ ଆଗକୁ ଯାଇ ପାରିବା । ଅନ୍ୟପକ୍ଷେ ଅତୀତର ସମସ୍ତ ବୋଝକୁ ଯଦି ଫିଙ୍ଗି ନ ଦେଇ ସେଗୁଡ଼ିକୁ ଆପଣା ସାଥିରେ ଟାଣି ଟାଣି ଚାଲିବା ତେବେ ଅଗ୍ରଗତି ମନ୍ଥର ହୋଇଯିବା ସ୍ୱାଭାବିକ । ତେଣୁ ଅତୀତକୁ ପଛରେ ରଖି ଆଗକୁ କ'ଣ କରିବାକୁ ହେବ ସେଥିପ୍ରତି ଦୃଷ୍ଟି ରଖିବା । ପଥରେ ବେଶୀ କାଳକ୍ଷେପଣ କରିବା ନାହିଁ । ପ୍ରଗତି ଲାଗି ଅତୀତର ଯାବତୀୟ ଆସକ୍ତିରୁ ନିଜକୁ ସମ୍ପୂର୍ଣ୍ଣ ରୂପେ ମୁକ୍ତ ରଖିବାକୁ ହେବ ।

(୩) ଦିବ୍ୟଜନନୀ ଶ୍ରୀମା କହନ୍ତି ଯେ ଅଗ୍ରଗତି ଲାଗି, ବିକାଶ ଲାଗି ଆମ ସମସ୍ତଙ୍କର ସାମର୍ଥ୍ୟ ରହିଛି । କିନ୍ତୁ ଆମର ମାନସିକ ଗଠନ ସେ କ୍ଷେତ୍ରରେ ବ୍ୟାଘାତ ସୃଷ୍ଟି କରିଥାଏ । ଆଳସ୍ୟ ଓ ଶ୍ରମବିମୁଖତା ଆମକୁ ଅଟକାଇ ଦିଏ । ଅନ୍ୟଥା ଆମେ ଯଦି କିଛି କଷ୍ଟସ୍ୱୀକାର କରିବା ଲାଗି ପ୍ରସ୍ତୁତ ହୋଇ ରହିଥାଉ ତେବେ ପ୍ରଗତି ଲାଗି ଆମର କ୍ଷମତା ଅସୀମ ବୋଲି ବୁଝିବାକୁ ହେବ । ଏପରି ଏକ ଧାରଣା ରହିଛି ଯେ ପ୍ରତ୍ୟେକ ବ୍ୟକ୍ତି ଏକ ନିର୍ଦ୍ଦିଷ୍ଟ ପ୍ରକାରର ବା ଏକ ଧରଣର; ଯେପରି ଆମ୍ବ ଗଛଟିଏ ନଡ଼ିଆ ଗଛ ହୋଇପାରିବ ନାହିଁ କିଂବା କଦଳୀ ଗଛ ପିଜୁଳି ଗଛରେ ପରିଣତ ହୋଇପାରିବ ନାହିଁ । କିନ୍ତୁ ଏହାର ଅର୍ଥ ଅନ୍ୟ କିଛି । ତୁମ ସତ୍ତାର ସତ୍ୟ (the truth of your being) ଓ ତୁମ ପଡ଼ୋଶୀ ସତ୍ତାର ସତ୍ୟ ଏକ ନୁହେଁ । କିନ୍ତୁ ତୁମ ସତ୍ତାର ଯାହା ଅନ୍ତର୍ନିହିତ ସତ୍ୟ, ତୁମର ଯେପରି ଗଠନ ତଦନୁଯାୟୀ ତୁମ ଅଗ୍ରଗତିର ମଧ୍ୟ କୌଣସି ସୀମା ନାହିଁ । ଅଗ୍ରଗତିର ଉପାୟ ସମ୍ବନ୍ଧରେ ଆମର ଅଜ୍ଞାନତା ଯୋଗୁଁ ଆମର ଧାରଣା ହୋଇଯାଇଛି ଯେ ଆମର ପ୍ରଗତି ସୀମିତ ଓ ତାହା ସେହି ସୀମା ଭିତରେ ରହିବାକୁ ବାଧ୍ୟ ।

(୪) ଆମ ଭିତରେ ଧାର୍ମିକତା, ନୈତିକତା, ସାମାଜିକତାର ଆଳ ନେଇ ଅନେକ ଆଚରଣ ବିଧି, ବଦ୍ଧମୂଳ ଧାରଣା, ଧରାବନ୍ଧା ନୀତି ଓ ନିର୍ଦ୍ଦେଶନାମା ଆସ୍ଥାନ ଜମେଇ ରହିଛନ୍ତି । ଏଗୁଡ଼ିକ ଅଗ୍ରଗତି ପଥରେ ପ୍ରତିବନ୍ଧକ ସୃଷ୍ଟି କରିଥା'ନ୍ତି । ସ୍ୱଭାବରୁ ଏହିସବୁ ଆବର୍ଜନା ଖାଲି ହେଲେ ନୂତନ ଚିନ୍ତା, ନୂତନ ଅନୁଭୂତି ଲାଗି କ୍ଷେତ୍ର ପ୍ରସ୍ତୁତ ହୋଇପାରିବ । ଏଥିଲାଗି ଆପଣାକୁ ଏକ ସଫେଦ ଧଳା କାଗଜରେ ପରିଣତ କରି ଦେଇ କଲମଟିକୁ ଦିବ୍ୟଜନନୀଙ୍କ ହାତରେ ଧରେଇ ଦେବାକୁ ହେବ । ତେବେ ଯାଇ ଦିବ୍ୟଜନନୀ ଆମ ଲାଗି ନିର୍ଦ୍ଦେଶନାମାସବୁ ଲେଖି ଦେବେ ଯାହାକୁ ଅବଲମ୍ବନ କରି ଆମେ ନିରାପଦରେ ପ୍ରଗତିପଥରେ ଆଗେଇ ଯାଇପାରିବା । କିନ୍ତୁ ଏଥିପାଇଁ ସେତିକିବେଳେ ଯୋଗ୍ୟ ହେବା ଯେତେବେଳେ ଆମେ ନିଜକୁ ଏକ ସରଳ ନିଷ୍ପାପ ସଦ୍ୟଜାତ ଶିଶୁରେ ପରିଣତ କରିଦେଇ ପାରିବା ।

(୫) ତୁମେ କ'ଣ ହୋଇ ରହିଛ ସେକଥା ଆଦୌ ଚିନ୍ତା କର ନାହିଁ । ତୁମେ ଯାହା ହେବା ଲାଗି ଇଚ୍ଛା କରୁଛ ସେହି କଥା ହିଁ ପ୍ରତି ମୁହୂର୍ତ୍ତରେ ଚିନ୍ତା କର । ତେବେ ଯାଇ ତୁମେ ନିଶ୍ଚିତ ରୂପେ ଅଗ୍ରଗତି କରିପାରିବ । ଆଦୌ ପଛକୁ ଅନାଅ ନାହିଁ, ସର୍ବଦା ଆଗକୁ ଅନାଅ । ତୁମ ହୃଦୟ ମଧ୍ୟରେ ଅଗ୍ରଗତିର ସଂକଳ୍ପକୁ ସର୍ବଦା ପ୍ରଜ୍ୱଳିତ କରି ରଖ । ପ୍ରଗତିର କୌଣସି ସୀମା ନାହିଁ । ଆମେ ଯାହା ବି କରୁଛୁ, ତାହାକୁ ଆହୁରି ଅଧିକ ଭଲ ଭାବରେ କରିବା ଲାଗି ଆମେ ପ୍ରତି ମୁହୂର୍ତ୍ତରେ ଶିକ୍ଷା କରିପାରିବା ।

(୬) ଯାହାସବୁ ଚେତନାର ଅଧୋଗତି ଘଟାଏ ସେସବୁ ସର୍ବଦା ବର୍ଜନୀୟ । କାରଣ ତାହା ପ୍ରଗତିକୁ ବିଳମ୍ବିତ କରେ । ଅଶ୍ଳୀଳ ଚଳଚ୍ଚିତ୍ର ଦେଖିବା, ଅଶ୍ଳୀଳ ଉପନ୍ୟାସ ପଢ଼ିବା, ଅଶ୍ଳୀଳ ଚିନ୍ତାସବୁକୁ ମନରେ ପ୍ରଶ୍ରୟ ଦେବା ଦ୍ୱାରା ଚେତନାର ଅଧୋଗତି ଘଟେ । ତେଣୁ ଯେଉଁ ସବୁ କର୍ମ କରିବା ଦ୍ୱାରା ଆମ ଚେତନା ବିକଶିତ ହୁଏ, ଆଲୋକଦୀପ୍ତ ହୁଏ ସେହିପରି କର୍ମସବୁ ଆମ ଜୀବନରେ ସ୍ଥାନ ପାଇବା ଉଚିତ; ଆମର ରୁଚି, ସୂକ୍ଷ୍ମବୋଧ, ଆଚାର ବ୍ୟବହାର ତଦନୁରୂପ ହେବା ଆବଶ୍ୟକ ।

ଏସବୁ ଥିଲା ପ୍ରଗତି ନିମିତ୍ତ କେତୋଟି ସର୍ତ୍ତାବଳୀ ଯାହା ଦିବ୍ୟଜନନୀ ଶ୍ରୀମାଙ୍କର ନିର୍ଦ୍ଦେଶ ଓ ମାର୍ଗ ଦର୍ଶନର ଅନ୍ତର୍ଭୁକ୍ତ ।

(କ୍ରମଶଃ) ❑

# କବି ନିଶିକାନ୍ତ

## (୧୨)

ଚନ୍ଦ୍ରିତମୁଖ ମଧୁରିମା, ଓଗୋ ଅମଲ-ଆଁଖିର ଧ୍ରୁବତାରା !
ଉଦାର୍ ଅଲକାନନ୍ଦାର୍ ମତ ବହିବ
ତୋମାର୍ ରୂପ-ଧାରା;
ବହିବ ତୋମାରେ ଅନ୍ତରତମ ଦେଶେ
ନିଭୃତ ସୁରେର୍ ରଜତେର୍ ସ୍ରୋତେ ଭେସେ
ନିରାଲାନୀହାର ଶିଖରିତ ସରଣୀତେ
ଛାୟାଲେଶହୀନ ଆବେଶେର୍ ସଙ୍ଗୀତେ;
ବାହିତେ ବାହିତେ ତବ ଅମଲତା ଆପନାରେ ଆମି ହବ ହାରା ।
ଚନ୍ଦ୍ରିତମୁଖ ମଧୁରିମା, ଓଗୋ ଅମଲ-ଆଁଖିର ଧ୍ରୁବତାରା !

— ନିଶିକାନ୍ତ

(‘ମୁଖବନ୍ଦନା’, ଅଲକାନନ୍ଦା କାବ୍ୟଗ୍ରନ୍ଥ)

[ବହିବ : ପ୍ରବାହିତ କରିବ । ନିରାଲାନୀହାର ଶିଖରିତ : ନିରାଲା - ନିର୍ଜନ ବା ନିଭୃତ; ନୀହାର – ବରଫାବୃତ; ଶିଖରିତ – ପର୍ବତର ଶୀର୍ଷଦେଶରେ ଅବସ୍ଥିତ; ଅମଲତା : ନିର୍ମଳ; ସରଣୀ - ପଥ]

ନଳିନୀକାନ୍ତଙ୍କ ଉକ୍ତିରେ : ‘‘ଶରୀରର ପ୍ରତିଟି କୋଷ ଯେମିତି ଶରୀର ପାଇଁ ଅପରିହାର୍ଯ୍ୟ, ସ୍ୱାସ୍ଥ୍ୟ ଓ ସୌନ୍ଦର୍ଯ୍ୟ ସକାଶେ ସେମିତି ଆମର ଏଇ ସାଧକ-ଶିଳ୍ପୀ କବି (ନିଶିକାନ୍ତ)ଙ୍କର ରଚିତ ମାତୃମୂର୍ତ୍ତିରେ, ବାଙ୍ମୟ ଗଠନରେ କୁତ୍ରାପି ଅନାବଶ୍ୟକ, ଅପ୍ରୟୋଜନୀୟ କୌଣସି ଉପାଦାନ ନାହିଁ । ପରିବେଶ, ଆବେଷ୍ଟନ, ପରିଚ୍ଛଦ କେଉଁ ଭଳି ମାଆଙ୍କର ଅଙ୍ଗସ୍ୱରୂପ ହୋଇ ଉଠିଛି, ତା’ ସାଙ୍ଗକୁ ପୁନଶ୍ଚ ମା’ଙ୍କ ସହିତ ଏକାତ୍ମ ହୋଇ ଉଠିଛନ୍ତି କବି ସ୍ୱୟଂ ନିଜେ, – ଏଇ ରୂପାନ୍ତର ରହସ୍ୟ କବି ନିଶିକାନ୍ତଙ୍କର କବିତ୍ୱର ମର୍ମ ।

‘‘ପରିଣତ ଚେତନାରେ, ଅପରୂପ ଭଙ୍ଗିମାରେ କବି ବ୍ୟକ୍ତ କରିଛନ୍ତି ତାଙ୍କର ଅନ୍ତର-ରହସ୍ୟ : ‘ଚନ୍ଦ୍ରିତମୁଖ ମଧୁରିମା...’ ।’’

(ପୁରୋଧା : ‘କବି ନିଶିକାନ୍ତ’, ଜୁଲାଇ ୧୯୭୩, ପୃ. ୭୨)

ନିଶିକାନ୍ତଙ୍କର ଏକ କାବ୍ୟିକ ରଚନାର ମର୍ମାର୍ଥ ଅନୁସାରେ ସେ ଶ୍ରୀମାଶ୍ରୀଅରବିନ୍ଦଙ୍କର ତପଃଶକ୍ତିର ଦୀପନରେ ପୂର୍ଣ୍ଣ ସମର୍ପିତ ହୋଇ ତାଙ୍କ ଜୀବନର ମର-ବାସନାର ଅବସାନ ଘଟିଛି । ଦିବସର ପଳାଶ, ସନ୍ଧ୍ୟାର ମଧୁମାଳତୀ ଏବଂ ଯାମିନୀର କାମିନୀ ପୁଷ୍ପର ଅପରୂପ ସୌରଭରେ ଅବଗାହନ ପୂର୍ବକ ଦିବା-ନିଶି (ବହ୍ନି-ବାଣୀର କୁସୁମଗୁଚ୍ଛ) କବିତା ରଚନା କରି ଚାଲିଛନ୍ତି ।

(‘ଦିନେର୍ ସୂର୍ଯ୍ୟ’, କାବ୍ୟଗ୍ରନ୍ଥ, ପୃ. ୧୭ ଦ୍ରଷ୍ଟବ୍ୟ)

ପଣ୍ଡିଚେରୀରୁ ୬ ଜାନୁଆରୀ ୧୯୪୦ରେ ନିଶିକାନ୍ତ କବିଗୁରୁ ରବୀନ୍ଦ୍ରନାଥଙ୍କୁ ଏକ ପତ୍ର ଲେଖିଛନ୍ତି :

‘‘ପୂଜନୀୟେଷୁ,

‘‘ମୋର କବିତାର ପ୍ରଥମ ବହି ‘ଅଲକାନନ୍ଦା’ (ସଦ୍ୟ ପ୍ରକାଶିତ) ଆପଣଙ୍କୁ ଅର୍ଘ୍ୟ ରୂପେ ପଠାଇଲି । ଶୈଶବ ଓ ବାଲ୍ୟକାଳରୁ ଆରମ୍ଭ କରି କୈଶୋର ଓ ଯୌବନର ସନ୍ଧି-ପଥରେ ଦଣ୍ଡାୟମାନ ହୋଇ ମୋର କବି-ପ୍ରତିଭା ନିର୍ଦ୍ଦେଶ ପାଇଥିଲା; ଆପଣଙ୍କଠାରୁ ଦୀକ୍ଷା ଓ ଆଶୀର୍ବାଦ ଲାଭ କରିଥିଲା । କିନ୍ତୁ ମୋର ଆନ୍ତର ପ୍ରକୃତି, ମୋର ସ୍ୱଭାବ ସେତେବେଳେ ଜାଗି ନ ଥିଲା । ବାଣୀର ଦୀକ୍ଷା ପାଇ ପ୍ରକାଶ କରିଥିଲି ବାଣୀ । ସେ ବାଣୀ ଜୀବନର ଗଭୀରତାକୁ ଫୁଟାଇ ପାରିନି; ସେଇଟି ଥିଲା ଉଚ୍ଛ୍ୱଳ ଜୀବନର ଅଭିବ୍ୟକ୍ତିରେ ଆନ୍ଦୋଳିତ ଫେନିଳ ଢେଉ ମାତ୍ର ।

‘‘ଏଠାରେ ଶ୍ରୀଅରବିନ୍ଦଙ୍କ ନିକଟ ସାନ୍ନିଧ୍ୟରେ ଆସି, ତାଙ୍କର ଓ ଶ୍ରୀମା’ଙ୍କର ଦିବ୍ୟ ସ୍ପର୍ଶ ଲାଭ କରି ମୋର ଆନ୍ତର ଜୀବନ ପଥରେ ଚାଲିବାର ସୂତ୍ରପାତ ହୋଇଛି । ‘ଅଲକାନନ୍ଦା’ର କବିତାଗୁଡ଼ିକରେ ସେଇ ପଥରେ ପାଇଥିବା ଅନୁଭୂତିସବୁ ପ୍ରକାଶିତ ହୋଇଛି; ଏତେ ଦିନ ପରେ ମୋ ଜୀବନରେ ଆପଣଙ୍କ ପ୍ରଦତ୍ତ ବାଣୀ ଗଭୀର ଭାବ ତଥା ଶାଶ୍ୱତ ଆଦର୍ଶର ଅବଲମ୍ବନ ପାଇଛି ।

‘‘ଜନଶ୍ରୁତିରୁ ଅବଗତ ହେଲି ଯେ ମୋର ଅଧୁନାତନ କବିତା ଆପଣଙ୍କୁ କୁଆଡ଼େ ଭଲ ଲାଗୁନି । ଏ ଧରଣର ଜନଶ୍ରୁତି ମୂଳରେ କୌଣସି ସତ୍ୟ ଅଛି କି ନା ଜାଣେନି । ‘ଅଲକାନନ୍ଦା’ କେମିତି ଲାଗିଲା ଜଣାଇବେ; ଆଶା କରି ରହିଲି ।... ଇତି

ପ୍ରଣତ
ଆପଣଙ୍କର ନିଶିକାନ୍ତ’’

ଶାନ୍ତିନିକେତନରୁ ରବୀନ୍ଦ୍ରନାଥ ୧୩ ଜାନୁଆରୀ ୧୯୪୦ରେ ନିଶିକାନ୍ତଙ୍କୁ ଲିଖିତ ପତ୍ର :

''କଲ୍ୟାଣିୟେଷୁ,

''ତୁମର କବିତା (ମୋତେ) ଭଲ ଲାଗେନି ବୋଲି କହିଲେ ଅତ୍ୟୁକ୍ତି ହେବ । ତୁମର ଛନ୍ଦ ଓ ଭାଷା କବିତ୍ୱର ସର୍ବୋତ୍କୃଷ୍ଟ ମାଧ୍ୟମ, ତୁମେ ଯେ ଶିଳ୍ପୀ, ସେଇଥିରୁ ବୁଝାଯାଏ । କେବଳ ଗୋଟିଏ କଥା କହିବାର ଅଛି – 'ରସୋ ବୈ ସଃ'; ଜଗତର ରସର ପ୍ରକାଶ ବିଚିତ୍ର, ତେଣୁ କବିଗଣଙ୍କ ସମ୍ବନ୍ଧେ କୁହାଯାଇପାରେ, 'ତେ ସର୍ବଗ ସର୍ବତଃ ପ୍ରାପ୍ୟ ଧୀରା ଯୁକ୍ତାତ୍ମନଃ ସର୍ବମେବାବିଶନ୍ତି', ସର୍ବତ୍ର ଯାହାଙ୍କର ଗତି, ତାଙ୍କୁ ସେମାନେ ସର୍ବସ୍ଥାନରୁ ପାଇ ସକଳଙ୍କ ମଧ୍ୟରେ ହିଁ ପ୍ରବେଶ କରାନ୍ତି । କବିଗଣଙ୍କ ନିକଟରୁ ସର୍ବତ୍ର ପ୍ରବେଶର ପରିଚୟ ମନ ଦାବି କରେ । ବୈରାଗୀ ଏକତାରା ବଜାଏ, କିନ୍ତୁ କବିର ବୀଣାର ତାରରେ ଅନେକ ବିଶ୍ୱବାଣୀ ସହ ନିଜସ୍ୱ ସପ୍ତସୁରର ମେଳ ରଖିବାକୁ ହୁଏ, ତେବେ ହିଁ ଆସର ଜମେ (ଉପଭୋଗ୍ୟ ହୋଇଉଠେ) ।

''ତୁମର 'ଅଲକାନନ୍ଦା' ମୋ ପାଖରେ ପହଞ୍ଚି ନାହିଁ । ପଚାରି ବୁଝି ଦେଖିବି । କବିତା ନେଇ ଆଲୋଚନା କରିବାରେ କ'ଣ ବା ଲାଭ – ତୁମର ଜୀବନ ଯଦି ପରିପୂର୍ଣ୍ଣତାର ପଥରେ ଆଗେଇ ଚାଲେ ତେବେ ସେତିକି ଯଥେଷ୍ଟ । କବିର ଜୀବନ-ଫଳକରେ ନାନା ଭଙ୍ଗାରୁଜା ରହିଥାଏ, ତା' ଭିତର ଦେଇ ନାନା ରଙ୍ଗ-ବେରଙ୍ଗର ଆଲୋକ-ରଶ୍ମି ବିଚ୍ଛୁରିତ ହୁଏ । ସ୍ୱଚ୍ଛ ଦର୍ପଣର କାର୍ଯ୍ୟ ଭିନ୍ନ ।

ମୋର ଆର୍ଶୀବାଦ ।
ଇତି
ଶୁଭାର୍ଥୀ ରବୀନ୍ଦ୍ରନାଥ ଠାକୁର''
('କବି ନିଶିକାନ୍ତ', ସଂକଳନ ଓ ସମ୍ପାଦନା : ସୁପ୍ରିୟ ଭଟ୍ଟାଚାର୍ଯ୍ୟ)

*

**୧୭ ଜାନୁଆରୀ, ୧୯୪୦**

[ପଣ୍ଡିଚେରୀ ଆଶ୍ରମର 'ସାନ୍ଧ୍ୟ-ବୈଠକ'ରେ ରବୀନ୍ଦ୍ରନାଥ ଠାକୁରଙ୍କର ଉପର ଲିଖିତ ଚିଠିଟି ଆଲୋଚନାର ମୁଖ୍ୟ ବସ୍ତୁ ହୋଇ ଉଠିଲା । ଚିଠିଟି ଶୁଣି ସାରିବା ପରେ ଶ୍ରୀଅରବିନ୍ଦଙ୍କର ମନ୍ତବ୍ୟ ଥିଲା :]

**ଶ୍ରୀଅରବିନ୍ଦ** : ଟାଗୋରଙ୍କର ଏମିତି କହିବାର ପ୍ରକୃତ ଅର୍ଥ ହେଉଛି : 'ମୋ ସଦୃଶ କବିତା ଲେଖିବା ବ୍ୟତୀତ ତୁମେ କେବେହେଲେ ଜଣେ ବଡ଼ କବି ହୋଇପାରିବ ନାହିଁ । (କ୍ଷଣକ ପରେ) ଉଦାହରଣସ୍ୱରୂପ ଫ୍ରାନ୍‌ସିସ୍ ଥମ୍ପସନ୍‌ଙ୍କର 'Hound of Heaven' କବିତାଟିକୁ ସମସ୍ତେ ପ୍ରଶଂସା କରିବା ତ ଦୂରର କଥା, ଅଧିକାଂଶ ବୁଝି ବି ପାରନ୍ତି ନାହିଁ । ଏଥିରୁ କ'ଣ ସୂଚାଏ ଯେ ଥମ୍ପସନ୍ ଜଣେ ବଡ଼ କବି ନୁହଁନ୍ତି ? ମିଲ୍‌ଟନଙ୍କ ରଚନାକୁ ମଧ୍ୟ ସମସ୍ତେ ବୁଝି ପାରନ୍ତି ନାହିଁ, ତା'ହେଲେ କ'ଣ ସେ ଜଣେ ଉଚ୍ଚମାନର କବି ନୁହଁନ୍ତି ?

**ଶିଷ୍ୟ - ୧** : ଟାଗୋର ତାଙ୍କର ଚିଠିରେ ବୋଧଗମ୍ୟତା ବା ବୁଝିବା ଶକ୍ତି ଉପରେ କଥା ଉଠାଇ ନାହାନ୍ତି, ସେ କହିବାକୁ ଚାହିଁଛନ୍ତି ବୈଚିତ୍ର୍ୟ ।

**ଶ୍ରୀଅରବିନ୍ଦ** : କାବ୍ୟ ସୃଷ୍ଟିରେ ବୈଚିତ୍ର୍ୟ ନ ରହିଲେ କ'ଣ ହେଲା ? ହୋମର କେବଳ ଯୁଦ୍ଧ ଓ ସଂଘର୍ଷ ସମ୍ବନ୍ଧରେ ଲେଖିଛନ୍ତି । ତେଣୁ ଟାଗୋରଙ୍କ ସଦୃଶ ଯିଏ ବିଭିନ୍ନ ବିଷୟବସ୍ତୁ ସମ୍ବନ୍ଧେ କାବ୍ୟ ସୃଷ୍ଟି କରିଛନ୍ତି ବା ରଚନା କରିଛନ୍ତି, ସିଏ କ'ଣ ହୋମରଙ୍କଠାରୁ ଅଧିକ ପ୍ରସିଦ୍ଧ ? କବୟିତ୍ରୀ ସାପୋ କେବଳ ଗୋଟିଏ ବିଷୟବସ୍ତୁ (ପ୍ରେମ) ସମ୍ବନ୍ଧରେ ହିଁ ଲେଖିଛନ୍ତି, ତେଣୁ ଏହି ନାରୀ-କବିଙ୍କୁ ଆମେ ଜଣେ ପ୍ରସିଦ୍ଧ ନାରୀ-କବି ହିସାବରେ ଗଣ୍ୟ କରିବୁ ନାହିଁ ? ମିଲ୍‌ଟନ ଓ ମୀରାବାଈଙ୍କ ସମ୍ବନ୍ଧରେ ଆମେ କି ମନ୍ତବ୍ୟ ଦେବୁ ? ମିଲ୍‌ଟନ ପାଶ୍ଚାତ୍ୟ କବିଗଣଙ୍କ ମଧ୍ୟରେ ତ ଶ୍ରେଷ୍ଠ କବି ବୋଲି ବିବେଚିତ, ମୀରାବାଈଙ୍କର ସୁଖ୍ୟାତି ତ ଏବେ ବି ସର୍ବଜନବିଦିତ ଓ ବହୁ ପ୍ରଶଂସିତ ।

**ଶିଷ୍ୟ - ୨** : ତା'ହେଲେ ଉପନିଷଦ୍‌ସବୁ ସମ୍ବନ୍ଧେ ଆମେ କ'ଣ ମନ୍ତବ୍ୟ ଦେବୁ ? ସେସବୁ ତ ଗୋଟିଏ ମାତ୍ର ବିଷୟବସ୍ତୁ ଉପରେ ଏବଂ ସେହି ସମାନ ଧାରା ବା ଛନ୍ଦରେ ରଚିତ । ତେଣୁ ଏସବୁ କ'ଣ ପ୍ରସିଦ୍ଧ କବିତା ନୁହେଁ ?

**ଶିଷ୍ୟ-୧** : ଟାଗୋର ଜୋର୍ ଦେଇଛନ୍ତି କବିତା-ରଚନାରେ ଜୀବନର ପ୍ରତିଟି ଅତ୍ୟାବଶ୍ୟକୀୟ ବିଭାବ ସ୍ଥାନ ପାଇବା ବିଧେୟ, ନ ହେଲେ ତାହା ବୈରାଗୀର ଏକତାରା ବଜାଇବା ସଦୃଶ । ତେଣୁ ଜଣେ ପୂର୍ଣ୍ଣାଙ୍ଗ ବା ସର୍ବଶ୍ରେଷ୍ଠ କବି ହେବାକୁ ହେଲେ ବୈଚିତ୍ର୍ୟର ଆବଶ୍ୟକତା ରହିଛି ।

**ଶ୍ରୀଅରବିନ୍ଦ** : ପ୍ରସିଦ୍ଧ କବି କାହିଁକି ସବୁ ବିଷୟରେ ଲେଖିବାକୁ ଯିବେ ? ଏପରିକି ସେ ଯେଉଁ ବିଷୟରେ ଆଦୌ ଉତ୍ସାହୀ ନୁହଁନ୍ତି ? ଯେଉଁମାନେ ଅଧ୍ୟାତ୍ମ-ଜୀବନଯାପନ କରୁଛନ୍ତି, ସ୍ୱଭାବତଃ ସେମାନେ ସେମାନଙ୍କ ଜୀବନର ଅନୁଭୂତିସବୁ ସମ୍ବନ୍ଧରେ ହିଁ ବର୍ଣ୍ଣନା କରିବେ । ଏତତ୍ ବ୍ୟତୀତ

ଜନସାଧାରଣଙ୍କ ମଧ୍ୟରେ ସମସ୍ତେ ବା ଅଧିକାଂଶ ବ୍ୟକ୍ତି କ'ଣ କବିତାକୁ ପସନ୍ଦ କରନ୍ତି ? ମୁଁ ବୋଧହୁଏ ଜଣେ ସ୍ୱେନ୍ ବ୍ୟବସାୟୀଙ୍କ ସମ୍ବନ୍ଧେ ତୁମକୁ କହିଛି, ଯିଏକି ମୋ ଭାଇ ମନମୋହନଙ୍କର ବନ୍ଧୁ ଥିଲେ । ସେ ପ୍ରାୟ ମୋ ଭାଇଙ୍କ ପାଖକୁ ଆସୁଥିଲେ । ସେ ଯେତେବେଳେ ମୋ ଭାଇଙ୍କ କକ୍ଷକୁ ପ୍ରବେଶ କରୁଥିଲେ, ତାଙ୍କ ଟେବୁଲ ଉପରେ ମିଲ୍ଟନଙ୍କର ରଚନାବଳି ଗଦା ହୋଇଥିବାର ପ୍ରାୟ ଦେଖୁଥିଲେ । ସେ ସେଇଠୁ ଦିନେ ଚିତ୍କାର କରି ଉଠିଥିଲେ : 'ମିଲ୍ଟନ, ମିଲ୍ଟନ, ମିଲ୍ଟନ, ଏଇସବୁ ମିଲ୍ଟନ କ'ଣ ? ତୁମେ କ'ଣ ଏଇ ମିଲ୍ଟନକୁ ଭୋଜନ କରିବ ନା କ'ଣ ?' (ହାସ୍ୟରୋଳ)

**ଶିଷ୍ୟ-୨** : ମୋର ମନେହୁଏ କବିଙ୍କର କାବ୍ୟ-ସୃଷ୍ଟିରେ ଶ୍ରେଷ୍ଠତ୍ୱ ବିଚାର କରିବାକୁ ଗଲେ ତା'ର ଗଭୀରତା, ଉତ୍କର୍ଷତା ଏବଂ ବୈଚିତ୍ରତା ସମ୍ବନ୍ଧେ ଜାଣିବା ଉଚିତ ।

**ଶ୍ରୀଅରବିନ୍ଦ** : ଉତ୍କର୍ଷତା ଓ ଗଭୀରତା – ହଁ, ଠିକ୍ । କିନ୍ତୁ କବିଙ୍କର ଶ୍ରେଷ୍ଠତ୍ୱ ସମ୍ବନ୍ଧେ ତୁଳନା କରିବା କାହିଁକି ? ପ୍ରତ୍ୟେକେ ତାଙ୍କର ନିଜସ୍ୱ-ଧାରାରେ କବିତା ସୃଷ୍ଟି କରିବେ ।

(କବି ଓ କାବ୍ୟ ସମ୍ବନ୍ଧେ ବିଭିନ୍ନ ଆଲୋଚନା ପରେ ଶିଷ୍ୟ - ୧ କହିଥିଲେ :)

**ଶିଷ୍ୟ-୧** : ନିଶିକାନ୍ତଙ୍କ କବିତା ସମ୍ବନ୍ଧେ ତାଙ୍କର ଜଣେ ସମ୍ପର୍କୀୟା ସମାଲୋଚିକା ମନ୍ତବ୍ୟ ଦେଇଥିଲେ : 'ଯାହାହେଉ, ଟାଗୋରଙ୍କ ପରେ ଜଣେ ରହିଛନ୍ତି ।' କିନ୍ତୁ 'କ'ଙ୍କ କବିତା ସମ୍ବନ୍ଧେ ସେ ମନ୍ତବ୍ୟ ଦେଇଥିଲେ : 'ହଁ, ସେସବୁ ଖୁବ୍ ଭଲ, ଅତ୍ୟନ୍ତ ଚିତ୍ତାକର୍ଷକ...' ।

– ତାଙ୍କର ଏହି ମନ୍ତବ୍ୟ ଯେତେବେଳେ 'କ'ଙ୍କୁ କୁହାଗଲା ସେ କହି ଉଠିଥିଲେ, 'ମୁଁ ଗୋଟିଏ ଗଧ ନୁହେଁ, ତାଙ୍କର ଏମିତି କହିବାର ଅର୍ଥ କ'ଣ ହୋଇପାରେ, ମୋତେ କ'ଣ ଅଜଣା ?' (ଶ୍ରୀଅରବିନ୍ଦ ହସି ଉଠିଥିଲେ)...

[Nirodbaran 'Talks with Sri Aurobindo' and Purani ଙ୍କ 'Evening Talks'ରେ ୧୭ ଜାନୁଆରୀ ୧୯୪୦ର କଥୋପକଥନ]

(କ୍ରମଶଃ)

ସଂକଳନ ଓ ଉପସ୍ଥାପନା : ଗୋପାଳଚନ୍ଦ୍ର ମାହାନା ❑

# ତୁମେ ଜୀବନର ବ୍ୟାପ୍ତ ରାହା

## ଶରତ କୁମାରୀ ସ୍ୱାଇଁ

ଅନୁକ୍ଷଣ ମୋତେ ସଚେତନ ରଖି
ସ୍ମରଣ କରାଇ ଦିଅ ମା !
ତୁମେ ମୋର ବୁଦ୍ଧି ତୁମେ ମୋ ସାମର୍ଥ୍ୟ
ତୁମେ ଜୀବନର ବ୍ୟାପ୍ତ ରାହା । (୦)

ଜୀବନ ମୋ ହେଉ ତୀର୍ଥଯାତ୍ରା ଏକ
ତୁମେ ମୋ ଦିଶାରୀ ତୁମେ ସାଥୀ
ଶୟନେ ସପନେ ଅବା ଜାଗରଣେ
ଗାଉଥାଏ ତବ ଜୟଗୀତି ।



ତବ ଭାବେ ମଜ୍ଜି, ତବ ନାମ ଭଜି
ଅନୁଭବେ – 'ତୁମେ ମୋର ସାହା' । (୧)

ସ୍ନିଗ୍ଧ-ବର୍ଣ୍ଣମୟ ଉଚ୍ଛଳ ଆବେଗ
ପ୍ରାଣମୟ ମୁଗ୍ଧ ଦିବ୍ୟ ସ୍ପନ୍ଦନ
ବିଭୋର ହୃଦୟେ ସୁଦୃଢ଼ ପ୍ରତ୍ୟୟ
ଶୀତଳ କରିଛି ତପ୍ତ-ଜୀବନ
ଲୋଡ଼ା ନାହିଁ ଆଉ ଜନନୀ ଗୋ କିଛି
ପୂର୍ଣ୍ଣ ହେଉ ତବ ଇଚ୍ଛା ଯାହା । (୨)❑

କାହାଣୀ :

# ବୃକ୍ଷ ବନ୍ଧୁ

## ମୀରା ଗୁଥୀ

[''ଏକାଠି ବସି ହସି ପାରିବା,– ବନ୍ଧୁ ହେବା ଲାଗି ଏହାଠାରୁ ଅଧିକ ଭଲ ଉପାୟ ଆଉ କିଛି ହେଲେ ନାହିଁ । ...ଆମ ନିଜ ଭିତରେ ଯାହା ସବୁଠାରୁ ମହତ୍ ଓ ସବୁଠାରୁ ଭଲ, ଆମକୁ ଯିଏ ସେହି କ୍ଷେତ୍ରରେ ଶ୍ରଦ୍ଧା କରେ, ସେଇ ହେଉଛି ଆମର ସର୍ବୋତ୍ତମ ବନ୍ଧୁ । ତଥାପି, ଆମେ ପ୍ରକୃତରେ ଯାହା, ସିଏ ଆମକୁ ତାହାଠାରୁ ଅଲଗା କିଛି ହେବା ଲାଗି ଆଦୌ ପ୍ରବର୍ତ୍ତାଏ ନାହିଁ ।''– ଶ୍ରୀମା]

''ତୋ ସହିତ ମୁଁ କେବେ ବି କଥା ହେବି ନାହିଁ'' – ରାହୁଲ କହିଲା ।

''ମୁଁ ବି ତୋ ସହ ଆଉ ଥରଟିଏ ବି କଥା ହେବିନି !'' – କ୍ରୋଧଭରେ ଉତ୍ତର ଦେଲା ପୁନିତ୍ ।

ସହରର ମଧ୍ୟଭାଗରେ ଥିବା ସେହି ବଡ଼ ଅଶ୍ୱତ୍ଥ ଗଛର ଚଉତରା ଉପରେ ବେଶ୍ କ୍ରୋଧାନ୍ୱିତ ଓ ଉତ୍ୟକ୍ତ ହୋଇ ଦୁହେଁ ବସି ରହିଥିଲେ ।

ଅନେକ ମୁହୂର୍ତ୍ତ ଅତିକ୍ରାନ୍ତ ହୋଇଗଲା, ମାତ୍ର ଦୁଇ ଜଣଙ୍କ ମଧ୍ୟରୁ କେହି ବି କଥା କହିଲେନି । ଗୋଟାଏ ଘଣ୍ଟା ବିତିଗଲା । ଦୁହେଁ ବିପରୀତ ଦିଗକୁ ମୁହଁ କରି ସେମିତି ବସି ରହିଥା'ନ୍ତି । ସୂର୍ଯ୍ୟ ଦିଗ୍‌ବଳୟର ଆରପାରିରେ ଅସ୍ତ ହେବାକୁ ଲାଗିଲେ । ପକ୍ଷୀମାନେ ନିଜ ନିଜ ନୀଡ଼ ଅଭିମୁଖେ ସେହି ଗଛକୁ ଲେଉଟି ଆସୁଥିଲେ । ସହରର ବାସିନ୍ଦାମାନେ ମଧ୍ୟ ଘରମୁଖା ହେବାକୁ ଲାଗିଥିଲେ ।

ସେହି ସମୟରେ ରାହୁଲ ଓ ପୁନିତ୍ ହଠାତ୍ ଗୋଟିଏ ସ୍ୱର ଗୁଞ୍ଜରି ଉଠିବାର ଶୁଣିପାରିଲେ : ''ହୁଁ... । ମୋତେ ଅବାକ୍ ଲାଗୁଛି, କେତେ ସମୟ ତୁମେ ଦୁହେଁ ଏହି ଅବସ୍ଥାରେ ଏମିତି ବସି ରହିପାରିବ ।''

ରାହୁଲ ଓ ପୁନିତ୍ ଦୁହେଁ ପରସ୍ପରକୁ ଚାହିଁଲେ, ''ଆଶ୍ଚର୍ଯ୍ୟ । କିଏ ଏମିତି କଥା କହିଲା ?''

କିଛି ସମୟ ପରେ ସେ ସ୍ୱର ପୁଣି କହିଲା, ''ମୁଁ ଭାବୁଛି ତୁମେ ଦୁହେଁ ପ୍ରକୃତରେ ପରସ୍ପରକୁ ଭଲ ପାଅ; ସେଇଥି ପାଇଁ ଏବେ ବି ଦୁହେଁ ଏକାଠି ବସି ରହିଛ ।''

''କିଏ ଏ କଥା କହୁଛି ? ତୁମେ କିଏ ?'' ଆବେଗ-ଭରେ ଅନୁସନ୍ଧିତ୍ସା ସହ ଚାରି ଆଡ଼କୁ ଦୃଷ୍ଟି ବୁଲାଇ ଆଣି ସେମାନେ ମିଳିତ କଣ୍ଠରେ ପ୍ରଶ୍ନ କରି ଉଠିଲେ । ଯେହେତୁ ଆଖପାଖରେ କେହି ବି ଦୃଷ୍ଟିଗୋଚର ହେଉ ନଥିଲେ ରାହୁଲ ଓ ପୁନିତ୍ ଟିକିଏ ଭୀତତ୍ରସ୍ତ ହୋଇ ଉଠିଥିଲେ ଓ ସ୍ୱାଭାବିକ ଭାବରେ ପରସ୍ପର ପାଖକୁ ଟିକିଏ ଘୁଞ୍ଚି ବି ଆସିଲେ ।

''ଭୟ କରନି । ମୁଁ ଏଇ ଗଛ, ବହୁ ପୁରୁଖା ପୁରୁଣା ଗଛ ।'' – ଅଶ୍ୱତ୍ଥ ବୃକ୍ଷଟି କହି ଉଠିଲା ।

ରାହୁଲ ଓ ପୁନିତ୍ ଆଶ୍ଚର୍ଯ୍ୟ ଚକିତ ହୋଇ ପରସ୍ପରକୁ ଚାହିଁଲେ ଓ ପଚାରିଲେ, 'ଗୋଟିଏ ଗଛ କିପରି କଥା କହି ପାରିବ ? ଅଥବା ସେ ଦୁହିଁଙ୍କର କ'ଣ ମତିଭ୍ରମ ହୋଇ ଯାଇଛି ?' ସେମାନେ ବିସ୍ମିତ ହୋଇ ଉଠୁଥିଲେ ।

ସେ ଗଛଟି ପୁଣି କହିଉଠିଲା, – ଏଥର କିନ୍ତୁ ଟିକେ ଅଧିକ ସ୍ପଷ୍ଟ ଓ ଦୃଢ଼ ଭାବରେ, ତା'ର ଗମ୍ଭୀର କଣ୍ଠସ୍ୱର ସେହି ତୀବ୍ର ସାନ୍ଧ୍ୟ ପବନ ଦେଇ ହିଲ୍ଲୋଳିତ ହୋଇ ଉଠୁଥିଲା । ''ମୋର ମନେ ହେଉଛି ତୁମେ ଦୁହେଁ ଖୁବ୍ ଘନିଷ୍ଠ ବନ୍ଧୁ, କିନ୍ତୁ ଗୋଟାଏ ନିର୍ବୋଧ କଥା ନେଇ ପରସ୍ପର ଉପରେ ରାଗିଛ । ଚାଲ, ମୁଁ ତୁମକୁ ପ୍ରକୃତ ବନ୍ଧୁତ୍ୱ ଉପରେ ଏକ କାହାଣୀ କହିବି, ଯାହା ଫଳରେ ତୁମେ ଅନୁଭବ କରି ପାରିବ ପ୍ରକୃତ ବନ୍ଧୁତ୍ୱ ବାସ୍ତବିକ କେତେ ମୂଲ୍ୟବାନ୍ ।''

ଅଶ୍ୱତ୍ଥ ବୃକ୍ଷଟି ତା'ର ବିଶାଳ ଶାଖାପ୍ରଶାଖାକୁ ଟିକେ ଦୋହଲାଇ ଦେଲା, ତା' ପରେ ସ୍ଥିର ହୋଇ ଆରମ୍ଭ କଲା :''ଜଣେ ଛୋଟ ବାଳକ ରୋହନ ତା'ର ଜେଜେବାପାଙ୍କ ବଗିଚାରୁ ଗୋଟିଏ ମଞ୍ଜି ପାଇଲା । ତା'ର ଜେଜେବାପା କହିଥିବା କଥା ତା'ର ମନେ ପଡ଼ିଲା, କେମିତି ତାଙ୍କର ପୁରୁଣା ମାଳୀ କିସମ କିସମର ବଡ଼ ଗଛ ଓ ଫୁଲ ଗଛସବୁ ତାଙ୍କ ବଗିଚାରେ ଲଗାଉ ଥିଲା । ସେ ଛୋଟ ବାଳକଟି ମଞ୍ଜିକୁ ଯତ୍ନର

ସହ ନେଇ ଆସିଲା ଓ ଦିନେ ଖୁବ୍ ସକାଳୁ, ଯେତେବେଳେ କି ସହରର ଲୋକମାନେ ବିଛଣା ଛାଡ଼ି ଉଠୁଥିଲେ ସେତେବେଳେ ଗୋଟିଏ ଗାତ ଖୋଳି ସେ ମଞ୍ଜିଟି ପୋତିଦେଲା । ଏହିପରି ଭାବରେ ମୁଁ ଜନ୍ମ ନେଲି ।

ପ୍ରତିଦିନ ସେ ମୋତେ ଦେଖିବାକୁ ଆସୁଥିଲା, ମୁଁ କେତେ ବଢ଼ିଲିଣି ଦେଖୁଥିଲା ଏବଂ ତା'ର ଛୋଟ ହୃଦୟର ଭଲ ପାଇବା ଦେଇ ଖୁବ୍ ଯତ୍ନରେ ମୋ ମୂଳରେ ପାଣି ଢାଳୁଥିଲା । ମୁଁ ଧୀରେ ଧୀରେ ବଢ଼ିବାକୁ ଲାଗିଲି – ଚାରା ଗଛରୁ ବୁଦାଳିଆ ହୋଇ ଉଠିଲି; ତା'ପରେ ଏକ ସୁଦୃଢ଼ ଓ ବିଶାଳ ଦ୍ରୁମରେ ପରିଣତ ହେବାକୁ ଲାଗିଲି । ରୋହନ ବି ମୋ ସହ ବଢ଼ିବାକୁ ଲାଗିଲା । ପ୍ରତିଦିନ ସଂଧ୍ୟାରେ ସେ ମୋ ନିକଟକୁ ଆସୁଥିଲା, ପାଖରେ ବସି ତା'ର ଦିନଯାକର କାର୍ଯ୍ୟକ୍ରମ ମୋ ନିକଟରେ ବଖାଣୁ ଥିଲା । ଧୀରେ ଧୀରେ ମୁଁ ତା' ସ୍କୁଲ ବିଷୟରେ କେତେ କ'ଣ ଜାଣିବାକୁ ପାଇଲି : ତା'ର କଡ଼ା ଶିକ୍ଷୟିତ୍ରୀ ମିସ୍ ଜୟା; ଦୟାଳୁ ଶିକ୍ଷକ ଶ୍ରୀ ରାୟ; କ୍ଲାସରେ ସମସ୍ତଙ୍କୁ ଡରାଇ ରଖିଥିବା ବିନୟ ଓ ସୁନ୍ଦରୀ କମଳା ବିଷୟରେ ।

ସହରର ବାସିନ୍ଦାମାନେ ଭାବୁଥିଲେ ରୋହନର ବୋଧେ କିଛି ମୁଣ୍ଡ ଦୋଷ ଅଛି, କାରଣ ସେ ମୋ ଉପରେ ଭରା ଦେଇ ବସି ଯାଉଥିଲା ଏବଂ ନିଜକୁ ନିଜେ ଗୁଣୁ ଗୁଣୁ ହୋଇ ଗପି ଚାଲୁଥିଲା । ପ୍ରକୃତରେ ସେ ମୋ ସହ ଗପୁଥିଲା, ଅବଶ୍ୟ ସେମାନେ ସେ କଥା ଜାଣି ନଥିଲେ ।

ମୁଁ ତାକୁ ବାଳକ ଅବସ୍ଥାରୁ ଯୁବକ ହୋଇ ଉଠିବାର ଦେଖିଲି । ତା'ର ଯୌବନାବସ୍ଥାର ଔଦ୍ଧତ୍ୟ ସହ ବେଶ୍ କଡ଼ା କଣ୍ଠରେ ସେ କହିଉଠେ, 'ତୁ ଜୀବନ ବିଷୟରେ କ'ଣ ଜାଣିଛୁ ? ତୁ କେବଳ ଯେଉଁଠି ପୋତା ହୋଇଥିଲୁ ସେଇଠି ଠିଆ ହୋଇ ରହିଛୁ । ଆଉ କିଛି ବି କରୁନୁ !' ଅବଶ୍ୟ ମୁଁ ସେଥିରେ ଅପମାନିତ ବୋଧ କରୁ ନଥିଲି କିନ୍ତୁ ତା'ର ଅନେକ ଧରଣର ସମସ୍ୟା ପାଇଁ ସମ୍ବେଦନଶୀଳ ହୋଇ ଉଠୁଥିଲି । ମୋର ଡାଳଗୁଡ଼ିକରେ ତାକୁ ସାମାନ୍ୟ ଛୁଇଁ ଦେଉଥିଲି ଏବଂ ସେ ମୋତେ ଜାବୁଡ଼ି ଧରି କିଛିଟା ହାଲୁକା ଅନୁଭବ କରୁଥିଲା । ଏହାହିଁ ଥିଲା ଆମର ବନ୍ଧୁତ୍ୱର ରୂପରେଖ । ମୁଁ ସବୁବେଳେ ତା' ପାଇଁ ସଜାଗ ହୋଇ ଉଠୁଥିଲି; ତା' କଥା ଶୁଣୁଥିଲି; ତାକୁ ଉପଦେଶ ଦେଉଥିଲି; ତା' ସହିତ ମୁଁ କାନ୍ଦୁଥିଲି ଆଉ ତା' ସହିତ ମୁଁ ହସୁ ଥିଲି ବି ।

ଅନେକ ବର୍ଷ ଅତିକ୍ରାନ୍ତ ହୋଇଗଲା । ସହରରେ ଜନଗହଳି ବଢ଼ିବାକୁ ଲାଗିଲା ଓ ଏହା କର୍ମମୁଖର ହୋଇଉଠିଲା । ତା'ପରେ ଦିନେ ମୋ ଜୀବନରେ ଏକ ଅପ୍ରତ୍ୟାଶିତ ଘଟଣା ଘଟିଲା । ସହର ଉନ୍ନୟନ ଯୋଜନାରେ କାର୍ଯ୍ୟ କରୁଥିବା ବ୍ୟକ୍ତିମାନେ ସିଦ୍ଧାନ୍ତ ନେଲେ ମୋତେ କାଟି ଦେବାକୁ ହେବ । ଥରେ ଚିନ୍ତା କର ତ, ମୁଁ ଯଦିଓ କେବେ ବି କାହାର କିଛି କ୍ଷତି କରିନି; ପକ୍ଷାନ୍ତରେ ସଂଖ୍ୟାଧିକ ପ୍ରାଣୀଙ୍କୁ ଆଶ୍ରୟ ଯୋଗାଇଛି – ମୋତେ ସହରର ବିକାଶ ଓ ପ୍ରଗତି ନାମରେ ନିର୍ଦ୍ଦୟ ଭାବରେ କାଟି ଦିଆଯିବ ।''

''କାହିଁକି ?'' ପୁନିତ୍ କଥା ମଝିରେ ବାଧା ଦେଇ ପଚାରି ବସିଲା । ''ଏହାର ପ୍ରକୃତ କାରଣ କ'ଣ ଥିଲା ?''

''ସେମାନେ ରାସ୍ତାକୁ ଅଧିକ ପ୍ରଶସ୍ତ କରିବାକୁ ଚାହୁଁଥିଲେ, ଫଳରେ ଅଧିକ ଯାନବାହନ ଯାତାୟତ କରିପାରିବ । ଦେଖୁନ ମୁଁ କେମିତି ରାସ୍ତା ମଝିରେ ସିଧା ଶକ୍ତ ଭାବରେ ଠିଆ ହୋଇ ରହିଛି । ଲୋକମାନେ ତଥା ଯାନବାହନସବୁ ମୋ ଚାରିପଟେ ଘୂରି କରି ଯିବାକୁ ହେଉଛି ।''

ପୁନିତ୍ ଓ ରାହୁଲ ଚତୁର୍ଦ୍ଦିଗକୁ ଦୃଷ୍ଟି ଘୂରାଇ ଆଣିଲେ ଓ ଅଶ୍ୱତ୍‌ଥ ଗଛଟିକୁ ଚାହିଁଲେ । ହଁ ! ଅଦ୍ଭୁତ କଥା, ସେମାନେ କେବେ ଲକ୍ଷ୍ୟ କରି ନଥିଲେ ଯେ ଗଛଟି ରାସ୍ତାର ଠିକ୍ ମଧ ଭାଗରେ ଦଣ୍ଡାୟମାନ । ଅନ୍ୟ ପକ୍ଷରେ ତା'ର ଏପରି ଅବସ୍ଥିତି କିଛି ସମସ୍ୟା ସୃଷ୍ଟି କରୁଥିବ ବୋଲି ମଧ ସେମାନେ କେବେ ଭାବି ନଥିଲେ ।

''ଖୁବ୍ ପ୍ରାତଃକାଳରୁ ସହର ନିର୍ମାଣ ଯୋଜନାର ଦାୟିତ୍ୱରେ ଥିବା ବ୍ୟକ୍ତିମାନଙ୍କ ନିର୍ଦ୍ଦେଶରେ ଜଣେ କାଠୁରିଆ ଆସି ମୋ ନିକଟରେ ପହଞ୍ଚିଲା । ସେ ପହଞ୍ଚୁ ପହଞ୍ଚୁ ମୋତେ କାଟିବାକୁ ଆରମ୍ଭ କରିଦେଲା ।'' ଗଛଟି କହି ଚାଲିଥାଏ, ''ବିଚରା ମୁଁ ! କି ଯନ୍ତ୍ରଣାଦାୟକ କଷ୍ଟ ! ତା'ର କୁରାଢ଼ିର ପ୍ରତିଟି ଆଘାତରେ ମୋର ଗଭୀର କ୍ଷତ ସୃଷ୍ଟି ହେଉଥାଏ, ମୋର ଯନ୍ତ୍ରଣା ବଢ଼ି ବଢ଼ି ଚାଲିଥାଏ ।

ରୋହନ, ଯିଏ କି ମୋଠାରୁ ଅଦୂରବର୍ତ୍ତୀ ଏକ ଘରେ ରହୁଥିଲା, ଯେତେବେଳେ କାଠୁରିଆର କୁରାଢ଼ିର 'ଧଡ୍, ଧଡ୍, ଧଡ୍' ଶବ୍ଦ ଶୁଣିବାକୁ ପାଇଲା, ସେ ଘର ଭିତରୁ ଖୁବ୍ ଶୀଘ୍ର ବାହାରକୁ ଆସିଗଲା । ସେମାନେ ମୋତେ କ'ଣ କରୁଛନ୍ତି ଦେଖି ତା'ର ମୁହଁ ରାଗରେ ଲାଲ ପଡ଼ିଗଲା । ଭୀଷଣ ଭାବେ କ୍ରୋଧାନ୍ୱିତ ହୋଇ ସେ ମୋ ନିକଟକୁ ଧାଇଁ ଆସିଲା ଓ ଚିକ୍ରାର କରି କହିଲା, 'ଏସବୁ ବନ୍ଦ କର ।'

ସେ କାଠୁରିଆର କାମ ବନ୍ଦ କରିବାକୁ ଚେଷ୍ଟା କଲା ଓ ସେଇଠାରୁ ଆରମ୍ଭ ହେଲା ଏକ କନ୍ଦଳ । ସେ ବିଶାଳ, ସବଳ କାଠୁରିଆ ରୋହନ ପାଇଁ ଖୁବ୍ ଶକ୍ତ ଥିଲା । ରୋହନ ଖୁବ୍ ଶୀଘ୍ର ଅନୁଭବ କଲା ଯେ ସେ ଏକାକୀ ନଗର ଉନ୍ନୟନ ଯୋଜନାରେ ଥିବା ବ୍ୟକ୍ତିବିଶେଷଙ୍କ ସିଦ୍ଧାନ୍ତକୁ ପରିବର୍ତ୍ତନ କରି ପାରିବ ନାହିଁ । ସେ ତତ୍‌କ୍ଷଣାତ୍ ଘରରୁ ଘର ବୁଲି ନଗର-ବାସୀମାନଙ୍କୁ କହିଚାଲିଲା ଯେ, 'ଉଠି ପଡ଼ନ୍ତୁ ! ଉଠି ପଡ଼ନ୍ତୁ ! କେହି ଜଣେ ଆମର ଅଶ୍ୱତ୍‌ଥ ଗଛକୁ ହାଣି ମାରି ଦେଉଛି !'

କେତେ ଜଣ ସହର ବାସିନ୍ଦା ଘର ବାହାରକୁ ଆସିଗଲେ ।

ରୋହନ ଚିତ୍କାର କରି କହିଲା, 'ଆମେ ଆମର ଅଶ୍ୱତ୍‌ଥ ଗଛକୁ କାଠୁରିଆକୁ ଜମା ବି କାଟିବାକୁ ଦେବାନି । ଗଛଟି ଆମକୁ ସୂର୍ଯ୍ୟତାପରୁ ରକ୍ଷା କରି ତା' ଛାଇରେ ବିଶ୍ରାମ ନେବାକୁ ଦେଉଛି । ସେ ଆମର କ'ଣ ବା କ୍ଷତି କରୁଛି ?'

ଲୋକମାନେ ପରସ୍ପରର ମୁହଁକୁ ଚାହିଁଲେ । 'ପିଲାଟି ଯାହା କହୁଛି ତା' ତ ବାସ୍ତବିକ ସତ୍ୟ', ଜଣେ ବ୍ୟକ୍ତିଙ୍କର ଏପରି ମନ୍ତବ୍ୟରେ ସମସ୍ତେ ମୁଣ୍ଡ ହଲାଇ ସହମତି ହେଲେ ।

— 'ଆମେ ଏହି କାଠୁରିଆକୁ ଗଛଟି କାଟିବାକୁ ଛାଡ଼ି ଦେବାନି' — ଆଉ ଜଣେ ବ୍ୟକ୍ତି କହିଉଠିଲେ ।

—'ଚାଲ, କାଠୁରିଆର କାମ ବନ୍ଦ କରିବା ପାଇଁ ରୋହନ ସହ ସହଯୋଗ କରିବା' — ତୃତୀୟ ବ୍ୟକ୍ତି ଜଣକ ଚିତ୍କାର କରି କହି ଉଠିଲେ ।

ଖୁବ୍ ଶୀଘ୍ର ସମସ୍ତେ ମୋ ନିକଟରେ ଏକତ୍ରିତ ହୋଇଗଲେ, କାଠୁରିଆକୁ ଠେଲି ଦେଇ ମୋ ଚାରିପଟେ ବୃତ୍ତାକାରରେ ଠିଆ ହୋଇ ପଡ଼ିଲେ ଓ ସେଠାରୁ ପାଦେ ଘୁଞ୍ଚିବାକୁ ଅସ୍ୱୀକାର କଲେ । କାଠୁରିଆଟି ଏପରି ଏକ ଅପ୍ରତ୍ୟାଶିତ ପରିସ୍ଥିତିରେ ନିରୁପାୟ ହୋଇ ସ୍ଥାନ ଛାଡ଼ି ଚାଲିଗଲା ।''

''ତା'ପରେ କ'ଣ ହେଲା ?'' — ରାହୁଲ ଖୁବ୍ ଉତ୍ସୁକତାର ସହ ପ୍ରଶ୍ନ କରି ବସିଲା ।

''ପରଦିନ କାଠୁରିଆଟି ଫେରି ଆସିଲା; କିନ୍ତୁ ସାଥୀରେ ଆଉ କେତେ ଜଣ କାଠୁରିଆଙ୍କୁ ଧରି ଆସିଥିଲା । ରୋହନ ପୁଣି ଥରେ ସହାୟତାର ସଂଗ୍ରହରେ ଲାଗିପଡ଼ିଲା । ପୁଣି ନଗର ବାସିନ୍ଦାମାନେ ଏକତ୍ରିତ ହୋଇ ଆସିଲେ । କିନ୍ତୁ ଏଥର ସଂଖ୍ୟାଧିକ କାଠୁରିଆ ଥିଲେ ଓ ସେମାନେ ସେମାନଙ୍କୁ ଦିଆଯାଇଥିବା କାମଟିକୁ ସମ୍ପାଦନ କରିବାକୁ ସଂକଳ୍ପବଦ୍ଧ ଥିଲେ । 'ଆମକୁ ଗଛଟି କାଟି ଦେବାକୁ ନିର୍ଦ୍ଦେଶ ଦିଆଯାଇଛି,' ସେମାନେ କହିଲେ । ନଗର ବାସିନ୍ଦାମାନେ ପ୍ରଶ୍ନ କଲେ, 'କିଏ ତୁମକୁ ଏହି ନିର୍ଦ୍ଦେଶ ଦେଇଛି ?'

ସେମାନଙ୍କର ଉତ୍ତର ଥିଲା, 'ମଣି ସାର୍ ଓ ସହର ନିର୍ମାଣ କାର୍ଯ୍ୟାଳୟର ଆଉ କେତେ ଜଣ କର୍ମକର୍ତ୍ତା ଆମକୁ ଏପରି ନିର୍ଦ୍ଦେଶ ଦେଇଛନ୍ତି ।'

'ମାତ୍ର ସେମାନେ ଏ ଗଛଟିକୁ କାଟିବାକୁ କାହିଁକି ଚାହୁଁଛନ୍ତି ?' — ରୋହନ ପଚାରିଲା ।

'ସେମାନେ ରାସ୍ତାଟିକୁ ଅଧିକ ପ୍ରଶସ୍ତ କରିବାକୁ ଚାହୁଁଛନ୍ତି । ବର୍ତ୍ତମାନ ତୁମେମାନେ ହଟିଯାଅ ଓ ଆମ କାମକୁ ଶାନ୍ତିରେ ଶେଷ କରିବା ପାଇଁ ଛାଡ଼ିଦିଅ । ଆମେ ତୁମମାନଙ୍କ ସହ କନ୍ଦଳ କରିବାକୁ ଚାହୁଁନୁ ।' ଜଣେ କାଠୁରିଆ ଉତ୍ତର ଦେଲା ।

''କିଛି କାଠୁରିଆ ଗଛ କାଟିବା କାର୍ଯ୍ୟ ଆରମ୍ଭ କରିବାକୁ ସେମାନଙ୍କର କୁରାଢ଼ି ସବୁ ଉପରକୁ ଟୋକି ଧରିଲେ । ପୂର୍ବଦିନ ଆସିଥିବା କାଠୁରିଆଟି ତା'ର ଏତେ ଜଣ ସହଯୋଗୀଙ୍କୁ ପାଇ ଅଧିକ ଦମ୍ଭ ସଂଚୟ କଲା ଭଳି ବୋଧ ହେଉଥିଲା ଓ ଆତ୍ମ-ବିଶ୍ୱାସର ସହ ଆଗକୁ ମାଡ଼ି ଚାଲିଲା । ତା' କୁରାଢ଼ି ଗଛକୁ ଆଘାତ ଦେବାକୁ ପ୍ରସ୍ତୁତ ହୋଇ ଯାଇଥିଲା । ଆଖି ସାମନାରେ ଏତେ ଗୁଡ଼ିଏ କୁରାଢ଼ି ଦେଖି ଓ ସହର ନିର୍ମାଣ ଅଧିକାରୀଙ୍କର ନିର୍ଦ୍ଦେଶ ଶୁଣି ଏକତ୍ରିତ ହୋଇଥିବା ଲୋକମାନଙ୍କ ମଧ୍ୟରୁ କିଛି ବ୍ୟକ୍ତି ପଛଘୁଞ୍ଚା ଦେବାକୁ ଆରମ୍ଭ କଲେ; କିନ୍ତୁ ରୋହନ ସେପରି କଲା ନାହିଁ । ସେ ଜମା ବି ଡରୁ ନ ଥିଲା ।

'ନା, ମୁଁ ଏପରି କରିବାକୁ ଦେବି ନାହିଁ !' ସେ ଚିତ୍କାର କରି ଉଠିଲା ଏବଂ ଗୋଟିଏ କାଠୁରିଆର ଉଦ୍ୟତ ହୋଇ ରହିଥିବା କୁରାଢ଼ିକୁ ତା ହାତରୁ ଛଡ଼ାଇ ଆଣିବାକୁ ଚେଷ୍ଟା କଲା । ପରେ ପରେ ଭୀଷଣ ଗଣ୍ଡଗୋଳର ସୂତ୍ରପାତ ହେଲା । ସେମାନେ ସଂଖ୍ୟାରେ ବେଶୀ ଥିବାରୁ ରୋହନକୁ ବାରଂବାର ଠେଲିଲେ ଓ ଆଘାତ କରିବାକୁ ଲାଗିଲେ ।''

''ହେ ଭଗବାନ୍ ! ତା'ପରେ କ'ଣ ହେଲା ।'' — ରାହୁଲ ପଚାରିଲା ।

'' 'ସେମାନେ ରୋହନକୁ ମାରିଦେବେ ! ସେମାନେ ରୋହନକୁ ମାରିଦେବେ !' — ସହର ବାସିନ୍ଦାମାନେ ଚିତ୍କାର କରିବାକୁ ଲାଗିଲେ । ସେଠାରେ ଠୁଳ ହୋଇଥିବା

ଲୋକମାନଙ୍କର ସଂଖ୍ୟା ବୃଦ୍ଧି ପାଇବାରେ ଲାଗିଲା, ସମସ୍ତଙ୍କ ମତିଗତି ବିପଦ୍‌ଜନକ ହୋଇଉଠିଲା ଏବଂ କିଛି ବ୍ୟକ୍ତି ଲାଠି ଓ ଧାରୁଆ ଅସ୍ତ୍ରସବୁ ଧରି ବାହାରି ପଡ଼ିଲେ । ଏହି ସମୟ ଭିତରେ ରୋହନର ଶରୀରରୁ ଭୀଷଣ ରକ୍ତସ୍ରାବ ହେବାକୁ ଆରମ୍ଭ କରିଥାଏ, ସେ ନିସ୍ତେଜ ଭାବରେ ରାସ୍ତା ମଝିରେ, ମୋ ମୂଳରେ ମାଟିରେ ପଡ଼ି ରହି ଥାଏ ।

'ତୁମେ ରୋହନକୁ ମାରି ଦେଉଛ !' ଜଣେ ବ୍ୟକ୍ତି ଚିତ୍କାର କରି ଉଠିଲେ ।

'ତୁମେ ସବୁ ହତ୍ୟାକାରୀ !' ଆଉ ଜଣେ ଦୋଷାରୋପ କରି କହିଲେ ।

'ଆମେ ଏଇକ୍ଷଣି ତୁମ ନାମରେ ପୋଲିସ ପାଖରେ ଏତଲା ଦେବୁ ।' ତୃତୀୟ ବ୍ୟକ୍ତି ଜଣକ ଚିତ୍କାର କରି କହିଲେ ।

ଘଟଣାର ଏପରି ଏକ ଅପ୍ରତ୍ୟାଶିତ ମୋଡ଼ରେ ଭୟଭୀତ ହୋଇ କାଠୁରିଆମାନେ ସେମାନଙ୍କର କୁରାଢ଼ି ଫୋପାଡ଼ି ଦେଇ ପ୍ରାଣ ବିକଳରେ ଧାଇଁବାକୁ ଲାଗିଲେ । ସହରର କେତେକ ବ୍ୟକ୍ତି ତତ୍‌କ୍ଷଣାତ୍ ରୋହନକୁ ଡାକ୍ତରଖାନା ନେଇ ଗଲେ ।

କାଠୁରିଆମାନେ ନଗର ଉନ୍ନୟନ କାର୍ଯ୍ୟାଳୟରେ ପହଞ୍ଚି ସବୁ ଘଟଣା ବିଶଦ ଭାବେ ବର୍ଣ୍ଣନା କଲେ । ରୋହନର କ'ଣ ହେବ ଭାବି ନଗର ନିର୍ମାଣ ଅଧିକାରୀ ମଧ୍ୟ ଭୟ ପାଇଗଲେ । ଯଦି ରୋହନ ମରିଯାଏ, କାଠୁରିଆମାନଙ୍କ ହାତରେ ରକ୍ତ ଲାଗିଛି, ସହର ବାସିନ୍ଦା ନିଶ୍ଚୟ ସେମାନଙ୍କୁ ନରହନ୍ତା ବୋଲି ସାବ୍ୟସ୍ତ କରିଦେବେ । ବର୍ତ୍ତମାନ ସେମାନଙ୍କୁ ଯଥାଶୀଘ୍ର କିଛି ଗୋଟାଏ ସିଦ୍ଧାନ୍ତ ନେବାକୁ ହେବ । କିଛି ଜଣ ତଥାପି ମୋତେ କାଟିବା ସପକ୍ଷରେ ଥିଲେ, ଆଉ କେତେ ଜଣ ଭାବୁଥିଲେ ସେପରି ନ କରିବା ବୁଦ୍ଧିମାନ୍‌ର କାର୍ଯ୍ୟ ହେବ । ସେମାନେ ସମସ୍ତେ କ'ଣ କରାଯିବ ସେ ସମ୍ପର୍କରେ ଆଲୋଚନା କରି ସାରା ଦିନ ଓ ରାତି କାର୍ଯ୍ୟାଳୟରେ ବିତାଇଲେ । ସେମାନେ କାର୍ଯ୍ୟାଳୟର ବାହାରକୁ ଆସି ଘରକୁ ଯିବା ପାଇଁ ମଧ୍ୟ ସାହସ ସଂଚୟ କରିପାରୁ ନଥିଲେ ।

ପରଦିନ, ନଗର ନିର୍ମାଣ ଅଧିକାରୀମାନେ ଏକ ଆଲୋଚନା ପାଇଁ ମୋ ତଳେ ଏକତ୍ରିତ ହେଲେ । ମଣି ସାର୍ ଯୋଡ଼ ହସ୍ତରେ ଖୁବ୍ ବିନମ୍ର ହୋଇ କହିଲେ : 'ରୋହନର କ'ଣ ହୋଇଛି ସେ ସମ୍ପର୍କରେ ଆମେ ସମସ୍ତେ ଅବଗତ ଏବଂ ଆମେମାନେ ଖୁବ୍ ଦୁଃଖିତ ମଧ୍ୟ । ଡାକ୍ତରଖାନାରେ ତା'ର ଚିକିତ୍ସାର ବ୍ୟୟବହନ କରିବାକୁ ଆମେ ପ୍ରସ୍ତୁତ । ଶାନ୍ତିର ପ୍ରତିଷ୍ଠା ପାଇଁ ଏବଂ ଆମ ସହରର ଲୋକମାନଙ୍କର ଇଚ୍ଛାକୁ ସମ୍ମାନ ଜଣାଇ ଆମେ ଏ ଗଛକୁ କାଟିବୁ ନାହିଁ । ପକ୍ଷାନ୍ତରେ, ଏ ଗଛକୁ ଘେରାଇ ଆମେ ଏକ ସୁଦୃଶ୍ୟ ଚଉତରା ପ୍ରସ୍ତୁତ କରିଦେବୁ, ଯାହା ଫଳରେ ଲୋକମାନେ ଏଇ ଗଛତଳେ ଶାନ୍ତିରେ ବିଶ୍ରାମ ନେଇ ପାରିବେ ଓ ଗଛର ବଦାନ୍ୟତା ଓ ସୌନ୍ଦର୍ଯ୍ୟକୁ ଉପଭୋଗ କରି ପାରିବେ ।'

ରୋହନ, ଯିଏକି ଏଇ ଅଳ୍ପ ଦିନ ତଳେ ଏକ ସାଧାରଣ ବ୍ୟକ୍ତି ହୋଇ ରହିଥିଲା, ହଠାତ୍ ସେ ଗୋଟାଏ ବୀର ଯୋଦ୍ଧା ଭାବେ ପରିଗଣିତ ହେଲା । ସହରର ବାସିନ୍ଦାମାନେ ବି ଏଇ ସିଦ୍ଧାନ୍ତରେ ଖୁବ୍ ଆନନ୍ଦିତ ହୋଇ ଉଠିଲେ । ଏହିପରି ଭାବରେ ମୁଁ ଜୀବନରେ ରହିପାରିଲି... ତୁମକୁ ମୋର ଆତ୍ମ-ଜୀବନୀ କହିବା ପାଇଁ ।''

''ରୋହନର କ'ଣ ହେଲା ?'' ରାହୁଲ ପଚାରିଲା, ''ସେ ଭଲ ହୋଇ ଜୀବନରେ ରହିଲା ତ ?''

''ଡାକ୍ତରମାନେ ତା'ର ଜୀବନ ରକ୍ଷା କଲେ, କିନ୍ତୁ ସେ ଗୋଟିଏ ଗୋଡ଼ ହରାଇଲା । ସେ ନିଜ ଜୀବନକୁ ବିପଦାପନ୍ନ କରି ମୋ ଜୀବନ ବଞ୍ଚାଇଲା,'' – ପୁରୁଣା ଗଛଟି ଦୀର୍ଘ ନିଃଶ୍ୱାସ ସହ କହିଲା ।

''ରୋହନ ଏବେ କେଉଁଠି ଅଛି ?'' – ପୁନିତ୍ ପଚାରିଲା ।

''ବଡ଼ ସହରରେ ଚାକିରି ସନ୍ଧାନରେ ସେ ଏ ସ୍ଥାନ ଛାଡ଼ି ଯାଇଛି; କିନ୍ତୁ ମୁଁ ଜାଣିଛି ସେ ସେଠାରେ ତା' କାମ ସାରି ପୁଣି ଫେରିଆସିବ । ସେଯାଏଁ ମୁଁ ଏଠାରେ ତାକୁ ଅପେକ୍ଷା କରି ରହିଥିବି,'' ସେ ପୁରୁଣା ଅଶ୍ୱତ୍ଥ ଗଛଟି ଘୋଷଣା କଲା ।

''କିନ୍ତୁ... ଏଥିପାଇଁ ତ ଅନେକ ବର୍ଷ ଲାଗିଯିବ !'' ରାହୁଲ ଉଚ୍ଚକଣ୍ଠରେ କହି ଉଠିଲା ।

''ଓଃ, ସେଥିରେ କିଛି ଯାଏ ଆସେ ନା । ମୁଁ ଅପେକ୍ଷା କରିଥିବି ।'' ଗଛଟି ଦୃଢ଼ତାର ସହିତ କହିଲା ।

''ଏତେ ଗୁଡ଼ିଏ ବର୍ଷ ?'' ଦୁହେଁ ସମସ୍ୱରରେ ପ୍ରଶ୍ନ କରି ଉଠିଲେ ।

''ହଁ । ଅନେକ ଅନେକ ବର୍ଷ ଧରି, ତାକୁ ଫେରିବାକୁ ଯେତେ ବର୍ଷ ଲାଗୁ ପଛକେ । ପ୍ରକୃତ ବନ୍ଧୁତ୍ୱ ବହୁତ କାଳ ଧରି ତିଷ୍ଠି ରହେ, ତୁମେ ତ ଜାଣିଛ ।'' ଗଛଟି କହିଲା ।

ରାତ୍ରିର ଅନ୍ଧାର ଘନୀଭୂତ ହେବାକୁ ଆରମ୍ଭ କଲାଣି

ବୋଲି ରାହୁଲ ଓ ପୁନିତ୍ ଲକ୍ଷ୍ୟ କରି ନ ଥିଲେ । ରାସ୍ତା ଆଲୁଅସବୁ ବି ଜଳି ଉଠିଥାଏ । ସେମାନେ ମଧ୍ୟ ଲକ୍ଷ୍ୟ କରି ନ ଥିଲେ ଯେ ଗଛର ଶାଖାପ୍ରଶାଖାମାନେ ଖୁବ୍ ଧୀରେ ଧୀରେ, ଅତ୍ୟନ୍ତ ନମ୍ର ଭାବରେ ସେମାନଙ୍କୁ ନିକଟତର କରି ଦେଇଛନ୍ତି ।

''ଏବେ ତୁମେ ଦୁଇଜଣ ଘରକୁ ଯିବାକୁ ଆରମ୍ଭ କର !'' ଗଛଟି ଏକ ଆଦେଶ ଦେବା ଭଙ୍ଗିରେ କହି ଉଠିଲା । ''ଘରେ ତୁମର ମାତାପିତା ତୁମ ପାଇଁ ବ୍ୟସ୍ତ ହୋଇ ଉଠିବେଣି ।''

ରାହୁଲ ଓ ପୁନିତ୍ ପରସ୍ପରକୁ ଚାହିଁଲେ । ସେମାନେ ହସି ହସି ଚଉତରା ଉପରୁ ଡେଇଁ ପଡ଼ିଲେ ଏବଂ ହାତ ଧରାଧରି ହୋଇ ଘରମୁହାଁ ଚାଲିଲେ ।

ସେହି ପୁରୁଖା ପୁରୁଣା ଗଛଟି ସେମାନଙ୍କର ଯିବା ବାଟକୁ ଚାହିଁ ରହିଥିଲା, ତା'ର ହୃଦୟ ଆନନ୍ଦ ଓ ଆଶାରେ ଭରି ଯାଇଥିଲା ।

(Walk the Luminous Path ରୁ ସଂଗୃହୀତ
ଅନୁବାଦ ଓ ଉପସ୍ଥାପନା : ଜୟନ୍ତୀ) ❑

# ଅନ୍ୱେଷଣ

## ଜ୍ୟୋତ୍ସ୍ନାରାଣୀ ଦାଶ

ତୁମକୁ ଖୋଜିବା ଯଦି
ଜୀବନର ଶ୍ରେଷ୍ଠ ଲକ୍ଷ୍ୟ
ଶେଷ ଲକ୍ଷ୍ୟ ମୋର ।
ମୁଁ କିମ୍ବା ଘୂରି ବୁଲିବି
ଅବାଟରେ ଅଜ୍ଞାତ ଭାବରେ !

ହେ ଅନ୍ତରତମ ଦିବ୍ୟଜୀବନ ଦିଶାରୀ
ଅନ୍ତର ମୋ ଆହ୍ଲାଦିତ
ତୁମ ଦିବ୍ୟ ବଂଶୀର ଆହ୍ୱାନେ,
ସେଇ ସ୍ୱର ଅନୁସରି
ଇଗଲର ଡେଣା ନେଇ
ଲଙ୍ଘି ଝଡ଼, ଦୁର୍ବିପାକ
ରାତ୍ରିମୟ
ମୋହମୟ
ସ୍ୱପ୍ନମୟ
ଏ ଜୀବନ ବେସୁରା ପଥରେ
ସଞ୍ଚିତ ମୋ ଏ ହୃଦୟେ ଯେତେ
ଅଭୀପ୍ସା ଓ ଏକାଗ୍ରତା ନେଇ
ଛୁଟି ଚାଲେ ତୁମ ଦିଗେ
ପ୍ରଧାବିତ ଏକ
ତୀକ୍ଷ୍ଣ ତୀର ସମ ।

ହେ ମୋର ପରମ ପ୍ରେମିକ !
ଏଇକ୍ଷଣି, ଏଇ ମୁହୂର୍ତ୍ତରୁ
ନିଃଶେଷେ ଅରପି ଦେଲି
ନିଜକୁ ମୁଁ ତୁମରି ଚରଣେ
ନୀରବତା ଭରି ଦିଅ ବିକ୍ଷୁବ୍ଧ ମନରେ
ଛନ୍ଦହୀନ ଜୀବନରେ ଭରି ଦିଅ ତୁମ ଦିବ୍ୟଛନ୍ଦ ।

ହେ ପରମ କାରୁଣିକ, ପରମ ଆଲୋକ
ତୁମର ସେ ଅନ୍ତହୀନ
ଦିବ୍ୟ ଆଲିଙ୍ଗନେ
ନିର୍ବାପିତ କରି ଏଇ ନିଃସ୍ୱ ଅପୂର୍ଣ୍ଣ ସତ୍ତାରେ
ଏକାକାର କରି ଦିଅ ସିନ୍ଧୁ ମଧ୍ୟେ ବିନ୍ଦୁଟିଏ ପରି । ❑

ଆମକୁ ଶିଖିବାକୁ ହେବ କେବଳ ଭଗବତ୍ କୃପା ଉପରେ ନିର୍ଭର କରିବା ପାଇଁ ଓ ସମସ୍ତ ପରିସ୍ଥିତିରେ ତାହାର ସହାୟତାକୁ ଆବାହନ କରିବା ପାଇଁ, ତା'ହେଲେ ଏହା ନିରନ୍ତର ଅଲୌକିକ କ୍ରିୟା ସଂପନ୍ନ କରିବ ।

– ଶ୍ରୀମା

# ସୁସ୍ଥତାର ପରମ ଗୋପନୀୟତା

## (୧୩)

## ସୂର୍ଯ୍ୟକାନ୍ତି ମହାନ୍ତି

### ବହିଷ୍କରଣ

ମନୁଷ୍ୟ ଶରୀରର ବାରଟି ମନଃଶକ୍ତି ମଧ୍ୟରୁ 'ବହିଷ୍କରଣ' ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଟେ । ଏହା ଅବଚେତନ ମନର କାର୍ଯ୍ୟ ପରିସର ଭୁକ୍ତ, ଯାହାର ଅବସ୍ଥିତି ପିଠିର ନିମ୍ନ ଭାଗରେ, ମେରୁଦଣ୍ଡ ମୂଳରେ ଏବଂ ମଳଦ୍ୱାର ଓ ଯୌନାଙ୍ଗ ମଧ୍ୟବର୍ତ୍ତୀ ଅଞ୍ଚଳରେ । ଏହି ସ୍ନାୟୁକେନ୍ଦ୍ର ଶରୀରର ଆବର୍ଜନାକୁ ନିଷ୍କାସନ କରେ ଏବଂ ଏହି ପ୍ରକ୍ରିୟାକୁ ନିୟନ୍ତ୍ରଣ ବି କରେ । ଏହା ମଧ୍ୟ ମଣିଷ ମନର ଅଦରକାରୀ ଭାବନା ଓ ନିକୃଷ୍ଟ ଭାବାବେଗର ମଇଳାକୁ ପରିଷ୍କାର କରିବାର ବ୍ୟବସ୍ଥା କରିଥାଏ । ଭାରତୀୟ ଦର୍ଶନ ଅନୁଯାୟୀ ଏହି କେନ୍ଦ୍ର 'ମୂଳାଧାର' ଚକ୍ର ଭାବରେ ପରିଚିତ । ଏହାର ରଙ୍ଗ 'ଲାଲ', ମୌଳିକ ଉପାଦାନ 'ପୃଥିବୀ' ଏବଂ ଧ୍ୱନି 'ଲାମ୍'(LAM)* ଅଟେ ।

ବହିଷ୍କରଣ ମନଃଶକ୍ତି କପାଳରେ ଥିବା ଇଚ୍ଛାଶକ୍ତି ସହିତ ନିବିଡ଼ ଭାବରେ ସଂଯୋଜିତ । ଏହି ଇଚ୍ଛାଶକ୍ତି ମଧ୍ୟ ବହିଷ୍କରଣ ପ୍ରକ୍ରିୟାକୁ ପ୍ରଭାବିତ କରି ଶରୀରର ଅଦରକାରୀ ଜିନିଷକୁ ବାହାର କରି ଦେଇପାରେ । ଜଣେ ଅତ୍ୟନ୍ତ ଉଦ୍‌ବେଗାକ୍ରାନ୍ତ ହେଲେ, ଉଦରାଞ୍ଚଳରେ ଅସୁବିଧା ସୃଷ୍ଟି ହୁଏ । ଫଳରେ ଟନ୍‌ସିଲ ଓ ସାଇନସ୍ ଆଦି ଅସୁସ୍ଥତା ସହିତ ପ୍ରାଣ ଶକ୍ତିର ଅଭାବ ଦେଖା ଦିଏ ।

ମନୁଷ୍ୟ ଶରୀର ସର୍ବଦା ନିର୍ଭୀକ ଓ ବିଜ୍ଞତାର ସହ କାର୍ଯ୍ୟ କରେ । ପ୍ରାକୃତିକ ଭାବରେ ଶରୀର ପ୍ରାୟତଃ ସୁସ୍ଥ ଅଟେ । ଏହାର ଅଛି ଉତ୍କୃଷ୍ଟ ଧରଣର ପରିପାକ କ୍ରିୟା ଏବଂ ବହିଷ୍କରଣ ପଦ୍ଧତି; ଯାହା ମନୁଷ୍ୟର ଯେକୌଣସି ଉଦ୍ଭାବନଠାରୁ ବି ଅଧିକ ଉନ୍ନତ ମାନର । ଏହି ପ୍ରକ୍ରିୟା ଅନୁଯାୟୀ ଶରୀରର ବର୍ଜ୍ୟବସ୍ତୁ ପରିଷ୍କାର ହେବା ପରେ ଯାଇ ନୂତନ ଜୀବନ୍ତ ଉପାଦାନ ସୃଷ୍ଟି ପାଇଁ ସ୍ଥାନ ତିଆରି ହୋଇଥାଏ । ବର୍ଜ୍ୟବସ୍ତୁ ଯେ କେବଳ ମଳ, ମୂତ୍ର ବା ସ୍ୱେଦ ତାହା ନୁହେଁ, ନିଜ ଜୀବନରେ ଅତୀତରେ ଘଟିଥିବା କିଛି ଦୁଃଖଦାୟକ ଘଟଣା, ଯନ୍ତ୍ରଣା, ନୈରାଶ୍ୟ ଆଦି ତ୍ରୁଟି ଶରୀର ଓ ମନରେ ଆବର୍ଜନା ଭରି ଦେଇଥାଏ । ତେଣୁ ପୂର୍ବର ସେହି ଅନୁଭୂତିକୁ ପୁନର୍ଜୀବିତ କରିବାକୁ ବା ପୁଣି ଥରେ ସେସବୁକୁ ମନ ମଧ୍ୟରେ ଫେରାଇ ଆଣିବାକୁ ଚେଷ୍ଟା କର ନାହିଁ ।

ଶରୀରକୁ ପରିଷ୍କାର କରିବା ପାଇଁ ଚର୍ମ, ଫୁସ୍‌ଫୁସ୍, ଅନ୍ତ୍ର, ଯକୃତ୍ ଆଦି ଅଙ୍ଗ ଥିବା ବେଳେ ମାନସିକ ସ୍ତରରେ ଭାବନାକୁ ସୁନ୍ଦର ଓ କ୍ରିୟାଶୀଳ କରିବା ଆବଶ୍ୟକ । ଏଥିପାଇଁ ନିଜକୁ ନିଜେ କହି ହୁଅ – ମୋ ମନ ଓ ଶରୀର ଏବଂ ମୋ ପୃଥିବୀରୁ ସମସ୍ତ ତିକ୍ତ ଅନୁଭୂତିକୁ ମୁଁ ବହିଷ୍କାର କରୁଛି । ମୁଁ ଏବେ ମୁକ୍ତ । ମୋ ଜୀବନ ସରଳ ଓ ସୁନ୍ଦର ।

ଦୃଢ଼ ନକାରାତ୍ମକ ଭାବାବେଗ ଶରୀରର ବହିଷ୍କରଣ ପ୍ରକ୍ରିୟାକୁ ପ୍ରତିରୋଧ କରେ ଏବଂ ଶାରୀରିକ ପ୍ରକ୍ରିୟାକୁ ମୁକ୍ତ ଭାବରେ କାର୍ଯ୍ୟ କରିବାକୁ ଦିଏ ନାହିଁ । ମନର ଦୁଃଖ, ଅତୀତର ଅନୁଭୂତିକୁ ମନେ ପକାଇ ସେଥିରେ ବଞ୍ଚି ରହିବା, ନିଜକୁ ଧିକ୍କାର କରିବା ଆଦି କ୍ରିୟା ଯକୃତକୁ ବହୁ ଭାବରେ ପ୍ରଭାବିତ କରେ ଏବଂ ମୃତ୍ୟୁମୁଖକୁ ବି ନେଇ ଯାଇପାରେ । ପୁରୁଣା ଦୁଃଖକୁ ଦୀର୍ଘଦିନ ଧରି ରଖିଲେ, ମନର ଏ ଅବସ୍ଥାକୁ ବୃକକ୍ ଲିପିବଦ୍ଧ କରି ନିଏ । ଫଳରେ ଜଣେ ବିଭିନ୍ନ ରୋଗରେ ରୋଗାକ୍ରାନ୍ତ ହୁଏ ।

ଯେଉଁମାନେ ଶରୀରର ଉଦରାଞ୍ଚଳରେ ଏବଂ ବହିଷ୍କରଣ ଅଙ୍ଗରେ ଶାରୀରିକ ଅସୁସ୍ଥତା ଭୋଗ କରନ୍ତି, ସାଧାରଣତଃ ସେମାନଙ୍କର ନକାରାତ୍ମକ ଭାବାବେଗର ବିଲୋପ ସହ ଦୃଷ୍ଟିକୋଣର ପରିବର୍ତ୍ତନ ଆବଶ୍ୟକ ହୋଇଥାଏ । ଜଣେ ଯଦି ତା' ନିଜ ଜୀବନକାଳ ମଧ୍ୟରେ କୌଣସି ଶ୍ରେଷ୍ଠତା ପ୍ରାପ୍ତି କରି ନ ପାରିଥିବା ଯୋଗୁଁ ସେଇ ଗ୍ଳାନିକୁ ନିଜ ମନ ଭିତରେ ଜାବୁଡ଼ି ଧରି ରଖିଥାଏ କିଂବା ଅନ୍ୟ ଉପରେ ଅତ୍ୟଧିକ ଅଧିକାର

---

* 'The Chakra Handbook' by Shalila Sharamon and Bodo J. Baginski,
Publisher : Motilala Banarasidass Publishers.

ସାବ୍ୟସ୍ତ କରୁଥାଏ, ତା'ହେଲେ ବୃକକ୍ ଓ ବୃହଦନ୍ତ୍ର ରୋଗଗ୍ରସ୍ତ ହୁଏ । ଫଳରେ କୋଷ୍ଠକାଠିନ୍ୟ ହୁଏ । ଏପରିକି ତା'ର ବାହ୍ୟ ଜୀବନକୁ ବି ପ୍ରଭାବିତ କରେ ଏବଂ ଆର୍ଥିକ ଅସ୍ୱଚ୍ଛଳତା ଦେଖାଦିଏ ।

ଏକଦା ଜଣେ ମହିଳା ଚିକିତ୍ସିତ ହେଉଥିବା ତାଙ୍କ ନିଜ ଅସୁସ୍ଥ ଭାଇଙ୍କ ପାଇଁ ଜଣେ ଆଧ୍ୟାତ୍ମିକ ଗୁରୁଙ୍କର ପରାମର୍ଶ ଲୋଡ଼ିଲେ । ଆନ୍ତ୍ରିକ ରୋଗ ତଥା ବୟୋଃଅଧିକ କାରଣରୁ ତାଙ୍କର ଅସ୍ତ୍ରୋପଚାର କରାଯାଇ ପାରିବ ନାହିଁ ବୋଲି ପୂର୍ବରୁ ଡାକ୍ତର ଜଣାଇ ଦେଇଥିଲେ । ତେବେ ଗୁରୁ ସେ ଅସୁସ୍ଥ ବ୍ୟକ୍ତିଙ୍କ ସମ୍ବନ୍ଧରେ ପୂର୍ବରୁ କିଛି ଜାଣିଥିଲେ । ବ୍ୟକ୍ତି ଜଣକ ଅତ୍ୟନ୍ତ ମେଳାପୀ ଓ ଖୁସି ମିଜାଜର ହୋଇଥିଲେ ମଧ୍ୟ ତାଙ୍କର ଖୁବ୍ ବେଶୀ ପସନ୍ଦ ଥିଲା ନିଜ ଭଉଣୀ ତଥା ଅନ୍ୟମାନଙ୍କୁ ଦାସ କରି ରଖିବା । ଏପରିକି ଅନ୍ୟମାନେ ତାଙ୍କର ଅବିରତ ଯତ୍ନ ନିଅନ୍ତୁ ବୋଲି ସେ ଦାବି ମଧ୍ୟ କରୁଥିଲେ ।

ଭ୍ରାତାଙ୍କର ଏପରି ହାକିମି ମନୋଭାବରୁ ମୁକ୍ତି ପାଇଁ ଭଗବାନଙ୍କୁ ପ୍ରାର୍ଥନା କରିବା ଲାଗି ମହିଳାଙ୍କୁ ଗୁରୁ ପରାମର୍ଶ ଦେଲେ । ନିଜ ପ୍ରକୃତିକୁ ହାଲୁକା କରିବା ପାଇଁ ରୋଗୀକୁ ବି ଧ୍ୟାନ କରିବାକୁ କୁହାଗଲା । ସେହି ଅନୁଯାୟୀ ଭଉଣୀ ଭାଇଙ୍କ ପାଇଁ ପ୍ରାର୍ଥନା କରି ଚାଲିଲେ ଏବଂ ଭାଇ ବି ପ୍ରତିଦିନ କିଛି ସମୟ ପାଇଁ ଧ୍ୟାନ କଲେ । ଏହିପରି ଭାବରେ କିଛି ଦିନ ଚାଲିଗଲା । ତା'ପରେ ଦେଖାଗଲା ଯେ ରୋଗୀର ସ୍ୱାସ୍ଥ୍ୟରେ କିଛି ଉନ୍ନତି ହୋଇଛି ଏବଂ ସେ ଧୀରେ ଧୀରେ ଏକା ଚାଲି ପାରୁଛନ୍ତି । କିଛି ମାସ ମଧ୍ୟରେ ତାଙ୍କ ଭାଇଙ୍କର ହାକିମି ମନୋଭାବ ମଧ୍ୟ କମିଗଲା ।

ପରେ ସେ ବ୍ୟକ୍ତି ନିଜ ଅନୁଭୂତିରୁ କହିଥିଲେ – ଦିନେ ସେ ଧ୍ୟାନ କରିବା ସମୟରେ ଅନୁଭବ କରିଥିଲେ ଯେ ଶାରୀରିକ ଓ ମାନସିକ ସ୍ତରରେ ସେ ସମ୍ପୂର୍ଣ୍ଣ ହାଲୁକା ମନେ କରୁଛନ୍ତି ଏବଂ ସେଇ ସମୟରେ ସେ ଆରୋଗ୍ୟ ଲାଭ କରୁଛନ୍ତି ବୋଲି ବି ଅନୁଭବ କରିଥିଲେ ।

ସାଧାରଣତଃ ଦେଖାଯାଏ ଯେ ବ୍ୟକ୍ତିର ଆଧିପତ୍ୟ ଓ ପ୍ରଭୁତ୍ୱ ବିସ୍ତାର କରିବାର ମାନସିକତାରୁ ପେଟ ରୋଗ ହୋଇଥାଏ । ଜିଦ୍‌ଖୋର ମନୋଭାବ ସିଧାସଳଖ ମେରୁଦଣ୍ଡ ଉପରେ କୁପ୍ରଭାବ ପକାଇ ଯନ୍ତ୍ରଣାଦାୟକ ଅବସ୍ଥା ସୃଷ୍ଟି କରିପାରେ । ତେବେ ମନର ପରିବର୍ତ୍ତିତ ପରିସ୍ଥିତି ସୁସ୍ଥତା ପ୍ରଦାନ କରିବାରେ ସହାୟକ ହୋଇଥାଏ ।

ବାସ୍ତବରେ ଶରୀରର ବହିଷ୍କରଣ ଭାବନା ଦ୍ୱାରା ଅଙ୍ଗ ବହୁ ଭାବରେ ପ୍ରଭାବିତ ହୁଏ । ଏଣୁ ଶାନ୍ତ ଭାବରେ ବସି ରହିଥିବା ବେଳେ ବା ଧ୍ୟାନ ସମୟରେ ନିଜକୁ ନିଜେ କହି ହୁଅ – ମୋ ସୁସ୍ଥତାରେ ବାଧା ସୃଷ୍ଟି କରୁଥିବା ମନର ସମସ୍ତ କୁଭାବନାକୁ ମୁଁ ସ୍ୱଇଚ୍ଛାରେ ମନ ଭିତରୁ ବାହାର କରି ଦେଉଛି । ସମସ୍ତଙ୍କ ପ୍ରତି ମୋର ଶୁଭେଚ୍ଛା ଓ ସଦ୍‌ଭାବନା ଅଛି । ସମସ୍ତେ ସୁସ୍ଥ ରୁହନ୍ତୁ । ମୁଁ ବି ସୁସ୍ଥ ରହେ ।

ଏଣୁ ମନକୁ ନମନୀୟ ଓ ହାଲୁକା ରଖିବା ଦରକାର । ଏଥିପାଇଁ ପ୍ରତିଦିନ ଖୁବ୍ କମ୍‌ରେ ପାଞ୍ଚ ମିନିଟ ଧ୍ୟାନ କରନ୍ତୁ । ଧ୍ୟାନରେ ମନ ଶାନ୍ତ ରହିବା ସହିତ ସ୍ନାୟବିକ ଶକ୍ତି ଶରୀରର ସମସ୍ତ ଅଙ୍ଗରେ ସଞ୍ଚାରିତ ହୋଇପାରେ । ଏହା ସହିତ ଶରୀରରେ ପ୍ରତିଦିନ ବିଶ୍ରାନ୍ତି (relaxation) ମଧ୍ୟ ଆବଶ୍ୟକ । ଏହା ମସ୍ତକରୁ ଆରମ୍ଭ ହୋଇ ଧୀରେ ଧୀରେ ଶରୀରର ନିମ୍ନ ଭାଗକୁ ଗତି କରି ଥାଏ । ପ୍ରଥମେ କପାଳରୁ ଆରମ୍ଭ ହୋଇ ଆଖିପତା, ଦନ୍ତ, କାନ୍ଧ, କହୁଣୀ, ଅଙ୍ଗୁଳି, ଉଦରର ଉପରିଭାଗ, ଉଦରର ତଳଭାଗ, ଜଙ୍ଘ, ମାଂସପେଶୀ, ଆଣ୍ଠୁ, ବଳାଗଣ୍ଠି ଓ ପାଦ ଅଙ୍ଗୁଳି – ଏହି କ୍ରମରେ ବିଶ୍ରାନ୍ତି କରାଯାଏ । ଏହା ଫଳରେ ଶରୀରର ନିଶ୍ୱାସନ ପ୍ରକ୍ରିୟା ସରଳ ହେବା ସହିତ ରକ୍ତଚାପ, ମାନସିକ ସ୍ଥିତି ଆଦି ସ୍ୱାଭାବିକ ରହେ । ତେବେ ମନେ ରଖିବାକୁ ହେବ ଯେ ଜଣକର ଭାଷା ବା କହୁଥିବା କଥା ତା' ନିଜର ସୁସ୍ଥତା ରକ୍ଷା କରିବାରେ ସହାୟକ ହୋଇଥାଏ ।

ଖାଦ୍ୟ ପରି ଭାବନା ବି ସହଜରେ ପରିପାକ ହେବା ଦରକାର । ସକାରାତ୍ମକ ଓ ଉତ୍ତମ ଭାବନା ସହଜରେ ହଜମ ହୁଏ ଏବଂ ନକାରାତ୍ମକ ଓ ମନ୍ଦ ଭାବନା ଶେଷ ହୁଏ ନୈରାଶ୍ୟ ଓ ମାନସିକ ଅବସାଦରେ । ଯେତେବେଳେ ଜଣେ ନିଜକୁ ନିଜେ କହି ହୁଏ – ବର୍ତ୍ତମାନ ଏକ ଦିବ୍ୟ ଧୀ-ଶକ୍ତି ମୋ ଶରୀରର କାର୍ଯ୍ୟଧାରାର ଦାୟିତ୍ୱ ବହନ କରୁଛି – ସେତେବେଳେ ଶାରୀରିକ ଓ ମାନସିକ ସ୍ତରରେ ସୁସ୍ଥତା ଆରମ୍ଭ ହୁଏ ।

ବହିଷ୍କରଣ ମନଃଶକ୍ତି କେବଳ ମଣିଷର ବିଭିନ୍ନ ଅଙ୍ଗକୁ ଯେ ପରିଷ୍କାର କରେ ତାହା ନୁହେଁ, ବିଭିନ୍ନ ବନ୍ଧନରୁ ମୁକ୍ତି ମଧ୍ୟ ଦିଏ । ଏଣୁ ଯେକୌଣସି ପ୍ରକାର ଅସଂହତିରୁ ମୁକ୍ତ ହୋଇ ନିଜ ଭିତରକୁ ପ୍ରବେଶ କରି ନିଜକୁ ପରିବର୍ତ୍ତନ କରିବା ସହିତ ନିଜ ଚେତନାକୁ ସମ୍ପ୍ରସାରିତ କରିବା ଆବଶ୍ୟକ ।

ପ୍ରତ୍ୟେକଙ୍କ ଜୀବନକାଳର ଅବଧି ଖୁବ୍ କମ୍ । ମନୁଷ୍ୟର ଏହି ସୀମିତ ଯାତ୍ରାପଥ ସୁଗମ, ଆଲୋକିତ ଓ ଆନନ୍ଦଦାୟକ

*(ଅବଶିଷ୍ଟାଂଶ ପୃଷ୍ଠା ୪୮ରେ ଦେଖନ୍ତୁ)*

# ପୂର୍ଣ୍ଣାଙ୍ଗ ଶିକ୍ଷା ଓ ଅଭିଭାବକ

## (୧୪)

## ଗୟାଧର ଦାଶ

### ପୂର୍ଣ୍ଣାଙ୍ଗ ଶିକ୍ଷାର ଅଭିନବତ୍ୱ

*(ପୂର୍ବ ପ୍ରକାଶିତ ଉତ୍ତାରୁ...)*

ପୂର୍ଣ୍ଣାଙ୍ଗ ଶିକ୍ଷା ହେଉଛି ପୂର୍ଣ୍ଣାଙ୍ଗ ଯୋଗ । ସମଗ୍ର ଜୀବନ ହିଁ ଶିକ୍ଷା ଓ ସମଗ୍ର ଜୀବନ ହିଁ ଯୋଗ । ପୂର୍ଣ୍ଣାଙ୍ଗ ଶିକ୍ଷାର ସଫଳ ରୂପାୟନ ସକାଶେ ଆମେ ପ୍ରଥମେ ନିଜକୁ ଶିକ୍ଷା ଦେବା ଉଚିତ । ନିଜେ ବଞ୍ଚିବା ସହ ଅନ୍ୟକୁ ବଞ୍ଚିବାକୁ ଦେବା, ନିଜେ ଆଗେଇବା ସହ ଅନ୍ୟମାନଙ୍କୁ ଆଗେଇ ଯିବାକୁ ବାଟ ଛାଡ଼ିଦେବା ତଥା ଏହା ସହ ନିଜର କଥା, ଚିନ୍ତା ଓ କର୍ମ ମଧ୍ୟରେ ସାମଞ୍ଜସ୍ୟ ରଖି ସଚେତନ ଭାବରେ ସତ୍ୟକୁ ଅନୁସରଣ କରି ଆଗେଇ ଚାଲିଲେ ନିଜେ ବଦଳିବା ଏବଂ ଏଥିସହ ଆମର ପିଲାମାନେ ବଦଳିବେ ଓ ସମାଜ ମଧ୍ୟ ବଦଳିଯିବ । ଏହି ପରିପ୍ରେକ୍ଷୀରେ ଶ୍ରୀମା କହନ୍ତି : “To educate a child is to educate oneself” ଅର୍ଥାତ୍, ଶିଶୁକୁ ଶିକ୍ଷା ଦେବାକୁ ହେଲେ ପ୍ରଥମେ ନିଜେ ଶିକ୍ଷିତ ହେବାକୁ ପଡ଼ିବ । ‘‘ଜଣେ ମନୁଷ୍ୟର ଶିକ୍ଷା ତା’ର ଜନ୍ମରୁ ଆରମ୍ଭ ହୋଇ ସମଗ୍ର ଜୀବନସାରା ଚାଲୁ ରହିବା ଉଚିତ । ବାସ୍ତବିକ, ଯଦି ଆମେ ଏହି ଶିକ୍ଷାର ସର୍ବାଧିକ ଫଳ ପାଇବା ପାଇଁ ଇଚ୍ଛା କରୁଥିବା ତେବେ ଜନ୍ମ ପୂର୍ବରୁ ଏହା ଆରମ୍ଭ ହେବା ଆବଶ୍ୟକ । ଏହି କ୍ଷେତ୍ରରେ ଜନ୍ମ ହେବାକୁ ଯାଉଥିବା ପିଲାଟିର ମାଆକୁ ହିଁ ଏହି ଶିକ୍ଷା କ୍ରମଟିକୁ ଆରମ୍ଭ କରିବାକୁ ହୋଇଥାଏ ଏବଂ ତାହାକୁ ସେ ଦ୍ୱିବିଧ କ୍ରିୟା ମାଧ୍ୟମରେ କରିଥାଏ । ପ୍ରଥମତଃ, ସେ ନିଜର ଉନ୍ନତି ସକାଶେ କେତୋଟି କାର୍ଯ୍ୟ କରିବ, ଦ୍ୱିତୀୟତଃ, ତା’ର ଗର୍ଭରେ ଯେଉଁ ଶିଶୁଟିର ଶରୀର ଗଠନ ହେଉଛି ତା’ଲାଗି ମଧ୍ୟ କେତୋଟି କାର୍ଯ୍ୟ କରିବାକୁ ହେବ । ଏକଥା ଧ୍ରୁବ ସତ୍ୟ ଯେ ଯେଉଁ ଶିଶୁଟି ଜନ୍ମଗ୍ରହଣ କରିବାକୁ ଯାଉଛି, ତାହାର ସ୍ୱଭାବଟି ଅନେକ ପରିମାଣରେ ତାକୁ ରୂପ ଦେଉଥିବା ମାଆ ଉପରେ ନିର୍ଭର କରିଥାଏ । ତାହା ସେହି ମାଆର ଆସ୍ପୃହା, ଇଚ୍ଛା ଶକ୍ତି ତଥା ସିଏ ବାସ କରୁଥିବା ବାହ୍ୟ ବାତାବରଣଟି ଉପରେ ନିର୍ଭର କରିଥାଏ । ତେଣୁ ମାଆର ଯେଉଁ ଶିକ୍ଷା ଦରକାର ତାହା ହେଲା, ତା’ର ସମସ୍ତ ଭାବନା ଯେପରି ସର୍ବଦା ସୁନ୍ଦର ଓ ଶୁଦ୍ଧ ହେବ, ସମସ୍ତ ଅନୁଭବ ଯେପରି ଉତ୍ତମ ଓ ମହତ୍ ହେବ ଏବଂ ସିଏ ଯେଉଁ ବାହ୍ୟ ବାତାବରଣଟି ମଧ୍ୟରେ ରହିଛି ତାହା ଯେପରି ଯଥାସମ୍ଭବ ସୁସମଞ୍ଜସ ଓ ଏକ ମହାନ୍ ସରଳତାରେ ପରିପୂର୍ଣ୍ଣ ହୋଇ ରହିଥିବ – ଏସବୁ ପ୍ରତି ଆମକୁ ଦୃଷ୍ଟି ଦେବାକୁ ପଡ଼ିବ । ଶିକ୍ଷାର ଏହି ଅଂଶଟି ପ୍ରତ୍ୟେକ ମାଆ ପ୍ରତି ପ୍ରଯୁଜ୍ୟ । ଏଥିସହ ସେ ଯଦି ନିଜର ସର୍ବୋତ୍ତମ ଆଦର୍ଶାନୁସାରେ ଭାବୀ ଶିଶୁଟିକୁ ତିଆରି କରିବା ସକାଶେ ଏକ ସଚେତନ ଓ ନିର୍ଦ୍ଦିଷ୍ଟ ଇଚ୍ଛା ଶକ୍ତି ରଖିପାରେ ତେବେ ସର୍ବାଧିକ ସମ୍ଭାବନା ସହ ଶିଶୁଟିର ପୃଥିବୀକୁ ଆସିବା ନିମନ୍ତେ ସର୍ବୋତ୍କୃଷ୍ଟ ଅନୁକୂଳ ଅବସ୍ଥା ସୃଷ୍ଟି ହେବ । ଏହିପରି କଲେ କେତେ ଆୟାସକର ଉଦ୍ୟମ ଓ ଅନାବଶ୍ୟକ ଜଟିଳତାକୁ ଏଡ଼ାଇ ଦେବା ସମ୍ଭବ ହୁଏ ।’’

(MCW, Vol - 12, P. 9)

ଏଥିରୁ ଜଣାଯାଏ ଯେ ଶିଶୁର ଜନ୍ମ ପୂର୍ବବର୍ତ୍ତୀ ଶିକ୍ଷା ପାଇଁ ମାଆର ଶିକ୍ଷା ଅନିବାର୍ଯ୍ୟ । ଏକ ନୂତନ ଚେତନାକୁ ପୃଥିବୀପୃଷ୍ଠକୁ ଆବାହନ କରି ଆଣିବାକୁ ହେଲେ ମାତାପିତାଙ୍କୁ କେଉଁ ଏକ ଉଚ୍ଚତର ଚେତନାରେ ବାସ କରିବାକୁ ହେବ ତାହା ସେମାନେ ଜାଣି ରଖିବା ଉଚିତ । ଜନ୍ମ ପରବର୍ତ୍ତୀ ଶିକ୍ଷା ପାଇଁ ମାତାପିତାଙ୍କର ଶିକ୍ଷା ମଧ୍ୟ ଆହୁରି ଅଧିକ ଆୟାସସାଧ୍ୟ ହୋଇଥାଏ । ଶ୍ରୀମା କହନ୍ତି – ‘‘ଏପରି ଅନେକ ମାତାପିତା ଅଛନ୍ତି ଯେଉଁମାନେ ଜାଣିଥା’ନ୍ତି ଯେ ସେମାନଙ୍କର ସନ୍ତାନମାନଙ୍କୁ ଶିକ୍ଷା ଦେବା ଉଚିତ ଏବଂ ସେ ଦିଗରେ ସେମାନେ ଯଥାସାଧ୍ୟ ଚେଷ୍ଟା ମଧ୍ୟ କରିଥା’ନ୍ତି । କିନ୍ତୁ ଯେଉଁମାନଙ୍କର ଦାୟିତ୍ୱବୋଧ ଓ ଆନ୍ତରିକତା ଅଛି ସେମାନଙ୍କ ମଧ୍ୟରୁ ଅଳ୍ପ କେତେକ ମାତାପିତା ଜାଣନ୍ତି ଯେ ସନ୍ତାନମାନଙ୍କୁ ଶିକ୍ଷା ଦେବା ନିମିତ୍ତ ଯୋଗ୍ୟ ହେବାକୁ ହେଲେ ଆଗେ ନିଜେ ଶିକ୍ଷିତ ହେବାକୁ ପଡ଼େ, ନିଜ ସମ୍ବନ୍ଧରେ ସଚେତନ ହେବାକୁ ପଡ଼େ, ନିଜକୁ ନିୟନ୍ତ୍ରଣରେ ରଖିବାକୁ ହୁଏ ଯଦ୍ୱାରା ସନ୍ତାନମାନଙ୍କ ସମ୍ମୁଖରେ କୌଣସି

ମନ୍ଦ ଦୃଷ୍ଟାନ୍ତ ରହିବ ନାହିଁ । କାରଣ, ସର୍ବୋପରି ଦୃଷ୍ଟାନ୍ତ ଦ୍ୱାରା ହିଁ ଶିକ୍ଷା ଅଧିକ ପରିମାଣରେ ଫଳପ୍ରସୂ ହୋଇଥାଏ । ଆମେ ପିଲାକୁ ଯାହାସବୁ ଶିକ୍ଷାଦେଉ, ଯଦି ଆମେ ସେଗୁଡ଼ିକୁ ନିଜେ ଆଚରଣ କରି ସେଗୁଡ଼ିକ ବିଷୟରେ ଦୃଷ୍ଟାନ୍ତ ଦେଖାଇ ପାରିବା ନାହିଁ ତେବେ ପିଲାକୁ ଭଲ ଭଲ କଥା କହିବା ଏବଂ ଜ୍ଞାନପୂର୍ଣ୍ଣ ଉପଦେଶ ଦେବା ଦ୍ୱାରା ପ୍ରକୃତରେ ବିଶେଷ କିଛି ପ୍ରଭାବ ପଡ଼େ ନାହିଁ । କର୍ତ୍ତବ୍ୟନିଷ୍ଠା, ସାଧୁତା, ସ୍ୱଷ୍ଟବାଦିତା, ସାହସ, ଅନାସକ୍ତି, ନିଃସ୍ୱାର୍ଥପରତା, ଧୈର୍ଯ୍ୟ, ସହନଶୀଳତା, ଅଧ୍ୟବସାୟ, ଶାନ୍ତି, ସ୍ଥିରତା, ଆତ୍ମସଂଯମ ଆଦି ସମ୍ପର୍କରେ ମନୋରମ ବକ୍ତୃତା ପରିବର୍ତ୍ତେ ଏସବୁକୁ ଆଚରଣରେ ଦେଖାଇ ପାରିଲେ ଅଧିକ ଫଳପ୍ରଦ ହୋଇଥାଏ । ଯେଉଁଠି ମାତାପିତା ହିସାବରେ ତୁମର ଏକ ଉଚ୍ଚ ଆଦର୍ଶ ରହିଥାଏ ଏବଂ ତୁମେ ସେହି ଆଦର୍ଶଟି ଅନୁସାରେ ଯାବତୀୟ କାର୍ଯ୍ୟ କରୁଥାଅ, ତେବେ ତୁମେ ସେହି କ୍ଷେତ୍ରରେ ଅବଶ୍ୟ ଦେଖିବାକୁ ପାଇବ ଯେ ତୁମର ପିଲା ତା'ର ନିଜ ଜୀବନରେ ମଧ୍ୟ ଅଳ୍ପ ଅଳ୍ପ କରି ସେହି ଆଦର୍ଶର ପ୍ରତିଫଳନ କରୁଅଛି ଏବଂ ଯେଉଁସବୁ ଗୁଣର ଅଭିବ୍ୟକ୍ତି ହେଉ ବୋଲି ତୁମେ ଇଚ୍ଛା କରୁଥିବ, ସେହିସବୁ ଗୁଣଗୁଡ଼ିକ ଅତ୍ୟନ୍ତ ସ୍ୱତଃସ୍ଫୂର୍ତ୍ତ ଭାବରେ ତା'ର ସ୍ୱଭାବରେ ବିକଶିତ ହେଉଅଛି । ନିଜର ମାତାପିତାଙ୍କ ପ୍ରତି ପ୍ରତ୍ୟେକ ପିଲାର ଅତ୍ୟନ୍ତ ସ୍ୱାଭାବିକ ଭାବରେ ସମ୍ମାନ ଓ ଶ୍ରଦ୍ଧା ରହିଥାଏ; ସେମାନେ ନିତାନ୍ତ ଅଯୋଗ୍ୟ ହୋଇ ନ ଥିଲେ ପିଲାମାନେ ସେମାନଙ୍କୁ ଦେବତା ପରି ଦେଖନ୍ତି ଏବଂ ଯଥାଶକ୍ତି ସେମାନଙ୍କର ଅନୁକରଣ କରିବାକୁ ଚେଷ୍ଟା କରନ୍ତି ।

ଅଳ୍ପ କେତେକ ମାତାପିତାଙ୍କୁ ବାଦ୍ ଦେଲେ ଅଧିକାଂଶ ମାତାପିତା ଜାଣନ୍ତି ନାହିଁ ଯେ ସେମାନଙ୍କର ତ୍ରୁଟି-ବିଚ୍ୟୁତି, ଦୁର୍ବଳତା ଏବଂ ଆତ୍ମସଂଯମର ଅଭାବ ନିଜ ସନ୍ତାନମାନଙ୍କ ଉପରେ କିପରି ମାରାତ୍ମକ ପ୍ରଭାବ ପକାଏ । ଯଦି ତୁମେ ସନ୍ତାନମାନଙ୍କଠାରୁ ସମ୍ମାନ ପାଇବାକୁ ଚାହଁ, ତେବେ ନିଜକୁ ସମ୍ମାନାସ୍ପଦ କରିବାକୁ ଶିଖ, ପ୍ରତି ମୁହୂର୍ତ୍ତରେ ସମ୍ମାନର ଯୋଗ୍ୟ ହୁଅ । ତେଣୁ ତୁମେ କେବେହେଲେ ନିଜର କର୍ତ୍ତୃତ୍ୱ ଜାହିର କରିବ ନାହିଁ, ସ୍ୱେଚ୍ଛାଚାରୀ ହେବ ନାହିଁ, ଧୈର୍ଯ୍ୟ ହରାଇବ ନାହିଁ କିଂବା କ୍ରୋଧ ପ୍ରକାଶ କରିବ ନାହିଁ । ତୁମ ପିଲା ଯେତେବେଳେ ତୁମକୁ କୌଣସି ପ୍ରଶ୍ନ ପଚାରିବ, ସେତେବେଳେ ସେ ତୁମ କଥା ବୁଝି ପାରିବ ନାହିଁ ବୋଲି ଆଳ ଦେଖାଇ କଦାପି ତାହାର କୌଣସି ନିର୍ବୋଧ ବା ନିରର୍ଥକ ଉତ୍ତର ଦେବ ନାହିଁ । ଟିକିଏ ଅଧିକ ଶ୍ରମ ଓ କଷ୍ଟ ସ୍ୱୀକାର କଲେ ପିଲା ତୁମ କଥା ନିଶ୍ଚୟ ବୁଝି ପାରିବ । ସବୁବେଳେ ସତକଥା କହିବା ଉଚିତ ନୁହେଁ ବୋଲି ଏକ ପ୍ରଚଳିତ ଧାରଣା ଥିବା ସତ୍ତ୍ୱେ ମୁଁ ଏହା ଦୃଢ଼ତାର ସହ କହିବାକୁ ଚାହେଁ ଯେ ସର୍ବଦା ସତକଥା କହିବା ଶ୍ରେୟସ୍କର । ମାତ୍ର ଅସଲ କଥା ହେଉଛି ଆମେ ସେହି କଥାକୁ ଏପରି ଭାବେ କହିବା ତାହା ଯେପରି ଶ୍ରୋତାର ବୋଧଗମ୍ୟ ହୋଇ ପାରିବ । ଜୀବନର ଆରମ୍ଭରେ ବାର ଚଉଦ ବର୍ଷ ହେବା ପର୍ଯ୍ୟନ୍ତ ଶିଶୁର ମନ କୌଣସି ଅମୂର୍ତ୍ତ ଧାରଣା ଓ ସାଧାରଣ ସତ୍ୟକଳ୍ପନାଗୁଡ଼ିକୁ ବୁଝିବାରେ ଅସମର୍ଥ ହୋଇଥାଏ । ତେବେ ତୁମେ ନିର୍ଦ୍ଦିଷ୍ଟ ଉପମା, ପ୍ରତୀକ ଅଥବା ଦୃଷ୍ଟାନ୍ତ ଆଦିର ସାହାଯ୍ୟରେ ଯେଉଁ ଭାବରେ ସେ ବୁଝିପାରିବ ସେହି ଭାବରେ ତାକୁ ଶିକ୍ଷା ଦେଇ ପାରିବ । ଅନେକ ବୟସ ହେବା ପର୍ଯ୍ୟନ୍ତ ବି ଯେଉଁମାନେ ମାନସିକ ସ୍ତରରେ ସର୍ବଦା ଶିଶୁ ହୋଇ ରହନ୍ତି, ସେମାନଙ୍କ ପାଖରେ ଗୋଟିଏ ବର୍ଣ୍ଣନା, ସୁନ୍ଦର ଭାବେ କଥିତ ଗୋଟିଏ ଗଳ୍ପ, ଗୋଟିଏ କାହାଣୀ ବହୁସଂଖ୍ୟକ ତତ୍ତ୍ୱପୂର୍ଣ୍ଣ ବ୍ୟାଖ୍ୟାନ ଅପେକ୍ଷା ବେଶୀ ଭଲଭାବରେ ଶିକ୍ଷା ଦେଇ ପାରିବ ।''

(MCW, Vol-12, PP. 10-11)

ମାତାପିତାମାନେ ସର୍ବଦା ସଚେତନ ରହି ନିଜର ସର୍ବଶ୍ରେଷ୍ଠ ଅବଦାନକୁ ସମାଜକୁ ଦେଇ ପାରିଲେ ପିଲାମାନେ ସେଇଥିରୁ ଶିକ୍ଷା ପାଇବେ ଏବଂ ଶିଖିଥିବା ଉପାଦାନ ମଧ୍ୟରୁ ସେମାନେ ନୂତନ ସୌଧ ଗଢ଼ିବାରେ ସକ୍ଷମ ହୋଇ ପାରିବେ । ଯଦି ମାତାପିତାମାନେ ଏପରି ବଦ୍ଧମୂଳ ଧାରଣା ପୋଷଣ କରନ୍ତି ଯେ ସେମାନଙ୍କର ସବୁକିଛି ହୋଇ ସାରିଲାଣି, ଆଉ କିଛି ହେବାର ନାହିଁ କି ପରିବର୍ତ୍ତନ ହେବାର ଆଶା ନାହିଁ, ଅନେକ ଦୁନିଆ ସେମାନେ ଦେଖି ସାରିଲେଣି, ଅନେକ ଅନୁଭୂତି ପାଇ ସାରିଲେଣି, ବୟସ ଚାଲିଗଲାଣି, ଏବେ ଯାହା କରିବେ ପିଲାମାନେ ହିଁ କରିବେ ତେବେ ସେମାନଙ୍କର ଅଗ୍ରଗତି ନଷ୍ଟ ହୋଇଯାଏ; ଅକାଳରେ ବାର୍ଦ୍ଧକ୍ୟ ଆସେ, ଜୀବନଟା ଖଟା ଲାଗେ, ରୋଗ ମାଡ଼ି ବସେ, ମୃତ୍ୟୁ ହାତଠାରି ଡାକେ । ଏପରି ମାତାପିତା ଅବଶିଷ୍ଟ ଜୀବନଟା କେବଳ ସ୍ୱସ୍ତିରେ ଅର୍ଥାତ୍ ଆରାମରେ କଟାଇବା ପାଇଁ ମନ ବଳାନ୍ତି ଏବଂ ଆସନ୍ନ ଉଜ୍ଜ୍ୱଳ ଭବିଷ୍ୟତକୁ ଜାଣିଶୁଣି ଦୂରକୁ ଠେଲି ଦିଅନ୍ତି । ଯେଉଁ କାର୍ଯ୍ୟଗୁଡ଼ିକ ତାଙ୍କ ଦ୍ୱାରା ସମ୍ଭବ ହୋଇ ପାରନ୍ତା, ଯେଉଁ ସମ୍ଭାବନାଗୁଡ଼ିକର ପ୍ରକାଶ ହୋଇ ପାରନ୍ତା, ତାହା ନ ହେବା ଦ୍ୱାରା ନିଜର, ସନ୍ତାନମାନଙ୍କର, ଭାବୀ ବଂଶଧର ତଥା ସମାଜର ଅପୂରଣୀୟ

କ୍ଷତି ସାଧନ ହୋଇଥାଏ । ଏହା ଦ୍ୱାରା ପ୍ରକୃତି ତା'ର କ୍ରମବିକାଶ ଧାରାରେ ଏପରି ମନୁଷ୍ୟମାନଙ୍କୁ ଅଲୋଡ଼ା କରିଦିଏ ଏବଂ ସେମାନେ ଯେଉଁ ସ୍ଥିତିରେ ରହିଥିଲେ ସେହିଠାରେ ହିଁ ବହୁଦିନ ପର୍ଯ୍ୟନ୍ତ ଘୂରି ବୁଲନ୍ତି ।

ଯଦି ଆମେ ସଚେତନ ହେବା, ଶିଶୁର ମନୋବିଜ୍ଞାନକୁ ଅଧ୍ୟୟନ କରିବାକୁ ପ୍ରୟାସୀ ହେବା ଏବଂ ତା'ର ବୟସର ବୃଦ୍ଧି ସଙ୍ଗେ ସଙ୍ଗେ ଶରୀର, ପ୍ରାଣ ଓ ମନର ବୃଦ୍ଧି ଘଟୁଛି ବୋଲି ଜାଣି ଶିଶୁରୂପକ ଅମୂଲ୍ୟ ଅମାନତ ବା ଅବଦାନଟିକୁ ଏକ ପୂର୍ଣ୍ଣାଙ୍ଗ ମଣିଷରେ ପରିଣତ କରିବାକୁ ଦୃଢ଼ ଇଚ୍ଛା ଶକ୍ତି ସହ ନିଷ୍ଠାପର ଉଦ୍ୟମ ଜାରି ରଖି ପାରିବା, ତେବେ ଆମର କର୍ମ ହିଁ ତାକୁ ଆଦର୍ଶ ଶିଶୁ ହେବାରେ ପ୍ରେରଣାର ଉତ୍ସ ହେବା ସଙ୍ଗେ ସଙ୍ଗେ ଆମେ ମଧ୍ୟ ଆଦର୍ଶ ମାତାପିତା ହେବାର ଗୌରବ ଅର୍ଜନ କରି ପାରିବା ।

(କ୍ରମଶଃ) ❑

---

*(ପୃଷ୍ଠା ୪୫ର ଅବଶିଷ୍ଟାଂଶ)*

ହେବା ଜରୁରୀ । ଏଣୁ ଅନ୍ୟ ଉପରେ ଆଧିପତ୍ୟ ବିସ୍ତାର ନ କରି ନିଜେ ହସ ଖୁସିରେ ସମୟ ଅତିବାହିତ କରିବାକୁ ଶିଖ ।

ବିଶ୍ୱର ପ୍ରାକୃତିକ ନିୟମ ସହ ଶରୀର ଓ ମନର ବିଭିନ୍ନ ପ୍ରକାର କ୍ରିୟାଶୀଳତା ସହିତ ସଂହତି ରକ୍ଷା କରି ବଞ୍ଚିବାକୁ ଶିଖିବା ହେଉଛି ଜୀବନର ପରମ ଜ୍ଞାନ । ଏସବୁକୁ ଜଣକୁ ନିଜ ଜୀବନରେ ଆବିଷ୍କାର କରିବାକୁ ହେବ ।

ସର୍ବଶେଷରେ 'ସୁସ୍ଥତାର ପରମ ଗୋପନୀୟତା' ପ୍ରବନ୍ଧରେ ଉଲ୍ଲିଖିତ ବାରଟି ମନଃଶକ୍ତିକୁ ମହାମନ୍ତ୍ର ବୋଲି ଗ୍ରହଣ କରାଯାଇ ପାରେ । ଏହି ଶକ୍ତିକୁ କେବେ ହେଲେ ଛୋଟ ବୋଲି ଭାବ ନାହିଁ । ଯେତେ ଯେତେ ଏହି ଶକ୍ତି ସମୂହକୁ ଜୀବନରେ ପ୍ରୟୋଗ କରୁଥିବ, ସେତେ ଅଧିକ ବିଭିନ୍ନ ନୂତନ ଅଭିଜ୍ଞତାର ଦ୍ୱାର ଉନ୍ମୁକ୍ତ ହୋଇ ଯାଉଥିବ ଏବଂ ସୁସ୍ଥତା, ସମୃଦ୍ଧି ଓ ଆନନ୍ଦଲାଭର ଏକ ଏକ ଅଦ୍ଭୁତ ସୁନ୍ଦର ପୃଥିବୀ ଉଦ୍ଭାସିତ ହୋଇ ଉଠୁଥିବ । ଏହା ହିଁ ହେଉଛି ମନୁଷ୍ୟ ପାଇଁ ସର୍ବୋଚ୍ଚ ଆକର୍ଷଣୀୟ ଅନୁଭୂତି, ଯାହା ଏକ ନୂତନ ଜୀବନ ଗଠନ ନିମିତ୍ତ ନୂତନ ପଥ ।

ସୁସ୍ଥ ରହିବା, ସୁଖୀ ରହିବା ।
''ଓଁ ସର୍ବେ ଭବନ୍ତୁ ସୁଖିନଃ ।
ସର୍ବେ ସନ୍ତୁ ନିରାମୟାଃ ।
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ।
ମା କଶ୍ଚିତ୍ ଦୁଃଖ ଭାଗ ଭବେତ୍ ।
ଓଁ ଶାନ୍ତିଃ ! ଶାନ୍ତିଃ ! ଶାନ୍ତି !''

(ସମାପ୍ତ)

❑❑❑

---

**ତଥ୍ୟ ନିର୍ଦ୍ଦେଶିକା :**


୧. 'The Healing Secret of the Ages' by Catherine Ponder, Published by Parker Publishing Company.

୨. 'Bach Flower Remedies' by Dr. D. S. Vohra, Published by Kuldeep Jain.


ଯିଏ ଅତିମାନସ-ଜୀବନ ପାଇଁ ନିଜକୁ ପ୍ରସ୍ତୁତ କରିବାକୁ ଚାହେଁ, ସେ କେବେ ବି ତା'ର ଚେତନାକୁ ଉପଭୋଗ, ଏପରିକି କ୍ଳାନ୍ତି-ବିନୋଦନ ବା ବିଶ୍ରାମର ଦ୍ୱାହି ଦେଇ କୌଣସି ପ୍ରକାରର ଅପଚୟ ଓ ନିଶ୍ଚେତନା ଦିଗରେ ନିମ୍ନଗାମୀ ହେବାକୁ ଦେବ ନାହିଁ । ବିଶ୍ରାମ ହେବ ଶକ୍ତି ଓ ଆଲୋକ ଦିଗରେ, ଅନ୍ଧକାର ଓ ଦୁର୍ବଳତା ଦିଗରେ ନୁହେଁ ।

— ଶ୍ରୀମା

# ସରଳ, ସହନଶୀଳ ସାଧକ ଶ୍ରୀପତି ଦାସ

**(୧୮.୦୮.୧୯୩୭ - ୨୮.୦୭.୨୦୨୧)**

ବାବାଜୀ ଶ୍ରୀରାମକୃଷ୍ଣ ଦାସ ଓ ଶ୍ରୀ ପ୍ରପତ୍ତିଙ୍କ ଆସ୍ପୃହା ଓ ପ୍ରୟାସରେ ତ୍ରୈମାସିକ ପତ୍ରିକା 'ନବଜ୍ୟୋତି' ଆତ୍ମପ୍ରକାଶ କରିବା ସାଥେ ସାଥେ ୧୯୫୮ ମସିହାରେ ଗଢ଼ି ଉଠେ 'ନବଜ୍ୟୋତି କାର୍ଯ୍ୟାଳୟ'। ଏହି କାର୍ଯ୍ୟାଳୟରେ ୧୯୫୯ ମସିହା ଏପ୍ରିଲ ମାସ ୧୩ ତାରିଖରେ, ମାତ୍ର ଏକୋଇଶ ବର୍ଷ ବୟସରେ ଶ୍ରୀପତି ଦାସ ଯୋଗ ଦିଅନ୍ତି ନବଜ୍ୟୋତି କାର୍ଯ୍ୟାଳୟର କର୍ମୀ ଭାବରେ। ସେତେବେଳେ ଶ୍ରୀଅରବିନ୍ଦ ଆଶ୍ରମ ପ୍ରେସରେ ଥିବା ଓଡ଼ିଆ ବିଭାଗରେ କମ୍ପୋଜିଟର୍ ଭାବେ ସେ କାର୍ଯ୍ୟ ଆରମ୍ଭ କରନ୍ତି। ତାଙ୍କ କହିବା ମତେ ନବଜ୍ୟୋତି କାର୍ଯ୍ୟାଳୟ ସହ ୧୯୫୮ ମସିହା ଫେବୃଆରୀ ମାସ ନବଜ୍ୟୋତି ପତ୍ରିକା ଅଧ୍ୟୟନ ମାଧ୍ୟମରେ ହିଁ ସ୍ୱତଃସ୍ଫୂର୍ତ୍ତ ଭାବରେ ତାଙ୍କର ସମ୍ପର୍କ ଯୋଡ଼ି ହୋଇ ଯାଇଥିଲା।

ସେ ଥିଲେ ମାତାପିତାଙ୍କର ଏକମାତ୍ର ପୁତ୍ର ସନ୍ତାନ। ସେମାନଙ୍କର ସମସ୍ତ ଆକୁତି ମିନତି ସତ୍ତ୍ୱେ ସେ ସାଧକ ଜୀବନରୁ ଓହରି ଯିବାକୁ ଚାହିଁ ନଥିଲେ। ସେ ନିଜ ଜୀବନର ଶ୍ରେୟ ଦେଇଥିଲେ ପୂର୍ଣ୍ଣଯୋଗର ସାଧନାକୁ; ଶ୍ରୀଅରବିନ୍ଦ ଆଶ୍ରମରେ ସ୍ଥାୟୀ ଅନ୍ତେବାସୀ ରୂପେ ରହି ଆସିଥିଲେ ଜୀବନର ଶେଷ ନିଃଶ୍ୱାସ ପର୍ଯ୍ୟନ୍ତ।

''ନବଜ୍ୟୋତି କାର୍ଯ୍ୟାଳୟ ସହିତ ମୋର ଅର୍ଦ୍ଧ ଶତାବ୍ଦୀର ସମ୍ପର୍କ'' ଶିରୋନାମାରେ ସେ ୨୦୦୮ ମସିହା 'ନବଜ୍ୟୋତି' ପତ୍ରିକାର ଚାରିଟି ଯାକ ସଂଖ୍ୟାରେ ବିଶଦ ଭାବରେ ତାଙ୍କର ଆଶ୍ରମ ଅନୁଭୂତି ବର୍ଣ୍ଣନା କରିଛନ୍ତି। ସାଧନା ଜୀବନର ପ୍ରାରମ୍ଭରେ ସେ ନବଜ୍ୟୋତି କାର୍ଯ୍ୟାଳୟର କନିଷ୍ଠ କର୍ମୀ; ଜୀବନର ଅନୁଭୂତି ସେତେ ଗଭୀର ଓ ବ୍ୟାପକ ହୋଇ ନଥିଲା। ସେଥିପାଇଁ କାର୍ଯ୍ୟକ୍ଷେତ୍ରରେ ସଂଗ୍ରାମ ଓ ସମସ୍ୟା ଦେଖା ଦେବା ସ୍ୱାଭାବିକ। ବିଭିନ୍ନ ଅଭାବନୀୟ ପରିସ୍ଥିତିରେ ତାଙ୍କ କର୍ମ ଓ ଅନୁଭୂତି କେତେ ଭିନ୍ନ ମୋଡ଼ ନେଇଛି, ସେସବୁକୁ ସେ ପ୍ରାଞ୍ଜଳ ଭାବେ ବର୍ଣ୍ଣନା କରିଛନ୍ତି ତାଙ୍କର ସେହି ରଚନାଗୁଚ୍ଛ ମାଧ୍ୟମରେ। ତାଙ୍କ ରଚନାର ସ୍ୱଚ୍ଛ ସରଳ ଅଭିବ୍ୟକ୍ତି ବେଶ୍ ହୃଦୟସ୍ପର୍ଶୀ।

ନବଜ୍ୟୋତି ପ୍ରକାଶନ ତରଫରୁ ପୁସ୍ତକ, ପତ୍ରିକାର ମୁଦ୍ରଣ ଓ ପ୍ରିଣ୍ଟିଂ ପ୍ରେସରେ ସକ୍ରିୟ ଭାବେ କାର୍ଯ୍ୟ କରିବା ଥିଲା ତାଙ୍କ ଦାୟିତ୍ୱର ମୁଖ୍ୟ ବିଭାବ। କେବଳ ସେତିକି ନୁହେଁ, ସେ କଳାକାର ନ ଥିଲେ ବି ପରିସ୍ଥିତର ଚାପରେ ୧୯୭୦ ଅକ୍ଟୋବରରେ ଆତ୍ମପ୍ରକାଶ କରିଥିବା ମାସିକ ପତ୍ରିକା 'ନବପ୍ରକାଶ'ର ପ୍ରଚ୍ଛଦପଟ ପାଇଁ ସିମ୍ବଲଟି ପ୍ରସ୍ତୁତ କରିଥିଲେ। ତାହା ଆଶ୍ରମର ତତ୍କାଳୀନ ବିଶିଷ୍ଟ କଳାକାର ଶ୍ରୀ ଜୟନ୍ତୀଲାଲ ଅନୁମୋଦନ କରି ଆଶ୍ରମର ଡ୍ରଇଁ ଅଫିସ୍‌ର ସାହଚର୍ଯ୍ୟରେ ଏକ ଫାଇନାଲ ସିମ୍ବଲ ତିଆରି କରାଇଦେଲେ।

'ନବପ୍ରକାଶ'ର ସିମ୍ବଲଟି ପ୍ରସ୍ତୁତ କରିବା ପରେ ଶ୍ରୀ ପ୍ରପତ୍ତିଙ୍କ କହିବାନୁସାରେ ତାଙ୍କୁ ପରେ ''ମାତୃକର୍ମଧାରା'' ''ଶ୍ରୀଅରବିନ୍ଦ ଶ୍ରୀକ୍ଷେତ୍ର (ଡାଳିଯୋଡ଼ା)'' ''ନବଜୀବନ ଶିକ୍ଷାସଂସଦ'' (New Life Education Trust) ଏବଂ ଆଉ କେତୋଟି ପୂର୍ଣ୍ଣଯୋଗର ଶିକ୍ଷାନୁସରଣ କରୁଥିବା ଅନୁଷ୍ଠାନର ସିମ୍ବଲର ସ୍କେଚ୍ ପ୍ରସ୍ତୁତ କରିବାକୁ ହୋଇଥିଲା।

ଏତଦ୍ ବ୍ୟତୀତ ତାଙ୍କର ଏକ ସ୍ୱତନ୍ତ୍ର ଶ୍ରଦ୍ଧା ଓ ଆକର୍ଷଣ ଥିଲା ପୂର୍ଣ୍ଣାଙ୍ଗ ଶିକ୍ଷା ପ୍ରତି। ପ୍ରାରମ୍ଭରେ ସେ ଚାହୁଁଥିଲେ ଶ୍ରୀଅରବିନ୍ଦ ଆଶ୍ରମର ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରର ଶିକ୍ଷଣ କାର୍ଯ୍ୟକ୍ରମର ଅନ୍ତର୍ଭୁକ୍ତ ହେବା ଲାଗି। ନବଜ୍ୟୋତି କାର୍ଯ୍ୟାଳୟ ମାଧ୍ୟମରେ ଶ୍ରୀମା'ଙ୍କ ଅନୁମତି କ୍ରମେ ୧୯୭୧ ମସିହା ଏପ୍ରିଲ ୨୪ ଦର୍ଶନ ପରେ ଏକ ସଙ୍ଗେ ଓଡ଼ିଶାର ତିରିଶ ଜଣ ଛାତ୍ର-ଛାତ୍ରୀଙ୍କୁ ଶ୍ରୀଅରବିନ୍ଦ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ରରେ ଗ୍ରହଣ କରାଯାଇଥିଲା। ଛାତ୍ର-ଛାତ୍ରୀମାନଙ୍କୁ ଶିକ୍ଷା ବର୍ଷର ମଧ୍ୟଭାଗରେ ଗ୍ରହଣ କରାଯାଇ ଥିବାରୁ ଶିକ୍ଷାକେନ୍ଦ୍ରର କୌଣସି ଶ୍ରେଣୀରେ ସେମାନଙ୍କୁ ଶିକ୍ଷାଦାନ କରିବା ସମ୍ଭବ ହୋଇପାରିଲା ନାହିଁ। ସେମାନଙ୍କ ସକାଶେ ସମୁଦ୍ରକୂଳର ଏକ ସ୍ୱତନ୍ତ୍ର ଗୃହରେ କ୍ଲାସ କରାଯାଇ ଶିକ୍ଷାଦାନର ବ୍ୟବସ୍ଥା କରାଗଲା। ବାବାଜି ମହାରାଜ ଓ ଶ୍ରୀ ପ୍ରପତ୍ତିଙ୍କ ପ୍ରସ୍ତାବ କ୍ରମେ ଶିକ୍ଷାକେନ୍ଦ୍ର ତରଫରୁ ସ୍ଥିର କରାଗଲା ଯେ ଶ୍ରୀପତି ବାବୁ ଏହି ସ୍ୱତନ୍ତ୍ର କ୍ଲାସଗୁଡ଼ିକରେ ଶିକ୍ଷାଦାନର ମୁଖ୍ୟ ଦାୟିତ୍ୱରେ ରହିବେ। ଅବଶ୍ୟ ତାଙ୍କୁ ସାହାଯ୍ୟ କରୁଥିଲେ ଓଡ଼ିଶାରୁ ନବାଗତା ଅନ୍ୟ କେତେ ଜଣ ସାଧିକା। ସେହି ପିଲାମାନଙ୍କର ହଷ୍ଟେଲର ଦାୟିତ୍ୱ ଦୁଇବର୍ଷ (୧୯୭୩ ଡିସେମ୍ବର ପର୍ଯ୍ୟନ୍ତ) ନେବା ପରେ ଏବଂ ଶିକ୍ଷାକେନ୍ଦ୍ରରେ

*(ଅବଶିଷ୍ଟାଂଶ ୫୬ ପୃଷ୍ଠାରେ ଦେଖନ୍ତୁ)*

# ଦିବାସ୍ୱପ୍ନ

## (୭)

## ଗିଜୁଭାଇ ବଧେକା

[‘ଦିବାସ୍ୱପ୍ନ’ ଗୋଟିଏ କାହାଣୀ । ଏହାର ରଚନା କାଳ ୧୯୩୨ ମସିହା । ସେସମୟରେ ପରାଧୀନ ଭାରତର ସଂଖ୍ୟା ଗରିଷ୍ଠ ପରିବାର ଦାରିଦ୍ର୍ୟର ସୀମାରେଖା ତଳେ, ଜୀବନ ଯନ୍ତ୍ରଣାରେ ଜର୍ଜରିତ । ସ୍ଥଳବିଶେଷରେ ସାଧାରଣ ଲୋକଙ୍କ ପାଇଁ ସର୍ବନିମ୍ନ ଶିକ୍ଷା ବି ଥିଲା ଅପହଞ୍ଚ । ଏପରିକି ଶିକ୍ଷାୟତନର ଶିକ୍ଷକ/ଶିକ୍ଷୟିତ୍ରୀ, ଅଭିଭାବକ କେହି ବି ଯଥେଷ୍ଟ ସାମର୍ଥ୍ୟବାନ୍, ଯୋଗ୍ୟ ବା ଅଙ୍ଗୀକାରବଦ୍ଧ ନ ଥିଲେ ଶିଶୁମାନଙ୍କୁ ଯଥାର୍ଥ ଭାବେ ଶିକ୍ଷିତ କରିବାକୁ ।

ଏପରି ଏକ ପରିବେଶରେ ଜଣେ କାଳ୍ପନିକ ଶିକ୍ଷକ ଗତାନୁଗତିକ ଶିକ୍ଷାପଦ୍ଧତି ବିରୋଧରେ କେବଳ ଯେ ସ୍ୱର ଉତ୍ତୋଳନ କରିଛନ୍ତି, ସେତିକି ନୁହେଁ; ତା’ର ବିକଳ୍ପ ପନ୍ଥା ଉଦ୍ଭାବନ କରିବାକୁ ମଧ୍ୟ ପ୍ରୟାସୀ ହୋଇ ଉଠିଛନ୍ତି । ଅବଶ୍ୟ ଏହି ମରମୀ ଶିକ୍ଷକ ଜଣଙ୍କର ପ୍ରସ୍ତୁତ ‘ପ୍ରଣାଳୀ’ ଓ ‘ପ୍ରୟୋଗ’ ଗ୍ରହଣ କରିବାର ମାନସିକତା ଅଭିଭାବକ ଅଥବା ସହକର୍ମୀ ଶିକ୍ଷକ/ଶିକ୍ଷିକାଙ୍କର ନଥିଲା । ତେବେ କ’ଣ ସେ ଓହରି ଯିବେ ନିଜ ସଂକଳ୍ପରୁ ! ବରଂ ଶିକ୍ଷାର୍ଥୀମାନଙ୍କ ପାଇଁ ତାଙ୍କର ନିରୋଳା ଭଲପାଇବା, ସମ୍ମାନ, ସହୃଦୟତା ସେମାନଙ୍କୁ ଶିକ୍ଷିତ କରିବାରେ ପ୍ରେରଣା ଯୋଗାଇଛି । ଧୀରେ ଧୀରେ ସେ ପିଲାମାନଙ୍କର ନିକଟତର ହେବାରେ ଲାଗିଛନ୍ତି ।

ବିଗତ ସଂଖ୍ୟାରେ ଆମେ ପଢ଼ିଛେ, ପ୍ରତିବର୍ଷ ପରି ଡାଇରେକ୍ଟର ମହାଶୟ ପରିଦର୍ଶନରେ ଆସିବାର ଥିବାରୁ ବିଦ୍ୟାଳୟରେ କିଛି ସାଂସ୍କୃତିକ କାର୍ଯ୍ୟକ୍ରମର ପ୍ରସ୍ତୁତି ଚାଲିଛି । ଯେଉଁ ପିଲାମାନଙ୍କର ଗୀତ ଗାଇବା, ତର୍କ କରିବା ଓ ଅଭିନୟ କରିବା ଇତ୍ୟାଦିରେ କିଛିଟା ପାରଦର୍ଶିତା ଅଛି ସେଇମାନଙ୍କୁ ପ୍ରଧାନ ଶିକ୍ଷକ ନିର୍ବାଚନ କରୁଛନ୍ତି । କିନ୍ତୁ ଏଥିରେ ସାମିଲ ହେବାକୁ ସମ୍ପୂର୍ଣ୍ଣ ଅସ୍ୱୀକାର କରି ଶିକ୍ଷକ ଜଣକ ଓହରି ଯାଇଛନ୍ତି ଓ ନିଜ ଶ୍ରେଣୀର ପିଲାମାନେ ଯାହା ବର୍ଷଯାକ ସ୍ୱତଃସ୍ଫୂର୍ତ୍ତଭାବେ ଶ୍ରେଣୀରେ ଖେଳ ଓ କାହାଣୀ ଶୁଣିବା ଭିତରେ ଆୟତ୍ତ କରିଛନ୍ତି ସେସବୁକୁ ନାଟକ ମାଧ୍ୟମରେ ଡାଇରେକ୍ଟର ମହାଶୟଙ୍କ ଉପସ୍ଥିତିରେ ଉପସ୍ଥାପନ କରିଛନ୍ତି । ପିଲାମାନେ ଯାହା ନିଜେ ନିଜେ ଆଗ୍ରହର ସହ ଅଭ୍ୟାସ କରିଛନ୍ତି ତା’ ନିଶ୍ଚୟ ହୃଦୟଗ୍ରାହୀ ହେବ । ସମସ୍ତ କାର୍ଯ୍ୟକ୍ରମ ଏହାହିଁ ପ୍ରମାଣିତ କରିଛି । ପରିଦର୍ଶନରେ ଆସିଥିବା ଡାଇରେକ୍ଟର, ସ୍କୁଲର ଅଧିକାରୀ, ପ୍ରଧାନ ଶିକ୍ଷକ ଏପରିକି ସାଥୀ ଶିକ୍ଷକମାନେ ତାଙ୍କର ନୂତନ ପ୍ରୟୋଗ ପ୍ରଣାଳୀରେ ଖୁବ୍ ପ୍ରଭାବିତ ହୋଇଛନ୍ତି । ଶିକ୍ଷକଙ୍କର ଶ୍ରମ ବ୍ୟର୍ଥ ହୋଇନି । ଏବେ ତାଙ୍କର ପ୍ରୟୋଗଶାଳାରେ ମାନସିକ ଶିକ୍ଷା ପାଇଁ କେଉଁ ପ୍ରକାରର ଅଭିନବ ପଦ୍ଧତି ସେ ଉଦ୍ଭାବନ କରିଛନ୍ତି ସେସମ୍ପର୍କରେ ଜାଣିବା ।...]

### ତୃତୀୟ ଭାଗ

### ଛ’ ମାସ ପରେ

### (II)

ଷାଣ୍ମାସିକ ପରୀକ୍ଷା ପାଖେଇ ଆସୁଥିଲା । ଅନ୍ୟ ସବୁ ଶ୍ରେଣୀରେ ପାଠସବୁ ଦୋହରେଇବା ଆରମ୍ଭ ହୋଇ ଯାଇଥିଲା । ଇତିହାସ, ଭୂଗୋଳ, ଗଣିତ, ସାହିତ୍ୟସବୁର ଘୋଷା ପୁଣି ଆରମ୍ଭ ହୋଇ ଯାଇଥିଲା । ପରୀକ୍ଷା ଦୃଷ୍ଟିରୁ ଦେଖିଲେ ଆମେ ବହୁତ ପଛରେ ପଡ଼ିଥିଲୁ । ତଥାପି ପରୀକ୍ଷା ତ ଦେବାକୁ ହିଁ ହେବ ।

ମୋର ପାଠ ଦୋହରେଇବା ଦରକାର ପଡ଼େନି । ତେଣୁ ଶେଷ ପର୍ଯ୍ୟନ୍ତ ପଢ଼ାଇବା ପାଇଁ ମୋର ଥିଲା । ପିଲାମାନେ ନିଜେ ନିଜେ ପାଠ ଦୋହରାଇ ନିଅନ୍ତି, ନ ହେଲେ ଆମର କାର୍ଯ୍ୟକ୍ରମ ଭିତରେ ସେସବୁ ଆପେ ଆପେ ହୋଇଯାଏ । ଯେମିତି ପଦ୍ୟାନ୍ତର ଖେଳ ବେଳେ କବିତାଗୁଡ଼ିକର ପୁନରାବୃତ୍ତି ଚାଲିଥାଏ । କିନ୍ତୁ ଏ ପର୍ଯ୍ୟନ୍ତ ଆମର ଭୂଗୋଳ, ବ୍ୟାକରଣ ଓ ବିଜ୍ଞାନ ପଢ଼ା ଆରମ୍ଭ ମଧ୍ୟ ହୋଇ ନଥିଲା । ଏବେ ବ୍ୟାକରଣ ଆରମ୍ଭ କରିବାକୁ ଭାବିଲି । ଏମିତି ତ ବ୍ୟାକରଣ ଅତି କଠିନ ଏବଂ ପିଲାଙ୍କ ପାଇଁ ନିରସ ବିଷୟ । ସେଥିରେ ତେଣୁ ପିଲାଙ୍କର ମୋଟେ ଆଗ୍ରହ ନଥାଏ । କାହିଁକି ବା ରହିବ ? ଚତୁର୍ଥ ଶ୍ରେଣୀର ପିଲାଙ୍କୁ ପଦଚ୍ଛେଦରେ ବା କି ଆନନ୍ଦ ମିଳିବ ? ସେମାନଙ୍କ ଜୀବନରେ ଏହା କେଉଁ କାମରେ ଆସିବ ? ବ୍ୟାକରଣର କେଉଁ

ସ୍ତରରେ ପହଞ୍ଚିଲେ ପିଲା କହିବ ଯେ – 'ବାଃ, ଏଥିରେ ତ ବହୁତ ମଜା ! ଏ ତ ଅତ୍ୟନ୍ତ ଉପଯୋଗୀ କଥା ।' ଏହି କାରଣରୁ ମୋର ମତ ଥିଲା ଯେ ବ୍ୟାକରଣ ପାଠ ଅଳ୍ପ ବୟସର ପିଲାଙ୍କ ପାଇଁ ନୁହେଁ । ଏହା ବଡ଼ ପିଲାଙ୍କ ପାଇଁ, ଯେଉଁମାନେ ଭାଷା ବିଷୟରେ ବିଶେଷ ଆଗ୍ରହ ଦେଖାଉଥିବେ । ଯେଉଁ ବିଷୟରେ ପିଲାଙ୍କର ରୁଚି ନାହିଁ ଏବଂ ତାଙ୍କୁ ପଢ଼ାଇବା କଷ୍ଟ, ସେ ବିଷୟକୁ ଜୋର୍ ଜବରଦସ୍ତ ପଢ଼ାଇବା କ'ଣ ଦରକାର ? ପିଲାମାନଙ୍କର ଶିଖିବା ପାଇଁ ତ ଆହୁରି ଅନେକ ବିଷୟ ରହିଛି ।

କିନ୍ତୁ ମୋତେ ତ ଏ ପ୍ରୟୋଗ ପୂରା କରିବାକୁ ହିଁ ହେବ । ସବୁ ବିଷୟରେ ପିଲାମାନେ ପରୀକ୍ଷା ଦେବାର ଯେଉଁ ସର୍ତ୍ତ ରହିଛି, ଅନ୍ତତଃ ତାକୁ ତ ମାନିବାକୁ ହେବ । ତା'ଛଡ଼ା ତାତ୍ତ୍ୱିକ ଦୃଷ୍ଟିରୁ ମୁଁ ବ୍ୟାକରଣ ଶିକ୍ଷା ବିଷୟରେ ଏକମତ ନହେବା କାରଣରୁ ତାକୁ ତ ପୂରା ଛାଡ଼ି ଦେଇ ପାରିବିନି । ଏପରି ବିଷୟକୁ ସହଜରେ ଓ ଭଲ ଭାବରେ ପଢ଼ାଇବାର ଉପାୟ ମୋତେ ବାହାର କରିବାକୁ ହିଁ ପଡ଼ିବ ।

ମୁଁ ବ୍ୟାକରଣ କୋର୍ସ ପୂରା ପଢ଼ିଲି । ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟାପଦ ଇତ୍ୟାଦି ତ ଘୋଷି ଦେଇ ହେବ, କିନ୍ତୁ ବୁଝିବା ବଡ଼ କଷ୍ଟ । ପିଲାଦିନେ ଯେତେବେଳେ ମୋତେ ପଢ଼ା ଯାଉଥିଲା, ମୁଁ ମଧ୍ୟ ବୁଝି ପାରୁ ନଥିଲି । ଖାଲି ମୁଖସ୍ତ କରି ଦେଉଥିଲି । କିନ୍ତୁ ମୋ ଶିକ୍ଷକମାନେ ଭାବୁଥିଲେ ଯେ ମୁଁ ବୁଝିଯାଇଛି । ତେଣୁ ମୁଁ ଭାବିଲି ଯେ ପ୍ରଚଳିତ ଢଙ୍ଗ ଛାଡ଼ି କେମିତି ପଢ଼ାଯାଇ ପାରିବ । ମୁଁ ମନେ ମନେ ଗୋଟିଏ ଉପାୟ ଠିକ୍ କଲି । ପିଲାମାନଙ୍କୁ ଏ ପ୍ରଣାଳୀଟି ଗୋଟିଏ ଖେଳ ଭଳି ମଜା ଲାଗିଲା । ସେମାନେ ମାତ୍ର ଦୁଇମାସ ଭିତରେ ପ୍ରାୟ ସବୁ ଶିଖିଗଲେ । ବିଶେଷ୍ୟ, ବିଶେଷଣ, ସର୍ବନାମ, କ୍ରିୟାପଦ, ଅବ୍ୟୟୀପଦ ଇତ୍ୟାଦି ଚିହ୍ନିଗଲେ ଓ ବାକ୍ୟ ଭିତରୁ ବାଛି ଦେଖାଇ ପାରିଲେ । ଏକବଚନ, ବହୁବଚନ, ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଇତ୍ୟାଦି ବୁଝିଗଲେ । କର୍ତ୍ତା ଓ କ୍ରିୟା କେମିତି ବୁଝାଇବି, ସେ ବିଷୟରେ ମୁଁ ଚିନ୍ତା କରୁଥାଏ । ଶ୍ରେଣୀରେ ବ୍ୟାକରଣର ଖେଳ ବି ଚାଲିଥାଏ । ଏହି ସମୟରେ ଆମର ଡେପୁଟୀ ଡାଇରେକ୍ଟର ମହୋଦୟ ହଠାତ୍ ଶ୍ରେଣୀ ଭିତରକୁ ପଶି ଆସିଲେ ।

ସେ ମୋ କାମ ଦେଖି ଆଶ୍ଚର୍ଯ୍ୟ ହୋଇ କହିଲେ, ''ଭାଇ, ପିଲାଙ୍କୁ ତାସ୍ ଖେଳିବା କାହିଁକି ଶିଖାଉଛ ? ଷାଣ୍ମାସିକ ପରୀକ୍ଷା ମୁଣ୍ଡ ଉପରେ । ସମୟ ନଷ୍ଟ ନକରି ଚଞ୍ଚଳ କାମ କରିଚାଲ । ଯେପରି ପରେ କେହି ପଦେ କହି ନପାରନ୍ତି । ମନେ ରଖିଥାଅ ଯେ ତୁମର ପ୍ରୟୋଗର ସଫଳତା ତୁମକୁ ହିଁ ଦେଖାଇବାକୁ ପଡ଼ିବ ।''

ମୁଁ ହସି ହସି କହିଲି, ''ଆଜ୍ଞା ! ସେ ଚିନ୍ତା ତ ପୂରା ମୋ ମନରେ ଅଛି । ଏହା ତ ବ୍ୟାକରଣର ଖେଳ ଚାଲିଛି । ଆପଣ ଏ ପିଲାମାନଙ୍କର ବ୍ୟାକରଣ ପରୀକ୍ଷା କରନ୍ତୁ ତ ।''

ଅଧିକାରୀ ପିଲାମାନଙ୍କୁ ଦୁଇ ଚାରୋଟି ପ୍ରଶ୍ନ ପଚାରିଲେ । ତା'ପରେ କହିଲେ, ''ଆରେ ! ପିଲାତ ବଢ଼ିଆ କହୁଛନ୍ତି । ମୋତେ ତୁମର ସାରା ଯୋଜନା ବିଷୟରେ ବୁଝାଇ ଦିଅ ତ ! ଯଦି ତୁମ ପିଲା ଏତେ ଖୁସିରେ ବ୍ୟାକରଣ ପଢୁଛନ୍ତି, ତେବେ ସେହି ଉପାୟରେ ଅନ୍ୟ ପିଲାମାନେ କାହିଁକି ନ ପଢ଼ିବେ ? କାଲି ତ ଛୁଟି ଅଛି । ମୋ ଘରକୁ ଆସ । ମୋତେ ଟିକେ ବୁଝେଇକରି କୁହ । କେଉଁ ଉପାୟରେ ତୁମେ କ'ଣ କଲ ?''

ତା' ପରଦିନ ମୁଁ ମୋର ବ୍ୟାକରଣର ସମସ୍ତ ଜିନିଷ ଧରି ଅଧିକାରୀଙ୍କ ଘରେ ପହଞ୍ଚିଲି ଏବଂ ମୋର ବ୍ୟାକରଣ ପଢ଼ା ବିଷୟରେ ଆରମ୍ଭ କଲି –

''ଦେଖନ୍ତୁ, ଏ ହେଲା ମୋର ପ୍ରଥମ ଉପକରଣ । ତାସ୍ ଭଳି ଖଣ୍ଡେ କାଗଜର ଗୋଟିଏ ପଟରେ ପୁଂଲିଙ୍ଗ ଶବ୍ଦ ଓ ଆର ପଟରେ ସ୍ତ୍ରୀଲିଙ୍ଗ ଶବ୍ଦ ଲେଖାଯାଇଛି । ଦୁଇ ପଟର କାର୍ଡ଼ ଉପରେ ପୁଂଲିଙ୍ଗ ବା ସ୍ତ୍ରୀଲିଙ୍ଗ ମଧ୍ୟ ଲେଖା ରହିଛି । ମୁଁ ପ୍ରଥମେ ଏ କାର୍ଡ଼ ସବୁ ପିଲାଙ୍କୁ ପଢ଼ିବାକୁ ଦିଏ । ସେମାନେ ମଧ୍ୟ ଏ କାର୍ଡ଼ ସବୁ ପଢ଼ି ନିଅନ୍ତି । ଏହି ଭାବରେ ସେମାନେ ସହଜରେ ଲିଙ୍ଗବାଚକ ଶବ୍ଦସବୁ ଶିଖିନିଅନ୍ତି । କାର୍ଡ଼ ଉପରେ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ ଲେଖା ହୋଇଥିବାରୁ ସେମାନେ କେଉଁ ଶବ୍ଦ କେଉଁ ଲିଙ୍ଗର ସେ ବିଷୟରେ କିଛି ଧାରଣା ପାଇ ପାରନ୍ତି । ପ୍ରଥମେ ଏତିକି କେବଳ ଯଥେଷ୍ଟ ହୁଏ ।

ଏତକ ହେଲା ପରେ ଦିନେ ମୁଁ ପଚାରିଲି, ''ବଳଦର ସ୍ତ୍ରୀଲିଙ୍ଗ କ'ଣ ?'' ସେମାନେ କହିଲେ –''ଗାଈ, ସିଂହର – ସିଂହୀ, ପୁଅର – ଝିଅ, ବୁଢ଼ାର – ବୁଢ଼ୀ, ମୟୂରର-ମୟୂରୀ ।'' ଯୋଜନାଟି ଖୁବ୍ ସଫଳ ହେଲା ।

ତା'ପରେ ଆମେ ଆଉ ଗୋଟିଏ ଖେଳ ଆରମ୍ଭ କଲୁ । ମୁଁ ପୁଂଲିଙ୍ଗ ଲେଖିଲି । ସେମାନେ ତା'ର ସ୍ତ୍ରୀଲିଙ୍ଗ ଲେଖିଲେ । ପରୀକ୍ଷା କରି ଦେଖିଲି ଯେ ଖୁବ୍ ଅଳ୍ପ ଭୁଲ୍ ବାହାରିଲା ।

ତା'ପରେ ଆଉ ଗୋଟିଏ ଖେଳ ଆରମ୍ଭ କଲୁ । ଦୁଇଟି

ଡବାରେ କାର୍ଡ଼ଗୁଡ଼ିକ ରଖାଗଲା । ଗୋଟିକରେ ପୁଂଲିଙ୍ଗ କାର୍ଡ଼ ଓ ଅନ୍ୟଟିରେ ସ୍ତ୍ରୀଲିଙ୍ଗ କାର୍ଡ଼ । ପିଲାମାନେ ଗୋଟିଏ କାର୍ଡ଼ ଉଠାଇ ତା'ର ବିପରୀତ ଲିଙ୍ଗର କାର୍ଡ଼ ଖୋଜିବେ । ପିଲାମାନେ ବହୁତ ସମୟ ଧରି ଏ ଖେଳଟି ଖେଳିଲେ ।

ଅଧିକାରୀ ପଚାରିଲେ, ''ଗୋଟିଏ ମୁଠା କାର୍ଡ଼ରେ ଏତେ ପିଲା ଏକା ସାଙ୍ଗରେ କେମିତି ଖେଳିଲେ ?''

ମୁଁ କହିଲି, ''ଏଥିପାଇଁ ଗୋଟିଏ ସ୍ୱତନ୍ତ୍ର ବ୍ୟବସ୍ଥା କରିଥିଲି । ଶ୍ରେଣୀ ଘରର ଦୁଇପଟେ ଦଶ ଦଶଟା କରି ଗୋଲ କାଟିଦେଲି । ଗୋଟିଏ ପଟର ଗୋଲ ଦଶଟିରେ ପୁଂଲିଙ୍ଗ କାର୍ଡ଼ ଓ ଅନ୍ୟ ପଟରେ ସ୍ତ୍ରୀଲିଙ୍ଗ କାର୍ଡ଼ ରଖିଲି । ପ୍ରତ୍ୟେକ ଗୋଲ ପାଖରେ ଜଣେ ଜଣେ ପିଲା ବସିଥିଲେ । ନିଜ ଗୋଲେଇରୁ ଗୋଟିଏ କାର୍ଡ଼ ଧରି ତା'ର ପୁଂଲିଙ୍ଗ ବା ସ୍ତ୍ରୀଲିଙ୍ଗ କାର୍ଡ଼କୁ ପ୍ରତ୍ୟେକେ ଖୋଜି ଯାଉଥିଲେ । ଯେଉଁ ଗୋଲେଇ ପାଖରେ ପୂରା ହେଉଥିଲା, ଦୁଇଟିଯାକ କାର୍ଡ଼ ସେଇଠି ରହୁଥିଲା । ଏମିତି ପ୍ରତି ଗୋଲ ପାଖରେ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗର ଯୋଡ଼ି ସବୁ ଏକାଠି ବସୁଥିଲେ । ସବୁତକ କାର୍ଡ଼ ଯୋଡ଼ି ହୋଇ ଗଲେ ଖେଳ ଆଉ ଥରେ ଆରମ୍ଭ ହେଉଥିଲା । ଯଦି ମୋଟେ ଦୁଇଜଣ ଖେଳିବାକୁ ଥା'ନ୍ତି, ତେବେ ଦୁହେଁ ଗୋଟିଏ ଲେଖାଁ ମୁଠା ନେଇ ଯୋଡ଼ି ଖୋଜୁଥିଲେ ।''

ଅଧିକାରୀ କହିଲେ, ''ଆରେ ବାଃ ! ଏ ତ ବଡ଼ ମଜାର କଥା । କିନ୍ତୁ କ୍ଲୀବ ଲିଙ୍ଗ ପାଇଁ କ'ଣ କଲ ?''

''ପିଲାମାନେ ପୁଂଲିଙ୍ଗ ଓ ସ୍ତ୍ରୀଲିଙ୍ଗ ଭଲ କରି ଚିହ୍ନି ସାରିବା ପରେ ଦିନେ ମୁଁ କଳାପଟାରେ କ୍ଲୀବଲିଙ୍ଗ ଲେଖି ତା'ତଳେ କେତେଗୁଡ଼ିଏ ଶବ୍ଦ ଲେଖିଲି – ଟେବୁଲ, ଖାତା, ଖଟ, ଡ଼ଷ୍ଟର୍, ଚକ୍, ପେନ୍‌ସିଲ, ବ୍ୟାଗ୍ ଇତ୍ୟାଦି । ପିଲାମାନେ ସେଗୁଡ଼ିକୁ ପଢ଼ିଲେ ଓ ତାଙ୍କର ଲିଙ୍ଗ ବିଷୟରେ ଭାବିଲେ । ସେମାନେ ଯାହା ଜାଣିଥିଲେ, ସେ ଭିତରେ ଏ ଶବ୍ଦଗୁଡ଼ିକର ଲିଙ୍ଗ ଆସି ନଥିଲା । ମୁଁ ସେମାନଙ୍କୁ ବୁଝାଇ ଦେଲି ଯେ ଏଗୁଡ଼ିକ କ୍ଲୀବଲିଙ୍ଗ ବାଚକ ଶବ୍ଦ ।''

ଜଣେ ପଚାରିଲା, ''କ୍ଲୀବ ମାନେ କ'ଣ ?''

ମୁଁ କହିଲି, ''ଯାହା ପୁରୁଷ ନୁହେଁ କି ସ୍ତ୍ରୀ ନୁହେଁ ।''

ପିଲାମାନେ ବୁଝିଥିଲା ଭଳି ଜଣା ପଡୁଥିଲେ । ମୁଁ ତାଙ୍କୁ ତିନୋଟି ସ୍ତମ୍ଭ କରି ପୁଂଲିଙ୍ଗ, ସ୍ତ୍ରୀଲିଙ୍ଗ ଓ କ୍ଲୀବ ଲିଙ୍ଗ ଲେଖିବାକୁ କହିଲି । ମୁଁ ଡାକୁଥିବା ଶବ୍ଦଗୁଡ଼ିକୁ ଲିଙ୍ଗ ଅନୁସାରେ ସଜାଇ କରି ଲେଖିବାକୁ ଲାଗିଲେ । ଷାଠିଏଟି ଶବ୍ଦ ଡାକିଲା ପରେ ମୁଁ ନିଜେ ବି ଆଶ୍ଚର୍ଯ୍ୟ ହୋଇଗଲି ଯେ ପ୍ରାୟ ସମସ୍ତେ ସବୁ ଠିକ୍ ଲେଖିଛନ୍ତି । ମୁଁ ଭାବିଲି ଯେ ବହିରୁ ଶିଖିବା ଅପେକ୍ଷା ଲିଙ୍ଗ ପରିଚୟର ଆରମ୍ଭ ଏଭଳି ଖେଳରୁ ହେଲେ ଭଲ । ଧୀରେ ଧୀରେ ସେମାନେ ଏସବୁର ସଂଜ୍ଞା ଓ ନିୟମ ଜାଣି ପାରିବେ ।

ତା'ପରେ ଆମର ଏକବଚନ ଓ ବହୁବଚନ ଆରମ୍ଭ କରାଗଲା । ଠିକ୍ ସେଇ ଉପାୟରେ ଚାଲିଲା ।

ଅଧିକାରୀ ପଚାରିଲେ, ''କ'ଣ ବଚନ ପାଇଁ ମଧ୍ୟ ଖେଳ ?''

ମୁଁ କହିଲି, ''ଆଜ୍ଞା, ହଁ । ଏକବଚନ ଶବ୍ଦ ତା'ର ବହୁବଚନକୁ ଖୋଜି ଯୋଡ଼ି କରୁଥିଲା ।''

ଅଧିକାରୀ ପଚାରିଲେ, ''ଆଚ୍ଛା, ବିଶେଷ୍ୟ, କ୍ରିୟା ଇତ୍ୟାଦି କିପରି ପଢ଼ାଇବ ?''

ମୁଁ ପ୍ରଥମେ କ୍ରିୟା କଥା ଉଠାଇଲି । ସେମାନେ ତ ପଢ଼ି ଜାଣିଥିଲେ । ତେଣୁ ମୁଁ ସେମାନଙ୍କୁ କହିଲି ଯେ କଳାପଟାରେ ମୁଁ ଯାହା ଲେଖିବି, ସେମାନେ ସେହି କାମ କରିବେ । ମୁଁ କ୍ରିୟାବାଚକ ଶବ୍ଦ ଲେଖିଲେ ସେମାନେ ସେସବୁକୁ ଲେଖିବେ ।

ମୁଁ ଲେଖିଲି – ଉଠ, ବସ, ଦୌଡ଼, ଶୁଅ, ଖେଳ, ନାଚ, ପଢ଼, ହଲ ନାହିଁ, ଡିଆଁ, ହସ, ଗାଅ ଇତ୍ୟାଦି ।

ଏ କାମ କରିବାକୁ ସେମାନଙ୍କୁ ବଡ଼ ମଜା ଲାଗିଲା । ସେମାନେ ଆହୁରି ଲେଖିବାକୁ କହିଲେ । ମୁଁ ମଧ୍ୟ ଭାବି ଭାବି ଅନେକ ଶବ୍ଦ ଲେଖିଲି । ତା' ପରଦିନ ମୁଁ ଗୋଟିଏ ଡବା ଆଣିଲି । ତା' ଉପରେ ଲେଖିଥିଲି, ''କ୍ରିୟାପଦର ଡବା'' । ପିଲାମାନେ ଡବାଖୋଲି କ୍ରିୟାପଦ କାଢ଼ିଲେ । ନାଚ, ଗାଅ, ମାର, ପିଟ, ଶୁଅ ଇତ୍ୟାଦି । ସେମାନେ ପଢ଼ିବା ସାଙ୍ଗେ ସାଙ୍ଗେ ଏ ସବୁ କାମ କରିଗଲେ । ତା' ପରେ ମୁଁ ସେମାନଙ୍କୁ କିଛି କ୍ରିୟାପଦ ଲେଖିବା ପାଇଁ କହିଲି । ସେମାନେ ଅନେକ କ୍ରିୟାବାଚକ ଶବ୍ଦ ଲେଖି ଆଣିଲେ ।

ତା'ପରେ ଆଉ ଗୋଟିଏ ଖେଳ ଖେଳିଲୁ । ମୁଁ କହିଲି, ''ମୁଁ ଜଣକୁ କିଛି କରିବା ପାଇଁ କହିବି । ସେ ଯାହା କରିବ, ତୁମେ କହିଲେ ମୁଁ କଳାପଟାରେ ଲେଖିବି ।'' ଜଣେ ଦୌଡ଼ିଲା । ମୁଁ ପଚାରିଲି, ''ସେ କ'ଣ କରୁଛି ?'' ଜଣେ କହିଲା, ''ଦୌଡୁଛି ।'' ତା'ପରେ ପଚାରିଲି, ''ସେ କି ପ୍ରକାର କ୍ରିୟା କରୁଛି ?'' ''ସେ ଦୌଡୁଛି ।'' ଏମିତି ଚାଲୁଛି, ଡେଉଁଛି,

ଗାଉଛି, ଖାଉଛି ଇତ୍ୟାଦି ଉତ୍ତର ଲେଖାଗଲା । ଅବଶ୍ୟ କେତେଜଣ ବୁଝିପାରି ନଥିଲେ । ତେଣୁ କିଛି କହୁ ନଥିଲେ । କାହାର କାହାର କିଛି ଭୁଲ୍ ମଧ୍ୟ ରହି ଯାଉଥିଲା ।

ମୁଁ ସେମାନଙ୍କୁ ପଚାରିଲି, ''ଯେତେବେଳେ ଜଣେ ଦୌଡ଼ୁଛି ସେ କି ପ୍ରକାର କାମ କରୁଛି ?'' ସମସ୍ତେ କହିଲେ, ''ଦୌଡ଼ିବା କାମ ।'' ମୁଁ ଲେଖିଲି, ଦୌଡ଼ୁଛି – ଦୌଡ଼ିବା । ସେହିପରି ଚାଲୁଛି – ଚାଲିବା, ଗାଉଛି – ଗାଇବା ଇତ୍ୟାଦି ବାହାରିଲା । ଏହି କ୍ରିୟାପଦ ଶବ୍ଦସବୁ ଆମର କିଛି କାମ କରିବାକୁ ବୁଝାନ୍ତି । ଏହାପରେ ମୁଁ କହିବାରୁ ଯିଏ ଯେତେ କ୍ରିୟାଶବ୍ଦ ଜାଣିଥିଲେ, ସେସବୁର ଗୋଟିଏ ତାଲିକା କରି ଆଣିଥିଲେ ।

ତା'ପରେ ମୁଁ ଆଉ ଗୋଟିଏ ଖେଳ ଆରମ୍ଭ କଲି । ଦିନେ ମୁଁ ପୂରା ବାକ୍ୟ କିଛି କଳାପଟାରେ ଲେଖିଲି – ରାମ ଦୌଡ଼ୁଛି, ଚମ୍ପକ ପଢ଼ୁଛି, ସୀତା ଲେଖୁଛି ଇତ୍ୟାଦି । ପିଲାମାନଙ୍କୁ କହିଲି, ''କ୍ରିୟାଟିକୁ ଛାଡ଼ି ଅନ୍ୟ ଶବ୍ଦଗୁଡ଼ିକ ଲିଭାଇ ଦିଅ ।'' ସେମାନେ ପୂରା ଠିକ୍ ଠିକ୍ କରିଦେଲେ । ମୁଁ ଜାଣିଲି, ''କ୍ରିୟା ବିଷୟଟି'' ବର୍ତ୍ତମାନ ପାଇଁ ସରିଲା ।

ଅଧିକାରୀ କହିଲେ, ''ଏମିତି କଲେ ମନେ ତ ନିଶ୍ଚୟ ରହୁଥିବ, କିନ୍ତୁ ବହୁତ ସମୟ ଲାଗୁଥିବ । ପୁଣି ବହୁତ ଖେଳ ଖେଳିବାକୁ ପଡୁଥିବ ।''

ମୁଁ କହିଲି, ''ଖେଳିବାକୁ ତ ସେମାନଙ୍କୁ ମଜା ଲାଗେ । କିଛି ଅଧିକ ସମୟ ଦେବା ଫଳରେ ଯଦି ବିଷୟଟି ଭଲ ଭାବରେ ବୁଝିହୁଏ ଏବଂ ସବୁଦିନ ପାଇଁ ମନେ ରହେ ତେବେ କ୍ଷତି କ'ଣ ?''

ଅଧିକାରୀ ପଚାରିଲେ, ''ସେ କଥାତ ଠିକ୍ । ଏବେ କୁହ ତୁମେ ବିଶେଷ୍ୟପଦ ପାଇଁ କ'ଣ କଲ ?''

ମୁଁ କହିଲି, ''ବିଶେଷ୍ୟ ପଢ଼ାଇବା କାମ ମୁଁ ଠିକ୍ କ୍ରିୟା ଭଳି ଆରମ୍ଭ କଲି । ବହୁତ ଗୁଡ଼ିଏ ବିଶେଷ୍ୟ ପଦ ଲେଖିଲି । ପିଲାମାନେ ସେଗୁଡ଼ିକୁ ପଢ଼ିଦେଲେ । ତା' ଭିତରେ ଅନେକ ପ୍ରକାରର ବିଶେଷ୍ୟ ଥିଲା । ପ୍ରକାର ଅନୁସାରେ ବିଭିନ୍ନ ଦଳରେ ବାଣ୍ଟି ଦେଲୁ । ଏପରି ବାଣ୍ଟିବା କାମଟା ସମସ୍ତଙ୍କୁ ଖୁବ୍ ମଜା ଲାଗିଲା । ମୁଁ ନୂଆ କଥା ସବୁକୁ ଏପରି ଶିଖାଉଥିଲି ଯେପରି ପିଲାମାନେ ଜାଣି ବି ପାରନ୍ତି ନାହିଁ । ତା'ପରେ ସେମାନେ କ୍ରିୟାପଦ ଓ ବିଶେଷ୍ୟପଦ ଭିତରେ ପ୍ରଭେଦ ବୁଝିଲେ । ଏକାଠି ରହିଥିବା ଗଦାଏ କ୍ରିୟା ଓ ବିଶେଷ୍ୟ କାର୍ଡ଼ଗୁଡ଼ିକୁ ବାଛି ଅଲଗା କରିବା କାମଟି ସେମାନେ ଖୁବ୍ ଖୁସିରେ କଲେ । ଏହା ଫଳରେ ଶବ୍ଦଗୁଡ଼ିକୁ ସେମାନେ ଭଲ ଭାବରେ ଚିହ୍ନି ପାରିଲେ ।''

ଆଉ ଦିନେ ମୁଁ ସମସ୍ତଙ୍କୁ ଏକାଠି କହିଲି, ''ମୋର କିଛି ଜିନିଷ ଦରକାର । ଅନେକ ଜିନିଷ । ଯାହାର କିଛି ନାଁ ଅଛି ତାକୁ ନେଇ ଆସ । ଯାଅ : ପଚାର, 'ତୋର ନାଁ କ'ଣ ?' ସେ ଯଦି କିଛି ନାଁ କୁହେ, ନେଇ ଆସ ।''

ପିଲାଙ୍କ ମଜା ଆଉ ଦେଖେ କିଏ ? ସମସ୍ତେ ଦୌଡ଼ିବାରେ ଲାଗିଲେ । ଜଣେ କଳାପଟା ଆଗରେ ଛିଡ଼ା ହୋଇ ପଚାରିଲା, ''ତୋର ନାଁ ?'' ଆଉ ନିଜେ ହିଁ ଉତ୍ତର ଦେଲା, ''କଳାପଟା'', ''ଆଚ୍ଛା ! ତେବେ ଚାଲ ଗୁରୁଜୀଙ୍କ ପାଖକୁ ।'' କଳାପଟା ଆସି ମୋ ପାଖରେ ଥୁଆ ହୋଇଗଲା । ସେମିତି ଚୌକି ଆସିଲା, ଟେବୁଲ ଆସିଲା, ପଥର, କାଠ, କାଗଜ, ବହି, ଚଟେଇ, କଲମ ଇତ୍ୟାଦି ସବୁ ଆସି ଗଦା ହୋଇଗଲେ । ଜଣେ ପିଲା ପାଖ ଶ୍ରେଣୀରୁ ଆଉ ଜଣେ ପିଲାକୁ ଉଠେଇ ଆଣିଲା । ମୁଁ ପଚାରିଲି, ''କିଏ କ'ଣ କଲା ?'' ଆଣିଥିବା ପିଲା ଜଣକ କହିଲା, ''ଏହାର ବି ତ ଗୋଟିଏ ନାଁ ଅଛି ନା ?'' ଜଣେ କହିଲା, ''ସୂର୍ଯ୍ୟକୁ କେମିତି ଆଣିବା ?'' ଆଉ କିଏ କହିଲା ଯେ ନିମ୍ବ ଗଛଟାକୁ ଆଣି ହେଉ ନାହିଁ । ମତେ ଲାଗିଲା ଯେ ବିଶେଷ୍ୟପଦ କ'ଣ ଏବେ ଏମାନେ ବୁଝି ଗଲେଣି ।

ଏହି ଖେଳ ଚାଲିଥିବା ବେଳେ ମୁଁ ବିଶେଷ୍ୟପଦର କାର୍ଡ଼ଥିବା ଡବାଟି ନେଇ ଆସିଲି । ତା' ଉପରେ ଲେଖାଥିଲା 'ନାମର ଡବା' । ଭିତରେ ପାଞ୍ଚଶହ ନାଆଁ ଲେଖାଥିବା କାର୍ଡ଼ ଥିଲା । ଗଦା ଗଦା ନାଆଁ । ପିଲାମାନଙ୍କର ତ ଅଭ୍ୟାସରେ ପଡ଼ି ଯାଇଥିଲା । ଡବା ଖୋଲି ସେମାନେ ମୁଠା ମୁଠା କାର୍ଡ଼ ବାହାର କଲେ ଓ ନାଆଁ ସବୁ ପଢ଼ିବାରେ ଲାଗିଲେ । ସେଥିରେ ସବୁ ପ୍ରକାରର ନାମ ଥିଲା । ତା'ପରେ ବିଶେଷ୍ୟ ଓ କ୍ରିୟାପଦକୁ ଏକାଠି ମିଶେଇ ଦେଲି ଓ ଅଲଗା ଅଲଗା କରିବା ପାଇଁ ସେମାନଙ୍କୁ କହିଲି । ସେମାନେ ଖୁବ୍ ମଜା କଲେ ଓ କାମଟିକୁ ଭଲ ଭାବରେ କରି ଦେଲେ । ତା'ପରେ ମୁଁ ଆଉ ଗୋଟିଏ ଖେଳକୁ ଗଲି । ପେଟୀରେ ଥିବା କ୍ରିୟାପଦ ପାଇଁ ଉପଯୁକ୍ତ ବିଶେଷ୍ୟପଦ ଓ ବିଶେଷ୍ୟ ପାଇଁ ଉପଯୁକ୍ତ କ୍ରିୟାପଦ ଖୋଜିବା । ଉଦାହରଣ ସ୍ୱରୂପ, 'ଘୋଡ଼ା' ସହିତ 'ଦୌଡ଼ୁଛି'; 'ଖାଉଛି' ସହ 'ରାମଚନ୍ଦ୍ର' । ତା'ପରେ ମୁଁ କଳାପଟାରେ କିଛି ବାକ୍ୟ ଲେଖି ସେମାନଙ୍କୁ ବିଶେଷ୍ୟ ଓ କ୍ରିୟାପଦ ଚିହ୍ନାଇବା ପାଇଁ କହିଲି । ସେମାନେ ସବୁ ଠିକ୍ ଠିକ୍ କହିଦେଲେ । ମୋର ବିଶ୍ୱାସ ଆସିଗଲା ଯେ ଏମାନେ ବିଶେଷ୍ୟ ଓ କ୍ରିୟାପଦ

ବିଷୟରେ ଭଲଭାବରେ ବୁଝି ଗଲେଣି । ଏବେ ଏ ପାଠ ଶେଷ କରାଯାଇପାରେ ।

ଅଧିକାରୀ କହିଲେ, ''ଅବଶ୍ୟ ଏ ବହୁତ ଭଲ ଉପାୟ । ଏଥିରେ ପିଲାଙ୍କୁ ଟିକେ ବି ପରିଶ୍ରମ କରିବାକୁ ପଡ଼ିବନି । କିନ୍ତୁ ଏଥିରେ ଉପକରଣ ସବୁ ପାଇଁ କିଛି ଖର୍ଚ୍ଚ ପଡ଼ିବ । ଆଉ ଅସଲ କଥା ହେଉଛି ତୁମ ଭଳି ଆନ୍ତରିକତା ଥିବା ଲୋକ ।''

ମୁଁ କହିଲି, ''ପିଲାଙ୍କୁ ଘୋଷାଇବା କଷ୍ଟରୁ ରକ୍ଷା କରିବା ପାଇଁ ଏତିକି ଖର୍ଚ୍ଚ କିଛି ନୁହେଁ । ମୁଁ ଏସବୁ ମୋ ନିଜ ହାତରୁ କରିଛି । ପୁରୁଣା ପଟାକାଗଜ ଯୋଡ଼ି ଡବା ତିଆରି କରିଛି । ଘରେ ଏଣେତେଣେ ପଡ଼ିଥିବା କାଗଜରେ କାର୍ଡ଼ ସବୁ ତିଆରି କରିଛି ।''

ଅଧିକାରୀ କହିଲେ, ''ମୁଁ ଚେଷ୍ଟା କରିବି ଯେପରି ଏ ପଇସା ତୁମକୁ ମିଳିଯିବ ।''

ମୁଁ କହିଲି, ''ପଇସା ଦେବା ବଦଳରେ ଯଦି ଆପଣ ଏ ପଦ୍ଧତିକୁ ସବୁ ସ୍କୁଲରେ ଚଳାଇ ପାରିବେ, ତେବେ ମୁଁ ଜାଣିବି ଯେ ମୋର ପଇସା ମୋତେ ମିଳିଗଲା ।''

ଅଧିକାରୀ କହିଲେ, ''ଚେଷ୍ଟା କରିବି । ଆଚ୍ଛା, ତା'ପରେ କ'ଣ କଲ ?''

ମୁଁ କହିଲି, ''ତା'ପରେ ମୁଁ ବିଶେଷଣ ଆରମ୍ଭ କଲି । କିନ୍ତୁ ଆପଣ ବିରକ୍ତ ହେଉ ନାହାନ୍ତି ତ ? ସହଜେ ତ ବ୍ୟାକରଣ ପରି ନିରସ ବିଷୟ । ତା' ଉପରେ ପୁଣି ମୋର ବନେଇ ଚୁନେଇ କରି କହିବାର ଅଭ୍ୟାସ ।''

ଅଧିକାରୀ – ''ନା, ନା, ତୁମେ କହିଚାଲ । ମୁଁ ସବୁ କିଛି ଶୁଣିବାକୁ ଚାହୁଁଛି । ଟିକି ନିଖି କରି ନ ଶୁଣିଲେ ପୂରା ବୁଝି ହେବ ନାହିଁ । ଆଚ୍ଛା, ଟିକିଏ ରୁହ । ଚା' ଆସିଗଲାଣି । ଆଗ ପିଇନେବା, ତା'ପରେ ପୁଣି କାମ କରିବା ।''

ସାହେବ ତ ପୂରା ସୌଖିନ ମିଜାଜର ଲୋକ ଥିଲେ । ଦାମିକା ଚା' ରଖିଥିଲେ । ଚା'ରେ ମୋର ରୁଚି ବିଷୟରେ ମଧ୍ୟ ଜାଣିଥିଲେ । ଚା' ପିଆରେ ଆମର ପୂରା କୋଡ଼ିଏ ମିନିଟ ଚାଲିଗଲା । ତା'ପରେ ପୁଣି କଥାବାର୍ତ୍ତା ଆରମ୍ଭ ହେଲା ।

ମୁଁ କହିଲି, ''ଆଗଥର ଭଳି ଏଥର ମଧ୍ୟ ମୁଁ ବିଶେଷଣର କାର୍ଡ଼ ସବୁ କରିଦେଲି ଓ ପଢ଼ିବା ପାଇଁ ପିଲାମାନଙ୍କୁ ଦେଲି । ସମସ୍ତେ ପଢ଼ିବାରେ ଲାଗିଗଲେ । ଜଣେ ପଚାରିଲା, ''ଏ ବିଶେଷଣ ଜିନିଷଟା କ'ଣ ?''

ମୁଁ କହିଲି, ''ଏଇ ସବୁ ତ ବିଶେଷଣ । ସବୁତକ କାର୍ଡ଼ରେ ଖାଲି ବିଶେଷଣ । ସେମାନଙ୍କ ମନରେ କିଛି କିଛି ଧାରଣା ଆସୁଥିଲା । ଏଥର ପୁଣି ଆରମ୍ଭ ହେଲା । ସେମାନେ ବିଶେଷ୍ୟ, ବିଶେଷଣ ଓ କ୍ରିୟାଶବ୍ଦ ଲେଖାଥିବା କାର୍ଡ଼ଗୁଡ଼ିକ ବାଛି ଅଲଗା କରିବାରେ ଲାଗିଲେ ।

ଆଉ ଗୋଟିଏ ନୂଆ ଖେଳ ମୁଁ ଠିକ୍ କରିଥିଲି । ଖେଳ ଆରମ୍ଭ ହେଲା । ମୁଁ ମାଗିଲା ମାତ୍ରେ ସେମାନେ ଆଣିଦେଲେ ।

ମୁଁ ମାଗିଲି, ''ପେନ୍‌ସିଲ ଦିଅ ।''

ଜଣେ ପିଲା ଗୋଟିଏ ପେନ୍‌ସିଲ ଆଣିଦେଲା ।

''ଲାଲ ପେନ୍‌ସିଲ ଦିଅ ।'' ଲାଲ ପେନ୍‌ସିଲ ମିଳିଗଲା ।

''ହଳଦିଆ ପେନ୍‌ସିଲ ଦିଅ'' । ହଳଦିଆ ପେନ୍‌ସିଲ ମିଳିଗଲା ।

''ପେନ୍‌ସିଲ ରଖିଦିଅ ।''

ପିଲାମାନେ ପଚାରିଲେ, ''କେଉଁଟି ?''

ମୁଁ କହିଲି, ''ଲାଲ ।''

ପୁଣି କହିଲି, ''ହଳଦିଆ ଆଣ । ମାଟିଆ ଆଣ । କଳା ଆଣ । ଲମ୍ୱା ଆଣ, ଛୋଟ ଆଣ ।'' ସେ ସବୁ ପେନ୍‌ସିଲ ମଧ୍ୟ ଆସି ଯାଉଥାଏ ।

ତା'ପରେ କହିଲି, ''ଯେକୌଣସି ଗୋଟିଏ ପେନ୍‌ସିଲ ଉଠାଅ ।''

ଗୋଟିଏ ପେନ୍‌ସିଲ ଉଠାଗଲା ।

''ଶାଗୁଆଟି ଆଣ ।'' ସେମାନେ ଆଣିଲେ ।

''ହଳଦିଆଟି ନିଅ, ଲମ୍ୱାଟି ନିଅ ।'' ସେସବୁ ମଧ୍ୟ ଠିକ୍ ଭାବରେ କରାଗଲା । ଏଥର ମୁଁ ପଚାରିଲି, ''ତୁମେ କେଉଁ ନିର୍ଦ୍ଦିଷ୍ଟ ପେନ୍‌ସିଲଟିକୁ ନେଲ ?'' ସେମାନେ କହିଲେ, ''ଲାଲ'' ବା ''ହଳଦିଆ'' କିଂବା ''ଲମ୍ୱା'' ।

ମୁଁ କଳାପଟାରେ ଲେଖିଦେଇ ବୁଝାଇଦେଲି ଯେ କୌଣସି ଜିନିଷକୁ ନିର୍ଦ୍ଦିଷ୍ଟ ଭାବରେ ଚିହ୍ନାଇବା କାମ ଏହି ବିଶେଷଣ ହିଁ କରେ । ଜିନିଷଟିର ବିଶେଷଣକୁ ଏହା ବୁଝାଏ । ଯେପରି ତା'ର ରଙ୍ଗ ବା ଲମ୍ୱ । ପିଲାମାନେ ପଢ଼ିକରି ଏ ବିଷୟରେ ଚିନ୍ତା କଲେ ।

ଦୁଇଟି ପେଟୀରେ ଏବେ ମୁଁ ବିଶେଷଣ ଓ ବିଶେଷ୍ୟ-ବାଚକ ଶବ୍ଦଗୁଡ଼ିକ ରଖିଦେଲି ଓ ସେମାନଙ୍କୁ କହିଲି, ''ବିଶେଷଣଗୁଡ଼ିକ ପାଇଁ ବିଶେଷ୍ୟ ଓ ବିଶେଷ୍ୟଗୁଡ଼ିକର ବିଶେଷଣ ଖୋଜ ।''

ଜଣେ ପିଲା ''ଲାଲ'' କାର୍ଡ଼ ନେଇ ବିଶେଷ୍ୟ ଡବାରୁ ଯୋଡ଼ା କାଢ଼ିଲା ଓ ଏକାଠି କରି ରଖିଲା । ଏମିତି ସେମାନେ ସବୁ ଯୋଡ଼ି କରିବାରେ ଲାଗି ପଡ଼ିଲେ । ମୁଁ ବୁଲି ବୁଲି ଦେଖୁଥାଏ । ଅବଶ୍ୟ ବେଳେ ବେଳେ କିଛି ଭୁଲ୍ ହୋଇ ଯାଉଥାଏ । ତା'ପରେ ମୁଁ ବିଭିନ୍ନ ଉପାୟରେ ସେମାନଙ୍କୁ ପରୀକ୍ଷା କରି ଦେଖିଲି ଯେ ସେମାନେ ବିଶେଷଣ ବିଷୟ ଠିକ୍ ବୁଝି ପାରିଛନ୍ତି । ତେଣୁ ବିଶେଷ୍ୟ ଓ ବିଶେଷଣକୁ ଠିକ୍ ଭାବରେ ଯୋଡ଼ି ପାରୁଛନ୍ତି ।

ଅଧିକାରୀ କହିଲେ, ''ଭାଇ, ତୁମେ ତ ଅନେକ ପ୍ରକାରର ନୂଆ ଖେଳ କରି ଦେଇଛ । ବିଶେଷ୍ୟ, କ୍ରିୟାପଦଗୁଡ଼ିକୁ ତୁମେ ଖୁବ୍ ସୁନ୍ଦର ଭାବରେ ବୁଝେଇ ଦେଇପାରିଛ । ଆଚ୍ଛା, ଏବେ ତାଙ୍କୁ ସେଗୁଡ଼ିକର ଅର୍ଥ ଓ ସଂଜ୍ଞା ଶିଖାଇବ କି ନାହିଁ ?''

ମୁଁ କହିଲି, ''ଏ ସବୁର ଅର୍ଥ ସେମାନେ ତ ବୁଝି ସାରିଛନ୍ତି, ଖାଲି ବାକି ଅଛି ବ୍ୟାକରଣ ବହିରେ ଥିବା ସଂଜ୍ଞା । ତାକୁ ମୁଖସ୍ଥ କରିବା କଥା କହୁଛନ୍ତି ତ ? ମୁଁ ତ ସେକଥା କରିବା ଦରକାର ମନେ କରୁ ନାହିଁ । ଦୟାକରି ଆପଣ ତାଙ୍କୁ ପରୀକ୍ଷା କଲାବେଳେ ଏକଥା ଆଶା କରିବେ ନାହିଁ । ବରଂ ଆପଣ ତାଙ୍କୁ ବାକ୍ୟର ବିଶ୍ଳେଷଣ କଥା ପଚାରି ପାରନ୍ତି ।''

ଅଧିକାରୀ କହିଲେ, ''ମୁଁ ଏ ବିଷୟରେ ମୋଟେ ପରୀକ୍ଷା କରିବିନି । ମୁଁ ଚାହୁଁଛି ତୁମର ଏ ପଦ୍ଧତି ଆମର ସବୁ ସ୍କୁଲରେ ଚାଲୁହେଉ । ବିଚରା ପିଲାମାନେ ବ୍ୟାକରଣ ଘୋଷି ଘୋଷି ମରୁଛନ୍ତି ।''

ମୁଁ କହିଲି, ''ପିଲାଦିନେ ବ୍ୟାକରଣ ଶିଖୁ ଶିଖୁ ମୋର ଦମ୍ ବାହାରି ଯାଉଥିଲା । ମାଡ଼ ଖାଇ ଖାଇ ଅବସ୍ଥା ଢିଲା । ଯେବେ ଆମେ ବ୍ୟାକରଣ ପ୍ରଶ୍ନର ଉତ୍ତର ଦେଇ ପାରୁ ନଥିଲୁ, ଆମ ଶିକ୍ଷକମାନେ ଆମକୁ ନିର୍ମମ ଭାବେ ପିଟୁଥିଲେ ।''

ଅଧିକାରୀ କହିଲେ, ''ଆଜିକାଲି ବି ତ ଏପରି ମାଡ଼ ଚାଲିଛି ।''

ମୁଁ କହିଲି, ''ଆପଣ ଏ ପ୍ରଥା ବନ୍ଦ କରାଇ ଦେଉ ନାହାନ୍ତି କାହିଁକି ?''

ଅଧିକାରୀ – ''ଏ ତ ମୋ ହାତ କଥା ନୁହେଁ । ତଥାପି... । ଅବଶ୍ୟ ଆମେ ଯଦି ଠିକ୍ ଭାବେ ପାଠ ପଢ଼ାଇବା ତେବେ ଏ ମାଡ଼ ପିଟା ମନକୁ ମନ ବନ୍ଦ ହୋଇଯିବ । ତୁମେ ନିଜେ ଦେଖ । ବ୍ୟାକରଣ ପଢ଼ାଇଲା ବେଳେ ତୁମକୁ କାହାକୁ ମାରିବାକୁ ପଡ଼ିଛି ? ଆଚ୍ଛା, କୁହତ ! ସର୍ବନାମ କିପରି ପଢ଼େଇଲ ?''

ମୁଁ କହିଲି, ''କ'ଣ ଆଉ କରିବି ? ଗୋଟିଏ ଛୋଟ ଖେଳ ଖେଳିଲୁ । ମୁଁ ତାଙ୍କୁ ବୁଝେଇଲି, ''ମୁଁ କହିଲେ, କାହାକୁ ବୁଝାଏ ?'' ସେମାନେ କହିଲେ, ''ଲକ୍ଷ୍ମୀଶଙ୍କର ଜି ।'' ''ତୁମେ ଅର୍ଥ କିଏ ?'' ଶ୍ୟାମ କହିଲା, ''ମୁଁ ଶ୍ୟାମ ।'' ''ସେ କିଏ ?''

– ''ରାମ ।''

ତା'ପରେ ମୁଁ କଳାପଟାରେ ଲେଖିଲି । ମୁଁ – ଲକ୍ଷ୍ମୀଶଙ୍କର । ତୁମେ – ଶ୍ୟାମ । ସେ – ରାମ । ଆମ୍ଭେମାନେ – ଲକ୍ଷ୍ମୀଶଙ୍କର, ଶ୍ୟାମ, ରାମ । ତୁମେମାନେ – ଭୀମ, ମୋହନ, ଲକ୍ଷ୍ମଣ, ଟିକମ । ସେମାନେ – ରୂପସିଂହ, ମୂଳଚାନ୍ଦ, ଲକ୍ଷ୍ମୀଚାନ୍ଦ ଇତ୍ୟାଦି ତୃତୀୟ ଶ୍ରେଣୀର ପିଲାମାନେ ।

ପିଲାମାନେ ପଢ଼ିବାକୁ ଲାଗିଲେ । ମୁଁ ତାଙ୍କୁ କହିଲି, ''ମୁଁ, ତୁମେ, ସେ, ସେମାନେ ଇତ୍ୟାଦି ଶବ୍ଦଗୁଡ଼ିକୁ ସର୍ବନାମ କୁହାଯାଏ ।''

ମୁଁ କହିଲି, ''ତୁମେ ନିଜେ ଭାବିକରି ଦେଖ ।''

ଜଣେ କହିଲା, ''ମୋର ଅର୍ଥାତ୍ ଲକ୍ଷ୍ମଣର ଏଇଆ ନା ?''

ଆଉ ଜଣେ କହିଲା, ''ତୋର, ମୋର, ତୁମର, ତାଙ୍କର ଇତ୍ୟାଦି ସବୁ ସର୍ବନାମ ନା ନୁହେଁ ?''

ପୁଣି ଜଣେ କହିଲା, ''କିନ୍ତୁ ସର୍ବନାମ ଅର୍ଥ କ'ଣ ?''

ମୁଁ କଳାପଟା ଉପରେ ଲେଖିଲି –

ରାମ ହାତରେ ଖାତା ଅଛି ।
ରାମ ହାତରେ କଲମ ଅଛି ।
ରାମ ବୁଦ୍ଧିଆ ।
ରାମ ପାଠ ପଢ଼େ ।
ରାମ ସବୁଦିନ ଶୀଘ୍ର ଆସେ ।
ଲକ୍ଷ୍ମୀଶଙ୍କର ତୁମର ଶିକ୍ଷକ ।
ଲକ୍ଷ୍ମୀଶଙ୍କର ତୁମକୁ ପଢ଼ାନ୍ତି ।
ଲକ୍ଷ୍ମୀଶଙ୍କର ତୁମକୁ ବୁଲେଇବାକୁ ନେଇ ଯାଆନ୍ତି ।

ସମସ୍ତେ ଏ ସବୁ ପଢ଼ିଲେ । ତା'ପରେ ମୁଁ ଦ୍ୱିତୀୟ ବାକ୍ୟରୁ ରାମ କାଢ଼ି ନେଇ ''ତା'ର'' ବୋଲି ଲେଖିଦେଲି । ଲକ୍ଷ୍ମୀଶଙ୍କର ଜାଗାରେ ''ମୁଁ'' ଲେଖିଲି । କ୍ରିୟାପଦ ଟିକେ ବଦଳେଇ ଦେଲି । ପିଲାମାନେ ପଢ଼ିଲେ ଓ ସର୍ବନାମର ଅର୍ଥ ପୂରା ବୁଝିଗଲେ ।

ମୁଁ ପଚାରିଲି, ''ଏବେ କୁହ ତ ! ସର୍ବନାମ କେଉଁ ଶବ୍ଦ ଜାଗାରେ ଲେଖାଯାଏ । କେହି କେହି କହିଲେ, ରାମ ଜାଗାରେ, ଆଉ କେହି କହିଲେ ଲକ୍ଷ୍ମୀଶଙ୍କର ଜାଗାରେ ।''

ମୁଁ ପଚାରିଲି, ''ରାମ ଓ ଲକ୍ଷ୍ମୀଶଙ୍କର ଇତ୍ୟାଦି କି ପ୍ରକାରର ଶବ୍ଦ ? କ୍ରିୟାପଦ ?'' ପିଲାମାନେ କହିଲେ, ''ନାଁ, ଏଗୁଡ଼ିକ ସବୁ ନାମ ବା ବିଶେଷ୍ୟ ।'' ତେଣୁ ରାମ ଓ ଲକ୍ଷ୍ମୀଶଙ୍କର ଭଳି ନାମ ବା ବିଶେଷ୍ୟ ଜାଗାରେ ଯାହାକୁ ଲେଖିପାରିବା ସେସବୁ ସର୍ବନାମ ।''

ଅଧିକାରୀ ହସି ହସି କହିଲେ, ''ଭାଇ, ତୁମେ ତ ଜଣେ ପକ୍କା ଶିକ୍ଷକ ଜଣା ପଡୁଛ । ପ୍ରତ୍ୟେକ କଥାର ଟିକିନିଖି ବର୍ଣ୍ଣନା ଦେଉଛ ।''

ମୁଁ କହିଲି, ''ଆଜ୍ଞା, ମୋର ଏ ଅଭ୍ୟାସ କିପରି ଛାଡ଼ିବ ? ଓକିଲ ହୋଇ ଥିଲେ ସିନା ଅଳ୍ପରେ ସାରି ଦେଇଥା'ନ୍ତି ।''

ମୁଁ ଦେଖିଲି ଯେ ଅଧିକାରୀ ହାଲିଆ ହୋଇ ଗଲେଣି । ମୋ କଥା ଅବଶ୍ୟ ତାଙ୍କୁ ଖୁବ୍ ଭଲ ଲାଗୁଥାଏ । ତଥାପି ମୁଁ ଚୁପ୍ ହେଲି ଓ ବିଦାୟ ମାଗିଲି । ଅଧିକାରୀ କହିଲେ, ''ତୁମ ଶ୍ରେଣୀର ପିଲାମାନଙ୍କୁ ବ୍ୟାକରଣ ପରୀକ୍ଷାରୁ ଛାଡ଼ ଦିଆଯିବ । କିନ୍ତୁ ଏବେ କାଳ ଏବଂ ବିଭକ୍ତି ବାକି ଅଛି । ଯେତେବେଳେ ଏ ସବୁ ପଢ଼ା ହୋଇଯିବ, ଏହା କିପରି କଲ, ପୁଣି ଥରେ ଆସି ସେକଥା ମୋତେ କହିଯିବ । ମୁଁ ଆସନ୍ତା ବର୍ଷ ଏ ବିଷୟରେ କିଛି କରିବା ପାଇଁ ଚାହୁଁଛି ।''

ମୁଁ ବି ହାଲିଆ ହୋଇ ଯାଇଥିଲି । ଘରକୁ ଆସି ଶୋଇ ପଡ଼ିଲି ।

(କ୍ରମଶଃ)

(ଅନୁବାଦକ : ପୁଷ୍ପଶ୍ରୀ ପଟ୍ଟନାୟକ ଓ
ନିଖିଳ ମୋହନ ପଟ୍ଟନାୟକ
ନ୍ୟାସନାଲ ବୁକ୍ ଟ୍ରଷ୍ଟ, ଇଣ୍ଡିଆ) ❑

---

(*ପୃଷ୍ଠା ୪୯ର ଅବଶିଷ୍ଟାଂଶ*)

ନଅବର୍ଷ (୧୯୭୯) ପର୍ଯ୍ୟନ୍ତ ପଢ଼ାଇବା ପରେ ସେସବୁ କାମରୁ ସେ ଅବ୍ୟାହତି ନେଇଥିଲେ ।

ଏସବୁ ବ୍ୟତୀତ ସେ କିଛି ବର୍ଷ 'ନବଜ୍ୟୋତି' ତଥା 'ପୂର୍ଣ୍ଣାଙ୍ଗ ଶିକ୍ଷାପତ୍ର' (ମାସିକ ପତ୍ରିକା)ର ସମ୍ପାଦନା କରିଛନ୍ତି । ଆଶ୍ରମର ମାର୍ବଲିଂ(Marbling) ବିଭାଗରେ, ଆଶ୍ରମର କୁଟୀର ଶିଳ୍ପ (Cottage Industries) ବିଭାଗରେ, କଟେଜ୍ ଗେଷ୍ଟ ହାଉସ୍‌ରେ, ଆଶ୍ରମର ଭୋଜନାଳୟ ପ୍ରଭୃତିରେ କାର୍ଯ୍ୟକରି ଅନେକ ବିରଳ ଅନୁଭୂତିର ଅଧିକାରୀ ହୋଇଛନ୍ତି । ଅବଶ୍ୟ ବାରମ୍ବାର ସେ ଫେରି ଆସିଛନ୍ତି ନବଜ୍ୟୋତି କାର୍ଯ୍ୟାଳୟକୁ; କେବେ ଶ୍ରୀ ପ୍ରପତ୍ତିଙ୍କ ଅଗ୍ରଜ-ପ୍ରତିମ ଅନୁରୋଧରେ, କେବେ ପୁଣି ନିଜର ସ୍ୱତଃସ୍ଫୂର୍ତ୍ତ ଆନ୍ତରିକ ଆବେଗ ଯୋଗୁଁ ।

ସବୁ ଭିତରେ ତାଙ୍କର ସେଇ ସରଳ, ଅମାୟିକ ବ୍ୟକ୍ତିତ୍ୱ, ସହଯାତ୍ରୀ ସାଧକମାନଙ୍କ ପ୍ରତି ତାଙ୍କର ଶ୍ରଦ୍ଧା ଓ ସମ୍ମାନ ସବୁଦିନ ପାଇଁ ସ୍ମରଣୀୟ ହୋଇ ରହିଥିବ ।

ପରିଶେଷରେ ଦିବ୍ୟ ଜନନୀ ଶ୍ରୀମା 'ସରଳତା' ଭଳି ଏକ ବିରଳ ସ୍ୱଭାବକୁ ଖୁବ୍ ଗୁରୁତ୍ୱ ଦେଇଛନ୍ତି । ସନ୍ତାନମାନଙ୍କ ପାଇଁ ଶ୍ରୀମାଙ୍କର ଉପଦେଶ ଥିଲା :

''Be simple, Be happy, Remain quiet...''

ଏହି ବାଣୀଟିକୁ ଗଭୀର ଅନୁଧ୍ୟାନ କଲେ ମାନବୀୟ ବୋଧଗମ୍ୟତା ଭିତରେ ସ୍ୱତଃ ଅନୁଭୂତ ଯେ ହୁଏ ଶ୍ରୀପତି ବାବୁ ଏହି ବାଣୀର ମର୍ମାର୍ଥକୁ ଜୀବନରେ କିଛିଟା ଅଭ୍ୟାସ କରିଥିଲେ । ତାଙ୍କର ଆଚରଣରେ ପ୍ରତିଭାତ ହେଉଥିଲା ଏକ ସ୍ୱଚ୍ଛ ସଦିଚ୍ଛାମୟ ସରଳତା । ସେ ଶ୍ରଦ୍ଧାର ସହ ନିଜ ସାଧମତେ ଆଶ୍ରମ ଦ୍ୱାରା ପ୍ରଦତ୍ତ କାର୍ଯ୍ୟସବୁ ଅକୁଣ୍ଠ ଚିତ୍ତରେ ସମ୍ପାଦନ କରିବାରେ ନିଜକୁ ନିୟୋଜିତ କରି ରଖିଥିଲେ ।

ସେ ଯେ ଜୀବନର ତରୁଣ ଅବସ୍ଥାରୁ ମାତୃକାର୍ଯ୍ୟରେ ବ୍ରତୀ ଥିଲେ ପୁଣି ଯଥାଶୀଘ୍ର ଫେରି ଆସିବେ ମା'ଙ୍କ କାର୍ଯ୍ୟରେ ସହଯୋଗୀ ସନ୍ତାନ ହେବା ପାଇଁ, ଏହି ବିଶ୍ୱାସ ସହ ତାଙ୍କର ଅମର ଆତ୍ମା ପ୍ରତି ଆମର ସକୃତଜ୍ଞ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରୁଛୁ ।

— ଜୟନ୍ତୀ
ନବଜ୍ୟୋତି କାର୍ଯ୍ୟାଳୟ

❑❑❑

**ଚେତନାର ଦିଗ୍‌ବଳୟ :**

# ସଫଳତା ଓ ସାର୍ଥକତାର ସମନ୍ୱୟ ସମ୍ଭବପର କି ?

***ପ୍ରଶ୍ନ :** ଜୀବନରେ ସଫଳତା ଓ ସାର୍ଥକତା : ଶ୍ରେୟ କିଏ ? ପାଶ୍ଚାତ୍ୟ ଦାର୍ଶନିକମାନେ କହିଥା'ନ୍ତି, ଯିଏ ଜୀବନରେ ସଫଳତା ପାଇଥାଏ, ସେ କ୍ୱଚିତ୍ ନିଜ ଜୀବନକୁ ସାର୍ଥକ କରି ପାରିଥାଏ ଏବଂ ଯିଏ ଜୀବନକୁ ସାର୍ଥକ କରିଥାଏ ସେ ପ୍ରତି ପଦକ୍ଷେପରେ ଅସଫଳତାର ସ୍ୱାଦ ଚାଖିଥାଏ । ଆମେ ଏହି ଅବଧାରଣାକୁ ବିନମ୍ରତାର ସହିତ ଅସ୍ୱୀକାର କରିବାକୁ ଚାହୁଁ । ଆମେ ଆପଣା ଜୀବନକୁ ସାର୍ଥକ କରିବାକୁ ସବୁମନ୍ତେ ସାଧନା ଓ ତ୍ୟାଗ କରିବାକୁ ପ୍ରସ୍ତୁତ । ଏହା ସହିତ ଆମକୁ ପ୍ରଚୁର ସଫଳତା ମଧ ଦରକାର । ଏଥିସକାଶେ ଆମକୁ କ'ଣ କରିବାକୁ ହେବ ? ଦୟାକରି ଆମକୁ ମାର୍ଗ ଦର୍ଶନ କରାନ୍ତୁ ।*

**ଉତ୍ତର :** ମଣିଷ ମାତ୍ରେ ସଭିଏଁ ଚେତନାର ଗୋଟାଏ ସ୍ତରର ଅନ୍ତର୍ଭୁକ୍ତ ନୁହନ୍ତି । ଜୀବନ ପ୍ରତି ଦୃଷ୍ଟିକୋଣ, ଜୀବନରୁ ପ୍ରତ୍ୟାଶା – ଏସବୁରେ ଆମ ଭିତରେ ବହୁ ପାର୍ଥକ୍ୟ । ପ୍ରତ୍ୟେକ ଚିନ୍ତାବିଦ୍‌ଙ୍କ ଉଚ୍ଚାରଣରେ ସତ୍ୟ ଥାଏ, କିନ୍ତୁ ତାହା ପୂର୍ଣ୍ଣାଙ୍ଗ କିଂବା ସାର୍ବଜନୀନ ସତ୍ୟ ନୁହେଁ । ଶୁଣିଥିବେ ଏକ କାହାଣୀ; ବାଟ ଚାଲୁ ଚାଲୁ ଗୁରୁ ଶିଷ୍ୟକୁ କହିଲେ, ''ବାପା, ମନେ ରଖିଥା', ଯିଏ କିଛି କାମର ନୁହେଁ, ତା'ର ବଞ୍ଚି ରହିବାର ବି କାରଣ ନାହିଁ।'' ଅଳ୍ପ ସମୟ ପରେ ଦୁହେଁ ଗୋଟାଏ ବଣ ପାଖ ଦେଇ ଯାଉ ଯାଉ ଜଣେ କାଠ ବେପାରୀ ତା' ମଜୁରିଆମାନଙ୍କୁ କହିବାର ଶୁଣାଗଲା, ''ଏ ଗଛଟା କିଛି କାମର ନୁହେଁ; ଏଟାକୁ କାଟିବାର କାରଣ ନାହିଁ।'' କୌତୂହଳୀ ଶିଷ୍ୟ ଗୁରୁଙ୍କ ମୁହଁକୁ ଅନାଇଲା । ଗୁରୁ କହିଲେ, ''ଏହା ମୋ ପାଇଁ ଏକ ଶିକ୍ଷା; ଆମ ଜ୍ଞାନ ତୁଳନାରେ ବାସ୍ତବତା ବହୁ ବ୍ୟାପକ; ତହିଁ ବହୁ ପରସ୍ପର ବିରୋଧୀ ଅଭିଜ୍ଞତାର ସମାହାର ।''

ଆପଣ ଯେଉଁ ଦାର୍ଶନିକମାନଙ୍କ ଉକ୍ତିର ଉଲ୍ଲେଖ କରିଛନ୍ତି; ସେମାନେ ନିଶ୍ଚୟ ସାମାଜିକ, ବ୍ୟବସାୟିକ, ରାଜନୈତିକ ତଥା ବିଭିନ୍ନ ବୃତ୍ତିଗତ ସଫଳତା କଥା କହୁଛନ୍ତି । ସେଭଳି ସଫଳତା ଅର୍ଜନ କରିବା ଯେଉଁମାନଙ୍କ ଜୀବନର ଏକମାତ୍ର ଆଭିମୁଖ୍ୟ ହୋଇଥାଏ, ସେମାନେ ପ୍ରତିଯୋଗିତା, କ୍ରମାଗତ ଉଚ୍ଚାକାଂକ୍ଷା ଓ ଆନୁଷଙ୍ଗିକ ସ୍ଥୂଳ ସମସ୍ୟାସବୁରେ ମଗ୍ନ ରହି ଜୀବନର ସୂକ୍ଷ୍ମ ଦିଗ ଉପରେ ଏକାଗ୍ର ହେବାର ଅବସର ପାଆନ୍ତି ନାହିଁ । ସେମାନଙ୍କ ପାଇଁ ସଫଳତା ଆସେ ଅଧିକରୁ ଅଧିକ ପ୍ରତିପତ୍ତି, ଉପାର୍ଜନ ଇତ୍ୟାଦି ରୂପରେ । କିନ୍ତୁ ଜୀବନର ସାର୍ଥକତା ନିହିତ ଚେତନାର ପ୍ରଗତିରେ । ଚେତନାର ଯେଉଁ ଗୁଣଗତ ବିନ୍ଦୁରେ ଜଣେ ଜନ୍ମ ଲଭିଥାଏ, ମୃତ୍ୟୁ ପର୍ଯ୍ୟନ୍ତ ଯଦି ସେ ସେହି ବିନ୍ଦୁରେ ସ୍ଥାଣୁ ହୋଇ ରହେ, ତେବେ ତା'ର ଜୀବନ ସାର୍ଥକ ହେଲା ବୋଲି କୁହାଯାଇ ପାରିବ ନାହିଁ । ଏକଥା ମଧ ଠିକ୍ ଯେ ଜଣେ ଯେତେବେଳେ ପ୍ରତିଯୋଗିତା-ସମ୍ଭୂତ ଈର୍ଷାର ଊର୍ଦ୍ଧ୍ୱକୁ ଯାଇପାରେ, ବୃତ୍ତିଗତ ସଫଳତା ସକାଶେ ଅପରିହାର୍ଯ୍ୟ ବୋଲି ମନେ କରାଯାଇଥିବା ମିଥ୍ୟାଚାରଠୁଁ ଦୂରେଇ ରହିପାରେ, ସେତେବେଳେ ସେ ତା' ଜୀବନର ସାର୍ଥକତା ଅନୁଭବ କରେ, କିନ୍ତୁ ସମାଜ ଆଖିରେ ଅସଫଳ ପ୍ରତୀତ ହୁଏ ।

ବୃତ୍ତିଗତ ସଫଳତା ଏବଂ ଚେତନାଗତ ସାର୍ଥକତା-ବୋଧର ସମନ୍ୱୟ ନିଶ୍ଚିତଭାବେ କାମ୍ୟ । ମିଥ୍ୟାଚାର ସହିତ ସାଲିସ ନ କରି, ଅର୍ଥାତ୍ ଜୀବନର ସାର୍ଥକତାବୋଧ ପ୍ରତି ବିଶ୍ୱସ୍ତ ରହି ସାମାଜିକ ବୃତ୍ତିରେ ସଫଳତା ଅର୍ଜନ କରିଥିବା ବହୁ ବ୍ୟକ୍ତିଙ୍କର ଦୃଷ୍ଟାନ୍ତ ରହିଛି । କିନ୍ତୁ ସେମାନଙ୍କ ପାଇଁ ସଫଳତାର ଅର୍ଥ ବୃତ୍ତିଗତ ସମୃଦ୍ଧିର ଶୀର୍ଷରେ ପହଞ୍ଚିବା ନୁହେଁ । ନିଜ ପ୍ରୟୋଜନୀୟତାର ପୂରଣରେ ସେମାନେ ତୃପ୍ତ ।

ଇଏ ଗଲା ସାଧାରଣ ଅର୍ଥରେ ସଫଳତା ଓ ସାର୍ଥକତା ଭିତରେ ସଂଘର୍ଷ ଓ ସମନ୍ୱୟ ପ୍ରସଙ୍ଗ । ଯଦି କୌଣସି ଆଦର୍ଶଗତ ବା ଲୋକ-କଲ୍ୟାଣଧର୍ମୀ କାର୍ଯ୍ୟରେ ସଫଳତା କଥା କହିବେ, ତେବେ ସେଥିରେ ଆସୁଥିବା ବାଧାବିଘ୍ନ ସହିତ ସଂଘର୍ଷରୁହିଁ ଆପଣ ନିଜ ବିଶ୍ୱାସ, ଧୈର୍ଯ୍ୟ ଓ ଆତ୍ମଶକ୍ତିର ବିକାଶ ମାଧମରେ ଜୀବନର ସାର୍ଥକତାର ସ୍ୱାଦ ପାଇବେ । ତେବେ ଆପଣ ନିର୍ଦ୍ଦିଷ୍ଟ କରୁଥିବା ଦାର୍ଶନିକମାନେ ସାଧାରଣ ଅର୍ଥରେ ହିଁ ଶବ୍ଦ ଦୁଇଟି ବ୍ୟବହାର କରିଛନ୍ତି ।

ଆପଣ ଏବଂ ଆପଣଙ୍କ ଭଳି ଅଭୀପ୍ସୁମାନଙ୍କ ଜୀବନରେ ସଫଳତା ଓ ସାର୍ଥକତାର ସମନ୍ୱୟ ସମ୍ଭବ ହେଉ, ଏ ଲେଖକ ଏହି ଶୁଭେଚ୍ଛା ପୋଷଣ କରୁଛି । ମାର୍ଗ ଦର୍ଶନ କରାଇବ ଆପଣଙ୍କ ନିଜ ଆନ୍ତର୍ଚେତନା ।

**– ମନୋଜ ଦାସ**

('ଜିଜ୍ଞାସାର ଦିଗ୍‌ଦିଗନ୍ତ'ରୁ ସଂଗୃହୀତ) ❑

**AYURVEDIC HERBAL REMEDIES**

**Pimple / Acne Remover**
Now, get rid of your stubborn pimples
and acne completely.
**Results visible in 8 days.** *(clinically proven)*

**Night oil for face**
Removes marks and scars for a fair,
radiant, youthful skin.
Offsets the early formation of wrinkles.
*See a distinct improvement in skin tone and
texture within 3 to 4 weeks.*

**Hair Vitaliser oil**
Controls hair loss and improves hair growth
*Regular use prevents hair thinning
and receding hair line*

**Gum oil**
Quick relief from toothache, sensitive
teeth, receding gum, bleeding gum,
mouth ulcers, weak gum.
*Sure relief from multiple oral problems.*

**agni Pain relief oil**
Fast relief from arthritis, joint and back pain,
spondylitis, muscle & tissue injury,muscular atrophy.
*Gives long term relief*

***100% Natural - Chemical free***

*Exported to over 16 countries including USA,
Germany, Italy, Australia etc.*

Contact
✆ **63800 00534 / 94422 49355**
Online Store : www.ayurlabsindia.com

Made in India by:
**Ayurlabs India**
32 Lally Tollendal Street, Pondicherry 605001.
Phone: 0413-2224935, 2339477
Email: office@ayurlabsindia.com, ayurlabs@gmail.com
Website: www.ayurlabsindia.com

**Vol. LII, No. 9** **R.N.I. No. 18163/70.**
Navaprakash (Monthly), September, 2021 Registration No. PY/51/2021-23
**Date of Posting : 7th, 8th of every month** **Licenced to Post without prepayment**
TN/PMG(CCR)/WPP-63/2021-23

**ବିଶେଷ ସୂଚନା :**

ଦିବ୍ୟଜନନୀ ଶ୍ରୀମାଙ୍କ ପଣ୍ଡିଚେରୀ ଆଗମନ ଶତବାର୍ଷିକୀର (୧୯୨୦-୨୦୨୦) ଶୁଭ ଅବସରରେ ପ୍ରକାଶିତ ହୋଇଛି

**ଶ୍ରୀ ପ୍ରପତ୍ତିଙ୍କ ରଚନା ସଂଗ୍ରହ**

**(ପ୍ରଥମ ଖଣ୍ଡ)**




ଶ୍ରୀମା ଓ ଶ୍ରୀଅରବିନ୍ଦଙ୍କ ପୂର୍ଣ୍ଣଯୋଗ, ଦର୍ଶନ ଓ ଶିକ୍ଷା ଉପରେ ଆଧାରିତ ଶ୍ରୀ ପ୍ରପତ୍ତିଙ୍କ ରଚନାବଳିର ଏହା ଏକ ଅଭିନବ ସଂକଳନ ।

୫୬୮ ପୃଷ୍ଠା ସମ୍ବଳିତ ଏହି ସୁଦୃଶ୍ୟ ଗ୍ରନ୍ଥଟିର ମୂଲ୍ୟ : **ଟ. ୬୦୦/-** ରଖାଯାଇଛି ।

**ପ୍ରାପ୍ତିସ୍ଥାନ :**

**ନବଜ୍ୟୋତି କାର୍ଯ୍ୟାଳୟ, ଶ୍ରୀଅରବିନ୍ଦ ଆଶ୍ରମ, ପଣ୍ଡିଚେରୀ - ୬୦୫ ୦୦୨**
**ମାତୃଭବନ, ଶ୍ରୀଅରବିନ୍ଦ ମାର୍ଗ, କଟକ - ୭୫୩ ୦୧୩**

(ଯେଉଁମାନେ ଡାକ ଦ୍ୱାରା ଏହାକୁ ପାଇବାକୁ ଚାହାନ୍ତି ସେମାନେ ନବଜ୍ୟୋତି କାର୍ଯ୍ୟାଳୟ ଠିକଣାରେ ମନିଅର୍ଡ଼ର କରି ଟଙ୍କା ପଠାଇଲେ ସେମାନଙ୍କ ପାଖକୁ ଏହା Regd. Post ଯୋଗେ ପଠାଇ ଦିଆଯିବ ।)

Published by Manoj Das Gupta on behalf of Sri Aurobindo Ashram Trust for Navajyoti Publications, Sri Aurobindo Ashram, Pondicherry-605002 and Printed by Swadhin Chatterjee at Sri Aurobindo Ashram Press, Sri Aurobindo Ashram, Pondicherry - 605002, India.

Editor : Madhusudan Mishra

**ପ୍ରତି ସଂଖ୍ୟା : ଟ. ୧୫.୦୦, ବାର୍ଷିକ ଚାନ୍ଦା : ଟ. ୧୫୦.୦୦, ଆଜୀବନ ସଭ୍ୟଚାନ୍ଦା (୨୦ ବର୍ଷ) : ଟ. ୧୫୦୦.୦୦**

**Single Copy : Rs. 15.00, Annual Subscription : Rs. 150.00, Life Member (20 years) : Rs. 1500.00**